ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee
Patrika

ଡିସେମ୍ବର ୨୦୨୫
ମୂଲ୍ୟ : ୨୫ ଟଙ୍କା

# Prachee Centre for Cultural Relations(PCCR)

**Niladri Vihar**
**Naya Bazar, Cuttack-753004**

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

## Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.




ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀ ନିୟମାବଳୀ



1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।


Voice for Voiceless
SARVODAYA
SOCIETY
GOALS
1 Stop Contaminating Water
2 Stop Polluting Air
3 Stop Plastic Use
4 Save Earth
5 Stop Drug Abuse and Alcoholism
6 Stop Untouchability
7 Help Dibyanga
8 Help Mentally Disable Person
9 Help Senior Citizens
10 Help Sick Person
11 Help Poor Children
12 Help Poor Women
13 Planting Tree
14 Protecting Animals and Birds
15 Spreading Basic Education
16 Women Empowerment
17 Cleanliness Campaign
18 Satya and Ahmisha
19 Health and Hygienic
20 Communal Harmony
21 Vocational Education
22 Cottage Industries
23 Village Economy
24 Self Help Groups
25 Feed the Need
26 Farming and Agriculture
SARVODAYA
SOCIETY
Voice for Voiceless
GOALS
For Positive Constrictive Programme

Regd. No.: 23717/65

# VOICE FOR VOICELESS

INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in


+91 88957 07011


## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ ❋ FEED THE BIRDS**

# ଖୁସିର ସହିତ ଜଣାଉଛୁ ଯେ, ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

ବାସ୍ତବତାର ପରିପ୍ରକାଶ
**ପ୍ରାଚୀ**
Vol.- 11, December 2025, Issue No. IX
ISSN NO. 2583-147X (P)
ISSN NO. 3048-8958 (O)
**RNI No. : ODIODI/2015/64435**
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

୧. ଏକବିଂଶ ଶତାବ୍ଦୀ : ଶିକ୍ଷା ଓ ନୂତନ ଶିକ୍ଷାନୀତି
ସୁମନ୍ତ ନାଏକ ................................ ୯

୨. କଳିଙ୍ଗନଗର ଜନଆନ୍ଦୋଳନ ଓଡିଆ କବିତା
ଶୁଭଲକ୍ଷ୍ମୀ ବେହେରା ........................ ୧୪

୩. ଗୌରହରି ଦାସଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱ
କାଇଁଚଲତା ମଲିକ .......................... ୨୦

୪. ଓଡ଼ିଆ ନାଟକରେ ଆଦିବାସୀ ଜୀବନଚର୍ଯ୍ୟା
ରଞ୍ଜନ କୁମାର ସେଠୀ ....................... ୨୬

୫. ମାନବିକ ଚେତନାର ନୂତନ ଭାଷ୍ୟ 'ଭାସ୍ୱତୀ':
ଏକ ବିହଙ୍ଗାବଲୋକନ
ସୁଶ୍ରୀ ବେବୀ ନାଏକ ....................... ୩୨

୬. ଦେବୀ ଦୀପ୍ତି: ପୁରାଣରୁ ପ୍ରଜ୍ଞା ପର୍ଯ୍ୟନ୍ତ
ସୁଲଗ୍ନା ମହାନ୍ତି ............................. ୩୬

୭. କଳିଙ୍ଗରେ ପାଲିର ସ୍ୱରୂପ
କଳ୍ପତରୁ ନାୟକ ........................... ୪୨


୮. ପ୍ରାଚୀନ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ରାମ
ଶକୁନ୍ତଳା ମିର୍ଦ୍ଧା .............................. ୪୮

୯. ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ରାମାୟଣ ସଂସ୍କୃତିର ଚିତ୍ର
କିଶୋର ଚନ୍ଦ୍ର ମହାନ୍ତ ....................... ୫୪

୧୦. "ଜେଜେମା' ଚାଲିଗଲା : ଏକ ସମୀକ୍ଷାତ୍ମକ ଦୃଷ୍ଟି'
ସ୍ନେହପ୍ରଭା ଲେଙ୍କା .......................... ୬୧

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**



# ସଂସ୍କୃତି

ସମାଜରେ 'ସଂସ୍କୃତି'ର ବହୁଳ ଉଚ୍ଚାରଣ ଶୁଣାଯାଏ । 'ସଂସ୍କୃତି' ସମ୍ବନ୍ଧରେ ଅନେକ ପ୍ରବନ୍ଧ ଲେଖାଯାଇଥିବା ଦେଖିବାକୁ ମିଳେ । ବ୍ୟାଖ୍ୟା ଓ ଦୃଷ୍ଟାନ୍ତ ଜରିଆରେ ଅନେକେ ନାନା ଭାବରେ 'ସଂସ୍କୃତି' ସହ ପାଠକ ଅଥବା ଶ୍ରୋତାମାନଙ୍କୁ ପରିଚିତ କରାଇବା ପାଇଁ ଉଦ୍ୟମ କରିଥିବା ଜଣାଶୁଣା କଥା । ନିଜ ନିଜ ଜାତିର, ଠାକୁରଙ୍କର ବଡ଼ପଣ ଦେଖେଇବା ପାଇଁ 'ସଂସ୍କୃତି'ର ଉପଯୋଗରେ ବାକ୍ୟ ଶୁଣାଇବା ବି ସାମାଜିକ ସୁଭାଷଣ; ଯେପରି 'ମୋ ବଂଶ-ବୁନିଆଦି ଓ ପାରିବାରିକ ସଂସ୍କୃତି', 'ଓଡ଼ିଆ ସଂସ୍କୃତି ତ ଜଗନ୍ନାଥ ସଂସ୍କୃତି' ଇତ୍ୟାଦି । ଅଧିକନ୍ତୁ ସମାଜରେ କେଉଁ କେଉଁ ବ୍ୟକ୍ତିମାନଙ୍କ ଆଚରଣ, ଚଳଣି, ଲୋକ ବ୍ୟବହାର ଓ ସେମାନଙ୍କ ଦ୍ୱାରା ପାରମ୍ପରିକ ଉତ୍ସବାନୁଷ୍ଠାନରେ ବ୍ୟତିକ୍ରମକୁ ଲକ୍ଷ୍ୟକରି କେହି କେହି ସଂସ୍କୃତିର ଅବକ୍ଷୟ ଉପସର୍ଗ ଠଉରାଇଥା'ନ୍ତି । ଏସବୁ ଦୃଷ୍ଟିରୁ 'ସଂସ୍କୃତି' ପରମ୍ପରା ଭାବରେ ଗ୍ରହଣ କରାଯାଇଥିବା ବୁଝାପଡ଼େ । ଶ୍ରୀମଦ୍‌ଭଗବତ ଗୀତାରେ 'ପରମ୍ପରା' ପୁରୁଷାନୁକ୍ରମିକତା ଅର୍ଥରେ ବ୍ୟବହୃତ । (ଏବଂ ପରମ୍ପରା ପ୍ରାପ୍ତ, ମିମଂ ରାଜର୍ଷୟୋ ବିଦୁଃ) । କୌଣସି କଥା ଅପରିବର୍ତ୍ତନୀୟ ଭାବେ ପୁରୁଷ ପୁରୁଷ ଧରି ଲୋକମାନଙ୍କ ଦ୍ୱାରା ପାଳନ ହେବା ହେଉଛି ପରମ୍ପରା । ଏହା ସଂସ୍କୃତିର ଏକ ଅଂଶ । ତେବେ 'ସଂସ୍କୃତି' କହିଲେ କ'ଣ ବୁଝିବା ? ରୋମାନ୍-ଗ୍ରୀକ୍ ପରମ୍ପରାରେ ବ୍ୟବହୃତ 'କଲଚର୍' ଶବ୍ଦ ଆମେ ବ୍ୟବହାର କରୁଥିବା 'ସଂସ୍କୃତି'ର ଭାବ ଅର୍ଥରେ ୧୫୧୦ ମସିହାରୁ ପାଶ୍ଚାତ୍ୟ ଜଗତରେ ବ୍ୟବହାର ହେଉଅଛି ବୋଲି ହର୍ବଟ୍ ରିଡ୍ ଲେଖିଛନ୍ତି । 'କଲଚର୍' ସମ୍ବନ୍ଧରେ ଟୟନବୀଙ୍କ ଠାରୁ ଟି.ଏସ୍. ଏଲିୟଟ୍‌ଙ୍କ ପର୍ଯ୍ୟନ୍ତ ଅନେକ ମନୀଷୀ ପୁସ୍ତକମାନ ଲେଖି ଅଛନ୍ତି; କିନ୍ତୁ 'କଲ୍‌ଚର୍' କ'ଣ; ତାହା ଆଜିଯାକେ ପାଠକମାନଙ୍କ ପକ୍ଷେ ଅବୁଝା ରହିଛି ।

ଆଗେ ମଣିଷ, ତା'ପରେ ଭାଷା ଓ ସଂସ୍କୃତି । 'ସଂସ୍କୃତି' ସଂସ୍କାରପ୍ରାପ୍ତ ମଣିଷର ଚଳଣି ଓ ଜୀବନ ଦୃଷ୍ଟି । ସଂସ୍କାରପ୍ରାପ୍ତ ମଣିଷର 'ସଂସ୍କୃତି'କୁ ଚିରସ୍ଥାୟୀ କରି ପାରିଥିବା ଭାଷା ହିଁ 'ସଂସ୍କୃତି' । ଏଇଥିପାଇଁ ସଂସ୍କୃତ ଭାଷାରେ ଲେଖାଯାଇଥିବା ବେଦ, ସଂହିତା, ଆରଣ୍ୟକ, ଉପନିଷଦ, ପୁରାଣ, ଉପପୁରାଣ, ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଓ ବିଭିନ୍ନ ଶାସ୍ତ୍ରାଦିରେ ଭାରତୀୟ ସଂସ୍କୃତିର ସଙ୍କେତ ପ୍ରତିଫଳିତ । ତାହା କ'ଣ ବୋଲି ବିବେଚନା କରାଗଲା ବେଳେ ମଣିଷର ଜୀବନ ଚଳଣିର ଉପକରଣ ଓ ଜୀବନଧାରାକୁ ଉପରି ଲିଖିତ କୃତିଗୁଡ଼ିକରୁ ଦେଖାଇ ଦିଆଯାଇଥାଏ । ଏ ଧରଣର ଉଦାହରଣରୁ 'ସଂସ୍କୃତି' କ'ଣ ବୋଲି ଚିହ୍ନି ହୁଏ; କିନ୍ତୁ ତାହା କ'ଣ ଜାଣି ହୁଏ ନାହିଁ । ପାଶ୍ଚାତ୍ୟରେ 'କଲଚର୍' ସମ୍ବନ୍ଧରେ ୱିଲଡୁରାଣ୍ଟ୍ କହିଛନ୍ତି- ଏହା 'ଏଗ୍ରିକଲ୍‌ଚର' ସୂଚକ । ଭାରତବର୍ଷରେ 'ସଂସ୍କୃତି'ର ଆଉ ଗୋଟିଏ ଶବ୍ଦ ପ୍ରଚଳିତ; ତାହା 'କୃଷ୍ଟି' । ଏହି 'କୃଷ୍ଟି' ଭିତରେ 'କୃଷି'ର ବ୍ୟଞ୍ଜନାର୍ଥ ବର୍ତ୍ତମାନ । ହର୍ବଟରିଡ଼ଙ୍କ ମତରେ; 'କଲଚର୍ ଇଜ୍ ଏ ନାଚୁରାଲ୍ ଗ୍ରୋଥ । ଇଟ୍ ୱିଲ୍ କମ୍ ନାଚୁରାଲି ଆଜ ଦି ଫ୍ରୁଟ୍ ଟୁ ଦି ୱେଲ୍ ପ୍ଲାଣ୍ଟେଡ୍ ଟ୍ରି ।' ଅର୍ଥାତ୍ ସଂସ୍କୃତି ଏକ ସ୍ୱାଭାବିକ ଅଭିବୃଦ୍ଧି । ଉଦ୍ୟାନ ବୃକ୍ଷରେ ସ୍ୱାଭାବିକ ରୀତିରେ ଫଳ ଆସିବା ଭଳି କଥା । ତେଣୁ ବ୍ୟକ୍ତି ସହ ସଂସ୍କୃତି ନିତ୍ୟ ବର୍ତ୍ତମାନ । ଅନ୍ୟ ଅର୍ଥରେ ସଂସ୍କାରିତ ବ୍ୟକ୍ତିର ଶାଶ୍ୱତ ଜୀବନ ଏବଂ ଜଗତ ଦୃଷ୍ଟିକୁ ଅଭିବ୍ୟକ୍ତି ଦେବାର ଅନ୍ତଃ ପ୍ରେରଣା ଶକ୍ତି ହିଁ ସଂସ୍କୃତି । ଯାହା ପୁରାତନ, ପରମ୍ପରା, ପ୍ରଥା ବା ନିର୍ମିତ ବସ୍ତୁକୁ ଯେଉଁମାନେ ସଂସ୍କୃତି କହିଥା'ନ୍ତି, ସେମାନେ ସଂସ୍କୃତିରୂପକ ଶକ୍ତିର ଅନ୍ତଃପ୍ରେରଣାକୁ ଅସ୍ୱୀକାର କରିଥା'ନ୍ତି । ମନେ ରଖିବାକୁ ହେବ, ସଂସ୍କୃତିର ଉତ୍ସ ମାନବର ଚେତନା, ଯାହାର ବିକାଶ ଓ ପ୍ରବାହ ସମ୍ଭବପର ହୁଏ ବୋଧଶକ୍ତିର ଶିକ୍ଷା ଦ୍ୱାରା । ଅନ୍ୟ ଭାବେ କହିଲେ

ହେବ 'ସଂସ୍କୃତି' ଏକ ପୁରାତନ ପୁଷ୍କରିଣୀର ଜଳ ନୁହେଁ, ବରଂ ଏକ ଗତିଶୀଳ ନଦୀ । 'ସଂସ୍କୃତି' ନିତ୍ୟ, କାଳ ବା ଯୁଗୋପଯୋଗିତା ଦୃଷ୍ଟିରୁ ପରିବର୍ତ୍ତନଶୀଳ ।

'ସଂସ୍କୃତି' ସାମାଜିକ ବ୍ୟକ୍ତିର ଭିତିରି ଶକ୍ତି । ତାହା ଅଦୃଶ୍ୟ; କିନ୍ତୁ ଭାଷା, ଚିତ୍ର, ଲେଖା ଆଦି ମାଧ୍ୟମରେ ତହିଁର ଅଭିବ୍ୟକ୍ତି । ଯେପରି ବିଜୁଳି ଶକ୍ତିରେ ବଲ୍‌ବ ଜଳେ, କଳକାରଖାନା ଚାଲେ; କିନ୍ତୁ ପରିଣତ ରୂପରୁ କେବଳ ଶକ୍ତିର ପରିକଳ୍ପନା କରିହୁଏ; କିନ୍ତୁ ତାହାକୁ ଦେଖି ହୁଏ ନାହିଁ । 'ସଂସ୍କୃତି' ଠିକ୍ ଏହିଭଳି ବ୍ୟକ୍ତି ଭିତରର ଏକ ପ୍ରବହମାନ ଶକ୍ତି । ସାମାଜିକ ଜନ ସଂସ୍କାରର ଜୀବନବାର୍ତ୍ତା ରୂପେ ଏହି ସଂସ୍କୃତି ଶକ୍ତି ସମୟ ପରିପ୍ରେକ୍ଷୀରେ ଭିନ୍ନଭିନ୍ନ ଫୁଲ ରୂପେ ଫୁଟୁଛି । ତେଣୁ ସଂସ୍କୃତି ପରିବର୍ତ୍ତନଶୀଳ । 'ସଂସ୍କୃତି' ବା 'କୃଷ୍ଟି' ଯଦିହୁଏ ମାନବ ସଭ୍ୟତାକୁ ତ୍ୱରାନ୍ୱିତ କରାଇବାର କ୍ରମବିକଶିତ ଶକ୍ତି, ତେବେ ତାହାର ଆଦ୍ୟପର୍ବର ଫୁଲ ହେଉଛି କୃଷି । ସଂସ୍କୃତି ଶକ୍ତିରୁ ଫୁଟିଥିବା ଆଜିର ସଭ୍ୟତା ଫୁଲ କାହା କାହା ରୁଚିକୁ ଭଲ ନ ଲାଗିପାରେ । ଏହାକୁ ଆଳକରି ସଂସ୍କୃତିର ଅବକ୍ଷୟ ଘଟିଛି ବୋଲି କହିହେବ ନାହିଁ । ବରଂ କହିହେବ ସଭ୍ୟତାର ଅବକ୍ଷୟ । 'ସଂସ୍କୃତି' ଶାଶ୍ୱତ । ତହିଁର ଗତି ଅଛି; କିନ୍ତୁ କ୍ଷୟ-ବୃଦ୍ଧି କେବଳ ତା'ରି ଆଧାରରେ ଦୃଶ୍ୟ ହେଉଥିବା ସଭ୍ୟତାର ସାମାଜିକ ଚଳଣିରୁ କଳ୍ପିତ ମାତ୍ର ।

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
**ଅବସରପ୍ରାପ୍ତ ପ୍ରଫେସର (ଓଡ଼ିଆ ବିଭାଗ)**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Regd. No.: 23717/65

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି





**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ ❋ TEACH A POOR CHILD**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ * PLANT TREE

DOI : https://doi.org/10.5281/zenodo.18185487 ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀ : ଶିକ୍ଷା ଓ ନୂତନ ଶିକ୍ଷାନୀତି

**ସୁମନ୍ତ୍ର ନାଏକ**

**ସଂକ୍ଷିପ୍ତ ସାର :**

ଏକବିଂଶ ଶତାବ୍ଦୀର ପ୍ରଥମ ପ୍ରହର ଭାରତୀୟ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ । ବିଶ୍ୱ ବଜାରରେ ଅର୍ଥନୈତିକ ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଥିବା ଭାରତ ଅନୁଭବ କରିଛି, ବିଶ୍ୱ ଯେଉଁ ବଜାରବାଦର ମାୟାଜାଲରେ ଭାରତୀୟଙ୍କୁ କେବଳ ଉପଭୋକ୍ତା କରିଛି ଏଥିରୁ ମୁକ୍ତି ପ୍ରୟାସ ଓ ନିଜ ସମ୍ବଳର ସ୍ଥାୟୀ ବିକାଶ ପାଇଁ ଶିକ୍ଷା ହିଁ ପରମ ଆୟୁଧ ଏହି ଚେତନରେ ଭାରତୀୟ ଶିକ୍ଷା ପଦ୍ଧତିର ପରିବର୍ତ୍ତନରେ ନୂତନ ଶିକ୍ଷାନୀତିର ପ୍ରୟୋଗ କରିଛି । ଏହି ଶିକ୍ଷାନୀତି ୨୦୨୦ ନୂତନ ଶିକ୍ଷାନୀତି ଭାବରେ ପରିଚିତ । ସତ କଥା ହେଉଛି ଶିକ୍ଷାର ପ୍ରୟୋଗ ଏକ ଦୀର୍ଘମିଆଦି କାର୍ଯ୍ୟକ୍ରମ । ନୀତି ସୁଫଳ ମିଳିବାକୁ ହୁଏତ ଆଉ ଦୁଇ ଦଶନ୍ଧି ବା ଊର୍ଦ୍ଧ୍ୱ ସମୟ ଲାଗିପାରେ । ତେଣୁ ଏହାର ସଫଳତା ବା ବିଫଳତା ବା ଏହାର ସମାଲୋଚନା କରିବା ବର୍ତ୍ତମାନର ସମୟ ନୁହେଁ ।

ବିଶ୍ୱାୟାନର ପ୍ରଭାବକୁ ଧରି ଭାରତ ଏକବିଂଶ ଶତାବ୍ଦୀର ପଚିଶ ବର୍ଷ ଅତିକ୍ରମ କରିଗଲାଣି । ଏହି ସମୟରେ ମଣିଷ ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରଭାବ ଆଉ ଦେଶୀ ବିଦେଶୀ ସଂସ୍କୃତିର ଅପମିଶ୍ରଣକୁ ଧରି ସନ୍ଦିହାନର ଜୀବନ ଜିଉଁଛି । ବିଦେଶୀ ପୁଞ୍ଜିର ଅର୍ଥନୈତିକ ଅନ୍ତରାଳରେ ଚାଲି ଆସିଥିବା ବିଦେଶୀ ସଂସ୍କୃତିର ପ୍ରାବଲ୍ୟରେ ଲୋକମାନେ ଦ୍ୱିଧାରେ ଅବତୀର୍ଣ୍ଣ । ଭାରତୀୟମାନେ ବର୍ତ୍ତମାନ ସତେ ଯେମିତି ଅକ୍ଷମ ହୋଇ ପଡିଛନ୍ତି ଭଲମନ୍ଦର ନିର୍ଣ୍ଣୟ କରିବା ପାଇଁ । ବସ୍ତୁବାଦର ମୋହମାୟାରେ ଭ୍ରମିତ ମଣିଷର ସମ୍ମୁଖରେ ଏବେ ଅନେକ ଆହ୍ୱାନ । ସେ ଭାବି ପାରୁନାହିଁ ବର୍ତ୍ତମାନ କ'ଣ କରିବା ଉଚିତ ଆଉ କଣ କରିବା ଅନୁଚିତ । ଚାକଚକ୍ୟର ଇନ୍ଦ୍ରିଜାଲରେ ଭ୍ରମିତ ମଣିଷ କର୍ମ ଅକର୍ମକୁ ଚିହ୍ନିବାକୁ ଅସମର୍ଥ ହୋଇଯାଇଛି । ମଣିଷ ଏବେ ଏହି ଦ୍ୱନ୍ଦ୍ୱାତ୍ମକ ଚେତନାରେ ବିବ୍ରତ ଆଉ ବ୍ୟତିବ୍ୟସ୍ତ । ଏହି ଦ୍ୱନ୍ଦ୍ୱର ମୁକ୍ତିର ପ୍ରୟାସରେ ମଣିଷ ବିଷର୍ଣ୍ଣ । ଏହି ବିଷର୍ଣ୍ଣତାରୁ ମୁକ୍ତି ପାଇଁ ବୁଦ୍ଧିଜୀବି ତଥା ଜ୍ଞାନୀ ମଣିଷ ମାନଙ୍କର ମତ ଯେ ସୁଶିକ୍ଷା ହିଁ ଏହାର ସମାଧାନ । ତେଣୁ ଏକବିଂଶ ଶତାବ୍ଦୀର ଦ୍ୱନ୍ଦ୍ୱାତ୍ମକ ଚେତନାରୁ ମୁକ୍ତି ପାଇଁ ଶିକ୍ଷାକୁ ଗ୍ରହଣ ଓ ପରିଚଳନା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ବର୍ତ୍ତମାନର ମଣିଷମାନଙ୍କର ମାନସିକ ସ୍ଥିତି ଓ ଶିକ୍ଷା ସଂସ୍କାରରେ ତାହାର ସମାଧାନ କରାଇବାର ଉଦ୍ଦେଶ୍ୟ ମୋ ପ୍ରବନ୍ଧର ମୌଳିକ ଆବେଦନ ।

**ପ୍ରମୁଖ ଶବ୍ଦାବଳୀ :** ଶିକ୍ଷା ସଂସ୍କାର, ବିଦେଶୀ ପୁଞ୍ଜି, ଚାକଚକ୍ୟ, ବୈଷୟିକ ଜ୍ଞାନ, ହ୍ୱାଇଟ୍ କଲର ଟେରର, ଅର୍ବାନ ନକ୍ସଲ, କ୍ୟୁୟର, ଫେକ୍ ମ୍ୟାରେଜ୍ ।

**ଯୋଗାଯୋଗ :**
**ଡକ୍ଟର ସୁମନ୍ତ୍ର ନାଏକ,** ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ,କେନ୍ଦୁଝର
**E-mail.ID :** naik.sumantra@gmail.com
**ORCID ID :** https://orcid.org/0009-0007-1953-3738

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାଏକ, ସୁମନ୍ତ୍ର; ୨୦୨୫ । ଏକବିଂଶ ଶତାବ୍ଦୀ : ଶିକ୍ଷା ଓ ନୂତନ ଶିକ୍ଷାନୀତି । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା :୯-୧୩ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18185487
Article No - BPP00362

**ପ୍ରସଙ୍ଗ :**

ଶିକ୍ଷାକୁ ଗୁରୁତ୍ୱ ଦେବାର ମୂଳକାରଣଟି ହେଉଛି ଜଣେ ଶିକ୍ଷିତ ଓ ବିଚାରବନ୍ତ ମଣିଷ ହିଁ ସହଜରେ ସଠିକ୍ ନିର୍ଣ୍ଣୟ ନେଇପାରେ । ତେଣୁ ଆମର ସାଂପ୍ରତିକ ଯାହା ସମସ୍ୟାକୁ ଶିକ୍ଷାଦ୍ୱାରା ସମାଧାନ ହୋଇପାରିବ ଏହା ବିଶ୍ୱାସଯୋଗ୍ୟ । ସାଂପ୍ରତିକ ସମୟର ସତକଥା ହେଉଛି ଆମେ ଭୂଲ ଓ ଠିକ୍‌ର ନିର୍ଣ୍ଣୟ କରି ନପାରିଲେ କରିବା କ'ଣ ? ଆଉ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କର୍ମ ଓ ଅକର୍ମ ମଧ୍ୟରେ ଶ୍ରମର ମୂଲ୍ୟବୋଧକୁ ବୁଝିବା ବର୍ତମାନ ଏକାନ୍ତ ପ୍ରୟୋଜନ । କର୍ମ କହିଲେ ଆମେ ସମସ୍ତେ ବୁଝନ୍ତି ଶ୍ରମକୁ । ମାତ୍ର ବାସ୍ତବିକ ଏହା ହେଉଛି ଏକ ଭ୍ରାନ୍ତ ଅବବୋଧ । ଏହି କଥାର ସ୍ୱଷ୍ଟତା ଏଇଆ ଯେ ଶ୍ରମ ହେଉଛି ଶାରୀରିକ ଓ ମାନସିକ ପରିଚାଳନା । ମାତ୍ର କର୍ମ ହେଉଛି ଶ୍ରମର ସଠିକ୍ ପ୍ରୟୋଗ ଯାହାଦ୍ୱାରା ବ୍ୟକ୍ତିତ୍ୱର ବିକାଶ ସହିତ ମାନବିକତାର ପରିବୃଦ୍ଧି ଘଟେ । ଅନ୍ୟ ଦୃଷ୍ଟିରେ ଦେଖିଲେ ଅକର୍ମ ଏହାର ବିରୋଧି । ଅକର୍ମ ଶ୍ରମର ପ୍ରୟୋଗ ଯାହା ସମାଜ ଜୀବନର ବିରୋଧୀ ଓ ସାମାଜିକ ବ୍ୟବସ୍ଥାର ପରିପନ୍ଥି ।

ଉପରେ ଯାହା ସଂକ୍ଷିପ୍ତ ସୂଚନା ପ୍ରଦାନ କରାଗଲା ବା ବ୍ୟଖ୍ୟା କରାଗଲା ସେହି ଶବ୍ଦଗୁଡିକ ଯଥା - କର୍ମ ଓ ଅକର୍ମ, ଭୂଲ ଓ ଠିକ୍, ତଥା ଶ୍ରମ ଓ ଦକ୍ଷତା ଆଦିକୁ ବୁଝିବା ପାଇଁ ଆମକୁ ଶିକ୍ଷା ହିଁ ପଥ ପ୍ରଦର୍ଶନ କରେ । ଆଉ ଆମ ଭାରତ ବର୍ଷର ଶିକ୍ଷାର ସଂଜ୍ଞା ଖୁବ୍ ବ୍ୟାପକ । ଏହି ବ୍ୟାପକତାର କ୍ଷୁଦ୍ର ଅବବୋଧ ହେଉଛି ବା ସାଧାରଣ ଅର୍ଥ ହେଉଛି ମଣିଷର ସାମଗ୍ରୀକ ବିକାଶ ହେଉଛି ଶିକ୍ଷା । ବୌଦ୍ଧିକ ବିକାଶ ବା ଜ୍ଞାନର ବିକାଶ, ଶାରୀରିକ ବିକାଶ, ଧର୍ମନୈତିକ ବିକାଶ ତଥା ସବୁପରେ ବିଷୟ ବିକାଶ ବା ବଂଚିବା ପାଇଁ ଆବଶ୍ୟକୀୟ ଦ୍ରବ୍ୟର ବିକାଶ ର ମିଶ୍ରିତ ବିକାଶ ହେଉଛି ଶିକ୍ଷାର ସାର୍ଥକ ରୂପ । ମଣିଷ ଶିକ୍ଷିତ ହେଲେ ଏସବୁର ସାର୍ଥକ ପ୍ରୟୋଗ କରି ସାମାଜିକ ବ୍ୟବସ୍ଥାରେ ନିଜର ଅସ୍ଥିତ୍ୱ ଓ ଗୁରୁତ୍ୱକୁ ପ୍ରତିପାଦିତ କରାଇଥାଏ ଓ ଏକ ସୁନ୍ଦର ସାମାଜିକ ପରମ୍ପରା ଗଠନରେ ସହାୟ ହୋଇଥାଏ । ତେଣୁ ଭାରତୀୟମାନେ ବୈଦିକ କାଳରୁ ଜ୍ଞାନ, ଧର୍ମ, ଶରୀରର ବିକାଶକୁ ଗୁରୁତ୍ୱ ଦେଇ ଗୁରୁକୂଳ ଶିକ୍ଷାଶ୍ରମ ଗଠନ କରି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେଇଥିଲେ ଓ ପରିବୃଦ୍ଧିରେ ସହାୟକ ହେଉଥିଲେ ।

ଶିକ୍ଷା ଗ୍ରହଣର ପ୍ରମୁଖ ଉଦ୍ଦେଶ୍ୟ ହେଉଛଇ ବୌଦ୍ଧିକ ପରିବୃଦ୍ଧି ବା ଜ୍ଞାନର ବିକାଶ । କାରଣ ଜ୍ଞାନର ସୁପରିଚାଳନା କରି ମଣିଷ ବିଷୟ ବା ଦ୍ରବ୍ୟ ତଥା ଆବଶ୍ୟକୀୟ ଜୀବନ ଜୀବିକାର ସରଞ୍ଜାମ ପାଇଥାଏ । ଜ୍ଞାନକୁ ଯିଏ ଯେପରି ଭାବରେ ପ୍ରୟୋଗ କରିଥାଏ ତାକୁ ଫଳ ସେମିତି ମିଳେ । ଜ୍ଞାନ ଓ ବିଷୟକୁ ଧରି ସମାଜ ଜୀବନରେ ସାର୍ଥକ ମଣିଷ ବା ଉନ୍ନତ ବ୍ୟକ୍ତିତ୍ୱର ପରିଚୟ ପାଇଁ ଧର୍ମନ୍ନୋତି ଏକାନ୍ତ ପ୍ରୟୋଜନ । ଧର୍ମ ପଥରେ ରହି ଜ୍ଞାନ ପରିଚାଳନା ଦ୍ୱାରା ମଣିଷ ସତ୍ ଉପାୟରେ ବିଷୟ ପ୍ରାପ୍ତି ହୁଏ ଓ ତାର ବିଷୟ ପରିଚାଳନା ମାର୍ଜିତ ହୋଇଥାଏ । ଧର୍ମ ମଣିଷକୁ ନୀତି ଆଦର୍ଶ ତଥା ତ୍ୟାଗ ତପସ୍ୟା ବାଟରେ ନେଇଚାଲେ । ବାସ୍ତବରେ ଏହି ସଂକ୍ଷିପ୍ତ ଅବଧାରଣା ଯାହାକୁ କୁହାଯାଇପାରେ "ଥିଲେ ଥାଉ ପଛେ ଗୁଣ ହଜାର ଚରିତ୍ର ନଥିଲେ ସବୁ ଅସାର" ପ୍ରକୃତ ଶିକ୍ଷା ଦ୍ୱାରା ସମ୍ଭବ । ଯାହା ଭାରତୀୟ ଚେତନାର ପରମାଦର୍ଶ ବୋଲି ବିଚାର କରାଯାଇପାରେ ।

ଭାରତୀୟ ପରମାଦର୍ଶକୁ ଆମେ ଅତୀତରେ ଦେଖିଛୁ ଗୁରୁକୂଳରେ, ଦେଖିଛୁ ନାଳନ୍ଦା ତଥା ତକ୍ଷଶିଳା ପରି ବିଶ୍ୱ ବିଦ୍ୟାଳୟରେ । ଏହି ଆଦର୍ଶର ସ୍ୱର୍ଣ୍ଣ ସ୍ପର୍ଶକୁ ଅନୁଭବ କରିଛୁ ପୁଷ୍ପଗିରିରେ । ଏମିତି ଅନେକ ଶିକ୍ଷା କେନ୍ଦ୍ର ଆମ ଶିକ୍ଷା ବ୍ୟବସ୍ଥାର ମୂଳ ଆଦର୍ଶକୁ ପ୍ରଦର୍ଶିତ କରାଇ ଭାରତୀୟ ମହାଚେତନାକୁ ବିଶ୍ୱବିଦିତ କରିଥିଲା । ଶିକ୍ଷା ପ୍ରଦାନ ଓ ଶିକ୍ଷା ପରିଚାଳନାରେ ନାଳନ୍ଦା ବିଶ୍ୱ ବିଦ୍ୟାଳୟର ଖାତି ଏଯାଏ ଅକ୍ଷୁର୍ଣ୍ଣ । ଏହା ସଙ୍ଗରେ ଦଶହଜାର ପିଲାଙ୍କର ପାଠପଢା ବାସ୍ତବିକ ଏକ ବିଂଶ ଶତାବ୍ଦୀରେ ଚିନ୍ତା କଲାବେଳେ ଆଶ୍ଚର୍ଯ୍ୟ ଚକିତ ଲାଗେ ।

ଶିକ୍ଷା ବ୍ୟବସ୍ଥାର ଏକ ସମୃଦ୍ଧ ଅତୀତ ଭାରତରେ ଥିଲା । ବିଶ୍ୱକୁ ଗବାକ୍ଷ ପରି ପୃଥିବୀର ଶିକ୍ଷା ବ୍ୟବସ୍ଥାକୁ ଭାରତର ଅପୂର୍ବ ଦାନ ପାଟୀଗଣିତକୁ କିଏ ବା ଅସ୍ୱିକାର କରିବ । ୧ ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ଦାନ ସହିତ ମିଶାଣ, ଫେଡାଣ, ଗୁଣନ, ହରଣର ପ୍ରୟୋଗ ଭାରତ ବିଶ୍ୱକୁ ଶିଖେଇଥିଲା । ପଂଚଦଶ ଶତାବ୍ଦୀରେ ଆର୍ଯ୍ୟଭଟ୍ଟଙ୍କ ପୃଥିବୀକୁ '୦' (ଶୂନ)ର ଦାନ ଆଜି ବୈଷୟିକ କ୍ଷେତ୍ରକୁ ପରିଚାଳନା କରୁଛି । ତେଣୁ ଭାରତ ବର୍ଷର ଏହି ଜ୍ଞାନ ପରମ୍ପରାକୁ ପୁନଃ ଆଲୋଚନା କରି ତାକୁ ପୁନଃ ପ୍ରୟୋଗର ଆବଶ୍ୟକତା ଏବେ ଉପନୀତ ।

ଭାରତ ପାଇଁ ନୂତନ ଶିକ୍ଷାନୀତି-୨୦୨୦ର ପ୍ରୟୋଗ ବାସ୍ତବିକ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଶିକ୍ଷାନୀତିର ଯୋଜନାକୁ ଅନୁଶୀଳନ କଲେ ପରିଦୃଶ୍ୟ ହୁଏ ଏହା ଆମ ଭାରତୀୟ ଜ୍ଞାନ ପରମ୍ପରାକୁ ଉଜ୍ଜିବୀତ କରି ମହାଭାରତୀୟ ଆଦର୍ଶ ପ୍ରତିଭାତ କରାଇବ । ଆମେ ଗୁରୁକୂଳ ଶିକ୍ଷା ବ୍ୟବସ୍ଥାରେ ଯେଉଁ ସାମଗ୍ରୀକ ଶିକ୍ଷାର ପଦ୍ଧତିକୁ ଦେଖିଥିଲୁ ନୂତନ ଶିକ୍ଷାନୀତି-୨୦୨୦ ହେଉଛି ତାର ଆଧୁନିକ ରୂପ ।

ନୂତନ ଶିକ୍ଷାନୀତି ଯେଉଁ ବିଶେଷ ଦିଗଗୁଡିକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛି ସେଗୁଡିକ ହେଉଛି -

୦୧ - ଭାରତ ବର୍ଷର ଜ୍ଞାନ ଭଣ୍ଡାରର ପୁନଃ ଉତ୍‌ଥାନ ।

୦୨ - ମାତୃଭାଷାକୁ ଗୁରୁତ୍ୱ ପ୍ରଦାନ । କାରଣ ନିଜ କଥାକୁହା ଭାଷାରେ ଜ୍ଞାନ ଆହରୋଣ ସହଜ ।

୦୩ - ବିଶ୍ୱକୁ ଆମ ବାର୍ତ୍ତା ପ୍ରଦାନର ବର୍ତ୍ତମାନ ସମୟ ଆସିଛି ।

୦୪ - ଶିକ୍ଷାକୁ ପ୍ରମାଣପତ୍ର ଆଧାରିତ ନ କରାଯାଇ କୁଶଳୀ ମଣିଷ ତିଆରିର ଲକ୍ଷ ।

୦୫ - ଉଭୟ ଦିବ୍ୟ ଓ ଅଦିବ୍ୟ ଭାଷାକୁ ଗୁରୁତ୍ୱ ପ୍ରଦାନ

୦୬ - ଶିକ୍ଷାର୍ଥୀର ସାମର୍ଥ୍ୟ ଅନୁଯାଇ ଶିକ୍ଷା ପ୍ରଦାନ

୦୭ - ବହୁବିଧ ଶିକ୍ଷା (ମଲିଟିପୁଲ ଏଜୁକେଶନ) ଗ୍ରହଣର ବ୍ୟବସ୍ଥା

୦୮ - ଐତିହ୍ୟ, ସଂସ୍କୃତି ତଥା ପରମ୍ପରା ଓ ଅସ୍ମିତାକୁ ଗୁରୁତ୍ୱ

୦୯ - ମୂଲ୍ୟବୋଧ ଭିତିକ ଶିକ୍ଷା ପ୍ରଦାନ, ଯାହା ଛାତ୍ରର ଚାରିତ୍ରିକ ବିକାଶ ସହାୟକ

୧୦ - ବହୁଭାଷିକ ଶିକ୍ଷାର ସୁଯୋଗ

୧୧ - କୁଶଳୀଭାବ (ସ୍କିଲ୍ ଡେଭେଲ୍‌ମେଂଟ୍)ର ବିକାଶ

୧୨ - ପୁରାଣ ସାହିତ୍ୟ ଓ ଚରିତ୍ରର ସ୍ୱଭାବ ମଣିଷର ଜୀବନ ଧାରାକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ।

୧୩ - ପ୍ରାଥମିକ ଶିକ୍ଷାକୁ ସ୍ୱତନ୍ତ୍ର ଧ୍ୟାନ ।

ବାସ୍ତବିକ ଶିକ୍ଷା କ୍ଷେତ୍ରରେ ଏହି ନୂତନ ପ୍ରୟୋଗର ସୁଫଳ ଭାରତବର୍ଷ ଆଗାମୀ ଦିନରେ ନିଶ୍ଚିତ ପ୍ରାପ୍ତ ହେବ ଏହି ନିଃସନ୍ଦେହ । ତେଣୁ ଏହି ଶିକ୍ଷା ପଦ୍ଧତିକୁ ଭାରତୀୟ ଜନଗଣ ଆନ୍ତରିକତାର ସହିତ ଗ୍ରହଣ କରିବା ଓ ଅନୁପାଳନ କରିବା ହେଉଛି ପରମ ଦାୟିତ୍ୱ ।

## ପ୍ରାସଙ୍ଗିକ ଆଲୋଚନା :

ବିଶ୍ୱ ପରିପ୍ରେକ୍ଷୀରେ ନବେ ଦଶକ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । GATT ରାଜିନାମା ଓ ତତ୍‌ପରେ ସୃଷ୍ଟି WTO ର ଅର୍ଥନୈତିକ ପ୍ରଭାବରେ ଯେଉଁ ତିନି ଅବଧାରଣା, ଉଦାରୀକରଣ, ଘୋରଇକରଣ ଓ ବିଶ୍ୱାୟନ ସାମାଜିକ ଜୀବନ ପ୍ରବାହକୁ ଆସିଲା ତାର କାରଣବଶତଃ ବିଦେଶୀ ପୁଞ୍ଜିର ଆଗମନ ଓ ସେହି ପୁଞ୍ଜି ବିନିଯୋଗ ପାଇଁ ସାମାଜିକ ଜୀବନର ଉଦାର ଭାବରେ ବିଭୋର ମଣିଷ ବିଶ୍ୱ ଜୀବନରେ ନିଜକୁ ପାଇବାର ଖୁସି ଆମ ସଂସ୍କୃତି, ପରମ୍ପରା ତଥା ଜୀବନଧାରା ଉପରେ ଗଭୀର ପ୍ରଭାବ ପକାଇଲା । ଏଥି ସହିତ ଶିକ୍ଷା ଉପରେ ଏହାର ପ୍ରଭାବ ଜ୍ଞାନ ଆରହଣ ନାମରେ ଅଜ୍ଞାନ ହେବା ସହିତ ନୀତି ନୈତିକତାର ପତନ ଆରମ୍ଭ ହେଲା । ଏସବୁର ମୂଳ କାରଣ ଥିଲା ବିଦେଶୀ ପୁଞ୍ଜି (FDI) ର ରଙ୍ଗିନ୍ ଛିଟ୍‌କା । ବିଦେଶୀ ପୁଞ୍ଜି ଅନ୍ତରାଳରେ ବିଦେଶୀ ସଂସ୍କୃତି ଓ ପରମ୍ପରାର ପ୍ରବେଶ ଭାରତୀୟ ଜୀବନଧାରାରେ ଗଭୀର ପ୍ରଭାବ ପକାଇ ନୂତନ ସାମାଜିକ ପ୍ରଭାହମାନ ସମାଜରେ ପରିଦୃଶ୍ୟ ହେଲା । ସାଂପ୍ରତିକ କାଳଖଣ୍ଡରେ ଯେଉଁ ନୂତନ ତାତ୍ତ୍ୱିକ ପ୍ରବାହଗୁଡିକ ସମାଜ ଜୀବନରେ ଦେଖାଦେଇଛି ସେଗୁଡିକ ମୁଖ୍ୟତଃ ହେଉଛି - କଲ୍‌ଚୁରାଲ୍ ଗ୍ଲାମର, ଏଜୁକେଶନାଲ୍ ଗ୍ଲାମର, ଟେକ୍ନୋଲଜିର ଗ୍ଲାମର, ଭୋଟରବାଦ, ଅନ୍‌ଲାଇନ୍ ଟ୍ରେଡିଂ, LGBTQ (ଲେସ୍‌ବିୟାନ୍, ଗେ, ବାୟସେକ୍ସ, ଟ୍ରାନ୍ସ୍‌ଜେଣ୍ଡର ଓ କ୍ୟୁଅର), ସାଲୋଗାମା (ଆତ୍ମବିବାହ), ଫେକ୍ ମ୍ୟାରେଜ୍ (ମିଥ୍ୟା ବିବାହ), ୱାଇଫ୍ ସ୍ୱାପିଙ୍ଗ୍, ଅର୍ବାନ୍ ନକ୍ସଲ, ତଥା ହ୍ୱାଇଟ୍ କଲାର ଟେରର୍ (ଭଦ୍ରମୁଖା ପିନ୍ଧା ଆତଙ୍କବାଦୀ)

ବିଦେଶୀ ପୁଞ୍ଜି ଅନ୍ତରାଳରେ ପଶି ଆସିଥିବା ବିଦେଶୀ ସଂସ୍କୃତି ଓ ଚେତନାର ପ୍ରଭାବରେ ଆମ ଅର୍ଥନୈତିକ ଜୀବନର ମୃତ୍ୟୁ ଘଟିଲା । ଆମ ଆଦର୍ଶ ଜୀବନଧାରା ବ୍ୟାହତ ହେଲା ଆଉ ବଦଳିଗଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ନବେ ଦଶକ ପରେ ଜନ୍ମିତ ଶିଶୁ ଯିଏ ଆଜି ସାମାଜିକ ମଙ୍ଗ ଧରିବା ଆରମ୍ଭ କରିଛି ସେ ବ୍ୟବସ୍ଥା ବୁଝିଲା ବେଳକୁ ବିଦେଶୀ ସଂସ୍କୃତି ଓ ପରମ୍ପରାରେ ସମାଜ ପ୍ରଭାବିତ ହୋଇସାରିଥିଲା । ସେହି ନବେ ଦଶକର ଶିଶୁ ଏ ବ୍ୟବସ୍ଥା ହିଁ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ଭାବିଲା । ସେହି ଚେତନାକୁ ସାଥି କରି ସେ ଶିକ୍ଷା ଗ୍ରହଣ ଆରମ୍ଭ କଲା । ଫଳତଃ ଆମ ଭାରତୀୟ ସଂସ୍କୃତି ଓ

ପରମ୍ପରାର ଅମୃତମୟ ଅନୁଭବରୁ ସେ ବଂଚିତ ହେଲା । ଟେକ୍‌ନୋଲୋଜିର ଚାକଚକ୍ୟରେ ସେ ଜ୍ଞାନର ସନ୍ଧାନ କରିବାକୁ ଯାଇ ସାଧାରଣ ଜ୍ଞାନ ଠାରୁ ଦୂରେଇ ଗଲା । ଆମ ପାରିବାରିକ ବ୍ୟବସ୍ଥାର ସମ୍ବନ୍ଧକୁ ସେ ବୁଝି ପାରିଲା ନାହିଁ । ଗୁରୁଜନ, ଲଘୁଜନ, ବୟୋଜ୍ୟୋଷ୍ଠ ତଥା ଗୁରୁ ଆଦିର ଅନୁପମ ଭାବାତ୍ମକ ସମ୍ବନ୍ଧକୁ ସେ ବୁଝି ପାରିଲା ନାହିଁ । ସେ ବୁଝିଲା ଶିକ୍ଷା କହିଲେ ସଂପ୍ରତିକ ସମୟରେ ବୁଝାଯାଉଛି ଶିକ୍ଷାର ଗ୍ଲାମରକୁ । ବଡ଼ବଡ଼ କୋଠା, ଶିକ୍ଷାର୍ଥୀର ଗାଡିରେ ଯିବା ଆସିବା, ସୁନ୍ଦର ୟୁନିଫର୍ମ ପିନ୍ଧିବା ଆଉ ମୁହଁରେ କେତୋଟି ଅଶୁଦ୍ଧ ଇଂରାଜୀ ଶବ୍ଦର ଉଚ୍ଚାରଣର ଗ୍ଲାମର ଭିତରେ ନୈତିକ ଶିକ୍ଷା ଆସିବ କୁଆଡୁ । ଏବେ ନୈତିକ ଶିକ୍ଷାର ମୃତ୍ୟୁ ଘଟିଛି । ଏବର ଶିଶୁକୁ କେମିତି ବୁଝେଇ ହେବ ଯେ ଗୁରୁଜନଙ୍କୁ ଭକ୍ତି ଆଉ ବିନମ୍ରତାର କଥା । ଏବେ ଶିକ୍ଷାର ମଙ୍ଗ ବି ଧରିଛି ନବେ ଦଶକ ପରେ ଜନ୍ମିତ ଶିଶୁ । ଏ କ୍ଷେତ୍ରରେ କିଏ କାହାକୁ କେମିତି ବୁଝେଇ ନୈତିକତାର କଥା କହିବ ତାହା ହିଁ ପ୍ରଶ୍ନବାଚୀ ?

ସାଂପ୍ରତିକ କାଳଖଣ୍ଡରେ ଭାରତବର୍ଷ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚେତାବନୀ ହେଉଛି ହ୍ୱାଇଟ୍ କଲାର ଟେରର୍ ଆଉ ଅର୍ବାଚୀନ ନକ୍ସଲ । ଗତ ୧୦.୧୧.୨୦୨୫ ମସିହାରେ ଏହି ଭଦ୍ରମୁଖା ପିନ୍ଧା ଆତଙ୍କିମାନଙ୍କର ଭୟଙ୍କର ରୂପ ଦେଖିଲା ଭାରତବର୍ଷ । ପେଶାରେ ଡାକ୍ତର ଥିବା ଉଚ୍ଚଶିକ୍ଷିତ ଯୁବକମାନେ ଭାରତରେ ବମ୍ ବ୍ଲାଷ୍ଟ୍ କରି ଶାସନତନ୍ତ୍ରକୁ ଦୋହଲାଇବାର ଯୋଜନା କରିଥିଲେ । ସୌଭାଗ୍ୟବଶତଃ ଉପାୟ ନପାଇ ଡାକ୍ତର ଡାମର ଦିଲ୍ଲୀର ଲାଲ୍-କିଲ୍ଲା ସମ୍ମୁଖରେ ନିଜକୁ ବ୍ଲାଷ୍ଟ୍ କଲା । ଏଥିରେ ପନ୍ଦର ଜଣ ଲୋକଙ୍କ ଜୀବନ ଗଲାଣି । ଯଦି ସେମାନେ ଯେଉଁ ସିରିଜ୍ ବିସ୍ଫୋରଣର ଯୋଜନା କରିଥିଲେ ତାହା ସଫଳ ହୋଇଥିଲେ ଭାରତ ବର୍ଷ ଦୋହଲି ଯାଇଥାନ୍ତା ।

ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଉଚ୍ଚଶିକ୍ଷିତ ଆଉ ଉଚ୍ଚ ପଦସ୍ଥ ବ୍ୟକ୍ତିମାନଙ୍କୁ ଯେଉଁମାନେ ଆତଙ୍କି ମାନସିକତା ରଖିଛନ୍ତି ସେମାନଙ୍କୁ ପୋଲିସ୍ ସନ୍ଦେହ କରିବ କେମିତି ? ଯେଉଁମାନେ ଅପରାଧିକ ମାମଲାରେ ଦୋଷୀ ଥାଆନ୍ତି ଯେଉଁମାନଙ୍କର ଅତୀତର କାର୍ଯ୍ୟକ୍ରମ ସମାଜ ବିରୋଧି ପୋଲିସ୍ ସାଧାରଣତଃ ସେହିମାନଙ୍କୁ ସନ୍ଦେହ କରିଥାଏ ମାତ୍ର ଭଦ୍ର ମଣିଷମାନେ ଏହାର ସୁଯୋଗରେ ବର୍ତ୍ତମାନ ଆତଙ୍କବାଦୀ ସାଜୁଛନ୍ତି । ଅଶିକ୍ଷିତ ଯୁବକ ତଥା ବେକାର ଯୁବକଙ୍କୁ ଆତଙ୍କବାଦୀମାନେ ଟ୍ରେଣ୍ଡ୍ କରିବା ଓ ବୁଝେଇବା କଷ୍ଟ । ମାତ୍ର ଶିକ୍ଷିତ ଲୋକଙ୍କୁ ଆଦର୍ଶର ଲଢେଇ ଜେହାଦ କହି ଶିଘ୍ର ମାନସିକତାର ପରିବର୍ତ୍ତନ କରାଇ ପାରୁଛନ୍ତି । ତେଣୁ ବର୍ତମାନ ସମାଜରେ ଭଦ୍ରମୁଖା ପିନ୍ଧା ଆତଙ୍କବାଦୀମାନେ ତତ୍ପର ହେବା ଆରମ୍ଭ ହୋଇଛି । ଆତଙ୍କବାଦର ମୂଳ କାରଣ ହେଉଛି ସେମାନଙ୍କୁ ଯେଉଁ ଶିକ୍ଷା ପ୍ରଦାନ କରାଯାଉଛି ସେଥିରେ ନୈତିକ ଶିକ୍ଷା, ମାନବବାଦ ର ଶିକ୍ଷା ଦିଆଯାଉନି । ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଏଭଳି କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରୁଛି । ସେହିପରି ଅର୍ବାଚୀନ ନକ୍ସଲ ମଧ୍ୟ ଭଦ୍ର ମଣିଷମାନଙ୍କର ରୁଗ୍‌ଣ ମାନସିକତାର ଉଗ୍ରରୂପ । ଏହି ଭଦ୍ରଲୋକମାନେ ସହରରେ ରହି ବିଭିନ୍ନ ଅନୁଷ୍ଠାନ ନାମରେ ଚାନ୍ଦା ସଂଗ୍ରହ କରି ବିଭିନ୍ନ ସ୍ଥାନର ଯୁବକମାନଙ୍କୁ ଉତ୍ସାହିତ କରି ସରକାରଙ୍କର ନୀତି ବିରୁଦ୍ଧରେ ଯାଉଛନ୍ତି । ସରକାରଙ୍କର ବିକାଶକୁ ପ୍ରତିରୋଧ କରିବା ଏମାନଙ୍କର ପ୍ରଥମ ଉଦ୍ଦେଶ୍ୟ ।

ସାଂପ୍ରତିକ ସମୟର ଦୁଇଟି ଘୃଣ୍ୟ ପ୍ରବାହ ହେଉଛି ୱାଇଫ୍ ସ୍ୱାପିଙ୍ଗ ଆଉ କ୍ୟୁଅର । ୱାଇଫ୍ ସ୍ୱାପିଙ୍ଗ ହେଉଛି ସ୍ତ୍ରୀ ବଦଳ ଓ କ୍ୟୁଅର ହେଉଛି ବିକୃତ ମାନସିକତା ଓ ଅପ୍ରାକୃତ ଯୌନ ସଂପର୍କର ଉତ୍ସାହୀ ଚେତନା । ଏବେ ବଡ଼ବଡ଼ ସହରରେ ପ୍ରତିପତି ଓ ପ୍ରତିଷ୍ଠା ତଥା ଉଚ୍ଚପଦସ୍ଥ ବ୍ୟକ୍ତିମାନେ ସ୍ତ୍ରୀମାନଙ୍କୁ ସାଙ୍ଗରେ ଧରି ହୋଟେଲ୍‌ରେ ବିଭିନ୍ନ ପାର୍ଟି କରୁଛନ୍ତି । ଅଧରାତି ଯାଏ ପାର୍ଟି ସରିଲେ ସେମାନେ ସ୍ତ୍ରୀମାନଙ୍କର କୁଟେରୀ କରୁଛନ୍ତି । ଯେଉଁ ସାଙ୍ଗ ଭାବରେ ଯେଉଁ ସ୍ତ୍ରୀର ଚିଟ୍ ଉଠିଲ୍ ସେ ସେହି ସ୍ତ୍ରୀକୁ ଧରି ହୋଟେଲ୍‌ରେ ରାତ୍ରୀ ଯାପନ କରୁଛି । ଏଥିରେ ନା ସ୍ୱାମୀମାନଙ୍କର କିଛି ଯାଏ ଆସେ ନା ସ୍ତ୍ରୀମାନଙ୍କର । ବରଂ ସେମାନେ ନୂଆ ନୂଆ ମଣିଷଙ୍କୁ ଯୌନ ସାଥି ଭାବରେ ପାଇ ଜୀବନକୁ ଉପଭୋଗ କରୁଛୁ ବୋଲି କହୁଛନ୍ତି । ଆଉ ଏକ ପ୍ରକାର ମାନସିକ ଓ ଶାରୀରିକ ବିକୃତ ବ୍ୟକ୍ତି ହେଉଛି କ୍ୟୁଅର । ସେ ପୁରା ବିକୃତ ମାନସିକତାର ମଣିଷ ସାଥି ସହିତ ଯୌନ ସଂପର୍କ ବି ଅପ୍ରାକୃତ ଭାବରେ ରଖେ । ବାସ୍ତବିକ ସମାଜରେ ଯେଉଁ ନୈତିକ ଶିକ୍ଷାର ଅଭାବ ଘଟିଛି ତାର କାରଣବଶତଃ ଆମେ ଏପରି ଘୃଣ୍ୟ ମାନସିକତାର ଘଟଣାକୁ ଭେଟୁଛନ୍ତି ।

ଏବେ ବଡ଼ବଡ଼ ସହରରେ ହେଟେଲ୍ ଓ ମଣ୍ଡପମାନଙ୍କରେ ମିଥ୍ୟା ବିବାହ ଚାଲୁଛି । ଅନ୍‌ଲାଇନ୍‌ର କାର୍ଡ ପାଇଁ ଜୀବନକୁ ଉପଭୋଗ କରୁଥିବା ପ୍ରେମିକ ପ୍ରେମିକା ତଥା

ଯୁବ ପୀଢିମାନେ ସେଠିକୁ ଯାଉଛନ୍ତି । ସେଠାରେ ଭଲ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ସହିତ D.J. ର ବ୍ୟବସ୍ଥା ଥାଏ । ଏମାନେ ସେଠାରେ ମଦ୍ୟପାନ କରି ନାଚଗୀତରେ ମସଗୁଲ ରହି ଖାଦ୍ୟଖାଇ ଫେରନ୍ତି । ମାତ୍ର ସେଠାରେ ସବୁମିଛ । ବରକନ୍ୟା ନଥାନ୍ତି ମାତ୍ର ବିବାହ ଡ୍ରେସ୍ ପିନ୍ଧି ସେଠାକୁ ସମସ୍ତେ ଯାଆନ୍ତି । ଏହା ଏବର ଯୁବ ସମାଜରେ ଏକ ଅଦ୍ଭୁତ ଟ୍ରେଣ୍ଡ୍ ।

## ଉପସଂହାର :

ବିଶ୍ୱାୟନର ପ୍ରଭାବରେ ଘରୋଇକରଣର ଉଦାର ଭାବ ମଣିଷ ଜୀବନରେ ଯେଉଁ ଉତ୍ସାହ ଦେଇଛି ତାକୁ ବୁଝିଲାବେଳକୁ ମଣିଷର ଶୃଙ୍ଖଳିତ ଜୀବନଧାରା ପରିବର୍ତ୍ତନ ହୋଇ ସାରିଛି । ବିଦେଶୀ ପୁଞ୍ଜିର ଛିଟ୍‌କାରେ ଯେଉଁ ନୂଆ ଖୁସି , ନୂଆ ଭାବକୁ ନେଇ ଆଧୁନିକତା ନାମରେ ସେ ଯାହାକୁ ଗ୍ରହଣ କରିଛି ଏହା ତାର ଜୀବନର ପରିପନ୍ଥି ଏକଥା ସେ ବୁଝିବା ଦରକାର । ଏହାର ମୁଖ୍ୟକାରଣ ହେଉଛି ଶିକ୍ଷାର ଗ୍ଲାମର । ଏହି ଗ୍ଲାମର୍‌ରେ ମୋହିତ ଅଭିଭାବକମାନେ ଶିଶୁ ଓଠରେ ଇଂରାଜୀ ଗୀତ ଶୁଣି ଉତ୍ସାହିତ । ଧୋବାୟା ଗୀତ ଏବେ ଭୁଆଶୁଣିର ଓଠରୁ ହଜିଗଲାଣି ।

ନବେ ଦଶକ ପୂର୍ବକୁ ଯଦି ଦେଖିବା ତାହାଲେ ପାଠ ଆସୁନଥିବା ପିଲା ଟିଉସନ୍ ଯାଉଥିଲା । ଏବେ ପିଲାକୁ ଟିଉସନ୍ ପଠାଇ ନପାରିଲେ ବାପା ପଣିଆ ପାଣିଚିଆ ହୋଇଯାଉଛି । ତେଣୁ ବୁଢୀମା'ର ଅସୁରାଣୀ ପାଖରେ ରାଜପୁଅ ରାଜକନ୍ୟା ବନ୍ଦୀ ପରି ଏବେ କୋଚିଂ ସେଂଟରରେ ପିଲାମାନେ ବନ୍ଦୀ । ଅଭିଭାବକମାନେ ବୁଝିବାକୁ ଅମଙ୍ଗ ଯେ ସେମାନେ ପିଲାର ଶୈଶବକୁ ହତ୍ୟା କରିଚାଲିଛନ୍ତି । ବରଂ ଯୁଗ ସହ ପାଦ ଥାପି ଚାଲିବା ନାମରେ ସେମାନେ ନିଜ ସ୍ୱପ୍ନକୁ ପିଲା ଦ୍ୱାରା ଦେଖିବାକୁ ଚାହୁଁଛନ୍ତି । ଯଦି ଆମେ ଆଜିର ପରିସ୍ଥିତିକୁ ବିଚାର କରିବା ତେବେ ସ୍ପଷ୍ଟ ବୁଝାଯିବ ଯେ ବର୍ତ୍ତମାନର ବାପା ଏକ ବ୍ୟବସ୍ଥା ଆଉ ର ମମତା କେବଳ ଦୁଇ ମିନିଟିଆ ମ୍ୟାଗି ପ୍ରସ୍ତୁତିରେ ସୀମିତ ।

ଏବେ ମୂଳ ବହି ପଢିବାର ପରମ୍ପରା ହଜିଗଲାଣି । ନୋଟ୍ ବହି ଜ୍ଞାନର ମାପଦଣ୍ଡ ପାଲଟିଛି । ଏଥି ସହିତ ଟେକ୍ନୋଲୋଜିର ବ୍ୟବହାରରେ ଗୁଗୁଲ, ଉ୍ୱିକିପେଡିଆ ତଥା ଚାର୍ଟ ଜିପିଟିର ପ୍ରୟୋଗ କରି ପିଲା ପାଠପଢୁଛନ୍ତି । ହଁ ଏହି ବ୍ୟବସ୍ଥା ପିଲାର ଜ୍ଞାନ ପରିବୃଦ୍ଧି କରିପାରେ ମାତ୍ର ଏହା କ'ଣ ନୈତିକ ଶିକ୍ଷା ପ୍ରଦାନ କରିପାରିବ ? ଯାହା ଦେଖାଯାଉଛି ପିଲାର ବୌଦ୍ଧିକ ବୃଦ୍ଧି ହେଉଛି ମାତ୍ର ଶାରୀରିକ ଅକ୍ଷମତା ଏବେ ସମସ୍ୟା ପାଲଟିଲାଣି । ପିଲା କେବଳ ନମ୍ବର ପଛରେ ଧାଇଁଛି, କାଗଜର ସାର୍ଟିଫିକେଟ୍ ତାର ଶ୍ରେଷ୍ଠ ଉପଲବ୍‌ଧ ବୋଲି ଭାବିଛି । ଏପରି ଏକ ଗତିର ମୁକ୍ତି ପ୍ରୟାସ ଆମ ନୂତନ ଶିକ୍ଷାନୀତି ବୋଲି ଆଶା କରାଯାଏ । ମାତ୍ର ଏହାର ସୁଫଳ ପାଇଁ ଆମକୁ ଅପେକ୍ଷା କରିବାକୁ ପଡିବ ।

## ସହାୟକ ଗ୍ରନ୍ଥସୂଚୀ :


୧. ଓଡ଼ିଆ ସାହିତ୍ୟର ଇତିହାସ - ଡକ୍ଟର ବେଣୁଧର ପାଢୀ

୨. ଓଡ଼ିଆ ସାହିତ୍ୟର ଇତିହାସ - ଡକ୍ଟର ବାଉରୀବନ୍ଧୁ କର

୩. ଓଡ଼ିଆ ସାହିତ୍ୟର ଇତିହାସ - ଡକ୍ଟର ସୁମନ୍ତ ନାଏକ

୪. ଶିକ୍ଷା ଏକ ଅନୁଚିନ୍ତା - ଡକ୍ଟର ତରୁଣ ଗାଙ୍ଗୁଲୀ

୫. ଆଧୁନିକତା ଓ ଆମ ଶିକ୍ଷା ପରମ୍ପରା - ଡକ୍ଟର ଜ୍ୟୋତି କିଶୋର ।


❖ ❖ ❖

DOI : https://doi.org/10.5281/zenodo.18185541

ମୂଳ ପ୍ରବନ୍ଧ

# କଳିଙ୍ଗନଗର ଜନଆନ୍ଦୋଳନ ଓଡିଆ କବିତା

**ଶୁଭଲକ୍ଷ୍ମୀ ବେହେରା**


## ସଂକ୍ଷିପ୍ତସାର :

ଆଧୁନିକ ଓଡିଆ କବିତା ହେଉଛି ମୋଡ ପରିବର୍ତ୍ତନ ସାହିତ୍ୟ। ଅଶୀ-ନବେ ଦଶକର କବିତା ଅନେକ ପ୍ରକାର ଭାବ- ଭାଷା – ବୈଚିତ୍ର୍ୟକୁ ସ୍ୱୀକାର କରିଛି । କବିତାରେ ନୂଆନୂଆ ପରିବର୍ତ୍ତନ ଆସିଛି । ନୂଆ ପ୍ରୟୋଗ- ପରୀକ୍ଷା ସହିତ ଏ ସମୟର ସାହିତ୍ୟ ଉପନିବେଶ, ଉଦ୍ୟୋଗ, ପୁଞ୍ଜିକରଣ, ଘରୋଇକରଣ ନୁତନ ଅର୍ଥବ୍ୟବସ୍ଥା ଆଦି କଥାକୁ ରୂପ ଦେଇଛି ସାହିତ୍ୟରେ ମୁଖ୍ୟତଃ କବିତାରେ ଆସିଛି ଏହି ମୋଡର ସିଧାରୂପାଅଶୀ-ନବେ ଦଶକର ପ୍ରଗତି ହେଉଛି ମୁଖ୍ୟତଃ କମ୍ପାନୀ ଭିତିକ । ଓଡ଼ିଶାରେ ଗଛିତ ପ୍ରାକୃତିକ ସମ୍ବଳ ଗୁଡିକର ବିନିଯୋଗ ନିମନ୍ତେ ଓଡିଶାରେ ଅନେକ କମ୍ପାନୀ ଗୁଡିଏ ମୁଣ୍ଡ ଟେକିଛନ୍ତି । ତେବେ ଆମର ଆଲୋଚନାର ବିଷୟ ହେଉଛି ଓଡିଶାର ଯାଜପୁର ଜିଲ୍ଲାସ୍ଥିତ କଳିଙ୍ଗନଗର ଶିଳ୍ପାଂଚଳ ମୂଳରୁ କହି ରଖେ ନିବନ୍ଧର ଉଦ୍ଦେଶ୍ୟ କେବଳ ଏକ କବିତା ଭିତ୍ତିକ ଆଲୋଚନା ଏବଂ ତଥ୍ୟ ମାଧ୍ୟମରେ ଏହାର ବାଖ୍ୟା । ତେବ ଯାଜପୁର ଜିଲ୍ଲାର କଳିଙ୍ଗନଗର ଠାରେ ହେବାକୁ ଥିବା କମ୍ପାନୀ ଭିତ୍ତିକ ଆନ୍ଦୋଳନ ମାଧ୍ୟମରେ ସେଠାକାର  ସାଧାରଣ ଜନତାମାନଙ୍କୁ ଅନେକ କ୍ଷୟକ୍ଷତିର ସମ୍ମୁଖିନ ହେବାକୁ ପଡିଥିଲା, ଯଦିଓ ଏହି କ୍ଷତିର ଭରଣ ନିମନ୍ତେ ଉଦ୍ୟୋଗ ତଥା କମ୍ପାନୀମାନେ ଯଥାସମ୍ଭବ ଚେଷ୍ଟା କରିଛନ୍ତି ମାତ୍ର ନା ତାହା ଆଖି ଦୃଶିଆ ଆଉ ନା ତାହା ନୈତିକ ସମର୍ଥିତ । କହିବାର ଅର୍ଥ କମ୍ପାନୀ ଗୁଡିଏ ସାଧାରଣ ଲୋକମାନଙ୍କର ଥଇଥାନର ବ୍ୟବସ୍ଥା ଠିକ୍ ଭାବରେ କରିପାରିନାହାନ୍ତି । ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କର ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଏହି ଅସନ୍ତୋଷ କାରଣରୁ ହିଁ କ୍ରୋଧ ଆଉ ପ୍ରତିବାଦୀ ଏହି ପ୍ରତିବାଦକୁ ସମର୍ଥନ ଜଣାଇ ମଂଚ –ତଥା ସାହିତ୍ୟ ସଭା ଗୁଡିଏ ଗଢାହୋଇଛି । ସେହି ସଭା ଏବଂ ସାହିତ୍ୟକୁ ଆଲୋଚନା କରିବା ଏହି ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ ।



**ପ୍ରମୁଖ ଶବ୍ଦାବଳୀ:**

କଳିଙ୍ଗନଗର, ବିସ୍ଥାପିତ, କମ୍ପାନୀ, ଆନ୍ଦୋଳନ, ଭୂମି, ପ୍ରତିବାଦ, ଭୂମି, ଶିଳ୍ପସଂସ୍ଥା


## କଳିଙ୍ଗନଗର ଜନଆନ୍ଦୋଳନ ଓ ଓଡିଆ କବିତା

ଓଡିଆ ଏକ କୃଷି ପ୍ରଧାନ ରାଜ୍ୟ । ଏଠାରେ ଅଧିକାଂଶ ଲୋକମାନେ ଚାଷକରି ଜୀବିକା ନିର୍ବାହ କରନ୍ତି । ବିଶ୍ୱ ପ୍ରଗତି ତୂଳନାରେ ଓଡିଶାର ପ୍ରଗତି ଶିଥିଳ ନବେ ଦଶକରେ ନୂତନ ଆର୍ଥିକନୀତି ଆରମ୍ଭ ହୁଏ । ଓଡିଶାର ପ୍ରଗତି ପାଇଁ, ଓଡିଶାରେ ଶିଳ୍ପ ପ୍ରତିଷ୍ଠା ଏକ ବଡ ପ୍ରସଂଗ ଭାବରେ ସାମ୍ନାକୁ ଆସେ ଓଡିଶା ଭୂସମ୍ପଦ ବା ଖଣିଜ ସମ୍ପଦରେ ଭରା ଏକ ରାଜ୍ୟ । ଭାରତରେ ଗଛିତ ଥିବା


ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18185541

Article No - BPP00363



**ଯୋଗାଯୋଗ :**

**ଶୁଭଲକ୍ଷ୍ମୀ ବେହେରା,** ଗବେଷିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
**Email :** subhalaxmi058@gmail.com
**ORCID ID:** https://orcid.org/0009-0001-3982-1012


This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.


For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଶୁଭଲକ୍ଷ୍ମୀ ; ୨୦୨୫ । କଳିଙ୍ଗନଗର ଜନଆନ୍ଦୋଳନ ଓଡିଆ କବିତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା :୧୪-୧୯ ।

ମୋଟ ବକ୍ସାଇଟର ୬୦%, କୋଇଲାର ୨୫%, କ୍ରୋମାଇଟ ୯୮%, ଲୁହାପଥର ୨୮%, ନିକେଲର ୯୨% ଏବଂ ମାଙ୍ଗାନିଜର ୨୦% କେବଳ ଓଡିଶାରେ ଅଛି । ଏବେ ବେଶୀ ଖଣିଜ ସମ୍ପଦରେ ଭରା ଅଂଚଳକୁ ଘରୋଇ କମ୍ପାନୀମାନେ ଖଣି ଖୋଳିବା ଠାରୁ ଆରମ୍ଭକରି ଶିଳ୍ପସ୍ଥାପନା ପାଇଁ ଆଗେଇ ଆସିଛନ୍ତି । ଆନୁଷଂଗିକ ଭିତିଭୂମି ନିର୍ମାଣଲାଗି ମାଟି ଦରକାର ସେହି ମାଟିରେ ବାସ କରନ୍ତି ଅଧିକାଂଶ ଭାବରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ । ଏମାନଙ୍କର ଧର୍ମ, ବିଶ୍ୱାସ, ଜୀବନ ଏବଂ ଜୀବିକା ସବୁ ଏଇ ମାଟି ପାହାଡ ଜଙ୍ଗଲ, ଏମାନେ ଦେଶ ବିଦେଶର କନ୍ଦଳ, ବଜାର ଶିକ୍ଷା, ସ୍ୱାସ୍ଥ୍ୟ ଏତେ କଥା ବୁଝନ୍ତି ନାହିଁ । ଡଂଗର, ଝରଣା, ଜଙ୍ଗଲ ଏମାନଙ୍କର ଜୀବନ ବଂଚିବାର ପ୍ରାଣାଳି । ପ୍ରାଥମିକ ପର୍ଯ୍ୟାୟରେ ଯେତେବେଳେ ପ୍ରଗତିପାଇଁ ଶିଳ୍ପ, ଖଣି ଖନନ କରାଗଲା । ସେମାନେ ଏହାକୁ ସ୍ୱାଗତ କରୁଥିଲେ ।ଏହାର ପ୍ରତିବଦଳରେ ବୃତି, ଅର୍ଥ, ଆବାସ ଆଦିର ସୁବିଧା ଯୋଗାଇ ଦିଆଯାଉଥିଲା । ମାତ୍ର ପରବର୍ତ୍ତି ସମୟରେ ଏହିସବୁ ପ୍ରତିଶୃତି ଅପସରିବାରେ ଲାଗିଲା । ଭୂମି ବଦଳରେ ଉପଯୁକ୍ତ ଚାରଣ ଭୂମି, ଡିହ ବଦଳରେ ଉପଯୁକ୍ତ ରହିବା ପାଇଁ ଘର, ସେମାନଙ୍କର ଶିକ୍ଷାନୁସାରେ ଚାକିରୀ ଯୋଗାଇଦେବା ସହଜ ନୁହେଁ, ସଂଖ୍ୟାସ୍ୱଳ୍ପ ହେତୁରୁ ଏମାନଙ୍କର ସ୍ୱର ମଧ୍ୟ ଦବିଯାଏ । ସମୟକ୍ରମେ ବିକାଶ ନୀତି ଅନେକ ଗୁଡିଏ ବାଦ ପ୍ରତିବାଦକୁ ସମ୍ମୁଖକୁ ଆଣେ । ଏହି ସବୁ କାରଣରୁ ଯାତ ହୁଏ । କ୍ରୋଧ ଏବଂ ପ୍ରତିରୋଧ ।

## କଳିଙ୍ଗ ନଗର ସମ୍ପର୍କରେ କିଛି ବିବରଣୀ :

ଓଡିଆର ଅନେକ ଖଣି, ପାଣି ଜଙ୍ଗଲ, ପାହାଡ, ଭିଟାମାଟି ପାଇଁ ହୋଇଛି ଲଢେଇ । ତେବେ ଆଲୋଚନାର ପ୍ରସଂଗ ଓଡିଶାର ଯାଜପୁର ଜିଲ୍ଲାସ୍ଥିତ କଳିଙ୍ଗନଗର ଶିଳ୍ପାଂଚଳ ବ୍ୟାସନଗର ବା ଯାଜପୁର ରୋଡ ଟାଉନ ଠାରୁ ମାତ୍ର ୧ କି.ମି ଦୂରରେ ଚୋରଦା ଚକ ଏଠାରୁ ୧୬ କି.ମି ବ୍ୟାପୀ ଡୁବୁରିଛକ ପର୍ଯ୍ୟନ୍ତ ଏହି ଶିଳ୍ପାଂଚଳ ବିସ୍ତାରିତ । ଏହି ଅଂଚଳ ଭିତରେ ମୋଟ ୧୦ଗୋଟି ଶିଳ୍ପ ସଂସ୍ଥା ରହିଛି । ଏହି ଅଂଚଳରେ ଏହା ସାନ୍ତାଳ, ମୁଣ୍ଡା ଆଦି ଜନଜାତିର ଲୋକ ବସବାସ କରନ୍ତି । ଏହି ଅଂଚଳର ବାଲିଗୋଠ, ଚାନ୍ଦିଆ, ଗୋବରଘାଟୀ, ଗାଡପୁର ଆଦି ସ୍ଥାନ ଗୁଡିକ ବିସ୍ଥାପିତ ହେବାକୁ ଥିବା ମୌଜା ନିମ୍ନ ସାରଣୀ ମାଧ୍ୟମରେ ଏହାର ଏକ ତଥ୍ୟାତ୍ମକ ଆକଳନ ଦେଖନ୍ତୁ ।

**ଟାଟା ମହାରଷ୍ଟ୍ର ସିମଲେସ୍ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ମୌଜା/ପଞ୍ଚାୟତର ସାମାଜିକ ଓ ଆର୍ଥିକ ସ୍ଥିତିର ଝଲକ ନିମ୍ନୋକ୍ତ ସାରଣୀରୁ ଜଣାପଡ଼େ ।**

### ଟେବୁଲ୍-୧

| ଗ୍ରାମ ପଞ୍ଚାୟତର ନାମ | ଘର ସଂଖ୍ୟା | ଆଦିବାସି ଜନସଂଖ୍ୟା ନାମ | ଦଳିତ ଜନସଂଖ୍ୟା ହାର | ସାକ୍ଷରତ ହାର | କୃଷକ ହାର | କୃଷି ଶ୍ରମିକ ହାର |
|---|---|---|---|---|---|---|
| ଚାନ୍ଦିଆ | ୩୩୧ | ୮୫.୯ | .୨ | ୩୭.୬ | ୪୧.୦ | ୩୬.୨ |
| ଗୋବରଘାଟୀ | ୫୫୮ | ୮୮.୮ | ୨.୧ | ୫୩.୪ | ୧୬.୦ | |
| ଗାତପୁର | ୧୪୦ | ୯୭.୮ | ୦ | ୪୬.୭ | ୪.୦୩ | ୧୩.୫ |

*ଉତ୍ସ : ଜନଗଣନା ରିପୋର୍ଟ-୨୦୦୧, ଭାରତ ସରକାର*

## ଉତ୍ସ-ପି.ୟୁ.ସି.ଏଲ୍. ରିପୋର୍ଟ, ଭୁବନେଶ୍ୱର

କଳିଙ୍ଗନଗର ଶିଳ୍ପାଂଚଳରେ ପ୍ରକଳ୍ପ ସ୍ଥାପନ କରିବାକୁ ଥିବା କମ୍ପାନୀମାନେ ହେଲେ- ମହାରାଷ୍ଟ୍ର ସିମଲେସ୍, ଉତମ ଗାଲଭା, ମୈଥନ, ମେସ୍କୋ, ରୋହିତ, ଦୀନବନ୍ଧୁ ଏବଂ ଅନ୍ୟମାନେ । ଏହି ଅଂଚଳର ଏକ ବିରାଟ ବଡ ସ୍ଥାନରୁ ଶିଳ୍ପ ବା କାରଖାନା ଭାବରେ ବ୍ୟବହାର କରୁଥିଲେ ତାହାର ଏକ ବିବରଣୀ ନିମ୍ନରେ ଏକ ସାରଣୀ ମାଧ୍ୟମରେ କଳିଙ୍ଗ ନଗରରେ ପ୍ରସ୍ତାବିତ ପ୍ରକଳ୍ପର ନାମ ଓ ଆବଣ୍ଟିତ ଜମିର ପରିମାଣ ଦେଖନ୍ତୁ ।

## କଳିଙ୍ଗ ନଗରରେ ପ୍ରସ୍ତାବିତ ପ୍ରକଳ୍ପର ନାମ ଓ ଆବଣ୍ଟିତ ଜମିର ପରିମାଣ

### ଟେବୁଲ୍-୨

| କାରଖାନା | ଦିଆଯାଇଥିବା ଜମିର ପରିମାଣ | କାରଖାନ | ଦିଆଯାଇଥିବା ଜମିର ପରିମାଣ |
|---|---|---|---|
| ମେସ୍କୋ | ୫୩୦ଏକର | ଟାଟା ଷ୍ଟିଲ୍ | ୨୪୦୦ ଏକର |
| ଓରିଏନ | ୧୫୦ଏକର | ରୋହିତ | ୫୦ ଏକର |
| ମୈଥୁନ ଇସ୍ପାତ | ୧୦୦ଏକର | ଲିସା | ୩୯୦ ଏକର |
| ନୀଳାଚଳ ଇସ୍ପାତ | ୨୫୦୦ଏକର | ଜିନ୍ଦଲ | ୬୭୮ ଏକର |
| ଉତ୍ତମ ଗାଲ୍ଭା | ୩୭୦ଏକର | ଦିନବନ୍ଧୁ | ୧୦୦ ଏକର |
| ମହାରାଷ୍ଟ୍ର ସିମଲେସ୍ | ୫୦୦ଏକର | କେ.କେ.ଇସ୍ପାତ | ୫୦ ଏକର |

*ଉତ୍ସ : ଅତିରିକ୍ତ ଜିଲ୍ଲାପାଳ ଅଫିସ୍, କଳିଙ୍ଗନଗର*

**ଉତ୍ସ- ପି.ୟୁ.ସି. ଏଲ୍, ରିପୋର୍ଟ, ଭୁବନେଶ୍ୱର**

**ବିସ୍ଥାପିତ :**

୧୯୯୭ ମସିହାରେ ପ୍ରଥମ କରି ଇସ୍ପାତ କମ୍ପାନୀମାନେ ଜମି ଅଧିଗ୍ରହଣ କଲେ । ନୀଳାଚଳ ଇସ୍ପାତ, ମେସ୍କୋ ଓ ଜିନ୍ଦଲ ଦ୍ୱାରା ବିସ୍ଥାପିତମାନଙ୍କୁ ଜବରଦସ୍ତି ସ୍ଥାନାନ୍ତରିତ କରାଗଲା । ଗୋବରଘାଟୀ ଓ ତ୍ରିଜଂଗା କଲୋନୀକୁ । ବିସ୍ଥାପିତ ପୂର୍ବରୁ ଚାକିରି ଦାବିକରି ଲୋକେ ବିକ୍ଷୋପ ଓ ଧାରଣା ଦେବାରୁ ପୁଲିସ୍ ଲଗାଇ ୬୦ଜଣଙ୍କୁ ଗିରଫ କରାଗଲା ଏବଂ ବୁଲ୍‌ଡୋଜର ଲଗାଇ ସେମାନଙ୍କ ଘରଭଙ୍ଗା ହେଲା । ନୀଳାଚଳ ଇସ୍ପାତ ନିଗମଦ୍ୱାରା ୧୯୯୭ ରେ ବିସ୍ଥାପିତ ୬୩୯ ପରିବାର ମଧ୍ୟରୁ ମାତ୍ର ୧୮୨ ଜଣ ଚାକିରି ପାଇଥିବାବେଳେ ବାକିମାନେ କିଛିହେଲେ ସହାୟତା ରାଶି ପାଇନାହାଁନ୍ତି । ବିସ୍ଥାପିତ କଲୋନୀରେ ପ୍ରତ୍ୟେକଙ୍କୁ ଦିଆଯାଇଛି ମାତ୍ର ୧୦ ଡିସିମିଲି କରି ଜମି ଓ ଘରତିଆରି କରିବା ପାଇଁ ୧ ଲକ୍ଷ କରି ଟଙ୍କା ଦିଆଯାଇଛି ।

ଯେତେବେଳେ ବିସ୍ଥାପିତ ପରିବାର ମାନଙ୍କୁ ଆସାନୁରୂପ ନିଯୁକ୍ତି, ବାସସ୍ଥାନ, ଭୂମିଡିହ ବା ଅର୍ଥ ନମିଳିଲା ସେତେବେଳେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଦେଖାଗଲା ଅସନ୍ତୋଷ ୨୦୦୪ ରେ ପ୍ରଥମ ଥର ପାଇଁ ଗଠିତ ହେଲା 'ସୁକିନ୍ଦା ଉପତ୍ୟକା ଆଦିବାସୀ ହରିଜନ ଏକତା ପରିଷଦ' ଯାହା ପରବର୍ତ୍ତି ସମୟରେ 'ବିସ୍ଥାପନ ବିରୋଧୀ ଜନମଂଚକୁ ପରିବର୍ତ୍ତିତ ହେଲା ଏହି ଅଂଚଳରେ ହୋ ସାନ୍ତାଳୀ, ମୁଣ୍ଡା ଆଦି ଜନଜାତିର ଲୋକ ବାସ କରନ୍ତି । ଜନମଂଚ ଗଠନ ପରେ ୨୦୦୫ ରୁ ଆରମ୍ଭ ହେଲା ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ । ଶିଳ୍ପ ସଂସ୍ଥା ତରଫରୁ ହେଉଥିବା ଜମି ସର୍ଭେ, ଭୂମି ପୂଜା, ପାଚିରି ନିର୍ମାଣ, ଜମି ସମତଳ କାର୍ଯ୍ୟକୁ ସଂଘବଦ୍ଧ ଭାବେ ଧାରଣା, ବିକ୍ଷୋଭ, ଶୋଭାଯାତ୍ରା ଇତ୍ୟାଦି ଜରିଆରେ ବିରୋଧ କରିବାକୁ ଲାଗିଲା । ଆନ୍ଦୋଳନର ୧୯୯୭ -୨୦୦୪ ଏବଂ ୨୦୦୪ ରୁ ଏପର୍ଯ୍ୟନ୍ତ ଏହିଭଳି ଭାବରେ ଦୁଇଗୋଟି ପର୍ଯ୍ୟାୟରେ ଭାଗ କରାଯାଇପାରେ ।

କବିତା ସାହିତ୍ୟରେ ଏକ ଆହ୍ୱାନ । ଯେ କୌଣସି ଏକ ଆନ୍ଦୋଳନ ବଂଚି ରହିବା ପାଇଁ ତାର ମଂଚ, ସଭା, ସଦସ୍ୟ ଯେଉଁଭଳି ଜରୁରୀ ହୋଇଥାଏ । ତାର ସାହିତ୍ୟ ମୁଖ୍ୟ ଭାବରେ ତାର କବିତା ଜରୁରୀ ମହେହୁଏ । କଳିଙ୍ଗନଗର ଏପରି ଏକ ଉତ୍‌ଥାନ-ପତନ ସମୟରେ ଅନେକ ସାହିତ୍ୟକ ନିଜର କଲମ ଚାଳନା କରିଥିଲେ । ମୁଖ୍ୟତଃ ଭାବରେ କବିମାନେ ଏହି ସ୍ୱରକୁ ତୀବ୍ର କରିଥିଲେ ।ନିମ୍ନରେ ଆମେ କିଛି ଏହି ସ୍ୱରମାନଙ୍କୁ ଦେଖିବା ।

ନୀଳାଚଳ ଇସ୍ପାତ ନିଗମ ପ୍ରତିଷ୍ଠା ପାଇଂ ୧୯୯୮ ରେ ବାସଚ୍ୟୁତ କଳିଙ୍ଗନଗର ବାସିନ୍ଦାଂକ ପାଇଁ ଗୋବରଘାଟିରେ ନିର୍ମିତ ହୋଇଥିଲା ପୁନର୍ବାସ କଲୋନୀ । ବିସ୍ଥାପନ ସମୟରେ କମ୍ପାନୀ ଓ ସରକାର ଯେଉଁ ଲୋଭନୀୟ ପ୍ରତିଶ୍ରୁତି ସବୁ ଦେଇଥିଲ ପରେ ତାହା ପାଳନ କରାଯାଇ ନଥିଲା । ଯଦିଓ କିଛି ଲୋକମାନଙ୍କୁ ଥଇଥାନର ବ୍ୟବସ୍ଥା କରାଯାଇଥିଲା । କିଛି ଲୋକମାନଙ୍କୁ ଚାକିରୀର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମାତ୍ର ତାହା ଆଶାନୁରୁପି ନୁହେ, ପରବର୍ତ୍ତି ସମୟରେ ଲୋକମାନଙ୍କୁ ଯେଉଁ ସ୍ଥାନକୁ ସ୍ଥାନନ୍ତର କରାଯାଇଥିଲା ତାହା ମଧ୍ୟ ନା ଚାଷ ଉପଯୋଗୀ ଥିଲା, ନା ଥିଲା ବାସଉପଯୋଗୀ । କମ୍ପାନୀର ଧୂଳି- ଧୂଆଁରେ କେତେ ଭବିଷ୍ୟତ ପୋତି ହୋଇ ପଡିଛି , କେତେ ଭବିଷ୍ୟତ ଲୋକ ଘର, ଗାଁ ସବୁ ଉଜୁଡିପଡିଛି କମ୍ପାନୀର ମାଟିତଳେ । କବି ହୃଷିକେଶ ମଲ୍ଲିକଙ୍କ କବିତା ଗୋବରଘାଟି -୧ ରେ କୁହନ୍ତି ଯେତେବେଳେ ଗୋବରଘାଟୀ ବାସିନ୍ଦାମାନେ କମ୍ପାନୀକୁ ପ୍ରଶ୍ନ ପଚାରନ୍ତି- ଦେଇଚି କମ୍ପାନୀ, କିଏ କହିଲା ଦେଇ ନାହିଁ / ଭିଟା ବୋଲି ଦେଇଚି / କେଇ ଡିସିମିଲି ଜମି, ଜମି ମଝିରେ / ବଗ- ଗୋଡିଆ ଖଣ୍ଡେ ଖପରଲି । ଘର ବୋଲି କହିଥିଲା ଦବ ଚାକିରି – ଦେଇଛି / ଚାକିରି ସାରା ଖାଲି ଭଂଗା - ପାହାଡ କ୍ରସର ଧୂଳି.........!! (ଜେଜେ ଦେଖିନଥିବା ଭାରତ, ପୃଷ୍ଠା-୫୩)

ବାପା ଅଜା ଅମଳର ଘର ଏବଂ ଡିହ ଯେଉଁଥିରେ ମଣିଷର ସ୍ୱପ୍ନ ଏବଂ ସମ୍ଭାବନା ଲାଗିରହିଥାଏ । ମାତ୍ର, ବିସ୍ଥାପିତ ପରେ ଯେଉଁ ଭୂମି-ଡିହ ମିଳେ ତାହା ରହିବା ଉପଯୋଗୀ ହୁଏ ନାହିଁ । ଚାଷ ଉପଯୋଗି ହୁଏ ନାହିଁ । ନାଁ ମାଟିର ଉର୍ବର ଥାଏ । ଉର୍ବର ଆଉ ଉପଯୁକ୍ତ ଚାଷ ଉପଯୋଗୀ ଜମି ପ୍ରତିବଦଳରେ ବନ୍ଧ୍ୟା ଜମି ଏହା କେବେ ହେଲେ ସ୍ୱୀକାର ଯୋଗ୍ୟ ନୁହେଁ । ଏ ଭଳିସ୍ଥଳରେ ବିସ୍ଥାପିତ ମଣିଷଟିଏ ପ୍ରଶ୍ନ ପଚାରିବ କାହାକୁ । ଆଉ ପ୍ରଶ୍ନର ପ୍ରିତିବଦଳରେ ଉତରରେ କମ୍ପାନୀ କୁହେ ସବୁ ଦେଇଛି, କିଛି ଅଧେଲୋକେ ଆଉ ବିନାଚାକିରିଆ ରୁହନ୍ତେ ନାହିଁ କି ଆଉ କିଛି ଅଧେ ଲୋକ ଗାଁ ରେ ଅବହେଳିତ ରୁହନ୍ତେ ନାହିଁ କି । କଥା ତ ସେତିକି କିଛି ଅଧେ ଲୋକ ସବୁଥିରୁ ବଂଚିତ ହେବେ ଯଦି ଜମି,ଡିହ, ଗାଁ କାହିଁକି ପ୍ରତିବଦଳରେ ନିଆଯିବା ବିକାଶ କେବଳ ବିନାଶକୁ କାହିଁକି ସ୍ୱୀକାର କରିବ ।

ଆଗେ ତରସି ଗଲେ / ପଛେ ହିମତ ଧରି କହିଲେ 'ଇୟେ କଣ, କୋଉ କାଳେ କୋଉ କଥା/ ବାଟ ଛାଡ୍ , ଗୋବରଘାଟୀ କମ୍ପାନୀ ହଁ କରିଥିଲା, ଘରଛଡାକୁ ତୋଳିଦବ ଘର, ତୋଳିଚି ନା ନାଇଁ ହଁ କରିଥିଲା କଟିକଟି ଛୁଆଁଙ୍କ ପାଇଁ ବସେଇବ ସ୍କୁଲ୍, ବସିଚି ନା ନାଇଁ ହଁ ଭରିଥିଲା କମ୍ପାନୀ ଦବ ଚାକିରି ଦେଇଚି ନା ନାଇଁ ! ହଁ ଭରିଥିଲା ବସିବ ଇଲାଜଖାନା ବସିଚି ନା ନାଇଁ । ଏମିତି ରେ କଣ ଧରନ୍ତା ନାଇଁ କାହାକୁ କାଶ, ଥଣ୍ଡା/ ଏମିତିରେ କଣ ବୁଲନ୍ତେ ନାଇଁ ବାଟଘାଟରେ, ଥୋକେ ବାନା-ଖାଉଡା (ଗୋବରଘାଟୀ ପୃ-୫୩)

ପ୍ରଗତିପଛରେ ଅନେକ ସାଧାରଣ ଲୋକମାନେ ବଳିପଡନ୍ତି । ଅନେକଲୋକମାନେ ବାସଚ୍ୟୁତ ହୁଅନ୍ତି । ଭିଟ୍ଟା, ଭୂଇଁ ଘର ସବୁ ଅପସରିଯାଏ । କାହାର ଚାରଣ ଭୂମି, କାହାର ଘର, କାହାର ଗୁହାଳ ପୁଣି କାହାର ବିଲ ସବୁ କମ୍ପାନୀର ପେଟର ଯାଏ । କଳିଙ୍ଗନଗର ଠାରେ କମ୍ପାନୀ ପାଇଁ ପ୍ରକଳ୍ପ ପ୍ରସ୍ତୁତି କରାଗଲା ପରେ ପ୍ରଥମେ ଜମି ଅଧିଗ୍ରହଣ ପାଇଁ ଲୋକମାନଙ୍କୁ ନୋଟିସ୍ କରାଯାଇଥିଲା, ଲୋକମାନେ ଧିରସ୍ଥିର ଭାବରେ ଭୂମି ନଛାଡିବାରୁ ଲୋକମାନଙ୍କୁ ଜୋର କରି ଜମି ଅଧିଗ୍ରହଣ ଆରମ୍ଭ କରାଯାଇଥିଲା । ଟ୍ରକ୍, କ୍ରେନ୍ ଏବଂ ବୁଲଡୋଜର ବ୍ୟବହାର କରାଯାଇ ଅଧିଗ୍ରହଣ ପାଇଁ ବଳପୂର୍ବକ ଚେଷ୍ଟା କରାଯାଇଥିଲା କବି ବିଜୟାନନ୍ଦ ସିଂହ 'କଳିଙ୍ଗ ନଗର' କବିତା ଶୀର୍ଷକରେ କୁହନ୍ତି – 'ଆମ୍ବାଗାଡିଆ'ରେ ପଂହଚିଲା ବେଳକୁ ନବବର୍ଷ ପଂହଚି ସାରିଥିଲେ ପୋଲିସ୍ ଗୋଟେ କଳାଦିନ ବାଂଟି ସାରିଥିଲା ନୋଟିସ୍ , ମାଟିଛାଡ/ କୁହା ସରିଛି ଏଠି ଲୁହାକଢରୁ ଇସ୍ପାତ ଫଳିବ, ଉଠ/ ଉଠାଇ ନେବାକୁ ଛିଡା ହୋଇଛି । ଟ୍ରକ୍, କ୍ରେନ୍, ବୋଲ୍‌ଡୋଜର, ଜିଲ୍ଲାପାଳ ଘର, ଗାଈ ଗୁହାଳ, ଦୋଫସଲି ବିଲ ଗାଁ/ମଣିଷ ପରି ଲାଗୁଥିବା ସେମାନଙ୍କ ଆକଳନ ଉଠିଯିବା (ପ୍ର.ଓ.କ- ପୃଷ୍ଠା-୩୧୯)

## ଆନ୍ଦୋଳନ ଏବଂ ପ୍ରତିବାଦ :

ଏହି ମର୍ମାନ୍ତୁଦ ଘଟଣାକୁ ପ୍ରତିରୋଧ କରି ଅନେକ ମଂଚ ଭିଟ୍ଟାମାଟି ସୁରକ୍ଷା ପାଇଁ ଆନ୍ଦୋଳନମାନ କରାଯାଇଥିଲା । କେବେ ସରକାରୀ ଚାପରେ କେବେ ଗୁଳିଗୁଳା ଦେଖାଇ ସ୍ଥାନୀୟ ଲୋକମାନଙ୍କୁ ଚୁପ୍ କରିଦିଆଯାଇଥିଲା । ଗୁଳିକାଣ୍ଡରେ ସେ ସମୟରେ ପ୍ରାୟ ୧୨ଜଣ ଆତ୍ମ ତ୍ୟାଗ କରିଥିଲେ । ଏବଂ ଅନେକ ଆଘାତ ମଧ୍ୟ ପାଇଥିଲେ । ଅନେକ ସାହିତ୍ୟିକ ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ଏହି ଆନ୍ଦୋଳନର ବହ୍ନି ଜାଳିଦେଇଥିଲା । କବି ବିଜୟାନନ୍ଦ ସିଂହଙ୍କ 'କଳିଙ୍ଗନଗର' କବିତା ଶୀର୍ଷକରେ ଲେଖନ୍ତି – ସେମାନେ ଲାଗୁଥିଲେ ମଣିଷ ପରି, କାହାର ନଥିଲା ପାପୁଲି ତ, କାହାର ନଥିଲା ପାଦ, ତଥାପି ଥମୁନଥିଲା ସେମାନଙ୍କ ରାଇଁଝାଇଁ ପ୍ରତିବାଦ ବେଳୁବେଳ ଖୁବ୍ ଲାଲ ଦିଶୁଥିଲା ରକ୍ତଓଦା ମାଟି ଆଉ ବିଛେଇ ପଡୁଥିଲା ସେମାନଙ୍କ ମୃଦ ଦେହରୁ ବୀରପଣ ବାଃ..... ବୀର୍ମାଟି କଳିଙ୍ଗନଗର......... ରକ୍ତ ଆଉ ରକ୍ତରେ ଯେତେ ଯେତେ ଗାଢ ହେଉଥିବ କଳିଙ୍ଗନଗର ମରଣର ମୂଲ୍ୟ ବଢୁଥିବ ପାଂଚଲକ୍ଷରୁ ପନ୍ଦର ପର୍ଯ୍ୟନ୍ତ ସତେ ସେତେ ସମବେଦନାରେ ଫାଡିପଡୁଥିବ ଟିଭି, ଖବରକାଗଜ, ଧୃତରାଷ୍ଟ୍ରମାନଙ୍କ ଦେଶ..... ମୁହଁର ମିଛ ଉଦାସ ହାୟ କଳିଙ୍ଗ ନଗର, ହାୟ, ଜନମଂଚ, ବିଦାୟ ବିଦାୟ ! (କଳିଙ୍ଗ ନଗର, ପ୍ରଗତିଶୀଳ ଓଡିଆ କବିତା, ପୃ-୩୨୦)

କଳିଙ୍ଗନଗରରେ ଶାସନ ପ୍ରଶାସନ ବିରୋଧରେ ହୋଇଥିବା ଆନ୍ଦୋଳନର ପ୍ରଭାବଥିଲା କ୍ଷିପ୍ର । ସହିଦ୍ ହୋଇଥିବା ଲୋକଙ୍କ ଠାରୁ ଆରମ୍ଭକରି ସାଧାରଣ ଲୋକମାନଙ୍କ ପାଇଁ ମଧ୍ୟ ଏହା ବହୁତ କ୍ଷୟକ୍ଷତି ତଥା ଦାଉ ସାଧିଥିଲା । ସ୍ଥାନୀୟ ଅଧିକାରୀମାନଙ୍କୁ ଯେତେବେଳେ ବ୍ୟବସ୍ଥା ବିଷୟରେ ପଚାରାଯାଏ । ଏମାନଙ୍କର ପାଟି ଚୁପ ହୋଇଯାଏ । କବି ସୁବ୍ରତ ଜେନାଙ୍କ 'କଳିଙ୍ଗ ନଗର ଅଧିକାରୀ ମହୋଦୟ' ରେ କୁହନ୍ତି –

"ଆମ ବଂଚିଲା ଲୋକଙ୍କର ବି ପାପୁଲି ନାଇଁ ଆଙ୍ଗ୍ଳା, ଠିକ୍ ଗଜୁରିଲା ବେଳକୁ ପ୍ରତି ପାଂଚ ବର୍ଷରେ ଦୁଇ ତିନିଥର କରି କାଟି ନିଆ ହେଉଛି, ବାବା ! ଅବସ୍ଥା ଗଲାଣି ହୁଗୁଳି ଅଧିକାରୀ ମହୋଦୟ ଏ ଲାସଂକ ପଚାପାପୁଲି କାଚବମରେ ଧରି ଠିଆ ହେଲେ କଣ ହେବ ।" (କଳିଙ୍ଗ ନଗର ଅଧିକାରୀ ମହୋଦୟ, ଶ୍ରେଷ୍ଠ କବିତା ଉତର ପର୍ବ ପୃଷ୍ଠା- ୩୧୬)

ନବେ ଦଶକର ଭାରତ ଶିଳ୍ପର ଭାରତ, ଅର୍ଥର ଭାରତ, ଗାଁ ଗାଁ ସବୁ ସହର ରେ ବଦଳୁଛି, ବଜାର –କଳକାରଖାନା ସବୁ ଚାଷ ଭୂମିର ସ୍ଥାନ ନେଇଛି । ପୀଢିଗତ ବିବାଦ (Generational Conflicts ) ମଧ୍ୟ ଆଖି ଆଗକୁ ଆସୁଛି । ପୁରୁଣା ମଣିଷ ମାଟି ପ୍ରେମି ହେଲା ବେଳେ, ନୂତନ ପୀଢି ପ୍ରଗତି ପୁଂଜି ଏବଂ ଅର୍ଥ ଆଗରେ ସାଧାରଣ ଲୋକର ସବୁ ଇଚ୍ଛା, ଆକାଂକ୍ଷା ଏବଂ ସ୍ୱପ୍ନ ମୁଣ୍ଡନୁଆଁଏ, ଆଂଠୁ ଭାଙ୍ଗେ । ଓଡିଶା ଏକ ପ୍ରାକୃତିକ ସମ୍ବଳରେ ଭରା ରାଜ୍ୟ । ସେହି ସ୍ଥଳେ ଏହା ଏକ ଚାଷ ପ୍ରଧାନ ରାଜ୍ୟ ମଧ୍ୟ । ମଣିଷ ସଚେତନ ନୁହେଁ ତାର ଆଗତ ଭବିଷ୍ୟତ ପାଇଁ କୃଷି ଏବଂ ଚାଷ ଦେଶର ମେରୁଦଣ୍ଡ, ଚାରଣ ଭୂମିରୁ ଯଦି ଲୁହା ପଥର କଢାଯିବ

ତାହାଲେ ଆମେ ଖାଇବା କଣ , ରହିବା କେଉଁଠାରେ, ଯିବା କେଉଁଆଡେ । ଚାଷକରି ଖଟି ଖାଉଥିବା ସ୍ୱରକୁ କବି ପୁଣି କୁହନ୍ତି- ' ସତ ଆଜ୍ଞା, ସତ ଶିଳ୍ପ ହିଁ ଶିଳ୍ପୀ ଆମ ବିକାଶଶୀଳ ଦେଶ ପ୍ରଗତି ଘୋଡା କଳିଙ୍ଗ ନଗରରୁ ହିଁ ଛୁଟିବ ଚାଷ ବାସରେ କି ଲାଭ । ଆମଦ୍ୱାରା ଲଙ୍ଗଳ ଧରି ହେଉନି, ଛାଡିଦେଲୁ ଘରବାଡି ବି ସଫା ହେଉ ହବ ଶିଳ୍ପ । (ତତ୍ରୈବ ପୃ-୩୧୬) ଯେଉଁ ଲୋକଟିର ସମ୍ବଳ ଚାଷ, ଯିଏ ହଳକରି ବଂଚେ ତାର ଘରବାଡି ଯେବେ ଉଠାଇ ଦିଆଯାଏ, ଲୋକଟି ହୁଏ ଅସହାୟ, ନିଃସହାୟ, ଅର୍ଥସର୍ବସ୍ୱ ମଣିଷ ଆଖିରେ ଅନ୍ଧପୁଟୁଳି ବାନ୍ଧିପକାଇଛି । ବିକଳ୍ପ ପନ୍ଥା ଆପଣାଇବା ପାଇଁ ସେ ସ୍ୱୀକାର କରୁନାହିଁ । ବିକଳ୍ପର ପନ୍ଥାଟି ହୁଏତ ଏକପାଖିଆ ବିଚାର ନହୋଇ ଉଭୟ ପାଖିଆ ହୋଇପାରିବା । ସମସ୍ତଙ୍କର ସ୍ୱାର୍ଥକୁ ଆଖିଆଗରେ ରଖି ଏହା ସୂଚାରୁ ରୂପେ ସଫଳ ହୋଇପାରନ୍ତା । ମାତ୍ର ମଣିଷ ନିଷ୍ଟେ ସ୍ୱାର୍ଥ ସର୍ବସ୍ୱ ହୋଇଯାଉଛି । ପ୍ରାଥମିକ ପର୍ଯ୍ୟାୟରେ ଯଦି ପ୍ରତିଶୃତି ଦିଆଯାଇଛି ବିକାଶର ପ୍ରତିବଦଳରେ ବିକାଶ ସେ ପ୍ରତିଶୃତିକୁ ରକ୍ଷାକରିବା । ଯେ କୌଣସି ମଣିଷର କର୍ତବ୍ୟ । ମାତ୍ର ତାହା ପୂରଣ ହେଉଥିବା ପ୍ରସଂଗ ଆଖିଦୁଶିଆ ହୁଏ ନାହିଁ । କବି ପୁଣି କୁହନ୍ତି-

ଆମଦ୍ୱାରା ଲଙ୍ଗଳ ଧରି ହଉନି / ଛାଡି ଦେଲୁ ଘରବାଡି ବି ସ'। ହେଉ ହବ ଶିଳ୍ପା ହେଲେ ଅଧିକାରୀ ମହୋଦୟ/ ଆମର କାହାର ଗୋଟେ ବି ପାପୁଲି ନାହିଁ ମଲା ଲୋକଙ୍କର କାଚ ବମ୍ ରେ ପଚିଯାଇଛି । ବଂଚିଲା ଲୋକଙ୍କର ବି ନାଇଁ , ଠିକ୍ ଗଜୁରିଲା ବେଳକୁ ପ୍ରତିପାଂଚ ବର୍ଷରେ ଦୁଇ ତିନିଥର କରି କାଟି ନିଆ ହେଉଛି । (ଶ୍ରେଷ୍ଠ କବିତା ଉତର ପର୍ବ, ପୃଷ୍ଠା- ୩୧୭)

୨ ଜାନୁୟାରୀ ୨୦୦୬ ତାରିଖ ଦିନ ପ୍ରକଳ୍ପ ସ୍ଥାନରେ ଟାଟା କମ୍ପାନୀ ଭୂମି ସମତଳ କାମ ଆରମ୍ଭ କଲେ । କଲେକ୍ଟର , ଏସ୍‌ପି ସମେତ ଜିଲ୍ଲାର ପଦସ୍ଥ ଅଧିକାରୀମାନେ ସେଠାରେ ଉପସ୍ଥିତ ଥିଲେ । ପ୍ରତିବାଦ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକ ଏକଜୁଟ ହେଲେ, ମହିଳା ଓ ପିଲା ସମେତ ୩୦୦-୪୦୦ ଲୋକ ଥିଲା । ପୁଲିସ୍ ଏବଂ ସ୍ଥାନୀୟ ଲୋକଙ୍କ ଭିତରେ ବିଶୃଙ୍ଖଳା, ଝଗଡା ଫଳରେ ପୁଲିସ ଗୁଳିଚାଳନା କରିଥିଲେ ଜଣେ ପୁଲିସ୍ ମୃତ ଓ ଚାରିଜଣ ଆହାତ ୧୨ଜଣ ଆଦିବାସୀ ମୃତ ଓ ୩୭ଜଣ ଆହାତ । ଏହି ପୃଷ୍ଠ ଭୂମିରେ କବି ହୁସେନ୍ ରବିଗାନ୍ଧୀ 'ଭିଟାମାଟିର ଭୂଗୋଳରେ ମୃତ୍ୟୁର ମାନଚିତ୍ର' କବିତା ଶିର୍ଷକରେ କୁହନ୍ତି- ରାଷ୍ଟ୍ରୀୟ ସମୃଦ୍ଧିର ଭୂଗୋଳ ପୃଷ୍ଠାରେ ଅଙ୍କା ଯାଉଥିବା ଅଳକାପୁରୀର ଶିଳ୍ପ ନଗରୀର ମାନଚିତ୍ର ପାଇଁ ଲହୁର ରଂଗଭିଜା ତୂଳୀକୁ ଟୋଳୀଧରି ଭୋକିଲା ମଣିଷ ମୃତ୍ୟୁର ମାନଚିତ୍ର ପାଲଟି ଯାଇଛି । କଳିଙ୍ଗ ନଗ୍ରରେ ଏବେ କୁବେରଙ୍କ କଳ୍ପଲୋକ ପାଇଁ ଶଶ୍ମାନର ସମାଧି ସବୁ ସମ୍ମାନ ଜଣାଉଛନ୍ତି । କଙ୍କାଳର ରୋଶଣି ଓ ମରଣର ମଶାଲ ଜାଳି ପ୍ରଗତିର ନବବର୍ଷ ପାଳନ ପାଇଁ/ ମଣିମାଙ୍କର ଆଜ୍ଞା ଅନୁସାରେ (ପ୍ରଗତିଶୀଳ ଓଡିଆ କବିତା, ପୃ-୧୪୫)।

ମଣିଷ ଅସହାୟ ହୁଏ ବେଳେବେଳ ସମୟ ଆଗରେ, ଧର୍ଯ୍ୟହରା ହୁଏ ପ୍ରଶାସନ ଆଗରେ, ଅଥର୍ବ ଏବଂ ପଙ୍ଗୁ ପାଲଟି ଯାଏ । ବିସ୍ଥାପନ ବିରୋଧରେ ତଥା ଥଇଥାନ ବିରୋଧରେ ଅନେକ ଦିନ ଯାଏଁ ସ୍ଥାନୀୟ ଲୋକମାନେ ଆନ୍ଦୋଳନ କରିଚାଲିଥିଲେ । କବି ସୌଭାଗ୍ୟବନ୍ତ ମହାରଣା ଙ୍କ କବିତା 'ବିସ୍ଥାପିତର ଭାଗ୍ୟ' କବିତା ପ୍ରସଂଗରେ କୁହନ୍ତି – କଳିଙ୍ଗ ନଗର ମାଟି ରକ୍ତରେ ଜୁଡୁସୁଡୁ କଟାହାଡର ପାପୁଲିରେ କପାଳର ଝାଳ ପୋଛିବାକୁ ଆଉ ମିଳିବନି ଭାଗ୍ୟର ଗଣନା ଜ୍ୟୋତିଷର ଭବିଷ୍ୟତ ବଖାଣ ଭୁଲ୍ ପାଲଟିବ । ହାତକୁ ହାତ ମିଳାଇ ଭଂଗା ହୃଦୟ ଯୋଡିବାକୁ ଅନ୍ୟାୟ ବିରୁଦ୍ଧରେ ଯୁଝିବାର ସମ୍ଭାବନା (ବିସ୍ଥାପିତର ଭାଗ୍ୟ ପୃଷ୍ଠା- ୩୭୭) ସ୍ୱାଧିନତା ମଣିଷର ଜନ୍ମଗତ ଅଧିକାର । ସ୍ୱାଧିନ ଭାବରେ ନିଜକଥା କହିବାର ଅଧିକାର ଭାରତୀୟ ସମ୍ବିଧାନ ସମସ୍ତଙ୍କୁ ଦେଇଅଛି । ମାତ୍ର ଏଠାରେ ବଂଚିବା ପାଇଁ ଦାବି କରିବା ଅପରାଧ / ବାସହରା ମାନଙ୍କୁ କେବଳ ବୈକୁଣ୍ଠ ପ୍ରାପ୍ତିର ସୁଯୋଗ ଦେଇ ଅପରାଧକୁ ମାର୍ଜନା କରିବାପାଇଁ ସରକାର ସଦୟ ହୁଅନ୍ତି । ଦେଶ ଆଗେଇବ କିନ୍ତୁ କେଉଁ ବିନିମୟରେ, ଶିଳ୍ପସମୃଦ୍ଧି ହେବ ହେଲେ ଏହାର ପରିଣାମ କଣ । ବଣରେ ରହୁଥିବା ନିରିହ ଆଦିବାସୀ ଏହାର ପଛରେ ବଳି ପଡିଯିବେ । ପ୍ରଶ୍ନ ବଡ ବିଡମ୍ବିତ, ଯେଉଁ ଆଦିବାସୀ ବନବାସୀ ପାଖରେ ପ୍ରାଚୁର୍ଯ୍ୟ ର ଅର୍ଥ କଣ ? ଯେଉଁ ମଣିଷ ୨ଓଳି ୨ ମୁଠା ଖାଇବା ପାଇଁ ସଂଘର୍ଷ କରୁଛି, ସେ ଶିଳ୍ପ ଆଉ ସମୃଦ୍ଧିର ମାନେ କଣ ହିଁ ବୁଝିବ ? ଶିଳ୍ପର ସମୃଦ୍ଧି ପାଇଁ ବଳି ପଡୁଛି ବନବାସୀ ଏକା କେବଳ ଦିନଦିନ ଧରି ଅବହେଳାରୁ ଯାତ କ୍ରୋଧାମଣିମାନଙ୍କର ଜୟଗାନ ହୁଏ ସାଧାରଣ ମଣିଷମାନଙ୍କର ମୁର୍ଦ୍ଧାର ଉପରେ । କବି ପୁଣି କୁହନ୍ତି –

"ଲୁହରେ ଲେଖା ହେଉଛି ଲୁହର ମହାକାବ୍ୟ- ଶିଳ୍ପର ସମୃଦ୍ଧି ପାଇଁ ବଳି ପଡୁଛି ବନବାସୀ ମାଟିର ମମତାରେ ବନ୍ଧା ନିର୍ବୋଧ ନିରନ୍ନମାନଙ୍କୁ ପ୍ରାଚୁର୍ଯ୍ୟର ପ୍ରାଚୀର ଘେରା ଶ୍ମଶାନରେ ଶୋଇବାକୁ ହେବ ଓ ସିଂହାସନର ସୁରକ୍ଷା ପାଇଁ କୁବେରଙ୍କ ସିନ୍ଧୁକକୁ

ସର୍ବଦା ଖୋଲାରଖିବାକୁ ହେବ । ମଣିମାଙ୍କ ଜୟ ପାଇଁ ମାଟିର ମଣିଷକୁ ମରଣର ବରଣାମାଳା ପିନ୍ଧିବାକୁ ହେବାକୁ କୁବେରଙ୍କ ରକ୍ଷାକବଚ ସାଜି ମଣିମାଙ୍କ ବଳିର ବିନିମୟରେ ଦିଗ୍ ବିଜୟୀ ମଣିମାଙ୍କର ଜୟ ହେଉ ମଣିଷଙ୍କର ମୁର୍ଦ୍ଧାର ଉପରେ ଭିଟାମାଟିର ଭୂଗୋଳରେ ଅଙ୍କିତ ହେଉଛି ଆଜି / ମରଣର ମାନଚିତ୍ର ଆତ୍ମତ୍ୟାଗର ଅଲିଭା କାଳୀରେ ।" (ଭିଟାମାଟିର ଭୂଗୋଳରେ ମୃତ୍ୟୁର ମାନଚିତ୍ର ପୃଷ୍ଠା- ୧୪୬)

ଓଡିଶାର ବନାଂଚଳ ସବୁ ପ୍ରାକୃତିକ ସମ୍ପଦରେ ଭରା, ମାତ୍ର ସବୁ ମାଟି, ଜଙ୍ଗଲ, ଶିଳ୍ପ ସମୃଦ୍ଧି ପାଇଁ ଯଦି ବ୍ୟବହାର କରାଯିବ ତାହା ଧିରେ ଧିରେ ପ୍ରାକୃତିକ ଅବକ୍ଷୟରେ ପହଂଚିବ । ସ୍ୱପ୍ନ ଆଉ ସମ୍ଭାବନା ଦୁଇପାଖରେ କଥା ପାଇଁ ଆମେ ବିଚାର କରିବା ଜରୁରୀ ଏହିଭଳି ମନେ ହୁଏ । ନହେଲେ ଧ୍ୱଂସ ହେବ । ନୁତନ ପୀଢ଼ିପାଇଁ ସବୁ ଠାରୁ ବିପଦପୂର୍ଣ୍ଣ ଏବଂ ଚିନ୍ତାର ବିଷୟ । ଗୋଟିଏ ଯୋଜନା ବଦ୍ଧ ଭାବରେ ଉନ୍ନତି ଓ ଉଦ୍ୟୋଗକୁ ସମ୍ମତି କରିବା ସହିତ ଚାଷ ଜମି ରହିବା ପାଇଁ ଭୂମି ଇତ୍ୟାଦି ଘଟଣା ପ୍ରତିମଧ ସଚେତନ ହେବାକୁ ପଡିବ । ବିକାଶ ସାଧାରଣ ମଣିଷ ପାଇଁ କରାଯାଇଛି, ଯେଉଁଥିରେ ସାଧାରଣ ମଣିଷ ହିଁ ଅଗ୍ରାଧିକାର ପାଇବା ଜରୁରୀ ମନେହୁଏ । ସେହି ସାଧାରଣ ମଣିଷ କଥାକୁ ଯଦି ମୁଁ ଭୁଲିଯାଇ ତାର କଥାକୁ ପଛରେ ପକାଇଦେଇ ବିକାଶ କଥା ଚିନ୍ତା କରାଯିବ, ତେବେ ତାହା ସମୟ ସମୟରେ କନ୍ଦଳର ସମ୍ମୁଖିନ ହେଉଥିବା । ତେଣୁ ଉଭୟ ପାଖିଆ ହୋଇ ଚିନ୍ତା କରିବା, ସମସ୍ତଙ୍କର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଏହି ବିକାଶର ମୂଳ ମେରୁ ହେଲେ ଦେଶର ସର୍ବାଙ୍ଗ ଉନ୍ନତି ହୋଇ ପାରିବା ।

## ସହାୟକ ଗ୍ରନ୍ଥସୂଚୀ :


୧. କଳିଙ୍ଗନଗର ଗୁଳିକାଣ୍ଡ ପି.ୟୁ.ସି.ଏଲ୍ ରିପୋର୍ଟ, ଭୁବନେଶ୍ୱର

୨. ଉପାଧ୍ୟାୟ ବିଜୟ (ସଂ), ଓଡିଶାର ଜନଆନ୍ଦୋଳନ (ଜୀବନ ଓ ସଂଗ୍ରାମର ଦ୍ୱିତୀୟ ପ୍ରସ୍ଥ), ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ଶ୍ରୀକଣ୍ଠପୁର, ବାଲେଶ୍ୱର, ପ୍ରଥମ ପ୍ରକାଶ –୨୦୧୩

୩. ମହାରଣା ସୌଭାଗ୍ୟବନ୍ତ, କବିତା ସମଗ୍ର, ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ପ୍ରଥମ ପ୍ରକାଶ-୨୦୨୧

୪. ମଲ୍ଲିକ ହୃଷୀକେଶ, ଜେଜେ ଦେଖିନଥିବା ଭାରତ, ପ୍ରବାହ, ଗୋବିନ୍ଦପର, ଜାହାନପୁର, ଦେବୀଦ୍ୱାର, ଯାଜପୁର, ପ୍ରଥମ ସଂସ୍କରଣ-୨୦୧୫

୫. ରବିଗାନ୍ଧୀ ଡକ୍ଟର (ସଂ) ପ୍ରଗତିଶୀଳ ଓଡିଆ କବିତା, ଓଡିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪, ପ୍ରଥମ ପ୍ରକାଶ-୨୦୦୯

୬. ରବିଗାନ୍ଧୀ ଡକ୍ଟର ହୁସେନ (ସଂ) –ଶ୍ରେଷ୍ଠ କବିତା (ଉତର ପର୍ବ –୨୦୧୪), ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ- ୨୦୧୪ ।


❖ ❖ ❖

DOI : https://doi.org/10.5281/zenodo.18185573

ମୂଳ ପ୍ରବନ୍ଧ

# ଗୌରହରି ଦାସଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱ

**କାଇଁଚଲତା ମଲିକ**

**ସଂକ୍ଷିପ୍ତସାର :**

ବିଶ୍ୱକର୍ତ୍ତାଙ୍କ ଅନେକ ସୃଷ୍ଟି ମଧ୍ୟରେ ସମଗ୍ର ସଂସାର ପାଇଁ ନାରୀ ଏକ ବରଦାନ ସଦୃଶ । ନାରୀ ବିନା ସୃଷ୍ଟି ଅସମ୍ପୂର୍ଣ୍ଣ ଓ ଅସମ୍ଭବ, ତେଣୁ ସଂସାର ପାଇଁ ଉଭୟ ପୁରୁଷ ଓ ନାରୀ ପ୍ରକୃତି ଓ ପୁରୁଷ ଭାବେ ବିଦ୍ୟମାନ । ମାତ୍ର ସମାଜ ନାରୀକୁ ପୁରଷ ପରି ସ୍ୱାଧିନତା ପ୍ରଦାନ କରିନି, ନାରୀ ମନସ୍ତତ୍ତ୍ୱ ପାଇଁ ଏହା ଏକ ପ୍ରମୁଖ କାରଣ । ପରିବାର ହେଉ ଅବା ସମାଜ କେଉଁଠି ବି ସେ ସ୍ୱାଭିମାନର ସହ ସ୍ୱାଧୀନ ଭାବେ ବଞ୍ଚି ପାରେନି । ସମାଜ ତାକୁ ବିଭିନ୍ନ ଆଳରେ ଛନ୍ଦି ଦେଇଛି, ତେଣୁ ତା ମନରେ ଅନେକ ଦ୍ୱନ୍ଦ ଓ ଅସମାହିତ ପ୍ରଶ୍ନ, ଯାହା ତା'ର ମନକୁ ଜଟିଳ କରିଦିଏ । ମାନସିକ ସ୍ତରରେ ସେ ସର୍ବଦା ଏକ ଅନ୍ୟଦୁନିଆରେ ବିଚରଣ କରୁଥିବାରୁ ବାସ୍ତବ ଦୁନିଆ ପାଇଁ ସେ ଅବୋଧ ହୋଇପଡ଼େ । ତା'ର ଇଛା, କାମନା , ଖୁସି ଯାହା ସେ ପ୍ରକାଶ କରିପାରେନି କି ପୂରଣ କରିପାରେନି ତାହା ତା ମନତଳେ ଚାପିହୋଇ ରହୁଥିବାରୁ ତାହା ତା'ର ବ୍ୟବହାରରେ ପ୍ରକାଶ ପାଏ । ତେଣୁ ସେଠାରେ ମନସ୍ତତ୍ତ୍ୱ ହେଉଛି ନାରୀର ସେହି ବ୍ୟବହାରର ବିଜ୍ଞାନଗତ ଅଧ୍ୟୟନ । ନାରୀ ସ୍ୱାଧିନଭାବେ ସ୍ୱାଭିମାନର ସହ ସୁଖରେ ବଞ୍ଚିବାର ଏକ ମାତ୍ର ବାଧକ ପୁରୁଷ ନୁହେଁ ଯାର ଅନ୍ତରାଳରେ ଅନେକ କାରଣ ରହିଛି । ସେହିପରି ଜଣେ ପୁରୁଷ ସ୍ରଷ୍ଟା ହେଉଛନ୍ତି ଗୌରହରି ଦାସ, ଯିଏ ତାଙ୍କ ଗଳ୍ପ ମାଧ୍ୟମରେ ନାରୀ ମନର ସେଇ ଅପ୍ରକାଶ୍ୟ ମରମକୁ ବୁଝି ତାକୁ ଉପର୍ଯ୍ୟୁକ୍ତ ନ୍ୟାୟ ଦେବା ।

**ପ୍ରମୁଖ ଶବ୍ଦାବଳୀ :**

ନାରୀ, ମନସ୍ତତ୍ତ୍ୱ, ଗଳ୍ପ, ସିଗମଣ୍ଡ ଫ୍ରଏଡ୍, ଉଦ,ଇଗୋ, ସୁପେର ଇଗୋ ।

## ବିଷୟ :

ସାହିତ୍ୟର ଅନ୍ୟ ବିଭାଗ ପରି ଗଳ୍ପ ହେଉଛି ଏକ ମନୋରମ ଏବଂ ରୁଚିଶୀଳ ବିଭାଗ । ଏଯାବତ୍ ବହୁ ସ୍ରଷ୍ଟା ଗଳ୍ପ ରଚନା କରି ଏ ଦିଗରେ ନିଜର ପରଙ୍ଗମତା ପ୍ରଦର୍ଶନ କରିଆସିଛନ୍ତି । ଓଡ଼ିଆ ଗଳ୍ପ ସାହିତ୍ୟ ରାଜ୍ୟରେ ଗୌରହରି ଦାସ ଜଣେ ଅପ୍ରତିଦ୍ୱନ୍ଦୀ ଯୋଦ୍ଧା । ଗଳ୍ପ ବିଭାଗରେ ଦୀର୍ଘ କାଳ ଧରି ମସି ଚାଳନା ହିଁ ତା'ର ପ୍ରମାଣ ବହନ କରେ । ଉଭୟ ଥିମ୍ ଏବଂ ଶୈଳୀ ଦୃଷ୍ଟିରୁ ଗାଳ୍ପିକ ଜଣେ ସ୍ୱଷ୍ଟବାଦି ଭାବେ ନିଜକୁ ଉପସ୍ଥାପନ କରିଆସିଛନ୍ତି । ତାଙ୍କ ଅବିରତ ମସି ଚାଳନାର ଯାଦୁଗରି ସ୍ପର୍ଷରେ ରୂପ ପାଇଛି ଅନେକ ସୌକୁମାର୍ଯ୍ୟ ସୃଷ୍ଟି ସମ୍ଭାର । ତନ୍ମରୁ ଉଙ୍କା' (୧୯୮୧), 'ଆଖଡ଼ା ଘର'(୧୯୮୯), 'ସ୍ୱପ୍ନ ପାଇଁ ରାତିକାହିଁ' (୧୯୯୧), 'ଭରତବର୍ଷ (୧୯୯୪), 'ମାଟି କଣ୍ଢେଇ'(୧୯୯୫), 'ପୁନରାବୃତ୍ତି' (୧୯୯୫),

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.18185573
Article No - BPP00364

**ଯୋଗାଯୋଗ :**
**କାଇଁଚଲତା ମଲିକ,** ଗବେଷିକା
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,ସମ୍ବଲପୁର
**Email :** Khushimalik2339@gmail.com
**ORCID ID :** https://orcid.org/0009-0006-5791-2723

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମଲିକ, କାଇଁଚଲତା; ୨୦୨୫ । ଗୌରହରି ଦାସଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା :୨୦-୨୫ ।

'ଶେଷ ବାଜି' (୧୯୯୭), 'ମାୟା' (୧୯୯୮), 'ଘର' (୨୦୦୦) ଆଦି ପ୍ରମୁଖ । ଉକ୍ତଗଳ୍ପ ସଂଙ୍କଳନରେ ସ୍ଥାନିତ ଗଳ୍ପ ଗୁଡ଼ିକ ସମାଜରେ ନିଚ୍ଛକ ବାସ୍ତବତାକୁ ପ୍ରକାଶ କରିବା ସହ ବହୁଧା ଦିଗକୁ ଉଭାଷିତ କରିଛି । ମାତ୍ର ଏଠାରେ ଉକ୍ତ ପ୍ରବନ୍ଧଟିର ଉଦ୍ଦେଶ୍ୟ ହେଉଛି ଡ. ଦାସଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱର ପ୍ରତିଫଳନକୁ ଆଲୋଚନା ପରିସର ଭୁକ୍ତ କରିବା, ତେଣୁ ଗଳ୍ପରେ ନାରୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ପୂର୍ବରୁ ନାରୀ ମନସ୍ତତ୍ତ୍ୱ ସମ୍ପର୍କରେ ସମ୍ୟକ୍ ଧାରଣ ରଖିବା ଏଠାରେ ଉଚିତ୍ ମନେ ହୁଏ ।

ଇଶ୍ୱରଙ୍କର ଏହି ସୃଷ୍ଟିରେ ପୁରୁଷ ନାରୀ ଭେଦରେ ସମସ୍ତଙ୍କର ମନଟିଏ ଅଛି ଏବଂ ତଦନୁଯାୟୀ ମାନସିକତା ମଧ୍ୟ ରହିଛି । ସଂସାର ପାଇଁ ଉଭୟଙ୍କର କର୍ତ୍ତବ୍ୟ ଏବଂ ଭୂମିକା ରହିଛି । ତାହେଲେ କାହିଁକି ସମାଜ ନାରୀର ମନକୁ ବୁଝିବାରେ ଏତେ ହେଳା କରେ ଏବଂ ତାକୁ ରହସ୍ୟମୟୀ ଓ ଛଳନାକାରୀର ମୁଖା ପିନ୍ଧାଏ ! ବାସ୍ତବରେ କ'ଣ ଏ ସମାଜ ନାରୀର ମନକୁ ବୁଝି ପାରେ ? ଏତତ୍‌ବ୍ୟତୀତ ଗଳ୍ପ,କବିତା ଉପନ୍ୟାସ ଏସବୁ ସୃଷ୍ଟିରେ ନାରୀକୁ ହିଁ ଏତେ ଚର୍ଚ୍ଚା କରାଯାଏ କ'ଣ ପାଇଁ ? ପୁରୁଷ ତ ନାରୀ ତୁଳନାରେ ସେତେ ମାତ୍ରାରେ ଚର୍ଚ୍ଚାର ଉପାଦାନ ସାଜେନି ! ତେବେ ଜଣେ ମନସ୍ତତ୍ତ୍ୱବିଦ୍ ହିଁ ଏସବୁର ଉତ୍ତର ଦେଇପାରେ । ଗଳ୍ପିକ ଗୌରହରି ଦାସ ହେଉଛନ୍ତି ସେହିପରି ଜଣେ ମନସ୍ତତ୍ତ୍ୱବିଦ ପ୍ରାଣ ସ୍ରଷ୍ଟା, ଯିଏ ନାରୀ ଏବଂ ତା'ର ମନକୁ ଏତେ ଅନ୍ତରଙ୍ଗ ଭାବେ ବୁଝିଛନ୍ତି । ନାରୀ ମନସ୍ତତ୍ତ୍ୱକୁ ନେଇ ଅନେକ ଗଳ୍ପ ରଚନା କରାଯାଇଛି ଏ ଦିଗରେ ନାରୀ ଲେଖିକାମାନେ ଅଧିକ ମାତ୍ରାରେ କ୍ରିୟାଶୀଳ ଥିବା ଦେଖାଯାଏ । ଗାଳ୍ପିକ ଗୌରହରି ଦାସ ଏହାର ଏକ ବ୍ୟତିକ୍ରମ, ଜଣେ ପୁରୁଷ ସ୍ରଷ୍ଟା ହୋଇ ସେ ତାଙ୍କ ଗଳ୍ପ ଗୁଡ଼ିକରେ ନାରୀ ମନକୁ ନେଇ ଅତି ଚମତ୍କାର ଚିତ୍ରଣ କରିଛନ୍ତି । ତାଙ୍କ ରଚିତ 'ମାୟା' ଓ 'ଘର' ସଙ୍କଳନ ଗଳ୍ପ ଗୁଡ଼ିକ ଯଥା – 'ମିଶାଣ ଫେଡ଼ାଣ' 'ଚାରୁଲତା' ନିଜ ସହ ଲୁଚକାଳି', 'ଅପେକ୍ଷା', 'ପିଲାଖେଳ', 'ଉଧାର ମା', 'ମୂଷା ଓ ଠେକୁଆ', ପଞ୍ଜୁରୀ, 'ଉର୍ମିଳା', 'ପୁଅ', 'ପ୍ରଥମ ପୃଷ୍ଠା' ଆଦି ଗଳ୍ପ ଗୁଡ଼ିକରେ ନାରୀ ମନର ଅନ୍ଧାରି ଦିଗର ବେଶ୍ ସ୍ୱଷ୍ଟ ପ୍ରତିଫଳନ କରିଛନ୍ତି ସେ ।

ସଂସାରର ଦୁଇ ପ୍ରମୁଖ ଧରୋବର ହେଉଛନ୍ତି ନାରୀ ଓ ପୁରୁଷ ଉଭୟଙ୍କ ମଧ୍ୟରେ ଶାରୀରକ ସ୍ତରରେ ପାର୍ଥକ୍ୟ ଥିବା ସହ ଜନ୍ମ ବେଳୁ ଉଭୟଙ୍କ ମଧ୍ୟରେ ଅନ୍ୟ କେତେକ ପାର୍ଥକ୍ୟ ମଧ୍ୟ ରହିଥାଏ । ଯେଉଁଥିପାଇଁ ଉଭୟଙ୍କର ଚିନ୍ତାଧାରା, ଭାବନା ନିଷ୍ପତି ନେବାର କ୍ଷମତା ଏବଂ ପସନ୍ଦର ସାମଗ୍ରୀ ମଧ୍ୟ ଭିନ୍ନ ହୋଇଥାଏ । ଏହାପରେ ଶିଶୁ ବଡ଼ ହେବା ପରେ ପରିବେଶ ଓ ପରିସ୍ଥିତିର ପ୍ରଭାବ ମଧ୍ୟ ତା ବ୍ୟକ୍ତିତ୍ୱ ଉପରେ ପଡ଼ିଥାଏ , ଯେଉଁଥିପାଇଁ ଜଣେ ନାରୀର ମାନସିକତାରେ ପରିବର୍ତ୍ତନ ଦେଖାଯାଏ । ତେଣୁ ମନୁଷ୍ୟର ପରିସ୍ଥିତିକୁ ବୁଝି ତା'ର ଆଚରଣ ଅନ୍ତରାଳରେ ଥିବା ମାନସିକତା ତାକୁ ବୁଝିବା ହେଉଛି ମନସ୍ତାତ୍ତ୍ୱିକ ଅଧ୍ୟୟନ । ।ତବେ ଏହି ଅଧ୍ୟୟନ ପୁରୁଷ ଅପେକ୍ଷା ନାରୀ ପାଇଁ ବେଶୀ ଆବଶ୍ୟକତା ରହିଛି । କାରଣ ନାରୀଟିଏ ପାଖରେ କହିବାର ଅଧିକାର ଏବଂ ମୁକ୍ତ ଭାବେ ବଞ୍ଚିବାର ସ୍ୱାଧୀନତା କମ ଥିବାରୁ ତା'ର ଆଚରଣ ସେତେମାତ୍ରାରେ ରହସ୍ୟମୟ ହୋଇଥାଏ । ସେହିପରି ଜଣେ ଦରଦୀ ସ୍ରଷ୍ଟା ପ୍ରାଣ ନେଇ ଗାଳ୍ପିକ ଗୌରହରୀ ଦାସ ଉକ୍ତ ଗଳ୍ପ ଗୁଡ଼ିକରେ ନାରୀର ସେଇ ଜଟିଳ ମନକୁ ବୁଝି ବୁଝେଇବାକୁ ଉଦ୍ୟମ କରିଛନ୍ତି । ତେବେ ଯଦିଓ ସଂସାର ପାଇଁ ନାରୀର ବହୁଧା ଭୂମିକା ରହିଛି, ତେବେ ଆଲୋଚ୍ୟ ଗଳ୍ପ ଗୁଡ଼ିକରେ ନାରୀର ତିନୋଟି ରୂପ ମୁଖ୍ୟତଃ ପ୍ରକାଶ ପାଇଛି । ଜାୟା, ଜନନୀ, ପ୍ରେମିକା । , ତିନୋଟି ଭୂମିକାରେ ନାରୀ ତା ମନର ତିନୋଟି ସ୍ତର id ( ଆଦିମ ପ୍ରବୃତ୍ତ)ego (ସଜାଗ ପ୍ରହରୀ) super ego(ବିବେକ ) ର କିପରି ପରିପ୍ରକାଶ ଘଟିଛି ତାହା ଦେଖିବାକୁ ପାଇବା । ବିଶେଷ ଭାବେ ଆମେ ଜାଣିଛେ ଯେ ଜଣେ ବ୍ୟକ୍ତିକୁ ଜାଣିବା ପାଇଁ ମନୋବିଜ୍ଞାନି ଫ୍ରଏଡ଼ ମନକୁ ତିନୋଟି ସ୍ତରରେ ବିଭକ୍ତ କରିଛନ୍ତି । id ଯାହା ମନୁଷ୍ୟ ଆଦିମ ପ୍ରବୃତ୍ତି, ego ଯାହା ସଜାଗ ପ୍ରହରୀ ଭାବେ କାର୍ଯ୍ୟ କରେ, super ego ଯାହା ବିବେକ ଭାବେ ପରିଚିତ । ତେବେ ଜଣେ ମନୁଷ୍ୟ ବ୍ୟକ୍ତିତ୍ୱ ଉପରେ ମନର ଯେଉଁ ସ୍ତରଟି ଅଧିକ ପ୍ରଭାବ ପକେଇଥାଏ ସେ ବ୍ୟକ୍ତି ତଦନୁଯାୟୀ କାର୍ଯ୍ୟ କରେ । ଏହା ଉଭୟ ନାରୀ ଓ ପୁରୁଷ ଠାରେ ସମାନ ଥିବା ବେଳେ ଉଭୟଙ୍କର ସମାଜରେ ପରିସ୍ଥିତି କିନ୍ତୁ ଭିନ୍ନ ଥାଏ । ତେଣୁ ନାରୀଟିଏ ତା ପରିସ୍ଥିତିର ଦାସ ସାଜି ପରିସ୍ଥିତି ଚାପରେ କେବେ ଚୁପ୍ ଚାପ୍ ପରିବାର ଏବଂ ସମାଜର ଅନ୍ୟାୟର ହଳାହଳ ବିଷକୁ ପାନ କରିଥାଏ ତ କେତେବେଳ ତା'ର id ମନର ପ୍ରରୋଚନାରେ ନିଜ ଖୁସି ଏବଂ ଇଚ୍ଛା ପୂର୍ତ୍ତି ନିମନ୍ତେ ତା ପ୍ରତି ହେଉଥିବା ଅନ୍ୟାୟର ବିରୋଧାଚରଣ କରି ରହସ୍ୟମୟୀ ପାଲଟିଯାଏ । ତେବେ ଯେହେତୁ ମନସ୍ତତ୍ତ୍ୱ ଏକ ମନନଶୀଳ ବ୍ୟାପାର ଏଠାରେ ନାରୀର ବିରୋଧାତ୍ମକ କାର୍ଯ୍ୟ ଅପେକ୍ଷା, ବିରୋଧାଭାଷ ଆଚରଣ ଅଧିକ ପ୍ରକାଶ ପାଏ । ଯାହା ଅନ୍ୟମାନଙ୍କ ପାଇଁ ଅବୋଧ ଦୁର୍ବୋଧ ହୋଇପଡ଼େ । ଏ ତ ଗଲା ନାରୀ ମନସ୍ତତ୍ତ୍ୱ ର କଥା ଏବେ ଆସିବା

ଗୌରହରି ଦାସଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱର ପ୍ରତିଫଳନ କିପରି ଘଟିଛି, ବାସ୍ତବିକ ଆଲୋଚ୍ୟ ଗଳ୍ପ ଗୁଡ଼ିକରେ ନାରୀ ମନର ଅନ୍ଧାରୀ ମୁଲକର ଅବୁଝା ତତ୍ତ୍ୱକୁ ଅତି ସହଜ ଏବଂ ଚମତ୍କାର ଭାବେ ଚିତ୍ରଣ କରିଥିବା ପାଠକ ଅନୁଭବ କରିବ । ନାରୀର ସମସ୍ୟା, ତା'ର ଅଭାବବୋଧ, ଛାତି ତଳର ଦରଦୀ ମନକୁ ବୁଝି ବୁଝାଇବାରେ ବେଶ ପାରଙ୍ଗମତା ପ୍ରଦର୍ଶନ କରିଛନ୍ତି ଗାଳ୍ପିକ ।

ତେବେ ଆଲୋଚନାର ସୁବିଧା ଦୃଷ୍ଟିରୁ ଗଳ୍ପରେ ନାରୀ ମନସ୍ତତ୍ତ୍ୱର ଆବେଦନକୁ ଏପରି କିଛି ବିଭାଗ ଆଧାର କରି ଆଲୋଚନା କରାଯାଇପାରେ –(୧) ପାରମ୍ପରିକ ମୂଲ୍ୟବୋଧ ଓ ନାରୀମନସ୍ତତ୍ତ୍ୱ (୨) ନାରୀବାଦ ଓ ନାରୀମନସ୍ତତ୍ତ୍ୱ (୩) ଫ୍ରଏଡ଼ିୟ ତତ୍ତ୍ୱ ଓ ନାରୀ ମନସ୍ତତ୍ତ୍ୱ (୪) ଆଦର୍ଶପ୍ରେମ ଓ ନାରୀ ମନସ୍ତତ୍ତ୍ୱ (୫) ଅସହାୟତା ଓ ନାରୀ ମନସ୍ତତ୍ତ୍ୱ ।

ଆମେ ଦେଖୁ ଆମ ଭାରତୀୟ ପରମ୍ପରା ଓ ତା'ର ମୂଲ୍ୟବୋଧକୁ କେବଳ ନାରୀଟିଏ ହିଁ ପିଢ଼ି ପରେ ପିଢ଼ି ନିଜ ପୃଷ୍ଠରେ ଲଦି ବୋହି ଚାଲିଥାଏ । ସତେ ଯେପରି ଏହା କେବଳ ତା'ର କର୍ତ୍ତବ୍ୟ । ସମାଜର ଏପରି କିଛି ରୀତିନୀତି ପରମ୍ପରା ରହିଥାଏ, ଯେଉଁଥିରୁ ନାରୀ ମାନସିକ ସ୍ତରରୁ ଅଭିନ୍ନ ହୋଇପାରେ ନାହିଁ । ପରିବାର ହେଉ ଅବା ସମାଜ ସଂସ୍କାର, ସସ୍କୃତି ଓ ପରମ୍ପରା ନାରୀର ବେଶ, ପରିଛନ୍ନତାରୁ ବିଚାର କରାଯାଏ । ତେଣୁ ଏସବୁ ସହ ସେ ଏମିତି ଭାବେ ମାନସିକ ସ୍ତରରୁ ଜଡ଼ିତ ଯେ ଏଥିରୁ କ୍ଷାନ୍ତ ହେଲେ ସେ ନିଜକୁ ଦୋଷୀ ମନେକରେ । ସେହିପରି ଏକ ନାରୀର ଦ୍ୱନ୍ଦ୍ୱାତ୍ମକ ମାନସିକତା ପ୍ରକାଶ ପାଇଛି ଗାଳ୍ପିକଙ୍କ 'ନିଜସହ ଲୁଚକାଳି' ଗଳ୍ପରେ । ଗଳ୍ପ ନାୟିକା ଲୀନା ଭାରତୀୟ ଝିଅ ହୋଇ ଆମେରିକୀୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ସେଠାର ପରିବେଶରେ ରହିବାକୁ ଚାହିଁଛି । ମାତ୍ର ତା ମାନସିକତାରେ ବସା ବାନ୍ଧିଥିବା ଭାରତୀୟ ପରମ୍ପରା ଓ ମୂଲ୍ୟବୋଧ କବଳରୁ ସେ ମୁକ୍ତ ହୋଇପାରିନି । ଆମେରିକାର ଚଳନୀ ଅନୁସାରେ ଲୀନାର ସ୍ୱାମୀ ଜନ୍ କୃକିଜରେ ଯାଇ ଅନ୍ୟ ଝିଅ ସହ ଅନ୍ତରଙ୍ଗ ହୋଇ ମଧ ଲୀନା ସହ ସ୍ୱାଭାବିକ ଭାବେ ମିଶିପାରିଛି । ମାତ୍ର ଲୀନା ସେଠାରେ ଫେରି ଆଉ ନିଜ ସ୍ୱାମୀ ସହ ଅନ୍ତରଙ୍ଗ ହୋଇପାରିନି । ନିଜକୁ ସେ ଦୋଷୀ ଦୋଷୀ ମନେ କରିଛି । ସ୍ୱାମୀଙ୍କ ସହ ବିଶ୍ୱାସଘାତକ କରୁଥିବା ତାକୁ ଅନୁଭବ ହୋଇଛି । ବାସ୍ତବରେ ଲୀନାର ମନରେ ଭାରତୀୟ ସଂସ୍କାର ଓ ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କ ତାକୁ ଦ୍ୱନ୍ଦମନା କରିଛି । ଭାରତୀୟ ପରମ୍ପରା ଓ ବିଦେଶୀ ଚଳଣିର ପ୍ରଭାବ , ଏ ଉଭୟ ମଧ୍ୟରେ ଲୀନା ମନରେ ଏକ ଦ୍ୱନ୍ଦ୍ୱାତ୍ମକ ଉଦ୍‌ବେଳନ ପ୍ରକାଶ ପାଇଛି । ଲୀନାର ବକ୍ତବ୍ୟରୁ ଗାଳ୍ପିକ ତା'ର ମନର ଏହି ଦ୍ୱନ୍ଦ୍ୱକୁ ଆଉ ଟିକେ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି ଯେତେବେଳେ ଲୀନାର ସ୍ୱାମୀ ତାକୁ କହିଛନ୍ତି ଯେ ଦେଖୁଛି ଭାରତୀୟ ମାନେ ବହୁତ ଶୀଘ୍ର ନିଜର ଆଚାର ବିଚାର ବଦଳେଇ ପାରନ୍ତି ଲୀନା ତାର ଉତ୍ତରରେ କହିଛି "ଉଁ ହୁଁ ଆଚାରକୁ କେବଳ, ବିଚାରକୁ ନୁହେଁ" (ଗୌରହରୀ ଦାସ କଥା ସମଗ୍ର, ପୃଷ୍ଠା- ୫୦) ଉକ୍ତ ବକ୍ତବ୍ୟରୁ ଲୀନା ଯେ ପୋଷାକ ପରିଚ୍ଛନ୍ନ ରେ ବିଦେଶୀ ଢଙ୍ଗକୁ କୁ ତ ଆପଣେଇ ନେଇଛି ମାତ୍ର ତା ମନରେ ବସା ବାନ୍ଧିଥିବା ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ କୁ ବଦଳେଇ ପାରିନି ତାହା ସ୍ପଷ୍ଟ ହୋଇଛି ।

ସେହିପରି ଗଳ୍ପରେ ନାରୀର ଅନ୍ୟ ଯେଉଁ ମାନସ୍ତାତ୍ତ୍ୱିକ ଚିତ୍ରଣକୁ ଗାଳ୍ପିକ ରୂପଦେଇଛନ୍ତି ତାହା ହେଉଛି ଆଦର୍ଶ ପ୍ରେମ ଓ ନାରୀ ମନସ୍ତତ୍ତ୍ୱ । ପ୍ରେମ ଏକ ସ୍ୱର୍ଗୀୟ ଅନୁଭୂତି ଜଣେ ସଚ୍ଚା ପ୍ରେମିକା ଓ ନାରୀ ପାଇଁ ଜୀବନ ଠାରୁ ବି ଦାମିକା । ସେହିପରି ଦୁଇ ଆଦର୍ଶ ପ୍ରେମିକାର ପ୍ରେମର ଦୃଷ୍ଟାନ୍ତ ଓ ପ୍ରେମ ବ୍ୟପାରରେ ତା'ର ମନସ୍ତତ୍ତ୍ୱର ଚିତ୍ର ଆଙ୍କିଛନ୍ତି ଗାଳ୍ପିକ 'ମିସାଣ ଫେଡ଼ାଣ', 'ଚାରୁଲତା' ଓ 'ଅପେକ୍ଷା' ଗଳ୍ପରେ । ପ୍ରେମ ପାଇଁ ମରଣ ଶେଯ ଯାଏଁ ଅପେକ୍ଷା କରି ରହିଥିବା ଜଣେ ରାଧାଙ୍କୁ ପାଠକ 'ଅପେକ୍ଷା' ଗଳ୍ପରେ ଭେଟିବ । ସ୍କୁଲ ସମୟରେ ତା'ର ପ୍ରେମିକ ହାତରେ ନିଜ ହାତ ମୁଦିଟିଏ ପିନ୍ଧେଇ ଦେଇ ପ୍ରେମର ପ୍ରତିଦାନ ସ୍ୱରୂପ ସେଇ ମୁଦିକୁ ପ୍ରେମିକ ହାତରୁ ପିନ୍ଧିବା ପାଇଁ ସାରା ଜୀବନ ଅପେକ୍ଷା କରି ରହିଛି ସେ । ମାତ୍ର କେବେ ତା'ର ପ୍ରେମିକ ପୁରୁଷ ତା ପାଖକୁ ଫେରିନି । ସେହିପରି ଅନ୍ୟ ଜଣେ ଆଦର୍ଶମୟୀ ପ୍ରେମିକାକୁ ଚାରୁଲତା ଗଳ୍ପରେ ଚିତ୍ରଣ କରିଛନ୍ତି । ଜଣେ ନାରୀ ଜଣକୁ ହୃଦୟରୁ ଗ୍ରହଣ କଲାପରେ ତା'ର ସମଗ୍ର ଜୀବନ କେବଳ ତା'ରି ନାଁରେ ବିତେଇ ଦେଇଛି । କିଶୋରୀ ଅବସ୍ଥାରେ ଚାରୁଲତାର ରୂପ ସୌନ୍ଦର୍ଯ୍ୟର ମୋହରେ ପଡ଼ି ଅନେକ ପୁରୁଷ ତାକୁ ବିବାହ କରିବା ପାଇଁ ଆଗେଇ ଆସିଛନ୍ତି । ମାତ୍ର ଚାରୁଲତା ତା ମନର ମଣିଷ ପାଇଁ ହିଁ କେବଳ ଅପେକ୍ଷା କରି ରହିଛି । ଚାରୁଲତାକୁ ପାଇବା ପାଇଁ ତା ଦିଅର ଷଡ଼ଯନ୍ତ୍ର କରି ବିବାହ କରିଛି କିନ୍ତୁ ଚାରୁଲତା କେବେ ବି ତାକୁ ନିଜର କରିପାରିନି । ନିଜର ଆକାଂକ୍ଷିତ ପୁରୁଷକୁ ଅପେକ୍ଷା କରି କରି ଶେଷରେ ସେ ଘର ଛାଡ଼ି ଚାଲିଯାଇଛି । ଜଣକୁ ମନରେ ସାଇତି ରଖି ନ ପାଇବାର ବେଦନା ଓ ଅନ୍ୟ ଜଣକୁ ବିବାହ କରି ଗ୍ରହଣ କରି ନ ପାରିବାର କ୍ଷୋଭ ମଧ୍ୟରେ ନରୀର ଆଦର୍ଶ ପ୍ରେମ ପାଇଁ ଉତ୍ସର୍ଗୀକୃତ ମନସ୍ତତ୍ତ୍ୱ ପ୍ରକାଶ ପାଇଛି ।

'ମିଶାଣ ଫେଡ଼ାଣ' ଗଳ୍ପରେ ଅନୁରୂପ ଭାବେ ଗଳ୍ପ ନାୟିକା ସୁଦୀପା ମନୋଜକୁ ଭଲ ପାଇଛି ଏବଂ ବିବାହ କରିବାକୁ ଚାହିଁଛି, ମାତ୍ର ମନୋଜର ଉଦାସୀନତା ତାକୁ ଆଜୀବନ ଯନ୍ତ୍ରଣା ଦେଇଛି । ସ୍ୱାମୀ ସନ୍ତାନ ସହ ସଂସାରରେ ଥାଇକି ବି ମନୋଜର ସେଦିନ ଚୁପ୍ ରହିବାର ଉତ୍ତର ସେ ଖୋଜି ପାଇନି । ଯେତେବେଳେ କି ମନୋଜର ପଦେ କଥାରେ ସେ ନିଜ ବାପାଙ୍କ ସହ ମୁକାବିଲା କରିବାକୁ ଆଗେଇ ଆସିଥାନ୍ତେ, ସେତେବେଳେ ମନୋଜ ତାକୁ ନିରାଶ କରି କ'ଣ ପାଇଁ ଛାଡ଼ି ଚାଲିଗଲା ସେ କଥା ନିଜକୁ ବୁଝେଇ ପାରିନି । ନାରୀ ଯେତେ ଭଲ ଘର ପାଇ ସୁଖ ସ୍ୱଚ୍ଛନ୍ଦରେ ରହିଲେ ହେଁ ତା ମନରେ ଘର କରିଥିବା ପ୍ରଥମ ପୁରୁଷକୁ ସେ କେବେ ଭୁଲି ପରିନଥାଏ । ସୁଦୀପା କ୍ଷେତ୍ରର ଠିକ ତାହା ହିଁ ଘଟିଛି ।

ମନସ୍ତତ୍ତ୍ୱର ଜନକ ସିଗମଣ୍ଡ ଫ୍ରଏଡ଼ ମନୁଷ୍ୟର ବ୍ୟକ୍ତିତ୍ୱକୁ ଚିହ୍ନିବା ପାଇଁ ତା'ର ମନକୁ ଯେଉଁ ତିନୋଟି ସ୍ତରରେ ବିଭକ୍ତ କରିଥିଲେ ସେଇ ସ୍ତର ଗୁଡ଼ିକର ପ୍ରଭାବ କିପରି ଗଳ୍ପରେ ନାରୀ ଚରିତ୍ରରେ ପ୍ରତିଫଳିତ ହୋଇଛି ତାହା ପାଠକ 'ନିଜ ସହ ଲୁଚକାଳି', 'ପୁଅ' ଗଳ୍ପରେ ଦେଖିବାକୁ ପାଇବ । ସାଧାରଣତଃ id ମନ ହେଉଛି ମନୁଷ୍ୟର ଆଦିମ ପ୍ରବୃତ୍ତି ସହ ଜଡ଼ିତ, ଯୌନ କାମନା (libido) ମ୍ମ ଏହାର ଫଳ ସ୍ୱରୂପ । ମନୁଷ୍ୟର ସାମୟିକ ସୁଖ ଏବଂ ଇଚ୍ଛାପୂର୍ତ୍ତି ନିମନ୍ତେ id ମନ ହିଁ ବ୍ୟକ୍ତିକୁ ପବର୍ତ୍ତେଇ ଥାଏ । ତା ପାଖରେ ଭଲ ମନ୍ଦ ଉଚିତ ଅନୁଚିତର ହିସାବ ନଥାଏ । ନିଜ ସହ ଲୁଚକାଳି' ଗଳ୍ପରେ ଆମେରୀକିୟ ପାଣି ପବନରେ ବଢି ସେଠାକାର ମୁକ୍ତ ଜୀବନ ଓ ପରିବେଶ ସହ ନିଜକୁ ସାମିଲ କରିବାକୁ ଚାହିଁଛି । ତା'ର ସ୍ୱାମୀ ଜନ ଘରେ ନଥିବା ବେଳେ ସେ କ୍ଲବ୍ଜିଜ ରେ ଅନ୍ତରଙ୍ଗ ହୋଇଥିବା ପୁରୁଷକୁ ମନେ ପକେଇଛି ଏବଂ ପୁନଶ୍ଚ ତାର ସାନ୍ନିଧ୍ୟ କାମନା କରିଛି । ସ୍ୱାମୀ ଥିବା ସତ୍ତ୍ୱେ ଲୀନାର ଇଦ ମନ ଅନ୍ୟପରୁଷ ସହ ମିଳନ ନିମିତ୍ତ ଇଚ୍ଛା ପ୍ରକାଶ କରିଛି । ସେଥିପାଇଁ କ୍ଲବ୍ଜିଜ ରେ ସବୁ ନାରୀ ଓ ପୁରୁଷ ଛଦ୍ମ ନାମରେ ଅନ୍ୟ ଜଣଙ୍କ ସହ ମିଶିବାର ନିୟମ ଥିବା ସତ୍ତ୍ୱେ ଲୀନା ତା'ର ପ୍ରକୃତ ଠିକଣା ସେ ପୁରୁଷକୁ ଦେଇ ଆସିଛି ଏବଂ ଅପେକ୍ଷା କରିଛି ସେ ହୁଏତ ତା ଠିକଣା ଖୋଜି ତା ଘରକୁ ଆସିବ । ନାରୀ ଏପରି ଯୌନ୍ୟ ପ୍ରବଣ ମାନସିକତା ତାର ଇଦ ପ୍ରବୃତ୍ତର ପରଚୟ ପ୍ରଦାନ କରିଛି ଯାହା ଜନ୍ମରୁ ପ୍ରତ୍ୟେକ ମନୁଷ୍ୟ ସହ ରହିଥାଏ । ନାରୀର ଅନ୍ୟ ଭୂମିକା ତୁଳନାରେ ମାଁ ଭୂମିକାରେ ସେ ସର୍ବୋଚ୍ଚ ମନେ ହୁଏ । ଜନନୀ ରୂପରେ ନାରୀ ଆହୁରି ଦୟାଶୀଳା,କରୁଣାମୟୀ, ସ୍ନେହାମୟୀ ମନେ ହୋଇଥାଏ । ମାତୃତ୍ୱ ଏପରି ଏକ ଭାବନା ଯାହା ପାଖରେ ଆପଣା ପର ଭେଦ ଭାବ ନଥାଏ । ନିଜ ଗର୍ଭର ସନ୍ତାନ ନ ହେଲେ ହେଁ ଜୟନ୍ତୀ ପଡ଼ୋଶୀ ଘର ପୁଅ ସୋମୁକୁ ନିଜ ସନ୍ତାନ ପରି ସ୍ନେହ କରିଛି ଏବଂ ତାକୁ ମାତୃତ୍ୱର ସମସ୍ତ ସ୍ନେହ ମମତା ବାଣ୍ଟିଛି । ସୋମୁକୁ ସେ ଏତେ ଭଲ ପାଇବା ଦେଇଛି ଯେ ନିସନ୍ତାନ ଜୟନ୍ତୀର ସ୍ନେହ ପାଇବା ପାଇଁ ସୋମୁ ପୁନର୍ଜନ୍ମ ନେଇ ତା କୋଳକୁ ଫେରିଆସିଛି । ଜୟନ୍ତୀ ମନରେ super ego(ବିବେକ) ର ପ୍ରଭାବ ଅଧିକ ଥିବା ଦେଖିବାକୁ ମିଳେ । ଯିଏ  କି ନିଜ କଥା ଭୁଲି ସମାଜ ଓ ଅନ୍ୟ ମାନଙ୍କ ପାଇଁ ଆପଣା ସ୍ୱାର୍ଥକୁ ବଳି ପକେଇ ଦେଇଛି ।

ଗାଳ୍ପିକ ଡ.ଗୌରହରି ଦାସଙ୍କ ଗଳ୍ପରେ ଅନ୍ୟ ଯେଉଁ ବିଭବଟି ନାରୀ ମନସ୍ତତ୍ତ୍ୱକୁ ଆଉ ଟିକେ ସ୍ପଷ୍ଟତର କରିଛି ତାହା ହେଉଛି ନାରୀବାଦ । ନାରୀବାଦ ଓ ନାରୀ ମନସ୍ତତ୍ତ୍ୱ ଏପରି ଏକ ବିଭବରେ ତାଙ୍କର ପିଲାଖେଳ ଗଳ୍ପକୁ ଆଲୋଚନା କରାଯାଇପାରେ । ଆମେ ନିଶ୍ଚିତ ଭାବେ ଜାଣୁ ଯେ ନାରୀବାଦ (feminism) ଯାହା ନାରୀର ଅଧିକାର କଥା କହେ, ଏବଂ ନିଜ ଅଧିକାରକୁ ନେଇ ମନରେ ଉଙ୍କି ମାରୁଥିବା କିଛି ଅପ୍ରକାଶ୍ୟ ଉକ୍ତିର ଆଚରଣ ଗତ ପରିପ୍ରକାଶ ହେଉଛି ମନସ୍ତତ୍ତ୍ୱ । ତେବେ କଥା ଯେବେ ନାରୀ ଅଧିକାରର ଆସେ ତା ଅଂଶରେ ଅନେକ ଅପ୍ରକାଶ୍ୟ ଭାବନା ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ । ସମାଜରେ ସବୁ ପ୍ରକାର କଟକଣା କେବଳ ନାରୀ ପାଇଁ ହିଁ ଥାଏ । ପୁରୁଷର ହଜାରେ ଭୁଲକୁ ମଧ୍ୟ ଅଣଦେଖା କରାଯାଏ ମାତ୍ର ନାରୀର ସାମାନ୍ୟ କାର୍ଯ୍ୟ କଳାପରେ ମଧ୍ୟ ତା'ର ଚରିତ୍ରର ସଂହର କରାଯାଇଥାଏ । ସେତେବେଳେ ନାରୀଟିଏ କାହାକୁ କିଛି କହି ନ ପାରି ଲୁଚି ଲୁଚି ଲୁହ ଢାଳେ । ସମାଜ ତା ମନରେ ଆଗରୁ ଏ ଧାରଣ ଭରି ଦେଇଥାଏ ଯେ ପୁରୁଷର ଚରିତ୍ର ପିତ୍ତଳ ଯାହା ଧୋଇକି ବାରମ୍ବାର ବ୍ୟବହାର କରାଯାଏ ଏବଂ ନାରୀର ଚରିତ୍ର ମାଟି ପାତ୍ର ଯାହା ଅପବିତ୍ର ହୋଇଥାଏ । ଏହି ପରି ଏକ ନାରୀର ମନସ୍ତତ୍ତ୍ୱକୁ ଗାଳ୍ପିକ 'ପିଲାଖେଳ' ଗଳ୍ପରେ ଦର୍ଶେଇଛନ୍ତି ଯିଏ ତା'ର ଅଧିକାରକୁ ପୁରୁଷ ହାତରେ ଟେକିଦେଇ ଅନାୟଶରେ ଲୁହ ଢାଳିଛି । ପୁରୁଷ ପ୍ରଧାନ ସମାଜରେ ନାରୀର କ'ଣ କିଛିବି ଅଧିକାର ନାହିଁ ! ଏପରି ଅନେକ ପ୍ରଶ୍ନ ତା'ମନରେ ଉଙ୍କି ମାରିଛି। ଗଳ୍ପ ନାୟିକା ମଞ୍ଜୁ ମନରେ । କୌଣସି ଦୋଷ ନଥାଇ ବି ବିବାହର ମାତ୍ର କିଛିଦିନ ପରେ ମଞ୍ଜୁର ସ୍ୱାମୀ ତା ଚରିତ୍ରକ ସନ୍ଦେହ କରି ଆଣି ବାପା ଘରେ ଛାଡ଼ି ଦେଇଯାଇଛି, ଅନ୍ୟ ପକ୍ଷେ ମଞ୍ଜୁ ତା ସ୍ୱାମୀର ଚରିତ୍ରଗତ ଅଶୁଦ୍ଧି କଥା ଜାଣି ମଧ୍ୟ ପ୍ରତିବାଦ କରିପାରିନି ! ଜଣେ ନାରୀ ପାଇଁ

ସମାଜରେ ଏତେ ଅନ୍ୟାୟ ଓ ଅନ୍ଧବୁଝାମଣା କେତେ ଦୂର ଠିକ ? ମଞ୍ଜୁ ମନରେ ସମାଜ ଓ ନାରୀର ଅଧିକାର ପାଇଁ ଉଙ୍କି ମାରୁଥିବା ପ୍ରଶ୍ନ ସବୁ ଯାହା ସେ ପାଟି ଖୋଲି କହିପାରିନି ତାହା କେବଳ ତାର ରହସ୍ୟମୟ ଆଚରଣରେ ହିଁ ପ୍ରକାଶ ପାଇଛି ।

ବେଳେବେଳେ ସମାଜ ରୂପୀ ବନ୍ଧନ, ମର୍ଯ୍ୟାଦା, ବଂଶ ଆଭିଜାତ୍ୟରେ ମୋହର ମାରି ଏପରି ଅଦୃଶ୍ୟ ଶିକୁଳୀରେ ତା'ର ପାଦ ଦୁଇଟିକୁ ଛନ୍ଦି ଦେଇଛି ଯେ ସେ ଚାହିଁଲେ ବି ସେଥିରୁ ମୁକୁଳି ପାରେନି । ଏପରି ଏକ ନାରୀ ଅସହାୟତା ଓ ତାର ମନସ୍ତତ୍ତ୍ୱର ଚିତ୍ର ପ୍ରଦାନ କରିଛନ୍ତି ଗାଳ୍ପିକ 'ପଞ୍ଜୁରି' ଗଳ୍ପରେ । ଏକ ଚମତ୍କାର ପ୍ରତୀକ ମାଧ୍ୟମରେ ଶ୍ରୀ ଦାସ ନାରୀର ବନ୍ଧନ ଜୀବନର ଅସହାୟତାର ବାସ୍ତବିକ ଚିତ୍ର ଉପସ୍ଥାପିତ କରିଛନ୍ତି । ଏପରି ଏକ ଅସହାୟତା ସ୍ଥିତିରେ ନାରୀଟି ମନରେ କେତେ ଯେ ଅସମାହିତ ପ୍ରଶ୍ନ ଉଙ୍କିମାରେ ତାହା ତାକୁ ହିଁ କେବଳ ଜଣା । ନାରୀଟିଏ ଯେଉଁ ପରିବାରକୁ ନିଜର ଭାବି ତାର ସାରା ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳି ପକେଇ ଦେଇପାରେ, ସେଠାରେ କେହି ବି ତା'ର ନିଜର ନୁହନ୍ତି ସେ ପରିବାର ତା ସୁଖ ଜୀବନ ପାଇଁ ବାଧକ ସଦୃଶ । ଏହି ବନ୍ଧନରୁ ତାକୁ ମୁକ୍ତି ଦରକାର 'ପଞ୍ଜୁରି' ଗଳ୍ପର ନାୟିକା ରେଣୁ ବିବାହର ମାତ୍ର ଦେଢ ବର୍ଷ ପରେ ତାର ସ୍ୱାମୀକୁ ହରେଇ ନିସ୍ୱ ହୋଇଯାଇଛି, ହତ୍ୱାସାର କଳାବାଦଲ ତାର ସାଂସାରିକ ଜୀବନକୁ ସଂପୂର୍ଣ୍ଣ ବିପର୍ଯସ୍ତ କରିଦେଇଛି । ସାମ୍ନା ଘର ପଞ୍ଜୁରୀରେ ବନ୍ଦିନୀ ହୋଇ ରହିଥିବା ଶାରୀର ଜୀବନ ପରି ତା ଜୀବନ ହୋଇ ଯାଇଛି । ସମସ୍ତେ ପଞ୍ଜୁରୀକୁ ସାବାସୀ ଦିଅନ୍ତି କାରଣ ସେ ଶାରୀକୁ ବନ୍ଦିନୀ କରି ରଖିପାରିଛି, ମାତ୍ର ଥରେ ବି କେହି ଶାରୀର ମନର ଯନ୍ତ୍ରଣାକୁ ବୁଝିବାକୁ ଚେଷ୍ଟା କରିନାହାନ୍ତି । ରେଣୁର ଶାଶୁ ଘର ଏବଂ ବାପା ଘରର ଲୋକ ଚାହିଁଛନ୍ତି ସେ ଘରର ମର୍ଯ୍ୟଦା ଜଗିକି ସାରା ଜୀବନ ସେହିଘରେ ଏକାକୀ ପଡ଼ିରହୁ, ରେଣୁ ଯେ କେତେ ଦୁଃଖରେ ଅଛି, ତା'ର ଅସହାୟତା ଦିଗରେ କେହିଧ୍ୟାନ ଦେଇ ନାହାନ୍ତି । ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୋଇ ଶେଷରେ ବଂଶ ବୁନିଆଦିର ସେଇ ଶିକୁଳୀକୁ ଛିନ୍ନ କରି ପଞ୍ଜୁରି ଭାଙ୍ଗି ରେଣୁ ମୁକୁଳି ବହୁ ଦୂରକୁ ଚାଲିଯାଇଛି । ବାସ୍ତବିକ ପଞ୍ଜୁରି ରଦ୍ଧ ଏ ଶାରୀର ପ୍ରତୀକ ମାଧ୍ୟମରେ ଗାଳ୍ପିକ ରେଣୁର ମନସ୍ତାତ୍ତ୍ୱିକ ଚିତ୍ରକୁ ଚମ୍ତକାର ପ୍ରତିଫଳିତ କରିଛନ୍ତି ।

ନାରୀ ଅସହାୟତାର ଚିତ୍ର ଆମେ ଗାଳ୍ପିକଙ୍କ 'ଉର୍ମିଳା' ଗଳ୍ପରେ ମଧ୍ୟ ଦେଖିବାକୁ ପାଇଥାଉ । ସଦା ସର୍ବଦା କୁଳୁକୁଳୁ ଝରଣା ପରି ନାଚି ଗାଇ ହସ ଖୁସିରେ କାଳ କାଟୁଥିବା ଉର୍ମିଳା ଜୀବନରେ ଅସହାୟତାର ମରୁଝଡ଼ ବହିଯିବା ପରେ ସେ ସଂପୂର୍ଣ୍ଣ ଏକ ଭିନ୍ନ ମଣିଷରେ ପରିଣତ ହୋଇଯାଇଛି । ପରିସ୍ଥିତିର ଅସହାୟତା ତାକୁ ବାଧ୍ୟ କରିଛି ନିଜ ପରିଚୟ ଲୁଚେଇ ଏକ ଛଦ୍ମ ପରିଚୟରେ ବଞ୍ଚିବା ପାଇଁ । ଏହିପରି ଭାବେ ସମାଜ, ପରିବାର ବିଭିନ୍ନ ପ୍ରକାର ଅବସ୍ଥା ନାରୀକୁ ବାଧ୍ୟ କରିଛି ରହସ୍ୟମୟୀ ଓ ଜଟିଳ ହେବା ନିମିତ୍ତ ।

ଆଲୋଚ୍ୟ ସଙ୍କଳନସ୍ଥ ଗଳ୍ପ ଗୁଡ଼ିକ ମଧ୍ୟରେ ନାରୀ ମନସ୍ତାତ୍ତ୍ୱିକ ଚିତ୍ର ବହନ କରିବାରେ ସଫଳ ହୋଇଥିବା ଅନ୍ୟ ବିଭବଟି ହେଉଛି ଆଧୁନିକତା ପୃଷ୍ଠଭୂମିରେ ନାରୀମନସ୍ତତ୍ତ୍ୱ । ବର୍ତ୍ତମାନର ଆଧୁନିକ ଚାଲିଚଳନି, ଜୀବନ ଶୈଳୀକୁ ମନୁଷ୍ୟ ଏତେ ମାତ୍ରାରେ ଅନୁକରଣ କରୁଛି ଯେ ସେ ନିଜର ମାନସିକ ଶାନ୍ତି ହରେଇ ବସୁଛି । ଗ୍ରାମ୍ୟରେ ବଢ଼ିଥିବା ଜଣେ ସରଳ ମନା ନାରୀ ସହର ଯିବା ପରେ ସହରିକରଣର ପ୍ରଭାବରେ ତା ମନରେ ଦେଖାଯାଇଥିବା ପରିବର୍ତ୍ତନକୁ ଗାଳ୍ପିକ 'ମୂଷା ଓ ଠେକୁଆ' ଗଳ୍ପରେ ଚିତ୍ରଣ କରିଛନ୍ତି । ଗଳ୍ପ ନାୟିକା ରଜନୀ ଗାଁ ରେ ଶାଶୁ ଶଶୁରଙ୍କ ସେବା କରୁଥିବା ଜଣେ ସାଧାରଣ ନାରୀ, ସ୍ୱାମୀ ସହରରେ ଚାକିରି କରିଥିବା ହେତୁ ସହରକୁ ଚାଲି ଆସିବା ପରେ ଅନୁକରଣ ପ୍ରିୟ ନାରୀ ଅନ୍ୟ ସମସ୍ତଙ୍କୁ ଅନୁକରଣ କରିବାକୁ ଚାହିଁଛନ୍ତି ।ଏପରିକି ସ୍ୱାମୀଙ୍କୁ ମଧ୍ୟ ବାଧ୍ୟ କରିଛନ୍ତି ଆଧୁନିକତାରେ ସାମିଲ ହୋଇ ସହରୀ ଜୀବନ ବଞ୍ଚିବା ପାଇଁ । ସେ ନିଜ ସ୍ୱାମୀ ଏବଂ ଘରର ଆସବ ପତ୍ର ସବୁରେ ଅନ୍ୟ ମାନଙ୍କୁ ଅନୁକରଣ କରିଛନ୍ତି, ରଜନୀଙ୍କ ଠାରେ ଏପରି ପରିବର୍ତ୍ତନ ଦେଖି ସ୍ୱାମୀ ତାଙ୍କ ଗଭୀର ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ସାଧାରଣତଃ ଦେଖାଯାଏ ନାରୀଟିଏ ଅନ୍ୟ ପରିବେଶ ସହ ଖୁବ ସହଜରେ ନିଜକୁ ସାମିଲ କରେଇ ନିଏ । ଗାଁରେ ସରଳ ଜୀବନ ବଞ୍ଚୁଥିବା ବେଳେ ସହର ଆସିବା ପରେ ସେ ଚାହିଁଛି ସହରର ଅନ୍ୟ ମାନଙ୍କ ଭିତରୁ ଜଣେ ହେବା ପାଇଁ । ରଜନୀଙ୍କର ଏପରି ମାନସିକତା ଅନ୍ତରାଳରେ ରହିଛି ଜଣେ ସାଧାରଣ ନାରୀର ଅନୁକରଣ ପ୍ରିୟ ପ୍ରବୃତ୍ତି ।

ଶେଷରେ ଏତିକି କୁହାଯାଇପାରେ ସାହିତ୍ୟର ସବୁ ବିଭାଗରେ ସବୁ କାଳେ ସ୍ରଷ୍ଟାମାନେ ନାରୀର ଚିତ୍ର ପ୍ରଦାନ କରିବାରେ ସିଦ୍ଧ ହସ୍ତତାର ପ୍ରମାଣ ଦେଇଆସିଛନ୍ତି । ଗଳ୍ପ ପରି ଏକ ସୂକ୍ଷ୍ମ, ମନୋରମ ବିଭାଗରେ ନାରୀ ମନସ୍ତତ୍ତ୍ୱକୁ ଆଧାରକରି ଗଳ୍ପ ରଚନା କରୁଥିବା ଉଭୟ ନାରୀ ଏବଂ ପୁରୁଷ ସ୍ରଷ୍ଟା ମାନେ ଏ ଦିଗରେ ବେଶ ପାରଙ୍ଗମତା ପ୍ରଦର୍ଶନ କରିଆସିଛନ୍ତି । ତନ୍ମଧ୍ୟରୁ

ଗାଳ୍ପିକ ଗୌରହରି ଦାସ ଅନନ୍ୟ ଓ ସ୍ୱତନ୍ତ୍ର ଭାବେ ବାରି ହୋଇ ପଡ଼ିଛନ୍ତି । ସାଧାରଣରେ ମନରେ ଧରଣା ଟିଏ ଥାଏ ଯେ ଜଣେ ନାରୀ ହୁଏତ ନିଜେ ଭୋଗୁଥିବା କଥାକୁ ଅତି ଅନ୍ତରଙ୍ଗ ଭାବେ ଗଳ୍ପରେ ଆଙ୍କି ପାରେ, ପୁରୁଷଟିଏ ଏ ମାମଲାରେ ପରୋକ୍ଷ ଅଭିଜ୍ଞତା,ଅନୁଭୂତି ପ୍ରଦାନ କରେ । ମାତ୍ର ଗାଳ୍ପିକ ଗୌରହରି ଦାସଙ୍କ ଗଳ୍ପ ଗୁଡ଼ିକ ପାଠ କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ ଯେ ଜଣେ ପୁରୁଷ ସ୍ରଷ୍ଟା ହୋଇ ମଧ୍ୟ ନାରୀର ମନକୁ ବୁଝିବାରେ ଯଥେଷ୍ଟ ଆଗଭର ସେ । କେବଳ ଯେ ସେ ନାରୀର ପରିସ୍ଥିତି ପାଇଁ ସଦୟ ଭାବନା ପ୍ରକାଶ କରିଛନ୍ତି ତାହା ନୁହଁ, ନାରୀର ମନସ୍ତତ୍ତ୍ୱକୁ ଅତି ସୂକ୍ଷ୍ମ ଭାବେ ଅଙ୍କନ କରିବା ପ୍ରଚ୍ଛଦରେ ନାରୀ ଯେ, ପ୍ରତ୍ୟକ ଭୂମିକରେ ପୁରୁଷ ଠାରୁ ଶୁଦ୍ଧ ବିଚାରବନ୍ତ । ଦୟାଶୀଳ, ଆଦର୍ଶପ୍ରାଣ ଓ କୋମଳ ବୋଲି ସେ ପ୍ରତୀଟି ନାରୀ ଚରିତ୍ରରେ ଦର୍ଶାଇଛନ୍ତି। ଏହା ହିଁ ଅନ୍ୟ ନାରୀ ମନସ୍ତତ୍ତ୍ୱ ଧର୍ମୀ ସ୍ରଷ୍ଟାଙ୍କ ଠାରୁ ତାଙ୍କର ସ୍ୱତନ୍ତତା । କୌଣସି ଗଳ୍ପରେ ସେ ପୁରୁଷ ଦୃଷ୍ଟି କୋଣ ନେଇ ନାରୀକୁ ବିଚରୀ ନାହାନ୍ତି, ସେ ବରଂ ଜଣେ ସଚ୍ଚା ନାରୀମନସ୍କ ସ୍ରଷ୍ଟା ପ୍ରାଣର ପରିଚୟ ପ୍ରଦାନ କରିଛନ୍ତି ନାରୀର ମାନସ୍ତତ୍ତ୍ୱିକ ଦିଗକୁ ଉନ୍ମୋଚନ  କରିବା ସହ କେଉଁ ପରିସ୍ଥିତି, ଅସହାୟତା ବୋଧ  ଏବଂ ଏଥିଯୋଗୁଁ ନାରୀର ମାନସିକତାରେ ଦେଖାଯାଉଥିବା ପରିବର୍ତ୍ତନକୁ ସେ ବିଭିନ୍ନ ଦିଗରୁ ପରଖିଛନ୍ତି । ନାରୀ ଯେ ଆଦୌ ରହସ୍ୟମୟୀ ନୁହଁ, କଥା ସେ ହୃଦୟବତ୍ତସହ ପ୍ରମାଣ କରିଛନ୍ତି । ଆଲୋଚ୍ୟ ଗଳ୍ପ ଗୁଡ଼ିକରେ ମି. ଦାସ ନାରୀର ତିନୋଟି ମହନୀୟ ଭୂମିକା ବିଷୟରେ ଚିତ୍ରଣ କରିଛନ୍ତି । ଜାୟା, ଜନନୀ, ପ୍ରେମିକା ଭୂମିକାରେ ନାରୀ ଚରିତ୍ର ଗୁଡ଼ିକର ମନର ସ୍ତର ଅଧିକ କ୍ରିୟାଶୀଳ ଥିବା ଦର୍ଶେଇଛନ୍ତି । ନାରୀକୁ ଏକ ଆଦର୍ଶ ଚରିତ୍ର ଭାବେ ଅଙ୍କନ କରିବା ସହ ତା'ର ମନର ଶୁଦ୍ଧପୂତ ଭାବନାକୁ ଗୁରୁତ୍ୱ ଦେଇଛନ୍ତି । ଯେବେ ଯେବେ ନାରୀ ମନ id (ଆଦିମ) ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ହୋଇଛି, ସେବେ ଗାଳ୍ପିକ ତା (ego) ମନ (ସଜାଗ ପ୍ରହରୀ) ସାହାର୍ଯ୍ୟରେ ତାକୁ ଆକଟ କରି ସତର୍କ କରେଇଛନ୍ତି । ତେଣୁ ଉପରୋକ୍ତ ଗଳ୍ପ ଗୁଡ଼ିକରେ ନାରୀ ପୁରୁଷ ନିମିତ୍ତ ଅବୋଧ ଦୁର୍ବୋଧ ବା ରହସ୍ୟମୟୀ ନୁହଁ ବରଂ ବନ୍ଦନୀୟା ହୋଇପାରିଛି । ଏହା ହିଁ ଜଣେ ଗାଳ୍ପିକଙ୍କୁ ନାରୀମନସ୍କ ସ୍ରଷ୍ଟାପ୍ରାଣର ପରିଚିତ ବହନ କରେଇବାରେ ସଫଳତା ପ୍ରଦାନ କରିଛି ।

## ସହାୟକ ଗ୍ରନ୍ଥସୂଚୀ:


- ଦାସ, ଗୌରହରି: କଥା ସମଗ୍ର (ଦ୍ୱିତୀୟ ଭାଗ),ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର-୨୦୨୧ ।
- ମାହାଲିକ, ହରିହର ପ୍ରସାଦ: ମନଜଗତର ଅଜଣା କଥା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ -୧୭୭୧ ।
- Sahoo,Fakir Mohan : melody of mind,blck egale books, Bhubaneswar 2021 ।


❖ ❖ ❖

DOI : https://doi.org/10.5281/zenodo.18185621 ମୂଳ ପ୍ରବନ୍ଧ

# ଓଡ଼ିଆ ନାଟକରେ ଆଦିବାସୀ ଜୀବନଚର୍ଯ୍ୟା

**ରଞ୍ଜନ କୁମାର ସେଠୀ**


## ସଂକ୍ଷିପ୍ତସାର :

ଭାରତ ହେଉଛି ଏଭଳି ଏକ ଦେଶ, ଯେଉଁଠି ବିଭିନ୍ନ ସଂପ୍ରଦାୟର ଲୋକ ବସବାସ କରନ୍ତି। ଏମାନଙ୍କ ମଧ୍ୟରେ ଆଦିବାସୀ ସଂପ୍ରଦାୟ ଅନ୍ୟତମ। ଯେଉଁମାନେ କି ଭାରତର ଆଦିମ ଆଦିବାସୀ ବା ସର୍ବପ୍ରଥମ ମାନବ ସଂପ୍ରଦାୟ ବୋଲି ଗ୍ରହଣ କରାଯାଇଅଛି। ଆଦିବାସୀ ଶବ୍ଦର ବିଭିନ୍ନ ପ୍ରତିଶବ୍ଦ ରହିଛି। ଯେମିତି ଜନଜାତି, ଆଦିମ ଜାତି, ସଂବର୍ଗ ବା ଉପବର୍ଗ ଇତ୍ୟାଦି। ଇଂରାଜୀ ଭାଷାରେ Community Tribର ପ୍ରଭୃତି ଶବ୍ଦ ଏହି ଅର୍ଥ ପ୍ରକାଶ କରିଥାଏ। ସମାଜକୁ ରୂପ ଦେବାରେ ନାଟ୍ୟକାର ମାନଙ୍କର ପ୍ରମୁଖ ଭୂମିକା ରହିଥାଏ। ଲୋକଜୀବନର ଦୁଃଖ ଦୁର୍ଦ୍ଦଶା, ଅଭାବ ଅନଟନ, ଅସନ୍ତୋଷ ଏବଂ ପ୍ରତିଦିନ ସମ୍ମୁଖୀନ ହେଉଥିବା ବିବିଧ ସମସ୍ୟାକୁ ତାଙ୍କ ନାଟକରେ ସ୍ଥାନ ଦେଇଛନ୍ତି। ଆଦିବାସୀ ଗୋଷ୍ଠୀ ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଥିବାରୁ ତାଙ୍କ ସମସ୍ୟା ଓ ଜୀବନଧାରାକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିବା ନାଟ୍ୟକାରର ଏକ ସାମାଜିକ ଦାୟିତ୍ୱ।



## ପ୍ରମୁଖ ଶବ୍ଦାବଳୀ :

ଆଦିବାସୀ, ସମାଜ, ଲୋକନାଟ୍ୟ, ସରଳତା, ବିଶ୍ୱାସ, ଜୀବନଶୈଳୀ, ଶିକ୍ଷା।


"ଆଦିବାସୀ"ଶବ୍ଦଟିର ଅର୍ଥ ହେଉଛି ଆଦିମ ଅଧିବାସୀ ବା ସର୍ବପ୍ରଥମ ଆଦିବାସୀ। ଆମ ଓଡ଼ିଶାରେ କେବଳ ନୁହେଁ , ଭାରତ ତଥା ଭାରତ ବାହାରର ଅଷ୍ଟ୍ରେଲିଆ, ଆମେରିକା ,ଆଫ୍ରିକା ପ୍ରଭୃତି ଦେଶରେ ଆଦିବାସୀମାନେ ମଧ୍ୟ ରହି ଅଛନ୍ତି। ଓଡ଼ିଶାର ଆଦିବାସୀ କହିଲେ କନ୍ଧ, କୋହ୍ଲ, ହୋ, ସାନ୍ତାଳ, ଭୂୟାଁ, ଜୁଆଙ୍ଗ, ଶବର, ମୁଣ୍ଡା, ଓରାଓଁ, ଗଦବା, ପରଜା, କୋୟା, ବାଥୁଡ଼ି, ଗଣ୍ଡ, ପ୍ରଭୃତି ଜାତିର ଲୋକମାନଙ୍କୁ ବୁଝାଏ। ବିଶ୍ୱର ସର୍ବପ୍ରାଚୀନ ମାନବ ସଭ୍ୟତାର ଅବଧାରକ ରୂପେ ଆଦିବାସୀ ମାନଙ୍କୁ ଗ୍ରହଣ କରାଯାଇଥାଏ। ଆଦିବାସୀ ଗୋଷ୍ଠୀ ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ ତାଙ୍କ ଜୀବନ ଧାରା ଓ ସମସ୍ୟାକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିବା ନାଟ୍ୟକାରର ଏକ ସାମାଜିକ ଦାୟିତ୍ୱ। ଏହା ଦର୍ଶକର କୌତୁହଳ ନିବୃତ୍ତି କରିବା ସଙ୍ଗେ ସଙ୍ଗେ ଗୋଟିଏ ଦୂରତର ଗୋଷ୍ଠୀର ଆନନ୍ଦ ବେଦନାରେ ନିମଜ୍ଜିତ କରାଇ ଶୈକ୍ଷିକ ଆନନ୍ଦ ପ୍ରଦାନ କରିଥାଏ। ଆଦିବାସୀ ମାନଙ୍କ ଜୀବନକୁ ଭିତ୍ତି କରି ଓଡ଼ିଆ ଭାଷାରେ ଯେଉଁ କେତୋଟି ନାଟକ ରଚିତ ହୋଇଛି, ସେଥିରେ ଆଦିବାସୀ ମାନଙ୍କ ସଂସ୍କୃତି ଅପେକ୍ଷା , ସମସ୍ୟା ହିଁ ବେଶି ପ୍ରଦର୍ଶିତ ହୋଇଛି। ଆଦିବାସୀ ସମସ୍ୟା ଗୁଡ଼ିକର ଉପସ୍ଥାପନା ବେଳେ ସେହି ପ୍ରସଙ୍ଗର ସାଂସ୍କୃତିକ ଚିତ୍ର ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକଟିତ ହୋଇଛି। ସେ ଯାହା ବି ହେଉ ଓଡ଼ିଆରେ

**ଯୋଗାଯୋଗ : ରଞ୍ଜନ କୁମାର ସେଠୀ,** ଗବେଷକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
**Email :** rs4407805@gmail.com
**ORCID ID :** https://orcid.org/0009-0009-0396-4116

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସେଠୀ, ରଞ୍ଜନ କୁମାର; ୨୦୨୫। ଓଡ଼ିଆ ନାଟକରେ ଆଦିବାସୀ ଜୀବନଚର୍ଯ୍ୟା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା : ୨୬-୩୧।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :** https://pracheenews.com/

**DOI :** https://doi.org/10.5281/zenodo.18185621
Article No - BPP00365

ଯେଉଁ କେତୋଟି ଆଦିବାସୀଭିତ୍ତିକ ନାଟକ ରଚିତ ଏବଂ ଯେଉଁ ମାନେ ନାଟକ ରଚନା କରିଛନ୍ତି ସେମାନଙ୍କ ବିଷୟରେ ଆଲୋଚନା ହେବା ନିତ୍ୟାନ୍ତ ଜରୁରୀ ।

ଆଦିବାସୀ ଜୀବନକୁ ଭିତ୍ତି କରି ନାଟକ ଲେଖିବାର ପ୍ରବଣତା କେବଳ ଏକ ସାର୍ଥକ ନାଟକ ଲେଖିବାରେ ସହାୟକ ହୁଏନାହିଁ । ଏଥିପାଇଁ ଆବଶ୍ୟକ ଆଦିବାସୀ ଜୀବନଚିତ୍ର ସହିତ ନିବିଡ଼ ସଂପୃକ୍ତି, ଜୀବନକୁ ଦେଖିବାର ଏକ ସମ୍ବେଦନଶୀଳ ଦୃଷ୍ଟି, ତତ୍ ସହିତ ଆଦିବାସୀ ମାନସିକତାର ଅଧ୍ୟୟନ, ଯେଉଁଥିପାଇଁ ଆବଶ୍ୟକ ହୋଇଥାଏ କ୍ଷେତ୍ର ଅଧ୍ୟୟନ । କିନ୍ତୁ ନାଟ୍ୟକାର ମାନେ ବା ସାହିତ୍ୟିକମାନେ ନିଜନିଜର କାର୍ଯ୍ୟବ୍ୟସ୍ତତା ଜୀବନରୁ କିଛି ସମୟ ନେଇ କ୍ଷେତ୍ର ବା ଆଦିବାସୀ ଅଞ୍ଚଳ ଯାଇ ଆଦିବାସୀଙ୍କ ସହିତ ମିଶିବା ସମ୍ଭବ ହୋଇପାରୁନି । ତେଣୁ ଆଦିବାସୀ ସଂସ୍କୃତିକୁ ଭିତ୍ତି କରି ଏକ ସଫଳ ଆଦିବାସୀ ଜୀବନ ଭିତ୍ତିକ ନାଟକ ଲେଖିବା ଯେ କେତେ କଷ୍ଟକର ବ୍ୟାପାର ତାହା ହିଁ ଜଣେ ଅନୁଭବୀ ସ୍ରଷ୍ଟା ଅନୁଭବ କରିପାରିବ । ଘରେ ବସି କୌଣସି ଖବର କାଗଜ କିମ୍ବା ଟେଲିଭିଜନ, ରେଡିଓ ବା ଇଣ୍ଟରନେଟ ମାଧ୍ୟମରେ ଆଦିବାସୀଙ୍କ ଜୀବନ ସମ୍ପର୍କରେ ଜ୍ଞାନ ଆହରଣ କରି ନାଟକ ଲେଖିଲେ ତାହା ଯେ କାଳ୍ପନିକ ନାଟକ ଭଳି ମନେହେବ ଏଥିରେ କୌଣସି ମତଭେଦ ନାହିଁ । ଏକ ସଫଳ ଆଦିବାସୀଭିତ୍ତିକ ନାଟକ ରଚନା ପାଇଁ କଠିନ ଅଧ୍ୟବସାୟର ଆବଶ୍ୟକ ରହିଥାଏ । ଏଭଳି ଏକ କାର୍ଯ୍ୟ ପାଇଁ ଯେଉଁ ନାଟ୍ୟକାରମାନେ ଆଗେଇ ଆସିଛନ୍ତି ସେମାନେ ନିଶ୍ଚୟ ପ୍ରଶଂସାର ପାତ୍ର ହିଁ ହେବେ ।

ଓଡ଼ିଆ ଲୋକନାଟ୍ୟରେ ମଧ୍ୟ ଆଦିବାସୀ ଚିତ୍ର ପ୍ରତିଫଳିତ । ଓଡ଼ିଆ ଲୋକନାଟ୍ୟ ବିଶେଷତଃ ଦଣ୍ଡନାଟରେ ଆଦିବାସୀ ଚରିତ୍ରର ଉପଯୋଗ ସର୍ବାଧିକ । ଦଣ୍ଡନାଟରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ । ଏହା ଛଡା କନ୍ଧ – କନ୍ଧୁଣୀ, ଶବର- ଶବରୁଣୀ ସୁଆଙ୍ଗ ଗୁଡିକରେ ବିଭିନ୍ନ ଆଦିବାସୀ ଜାତିର ଚାରିତ୍ରିକ ବୈଶିଷ୍ଟ୍ୟ ସହିତ ସେମାନଙ୍କର ବେଶଭୂଷଣ, ଖାଦ୍ୟପେୟ, ଆଚାର ବ୍ୟବହାର, ସୁଖ ଦୁଃଖ ରୂପାୟିତ ହୋଇଛି ।

ଓଡ଼ିଆ ନାଟକ ବିକାଶର ପ୍ରଥମ ପର୍ଯ୍ୟାୟରୁ ହିଁ ଆଦିବାସୀ ଚରିତ୍ରର ମଞ୍ଚ ପ୍ରବେଶ ଘଟିଛି । ସଂସ୍କାରବାଦୀ ନାଟ୍ୟକାର ରାମଶଙ୍କର ଲୀଳାବତୀ( ୧ ୯ ୧ ୨ ) ନାଟକର ବିଧବା ବିବାହ ଓ ନାରୀ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଆଦିବାସୀମାନଙ୍କର ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସାମାଜିକ ସଂସ୍କାର ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ଲୀଳାବତୀ ଆଦିବାସୀମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଆଣି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାର ପ୍ରୟାସ କରିଛି । ଗୋଟିଏ ବଡ ଦୃଶ୍ୟରେ କନ୍ଧ ସମ୍ପ୍ରଦାୟର ଯୁବକ ଯୁବତୀଙ୍କୁ ଉପଦେଶ ଦେଇ ସେମାନଙ୍କର ସଂଶୟମୋଚନ କରିଛି । ଏଠାରେ ଅବଶ୍ୟ ଆଦିବାସୀ ଚରିତ୍ର ଗୁଡ଼ିକ ଗୌଣ ଓ ନିଷ୍କ୍ରିୟ । ଆଦିବାସୀ ଚରିତ୍ରର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଛି ଯୁଗସ୍ରଷ୍ଟା ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କ ପୌରାଣିକ କିମ୍ବଦନ୍ତୀଭିତ୍ତିକ ନାଟକ 'ଶ୍ରୀମନ୍ଦିର'ରେ( ୧ ୯ ୩ ୪ ) । 'ଶ୍ରୀମନ୍ଦିର' ନାଟକ ଜଗନ୍ନାଥଙ୍କ ମୂର୍ତ୍ତିର ପ୍ରତିଷ୍ଠାକୁ ନେଇ ଗଢ଼ିଉଠିଥିବା କିମ୍ବଦନ୍ତୀର ଆଧାରରେ ରଚିତ । ଏହି ନାଟକର ଉଦ୍ଦେଶ୍ୟ ଆର୍ଯ୍ୟ - ଅନାର୍ଯ୍ୟ ମିଳନ । ନାଟକର ଦୁଇ ମୁଖ୍ୟ ଚରିତ୍ର ଜଗନ୍ନାଥଙ୍କର ମୂଳ ପୂଜକ ଶବର ରାଜା ବିଶ୍ୱାବସୁ ଓ ତାର କନ୍ୟା ଲଳିତା । ଲଳିତା ଏହି ନାଟକର ନାୟିକା ଏବଂ ବିଶ୍ୱାବସୁ ଅନ୍ୟତମ ଚରିତ୍ର । ଏହି ଦୁଇଟି ଚରିତ୍ରକୁ ପୌରାଣିକ ଚରିତ୍ର ଭାବେ ବିଚାର କରାଯାଇଥିବାରୁ ସେମାନଙ୍କ ମୁଖର ସଂଳାପରେ ଆଦିବାସୀ ଭାଷା ଦେବାକୁ ନାଟ୍ୟକାର ଇଚ୍ଛା କରିନାହାନ୍ତି । ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରଥମଥର ପାଇଁ ଦୁଇଟି ଆଦିବାସୀ ସମସ୍ୟାଭିତ୍ତିକ ନାଟକ ଧନେଶ୍ୱର ପଟ୍ଟନାୟକ 'ଆଦିବାସୀ'( ୧ ୯ ୬ ୧ ) ଓ ବଳରାମ ମିଶ୍ରଙ୍କ 'ଡୁମ୍ବା' ( ୧ ୯ ୬ ୨ ) ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଧନେଶ୍ୱର ପଟ୍ଟନାୟକ ତାଙ୍କ ନାଟ୍ୟକାର ଜୀବନର ଆରମ୍ଭ କରିଛନ୍ତି ଦଳିତ, ଅବହେଳିତ ସମାଜର ଚିତ୍ର ଉପସ୍ଥାପନାରେ ତାଙ୍କର 'ଆଦିବାସୀ' ( ୧ ୯ ୬ ୧ ) ନାଟକଟି ଆଦିବାସୀ ଗ୍ରାମର ପଟ୍ଟଭୂମିରେ ଆଦିବାସୀ ଜୀବନର ଏକ ଦ୍ୱନ୍ଦମୟ ଜଟିଳ କାହାଣୀ ପରିକଳ୍ପିତ । ଗୋଟିଏ ଦିଗରେ ଆଦିବାସୀ ଜୀବନର ସରଳତା, ବିଶ୍ୱାସ, ଆବେଗ ଓ ସତ୍ୟନିଷ୍ଠତା ଏବଂ ଅନ୍ୟ ଗୋଟିଏ ଦିଗରେ କ୍ରୋଧ ଓ ଆଦିମ ପ୍ରବୃତ୍ତି ଏ ଦୁଇଟି ବିରୋଧାତ୍ମକ ଭାବଧାରାର ସଂଘର୍ଷରେ ନାଟକଟି ଦ୍ୱନ୍ଦମୟ । ଖଣି ଖାଦାନରେ କାମ କରୁଥିବା ଆଦିବାସୀମାନଙ୍କ ଜୀବନଧାରାର ଜଟିଳତା ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଶୋଷଣ ଓ ପ୍ରତାରଣା ମୁଖ୍ୟ ସମସ୍ୟା ଭାବେ ଉପସ୍ଥାପିତ । ଅନ୍ୟ ସମସ୍ୟାଟି ମିଶନାରୀ ମାନଙ୍କ ଦ୍ୱାରା ଆଦିବାସୀ ମାନଙ୍କର ଧର୍ମାନ୍ତର । ଧର୍ମାନ୍ତର ପାଇଁ ଖ୍ରୀଷ୍ଟିଆନ ମିଶନାରୀ କିପରି ପ୍ରଲୋଭନ ପ୍ରତାରଣା ଓ ମିଥ୍ୟାଚାରର ଆଶ୍ରୟ ଦେଇଥାନ୍ତି ତାର ଏକ ନିଚ୍ଛକ ଚିତ୍ର ଏଥିରେ ରୂପାୟିତ । ନାଟ୍ୟକାର ବଳରାମ ମିଶ୍ର ସ୍ୱାଧୀନୋତ୍ତର କାଳରେ ଆଉ ଜଣେ ଶକ୍ତିଶାଳୀ ଲେଖକ । ଉପାନ୍ତ କୋରାପୁଟ ଅଞ୍ଚଳର

ଅଧିବାସୀ ହୋଇଥିଲେ ମଧ୍ୟ ନାଟ୍ୟକାର ଓଡ଼ିଶାର ସାଧାରଣ ଜୀବନ, ତାହାର ସମସ୍ୟାବଳୀ ଖୁବ୍ ଗଭୀର ଭାବରେ ଅନୁଧ୍ୟାନ କରିଥିବାର ତାଙ୍କ ନାଟକରୁ ଜଣାଯାଏ। ଆଦିବାସୀ ଜୀବନକୁ ନେଇ ରଚିତ ହୋଇଛି ତାଙ୍କ ପୁରସ୍କୃତ ନାଟକ 'ଡୁମ୍ବା' (୧୯୬୨)। ଚତୁର ବ୍ୟବସାୟୀ ମାନେ ଆଦିବାସୀ ଅଞ୍ଚଳକୁ ଯାଇ ଆଦିବାସୀମାନେ କଠିନ ଶ୍ରମ କରି ଜଙ୍ଗଲ ଜମିରୁ ଉତ୍ପନ୍ନ କରିଥିବା ମାଣ୍ଡିଆ, ସୋରିଷ, ହଳଦୀ, ଅଦା ଏବଂ ଜଙ୍ଗଲରୁ ସଂଗ୍ରହ କରିଥିବା ମହୁ , ଝୁଣା ପ୍ରଭୃତିକୁ ସାମାନ୍ୟ ମୂଲ୍ୟ ଦେଇ କିଣିନିଅନ୍ତି। ଅଭାବି ଆଦିବାସୀଙ୍କୁ ଋଣ ଦେଇ ଚାରିଗୁଣ ଟଙ୍କା ଆଦାୟ କରନ୍ତି। ଯେ ଶୁଝିପାରେ ନାହିଁ, ତାର ଜମିକୁ ଜୋର୍ କରି ନେଇଯାଆନ୍ତି କିମ୍ବା ଗୋତି ଖଟାନ୍ତି। ଆଦିବାସୀ ଦରିଦ୍ରରୁ ଦରିଦ୍ରତର ହୁଏ ,ବଞ୍ଚିରହିବାର ରାହା ହରାଏ। ଆଜିବି ଏହି ସର୍ବହରା ଗୋଷ୍ଠୀ କେବଳ ସାହୁକାର ଦ୍ୱାରା ନୁହେଁ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ମଧ୍ୟ ଶୋଷିତ ହୋଇଆସିଛି। ତାର ଏକ କରୁଣ ଚିତ୍ର ମର୍ମସ୍ପର୍ଶୀ ଭାବେ ରୂପାୟିତ ହୋଇଛି ଡୁମ୍ବା ନାଟକରେ।

ରତି ମିଶ୍ରଙ୍କ 'ମାଛ କାନ୍ଦଣାର ସ୍ୱର' (୧୯୯୬) ଇଂରେଜ ଶାସନ କାଳରେ ସଂଘଟିତ ଏକ ଆଦିବାସୀ ଜନଜାଗରଣ ଘଟଣା ଉପରେ ଆଧାରିତ। ଏହାର କଥାବସ୍ତୁ ଶୋଷକ ଓ ଶୋଷିତର ଜଟିଳ ସମ୍ପର୍କ ଏବଂ ତହିଁରେ ଶୋଷକ ଶକ୍ତିର ବିଜୟକୁ ନେଇ କଳ୍ପିତ। କେନ୍ଦୁଝର ରାଜା ଧନଞ୍ଜୟ ଭଞ୍ଜ ଇଂରେଜ ସରକାରର ଛତ୍ର ଛାୟା ତଳେ ରହି ନିରୀହ ଆଦିବାସୀ ପ୍ରଜାଙ୍କୁ ବିଭିନ୍ନ ଭାବରେ ଶୋଷଣ କରିଚାଲିଥିଲେ। ରାଜାଙ୍କ ଆଦେଶରେ ମାଛ କାନ୍ଦଣା ନଦୀରେ ବନ୍ଧ ପକାଇବା ପାଇଁ ଆଦିବାସୀ ମାନଙ୍କୁ ବିନା ପାରିଶ୍ରମିକରେ ନିୟୋଜିତ କରାଗଲା। ନିଜ ହାତରୁ ଖାଇ ବେଠି ଖଟିବା ପାଇଁ ଥିଲା ନିର୍ଦ୍ଦେଶ। ଆଦିବାସୀମାନେ ଭୋକ ଉପାସରେ ରହି କଠିନ ପରିଶ୍ରମ କରିବାକୁ ଲାଗିଲେ। ଯେଉଁମାନେ ଦୁର୍ବଳତା ହେତୁ କାମ କରିନପାରିଲେ, ସେମାନେ ଅମାନୁଷିକ ଶାରୀରିକ ନିର୍ଯ୍ୟାତନାର ସମ୍ମୁଖୀନ ହେଲେ। ଏହି ଶୋଷଣର ଦୃଢ଼ ପ୍ରତିବାଦ କରିଥିଲେ ବିପ୍ଳବୀ ଧରଣୀଧର। କେନ୍ଦୁଝର ଭୂୟାଁ ମେଲି ସେ ସମୟର ଚର୍ଚ୍ଚିତ ଘଟଣା, ଯାହା ସହିତ ଭଲ ଭାବରେ ଜଡ଼ିତ ଥିଲେ ଫକୀରମୋହନ। ଆଦିବାସୀ ଜନଜାଗରଣ, ଶୋଷକ ବିରୁଦ୍ଧରେ ଶୋଷିତର ସଂଗ୍ରାମ ଏହି ନାଟକର ମୁଖ୍ୟବସ୍ତୁ।

କଳାହାଣ୍ଡିର ପଟ୍ଟଭୂମିରେ ରଚିତ ନାଟକ ହରିହର ମିଶ୍ରଙ୍କର 'ଏବେ ନୁହେଁ ତ କେବେ ନୁହେଁ' କଳାହାଣ୍ଡିର ଆଦିବାସୀ କନ୍ଧ ସମ୍ପ୍ରଦାୟର ଲୋକେ ଘୋର ଦାରିଦ୍ର୍ୟ ଭିତରେ ସଢୁଥିବା ବେଳେ ସହରର ସଭ୍ୟ ସମ୍ଭ୍ରାନ୍ତ ଲୋକ ସେମାନଙ୍କୁ ନାନା ପ୍ରକାରେ ଶୋଷଣ କରିବାକୁ ଏହି ଜଙ୍ଗଲ ଅଞ୍ଚଳକୁ ଚାଲିଆସୁଛନ୍ତି। ପ୍ରତିଦିନ ଖଣିରୁ ବାହାରୁଥିବା ରତ୍ନ ପଥର ଲୁଟ ହେଉଛି। ଯେଉଁ ଆଦିବାସୀ ମାନେ ପାହାଡ ଜଙ୍ଗଲରୁ ରତ୍ନ ପଥର ସଂଗ୍ରହ କରିଛନ୍ତି, ସେମାନଙ୍କ ଠାରୁ ସାମାନ୍ୟ ମୂଲ୍ୟ ଦେଇ ସୁବିଧା ବାଦୀ ଲୋକେ କିଣି ନେଉଛନ୍ତି ଇନ୍ଦ୍ରାବତୀ ଜଳ ସେଚିତ ଜମିକୁ କେଉଁଠି ସାମାନ୍ୟ ମୂଲ୍ୟରେ ତ କେଉଁଠି ଆଦିବାସୀ ମାନଙ୍କୁ ଋଣଗ୍ରସ୍ତ କରାଇ ସେମାନଙ୍କର ଚାଷ ଜମିକୁ ଅପହରଣ କରି ନେଉଛନ୍ତି। କଣ୍ଟ୍ରାକ୍ଟର ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ଶୋଷଣ ଷଡ଼ଯନ୍ତ୍ରରେ ଲିପ୍ତ। ଶୋଷଣ ଓ ଲୁଣ୍ଠନ ବ୍ୟାପକ ଚିତ୍ର ଦେବା ଭିତରେ ଆଦିବାସୀ ଅନ୍ଧବିଶ୍ୱାସର ଗୋଟିଏ ଚିତ୍ର ମଧ୍ୟ ନାଟକ ଭିତରକୁ ଆସିଛି। କନ୍ଧ ସମ୍ପ୍ରଦାୟର ସୁଖବାସୀ ଗୋଷ୍ଠୀର ଲୋକଙ୍କର ବିଶ୍ୱାସ ଯେ ବର୍ଷା ନ ହେଲେ ଶିଶୁବଳି ଦେଲେ ସୁଫଳ ମିଳିଥାଏ।

ଜଙ୍ଗଲ ଉଚ୍ଛେଦ, ଶିଳ୍ପାୟନ, ବିସ୍ଥାପନ ଆଦିକୁ ଆଧାର କରି ନୀଳାଦ୍ରି ଭୂଷଣ ହରିଚନ୍ଦନ ରଚନା କରିଛନ୍ତି ' ଅରଣ୍ୟ ଅଶ୍ରୁ'। ଏହାର ପୃଷ୍ଠଭୂମି ଯାଜପୁର ଜିଲ୍ଲାର କଳିଙ୍ଗ ନଗରରେ ଘଟିଥିବା ପୋଲିସ ଓ ଆଦିବାସୀ ସଂଘର୍ଷ। ପୋଲିସ ବାହିନୀର ଅମାନୁଷିକ ଦମନଲୀଳା ଓ ଲୋମହର୍ଷଣ କାରୀ ହତ୍ୟାକାଣ୍ଡର ସମ୍ବାଦ ବାରମ୍ବାର ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏହା ଓଡ଼ିଶାର ଜନସାଧାରଣଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ସେମାନଙ୍କ ଜଙ୍ଗଲରୁ ବିତାଡନ ଇତ୍ୟାଦି ଘଟଣାବଳୀ ଏହି ନାଟକରେ ପ୍ରତିଫଳିତ। ଆଜିର ଆଧୁନିକ ସଭ୍ୟତାର ବିକାଶରେ ଶିଳ୍ପାଞ୍ଚଳ ଗଢ଼ି ଉଠୁଛି  ଜଙ୍ଗଲକୁ ଉଚ୍ଛେଦ କରି। ତତ୍ ସହିତ ଆଦିବାସୀ ମାନଙ୍କୁ ବିତାଡିତ କରାଯାଉଛି ବଳ ପ୍ରୟୋଗ କରି। ଆଦିବାସୀ ମାନଙ୍କର ପ୍ରତିରୋଧ, ସଂଘର୍ଷ ଏବଂ ମୃତାହତ ଅବସ୍ଥାରେ ଭିଟାମାଟି ଛାଡ଼ି ଅରଣ୍ୟ ଭିତରକୁ ପଳାୟନର କାହାଣୀ ଉପସ୍ଥାପନ କରାଯାଇଛି। "ଏଇ ତ ଇତିହାସର ଆବର୍ତ୍ତନ। ସାରା ଭାରତବର୍ଷରେ ଅତୀତର ସେଇ ମର୍ମନ୍ତୁଦ ଘଟଣାର ପୁନରାବୃତ୍ତି ଘଟିଚାଲିଛି ଆଜି ପର୍ଯ୍ୟନ୍ତ। କେବେ ଶେଷ ହେବ ସେମାନଙ୍କର ଦୁର୍ଦ୍ଦିନ ? ଏଇ ଭୂମି ଉପରେ ସେମାନଙ୍କର ଜନ୍ମ। ସେମାନଙ୍କର ପ୍ରଥମ ପଦ ସଂଚରଣ। ସେମାନଙ୍କ ପ୍ରଥମ କଳରବରେ ମୁଖରିତ ହୋଇଛି ଅରଣ୍ୟର ଆକାଶ।"(ଅରଣ୍ୟର ଅଶ୍ରୁ -୧୩୨)

ନାଟ୍ୟକାର ମନ୍ମଥ ଶତପଥୀ ସଭ୍ୟ ସହରୀ ଶିକ୍ଷିତ ମଣିଷଙ୍କ ସମସ୍ୟାକୁ ପ୍ରାଧାନ୍ୟ ନ ଦେଇ ଆଦିମ ମଣିଷ ବା ଆଦିବାସୀ ମାନଙ୍କ ଜୀବନଶୈଳୀ ଓ ସମସ୍ୟାକୁ ନେଇ 'ମୁ ଚକରା କହୁଛି' , 'କାହାଣୀ ନୁହେଁ ନାଟକ' , 'ଯୌବନର ତୀର୍ଥ' , 'ଆଜିର ମଣିଷ' ନାଟକ ମାନ ଗଢିଉଠିଛି ଯେଉଁଥିରେ ଆଦିବାସୀ ମାନଙ୍କର ଜୀବନ ସମସ୍ୟା ଉପସ୍ଥାପିତ ହୋଇଛି । ନାଟ୍ୟକାର ଶତପଥୀଙ୍କ 'କାହାଣୀ ନୁହେଁ ନାଟକ' ଏକ ଆଦିବାସୀ ଜୀବନ ଆଧାରିତ ରଚନା । ଏଥିରେ ଆଦିବାସୀ ଯୁବତୀ ରାଧିର ରୂପାନ୍ତରଣ ପ୍ରକ୍ରିୟାକୁ ଦେଖାଇ ଦିଆଯାଇଛି । କଳାକାର ହେବାକୁ ଯାଇ ରାଧି ସହରୀ ମଣିଷର ସ୍ୱରୂପ ଦେଖି ପୁଣି ଫେରି ଆସିଛି ତାର ମଦ୍ୟପ ସ୍ୱାମୀ ସାଧୁ ପାଖକୁ । ଆଦିବାସୀ ସଂପ୍ରଦାୟର ଦୟନୀୟ କାହାଣୀ ସହିତ ଧର୍ମାନ୍ତରୀକରଣର ଭୟାବହ ଚିତ୍ର ଏଥିରେ ରୂପ ନେଇଛି ।

**ସାଧୁଆ** – ଯିବୁ, ଫେରିଯିବୁ। ସେଇ ମାଟି, କାଦୁଅର ଗାଁକୁ। ଏତେ ଜଲଦି ତୋର ସପନ ଭାଙ୍ଗିଗଲା ? କାହିଁକି ଯିବୁ ? ସେଇଠି ଯାଇ କଣ କରିବୁ।

**ମଂଙ୍କୁ** – ଆଉ ବିଶେଷ କରି ମୋତେ କଷ୍ଟ ଦିଅନି। ମରୀଚିକା ପଛରେ ଦୌଡ଼ି ଦୌଡ଼ି ମୁଁ ଥକି ଯାଇଛି। ମୋର ଗାଁ ଭଲ। ମୁଁ ସେଠାକୁ ଚାଲିଯିବି। (କାହାଣୀ ନୁହେଁ ନାଟକ -୭୦)

ମନ୍ମଥଙ୍କ 'ଯୌବନ ତୀର୍ଥ' (୧୯୭୧) ନାଟକ ମଧ ଆଦିବାସୀ ମାନଙ୍କ ସମସ୍ୟା ଉପରେ ଆଧାରିତ। ଆଦିବାସୀ ଅଞ୍ଚଳର ବଣପାହାଡଭରା ନିର୍ଜନ ଡାକବଙ୍ଗଳା ହେଉଛି ନାଟକର ପୃଷ୍ଠଭୂମି। ଏଇ ଡ଼ାକବଙ୍ଗଳାରେ ସଭ୍ୟମଣିଷଙ୍କ ଅସଲ ଚେହେରା ଉନ୍ମୁକ୍ତ ହୋଇଛି। ଆଧୁନିକ ଭୋଗବାଦୀ ସଭ୍ୟ ମଣିଷର ଦେହଜ କ୍ଷୁଧା ସେ ଅଞ୍ଚଳର ସାମାଜିକ ଜୀବନରେ ଯେଉଁ ବିଶୃଙ୍ଖଳା ସୃଷ୍ଟି କରେ , ତାହା ଏଇ ନାଟକରେ ଦେଖାଇ ଦିଆଯାଇଛି। ନିଜକୁ ସଭ୍ୟ ଏବଂ ଶିକ୍ଷିତ ବୋଲି ଦାବି କରୁଥିବା ମଣିଷର କାମନା ଭଦ୍ର ଆବରଣ ତଳେ ଛପି ରହିଥାଏ। ସୁଯୋଗ ପାଇବା ମାତ୍ରେ ନଖଦନ୍ତ ବାହାର କରି ସେ ଶିକାର ଉପରକୁ ଲମ୍ଫ ମାରେ। ସାରା ଦୁନିଆକୁ ସେ ମନେକରେ ନିଜ ଉପଭୋଗର କ୍ଷେତ୍ର ରୂପେ। ପରଦାର ଅନ୍ତରାଳରେ ତା ମୁହଁରୁ ଭଦ୍ରତାର ମୁଖା ଖସିପଡେ ଏବଂ ସେ ହୋଇଯାଏ ହିଂସ୍ର ପଶୁଟିଏ। ନାଟକରେ ଏହି ଘଟଣା ସ୍ଥାନ ପାଇଛି। ଘୁମୁସର କନ୍ଧମେଳି ବିଦ୍ରୋହ ଉପରେ ଆଧାରିତ ହୋଇଛି 'ମୁଁ ଚକରା କହୁଛି'। ଘୁମୁସର ରାଜାଙ୍କ ସେନାପତି କନ୍ଧ ସର୍ଦ୍ଦାର ଦୋହରା ବିଶୋଇର ପୁତୁରା ଚକରା ବିଶୋଇ ବିଦ୍ରୋହର ନେତୃତ୍ୱ ନେଇଛି। ୨୦୦୨ ମସିହାରେ ଏହି ନାଟକ ସାହିତ୍ୟ ଏକାଡେମୀ ପାଇଲା ପରେ ରାଜ୍ୟ ସରକାର ଚକରା ବିଶୋଇକୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ କରିଥିଲେ।

ଶିମିଳିପାଳ ଅରଣ୍ୟର ପଟ୍ଟଭୂମିକୁ ଆଧାର କରି ଡ଼କ୍ଟର ପଞ୍ଚାନନ ପାତ୍ର ଲେଖିଛନ୍ତି 'ଆରଣ୍ୟକ'। ଏଥିରେ ଆଦିବାସୀମାନଙ୍କ ସମସ୍ୟାର କଥା କୁହାଯାଇଛି। ପାତ୍ରଙ୍କର ଆଉ ଏକ ପ୍ରଭାବଶାଳୀ ନାଟକ ହେଉଛି 'ଅଶାନ୍ତ ଅରଣ୍ୟ'। ଶିମିଳିପାଳ ଆଦିବାସୀମାନଙ୍କ କଥା ସହିତ ଧର୍ମାନ୍ତରୀକରଣ କଥା ଏଥିରେ ରହିଛି। ଖ୍ରୀଷ୍ଟିଆନ ପାଦ୍ରିମାନେ ଆଦିବାସୀମାନଙ୍କ ସରଳତାର ସୁଯୋଗ ନେଇ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଇବାର ଚକ୍ରାନ୍ତ କଥା ଏ ନାଟକରେ କୁହାଯାଇଛି।

ସାମ୍ପ୍ରତିକ ଓଡ଼ିଆ ନାଟ୍ୟସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଶୈଳୀଭିତ୍ତିକ ନାଟକ ରଚନା ସୃଷ୍ଟି କରୁଥିବା ଜଣାଶୁଣା ନାମ ହେଉଛି ହୃଷିକେଶ ପଣ୍ଡା। ତାଙ୍କ ଲେଖିନୀରୁ 'ଭାସ୍କୋଡାଗାମା' ନାମକ ଏକ ନାଟକ ସୃଷ୍ଟି ହୋଇଛି ଯେଉଁଥିରେ ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ସମସ୍ୟା ଏବଂ ଆଦିବାସୀମାନଙ୍କ ସଂସ୍କୃତିକୁ ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି। ହୃଷିକେଶ ପଣ୍ଡାଙ୍କ ଭାସ୍କୋଡାଗାମା ଆଦିବାସୀମାନଙ୍କ ଧର୍ମାନ୍ତରୀ କରଣ ଓ ଧର୍ମୀୟ ଶୋଷଣର ଏକ ଜ୍ୱଳନ୍ତ ଚିତ୍ର। ଆଦିବାସୀମାନଙ୍କର ଦାରିଦ୍ର ଓ ଅଶିକ୍ଷାର ସୁଯୋଗ ନେଇ ଖ୍ରୀଷ୍ଟିଆନ ମିଶନାରୀମାନେ କାଳକାଳ ଧରି ସେମାନଙ୍କୁ ଧର୍ମ ନାମରେ ବିଭ୍ରାନ୍ତ କରିଆସୁଛନ୍ତି ଏବଂ ନିଜ ଧର୍ମରେ ଦୀକ୍ଷିତ କରାଇଛନ୍ତି। ଧର୍ମ ନାମରେ ଶୋଷଣ ଓ ଅତ୍ୟାଚାର କରିଛନ୍ତି। ଧର୍ମଯାଜକମାନଙ୍କ ପ୍ରଲୋଭନରେ ପ୍ରଲୋଭିତ ହୋଇ ଆଦିବାସୀମାନେ ଧର୍ମାନ୍ତରିତ ଆଦିବାସୀ ମାନଙ୍କୁ ବିରୋଧ କରୁଛନ୍ତି, ସେମାନଙ୍କ ଉପରେ ହେଉଛି ଭୀଷଣ ଅତ୍ୟାଚାର। ଭାସ୍କୋଡ଼ାଗାମା ଖ୍ରୀଷ୍ଟିଆନ ମିଶନାରୀର ପ୍ରତୀକ।

ରମେଶ ଦାସଙ୍କ ଆଦିବାସୀ ଜୀବନ ଆଧାରିତ ନାଟକ 'ବରଂ ନିବାସ ଭଲ ରଣକ୍ଷେତ୍ରରେ' ଏକ ସାର୍ଥକ ସୃଷ୍ଟି। ଏଥିରେ ରହିଛି ଆଦିବାସୀ ଜୀବନ ଓ ସଂସ୍କୃତି ସହିତ ନିବିଡ଼ ସଂପୃକ୍ତି। ଏକ ଆଦିବାସୀ ଗ୍ରାମରେ ସେବା କରିବା ପାଇଁ ପହଞ୍ଚନ୍ତି ଡାକ୍ତର ଅରବିନ୍ଦ ଓ ଶିକ୍ଷକ ପ୍ରକାଶ। ଡାକ୍ତରଙ୍କ ମାଗଣା ଚିକିତ୍ସା ଗାଁର ଦିଶାରୀ (ବଇଦ) ପାଇଁ କାଳ ହୁଏ। ଆଦିବାସୀ ଝିଅ ପାରକୁ ବିବାହ ପାଇଁ ଆରମ୍ଭ ହୋଇଛି ଲାଖବିନ୍ଧା ପ୍ରତିଯୋଗିତା। ଏଥିରେ

ଜିତିଥିବା ସନିଆ ପାରର ପିତାକୁ ପଣ ଦେଇ ନ ପାରିବାରୁ ଗ୍ରାମରୁ ବିତାଡିତ ହେବା କଥା ଗାଁ ନାୟକ ନିଷ୍ପତ୍ତି କରିଛି । ଇତ୍ୟବସରରେ ପାର ହାତକୁ ଶିକ୍ଷକ ଧରି ପକାଇବାକୁ ଅପରାଧ ସ୍ୱରୂପ ତାକୁ ଗାଁ ଦେବୀଙ୍କ ପାଖରେ ବଳି ପକାଇବା ପାଇଁ ଗାଁ ନିଷ୍ପତ୍ତି ନେଇଛି ।ଶିକ୍ଷକଙ୍କୁ ବଞ୍ଚାଇବାକୁ ଆସି ଡାକ୍ତର ବଳି ପାଇଁ ଆଗେଇ ଆସିଛି । ମୁଖିଆ ଓ ଗ୍ରାମବାସୀଙ୍କୁ ଅନୁରୋଧ କରିଛି ଶିକ୍ଷକଙ୍କୁ ଛାଡ଼ିଦେବା ପାଇଁ । ମୁଖିଆ ପ୍ରଥମେ ରାଜି ହୋଇନାହିଁ । ପରେ ଚିନ୍ତା କରି କହିଛି ତୁମ ଭିତରୁ ଯଦି ଏ ଝିଅକୁ ବାହା ହୋଇଯିବ ତେବେ ଆଉ ଶିକ୍ଷକଙ୍କୁ ବଳି ଦିଆଯିବ ନାହିଁ । ଏତିକି ବେଳେ ସେହି ଝିଅକୁ ଭଲ ପାଉଥିବା ଆଦିବାସୀ ଯୁବକ ବିବାହ ପାଇଁ ପ୍ରସ୍ତାବ ଦେଇଛି । ଫଳରେ ଶିକ୍ଷକଙ୍କୁ ଛାଡ଼ି ଦିଆଯାଇଛି ଏବଂ ଉଭୟଙ୍କୁ ଗାଁ ଛାଡ଼ି ଚାଲିଯିବାକୁ ଆଦେଶ ଦିଆଯାଇଛି ।

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟଧାରାର ଜଣେ ବହୁ ପରିଚିତ ନାଟ୍ୟ ବ୍ୟକ୍ତିତ୍ୱ ହେଉଛନ୍ତି ନାଟ୍ୟକାର ବିଜୟ କୁମାର ଶତପଥୀ । ନାଟ୍ୟକାରଙ୍କ କୋକୁଆ ନାଟକଟି ବିସ୍ଥାପନ ବିରୁଦ୍ଧରେ ଆଦିବାସୀ ମାନଙ୍କ ପ୍ରତିବାଦ ଓ ନକ୍ସଲାଇଟ୍ ସମସ୍ୟାର ଏକ ମାର୍ମିକ ଚିତ୍ର । ଜମି ଜଙ୍ଗଲର ସୁରକ୍ଷା ପାଇଁ ଶିବୁ ମାଝୀର ନେତୃତ୍ୱରେ ମୁଣ୍ଡ ଟେକେ ଗଣ ଆନ୍ଦୋଳନ । ଆଶ୍ରମ ସ୍କୁଲଟି ନାଟକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏକ ନାଟ୍ୟଧର୍ମୀ କାହାଣୀ ମାଧ୍ୟମରେ ଜଙ୍ଗଲ ଧ୍ୱଂସ ତଥା ବିସ୍ଥାପନ, ଆଦିବାସୀ ଗୋଷ୍ଠୀର ପ୍ରତିରୋଧ ଏବଂ ମୁଖ୍ୟସ୍ରୋତରେ ମିଶିବା ପାଇଁ ଆତଙ୍କବାଦୀଙ୍କ ଠାରୁ ମୁକ୍ତିଲାଭର ବିଡମ୍ବନା ପରି ସମସ୍ୟା ଗୁଡ଼ିକୁ ସାର୍ଥକ ଭାବେ ରୂପାୟିତ କରି ପାରିଛନ୍ତି ନାଟ୍ୟକାର ।

ବିଶ୍ୱଜିତ ଦାସଙ୍କ ରଚିତ 'ନୂଆ ଜହ୍ନ' ରେ ମଧ୍ୟ ଆଦିବାସୀ ମାନଙ୍କ ଶୋଷଣ ଅତ୍ୟାଚାରର ଚିତ୍ର ରହିଛି । ଆଦିବାସୀ ଯୁବକ ସୋନାରାମ ଏମଏଲ୍ଏ ବା ମନ୍ତ୍ରୀ ହେଲାପରେ ପ୍ରଥମେ ନିଜ ଅଞ୍ଚଳକୁ ଓ ଲୋକ ମାନଙ୍କୁ ଭୁଲି ଯାଇଛି । ମେଘରାଜ ପର୍ବତକୁ ଖଣିମାଲିକଙ୍କ ହାତକୁ ଟେକି ଦେଇ ସୋନାରାମ ଆଦିବାସୀମାନଙ୍କ ପେଟରେ ଛୁରୀ ମାରିଛି । ପରବର୍ତ୍ତୀ ନିର୍ବାଚନରେ ସୋନାରାମ ହାରିଯାଇଛି । ଆଦିବାସୀମାନଙ୍କ ସମସ୍ୟା ଏ ନାଟକରେ ବିଶେଷ କରି ରାଜନୀତିକ ଦୃଷ୍ଟିକୋଣରୁ ଉପସ୍ଥାପିତ ହୋଇଛି ।

ଉଚ୍ଚବର୍ଗର ନାରୀ ଲୋପାମୁଦ୍ରା ସହିତ ଆଦିବାସୀ ଯୁବକ ସହଦେବର ସମ୍ପର୍କ ଉପରେ ଆଧାରିତ 'ହୋ ଭଗତେ' ନାଟକ , ଏହା ଛଡା କଳାହାଣ୍ଡିର ଅନାହାର ମୃତ୍ୟୁ ଉପରେ ଆଧାରିତ ହୋଇଛି ଡାକ୍ତର ସୁବୋଧ ପଟ୍ଟନାୟକଙ୍କ 'ଅବରୁଦ୍ଧ ଉଦ୍ଧବ' (୧୯୯୪) । କଳାହାଣ୍ଡିର ଆଦିବାସୀମାନଙ୍କ ଦୁଃଖ ଦୂର କରିବାର ଅଭିନୟ କରିଛନ୍ତି ରାଜନେତା, ସାମ୍ବାଦିକ ତଥା ବୁଦ୍ଧିଜୀବୀ ଗଣ । କନ୍ଧ ଯୁବକ ଉଦ୍ଧବର ଦାରିଦ୍ର୍ୟର ସୁଯୋଗ ନେଇଛନ୍ତି ମାଓନେତା ଗଣ । ପୁଣିଥରେ ଲହୁ ଲୁହାଣ ହୋଇଛି କଳାହାଣ୍ଡି ନିଜ ଲୋକଙ୍କ ରକ୍ତରେ । ନାଟକରେ ଆଦିବାସୀମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦିଆଯାଇଛି ।

ଓଡ଼ିଆ ନାଟ୍ୟ ଜଗତରେ ଆଦିବାସୀମାନଙ୍କ କଥା ବା ଆଦିବାସୀ ଜୀବନଚିତ୍ର କଥାକୁ ମନରେ ଆଣିବା ମାତ୍ରେ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ (ନାଟ୍ୟ ଚେତନା) ନାମ ମନ ଭିତରେ ସ୍ୱତଃ ଗୁଞ୍ଜରଣ ହୋଇ ଉଠିଥାଏ । ଓଡ଼ିଆ ଭାଷାରେ ଆଦିବାସୀମାନଙ୍କ ସମସ୍ୟାକୁ ନେଇ ନାଟ୍ୟକାର ପଟ୍ଟନାୟକ ଅଧିକାଂଶ ନାଟକ ଋଦ୍ଧିମନ୍ତ ହୋଇଛି । ଆଦିବାସୀ ଅଞ୍ଚଳକୁ ଯାଇ ଆଦିବାସୀମାନଙ୍କ ପ୍ରତ୍ୟକ୍ଷ ଜୀବନଶୈଳୀ ଉପରେ ଓ ତାଙ୍କ ଜୀବନରେ ଘଟିଯାଇଥିବା ଦୈନନ୍ଦିନ ଘଟଣା ଆଦିକୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କରି ନାଟକ ରଚନା କରିବା ତାଙ୍କର ପ୍ରମୁଖ ବୈଶିଷ୍ଟ୍ୟ । ଆଦିବାସୀ ଜୀବନକୁ ନେଇ ରଚିତ ନାଟକ ଗୁଡ଼ିକ ମଧ୍ୟରେ ରହିଛି 'କାଠ' , 'ଧୂଆଁ' , 'ଫୁଲ' , 'ମାଟି', 'ବଣ', 'ବିଷ ବଜାର', 'ଧଳାସୁନା', 'କଳାପାଣି', 'ଟାଙ୍ଗିଆ ଛାପ', 'ବଳି' ପ୍ରଭୃତି ପ୍ରଧାନ ।

ଅରଣ୍ୟରେ କାଠର ଅଭାବ ନାହିଁ । ମଙ୍ଗଲୁ ଗୋଟି । ହେଲେ ତାର ସ୍ତ୍ରୀ ସୁରେଇ କାଠ ବିକି ଗୁଜୁରାଣ ମେଣ୍ଟାଉଥିଲା । ଉଭୟ ସ୍ୱାମୀ ସ୍ତ୍ରୀ ଲୁଚି କରି ସହରକୁ ପଳାଇ ଆସିଛନ୍ତି ଗୋଟିରୁ ମୁକ୍ତି ପାଇଁ । ହେଲେ ସେଠାରେ ବି ସେଇ ଯନ୍ତ୍ରଣା । ଛାତରୁ ପଡ଼ି ମଙ୍ଗଲୁର ମୃତ୍ୟୁ ହୋଇଛି । ହେଲେ ସ୍ୱାମୀର ଶବଦାହ ପାଇଁ ସୁରେଇ କାଠ ଖଣ୍ଡିଏ ପାଇ ନାହିଁ । ଦାରିଦ୍ର୍ୟର ତାଡ଼ନାରେ ଆଦିବାସୀମାନେ ଗାଁରୁ ସହରକୁ ଆସିନାହିଁ ନଥିବା ଅସୁବିଧାରେ ପଡ଼ିଛନ୍ତି । ତାର ମନ୍ମୟ ଲିପି 'କାଠ' ।"ମଙ୍ଗଲୁ ଖଟିବ, ହକ୍ ଖଟିବ । ଆଗ ତୋ ମାନକୁ ମୁକୁଲେଇବ, ତା ପରେ ଗାଁ ଯିବ । ତୁ ସତ କହୁଥିଲୁ ଲୋ, ଏଇ ଜାଗା ଆମ ପାଇଁ ନୁହଁ । ଆମେ ସିନା ଗାଁ ସାହୁକାରକୁ ଡରି ଏଠିକି ପଳେଇ ଆସିଲେ । ହେଲେ ଏଠି ତ ସମସ୍ତେ ଗୋଟିଏ ଗୋଟିଏ ସାହୁକାର ।"(କାଠ -୮୩) ଯୁଗ ଯୁଗର ବିଶ୍ୱାସ ଓ ଅନ୍ଧବିଶ୍ୱାସ ଉପରେ ଆଧାରିତ ନାଟକ 'ବଳି' । ପୋଲ ନିର୍ମାଣ ପାଇଁ ଆଦିବାସୀ ଦମ୍ପତ୍ତି ସେମାନଙ୍କ ଶିଶୁପୁତ୍ରକୁ ଜାନି ହାତରେ ସମର୍ପଣ କରିଛନ୍ତି କେତେଟା ଟଙ୍କା ପାଇଁ ,ଜାନି ଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ

ସମସ୍ତେ ଶୋଷଣ କରିଛନ୍ତି। 'ଫୁଲ' ନାଟକରେ ଫସଲ ପାଇଁ ଆଦିବାସୀମାନଙ୍କର ପୋଡ଼ ବଳି, 'ଧୂଆଁ'ରେ ଅଭାବି ଆଦିବାସୀ ଖାଦ୍ୟ ପାଇଁ ଶିଶୁ ବିକ୍ରି, 'ବିଷବଜାର'ରେ ଆଦିବାସୀମାନଙ୍କ ଅତ୍ୟଧିକ ମଦ୍ୟପାନ ଓ କୁକୁଡ଼ା ଲଢେଇ, 'କଳାପାଣି'ରେ ଆଦିବାସୀ ମେଳି ଓ ଗ୍ରାମ ସଭାର ଚିତ୍ର, 'ଧଳାସୁନା'ରେ କପାଚାଷ ପାଇଁ ଆଦିବାସୀମାନେ ରଣଜନ୍ତାର ଶିକାର ଆଦିର ଚିତ୍ର ସ୍ଥାନ ପାଇଛି।

କେନ୍ଦୁଝରର ଅଞ୍ଚଳର ଆଦିବାସୀ ପଲ୍ଲୀରେ ଏକ ଭାଲୁଛୁଆର କାହାଣୀକୁ ଆଧାର କରି ଗଢିଉଠିଛି ଶଙ୍କର ତ୍ରିପାଠୀଙ୍କ ନାଟକ 'ପାଶବିକ' (୨୦୧୩)। ଭାଲୁଛୁଆଟି ଆଦିବାସୀ ପାଳକ ପିତା ଓ କନ୍ୟାଙ୍କ ମେଳରେ ଏକ ପ୍ରକାର ନିରାମିଶାଷୀ ଜୀବନ ବିତାଏ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ ହୁଏ ଭାଲୁଛୁଆ ; ମାତ୍ର ସଭ୍ୟ ସମାଜର ଆଇନ ନିରୀହ ଆଦିବାସୀ ଠାରୁ ଭାଲୁଛୁଆଟିକୁ ଛଡାଇ ନେଇ ନନ୍ଦନକାନନରେ ଫିଙ୍ଗିଦିଏ। ମାତ୍ର ଭାଲୁଛୁଆଟି ତାର ପ୍ରିୟଜନଙ୍କ ଅଭାବରେ ଅନାହାରରେ କାଳାତିପାତ କରେ। ବାଧ ହୋଇ ତାର ପାଳିତ ପିତା ଏବଂ କନ୍ୟାକୁ ଅଣାଯାଏ। ଭାଲୁଛୁଆ ମୁହଁରେ ହସ ଫୁଟି ଉଠେ। ଏଭଳି ଏକ ରୋଚକ କାହାଣୀକୁ ଅଧିକାର କରି ରଚିତ ହୋଇଛି ନାଟକ 'ପାଶବିକ'।

ଏହା ବ୍ୟତୀତ ପଶ୍ଚିମ ଓଡ଼ିଶାର କେତେକ ନାଟ୍ୟକାର ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟାକୁ ନାଟକରେ ସ୍ଥାନ ଦେଇଛନ୍ତି। ଉପସ୍ଥାପନା ଶୈଳୀ ମଧ୍ୟ ନିଆରା। କଥାବସ୍ତୁ, ଚରିତ୍ର ଚିତ୍ରଣ ଓ ସମସ୍ୟା ଉପରେ ସାଧାରଣତଃ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଆଦିବାସୀମାନଙ୍କର ନୃତ୍ୟ, ଗୀତ, ପର୍ବ, ଜୀବନର ନିଆରା ଶୈଳୀ ଏଠାକାର ନାଟକରେ ନିଖୁଣ ଭାବେ ପରିସ୍ଫୁଟନ କରାଯାଇଥାଏ।

ଓଡ଼ିଆ ନାଟକରେ ଆଦିବାସୀମାନେ ଅନ୍ୟମାନଙ୍କ ଦ୍ୱାରା ପୁଣି କେତେବେଳେ ନିଜ ସମ୍ପ୍ରଦାୟ ଦ୍ୱାରା ଅତ୍ୟାଚାରିତ ହୋଇଛନ୍ତି। ସେମାନଙ୍କ ଦୁର୍ବଳତା ସହଜରେ ପଦାରେ ପଡ଼ିଯାଇଛି। ଜଙ୍ଗଲ, ଜମି, ଦେବତା ଆଉ ଜାନି ଏମାନଙ୍କ ଜୀବନଚର୍ଯ୍ୟାକୁ ନିୟନ୍ତ୍ରଣ କରିଛନ୍ତି। ସାହୁକାର, ମହାଜନ, ଠିକାଦାର ଏମାନଙ୍କୁ ଶୋଷଣ କରିଛି। ପ୍ରତିବାଦ କରିବାର ଶକ୍ତି ଏମାନଙ୍କର ପ୍ରାୟତଃ ନାହିଁ। ଯେଉଁ କେତେକ ନାଟକରେ ପ୍ରତିବାଦର ସ୍ୱର ଉଠିଛି , ତାହା କେବଳ ଆଦର୍ଶଭିତ୍ତିକ ଏବଂ ସଭ୍ୟ ସମାଜ ଦ୍ୱାରା ପରିକଳ୍ପିତ। ଦେହର ଭୋକ ଠାରୁ ପେଟର ଭୋକ ଏମାନଙ୍କୁ ହିତାହିତ ଜ୍ଞାନ ଭୁଲାଇ ଦେଇଛି। ଅତି ସହଜରେ ଏଇ ସରଳ ମଣିଷମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଝିଅ ବୋହୂର ଇଜ୍ଜତ ଲୁଣ୍ଠିତ ହେବାବେଳେ ସେମାନେ ନିଜ ଭିତରେ ଭାଙ୍ଗି ପଡିଛନ୍ତି। ପ୍ରତିବାଦ ପରିବର୍ତ୍ତେ ଆତ୍ମସମର୍ପଣକୁ ଆଦରି ନେଇଛନ୍ତି। ୧୯୮୦ ମସିହା ପୂର୍ବରୁ ଆଦିବାସୀ କାହାଣୀ, ଚରିତ୍ର, ସମସ୍ୟା ପ୍ରତି ଆମର ଯେଉଁ ଦୃଷ୍ଟିଭଙ୍ଗୀ ଥିଲା, ଏବେ ସେଥିରେ ଅନେକ ସୁଧାର ଅଣାଯାଇଛି। ଆଦିବାସୀମାନଙ୍କ ପ୍ରତି ଦୟା ନ ଦେଖାଇ ସେମାନଙ୍କ ଦାବି ପ୍ରତି ସହାନୁଭୂତିଶୀଳ ହେଲେ, ସେମାନଙ୍କ ଭାଷା ସଂସ୍କୃତି ପ୍ରତି ସକରାତ୍ମକ ମନୋଭାବ ପୋଷଣ କଲେ, ହୁଏତ ସେମାନେ ସମାଜର ମୁଖ୍ୟ ସ୍ରୋତ ସହିତ ସାମିଲ ହେବା ପାଇଁ ମାର୍ଗଟି ପାଇଯିବେ।

**ସହାୟକ ଗ୍ରନ୍ଥସୂଚୀ :**


୧. ମହାନ୍ତି,ବଂଶୀଧର – ଓଡ଼ିଶାର ଆଦିବାସୀ ସଂସ୍କୃତି, ଲକ୍ଷ୍ମୀନାରାୟଣ ପ୍ରେସ, କଟକ, ୧୯୫୫

୨. ଦାସ, ହେମନ୍ତ କୁମାର – ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ବିଦ୍ୟାପୁରୀ ,ବାଲୁବଜାର କଟକ,୨୦୦୮

୩. ଦାସ, ହେମନ୍ତ କୁମାର – ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା,ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ,ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭଣ୍ଡାର ଭୁବନେଶ୍ୱର -୧୯୯୪

୪. ଦାସ, ସର୍ବେଶ୍ୱର – ଓଡ଼ିଆ ନାଟ୍ୟ ସାହିତ୍ୟ ,ରାଜ୍ୟ ପାଠ୍ୟ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର -୧୯୮୧

୫. ଦାସ, ରମେଶ – ବରଂ ନିବାସ ଭଲ ରଣକ୍ଷେତ୍ରରେ, ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର ,୨୦୧୨

୬. ପଟ୍ଟନାୟକ, ସୁବୋଧ – କାଠ ,ନାଟ୍ୟଚେତନା ,ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୦୪

୭. ପଣ୍ଡା, ହୃଷିକେଶ – ଭାସ୍କୋଡ଼ାଗାମା,ବିଦ୍ୟା ପ୍ରକାଶନ, ବାଲୁବଜାର କଟକ,୨୦୦୦

୮. ଶତପଥୀ, ବିଜୟ କୁମାର – କୋକୁଆ , ଅଗ୍ରଦୂତ ,ବାଙ୍କୀବଜାର, କଟକ ,୨୦୧୭

୯. ସାହୁ, ନାରାୟଣ – ମଞ୍ଚ ଓ ନାଟକର କଳା କୌଶଳ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର ୨୦୧୫

୧୦. ହରିଚନ୍ଦନ, ନୀଳାଦ୍ରିଭୂଷଣ – ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି ,ବିଦ୍ୟାପୁରୀ , ବାଲୁବଜାର କଟକ, ୧୯୮୨.


❖ ❖ ❖

DOI : https://doi.org/10.5281/zenodo.18185656

ମୂଳ ପ୍ରବନ୍ଧ

# ମାନବିକ ଚେତନାର ନୂତନ ଭାଷ୍ୟ 'ଭାସ୍ୱତୀ': ଏକ ବିହଙ୍ଗାବଲୋକନ

ବେବୀ ନାଏକ

**ସଂକ୍ଷିପ୍ତସାର :**

**ଜୀବନ ବୈଚିତ୍ର୍ୟମୟ :** ବହୁ ବର୍ଣ୍ଣରେ ଏହା ଏକ ବିଚିତ୍ର ବର୍ଣ୍ଣବୋଧ  ମଣିଷ ଜୀବନର କ୍ଷୁଦ୍ରାତିକ୍ଷୁଦ୍ର ଘଟଣାଠାରୁ ଆରମ୍ଭ କରି ଏକ ସ୍ମରଣୀୟ ମୁହୂର୍ତ୍ତାଂଶର ସାର୍ଥକ ରୂପକାର ହେଉଛି – କ୍ଷୁଦ୍ରଗଳ୍ପ କ୍ଷ ଆକାର ଦୃଷ୍ଟିରୁ କ୍ଷୁଦ୍ରଗଳ୍ପର ପରିସର କ୍ଷୁଦ୍ର ହେଲେ ବି ଏଥିରେ ଥାଏ କାବ୍ୟର ରସଘନତା,କବିତାର ଗୀତିମୟତା,ପ୍ରବନ୍ଧର ମନ୍ନୟତା,ନାଟକର ନାଟକୀୟତା ଓ ସର୍ବୋପରି ଉପନ୍ୟାସର କାହାଣୀଧର୍ମୀତା ଏହି ମିଶ୍ର ସ୍ୱାଦ ହିଁ ଜୀବନ ଯୁଦ୍ଧରେ ଝୁଣ୍ଟି ପଡ଼ିଥିବା ମଣିଷକୁ କରେ ଆକର୍ଷିତ କ୍ଷ ସେହିପରି ଏକ ଐନ୍ଦ୍ରଜାଲିକ ବାସ୍ତବତାକୁ କଥା ଓ କାହାଣୀର ନୂତନ ସଂଜ୍ଞା ଦେଇଥିବା ମାନବବାଦୀ କଥାଶିଳ୍ପୀ ହେଉଛନ୍ତି ଗାଳ୍ପିକ ତରୁଣ କାନ୍ତି ମିଶ୍ର କ୍ଷ ଯାହାଙ୍କର ଗଳ୍ପରେ ଗଭୀର ଅନ୍ତର୍ମୁଖୀ ଅନୁଭବ ଠାରୁ ଆରମ୍ଭ କରି ବିଦଗ୍ଧ ରସ ଚେତନା ପର୍ଯ୍ୟନ୍ତ ସୀମାରେଖା ଟାଣି ରହିଛି ,ଆହୁରି ରହିଛି ମଧ୍ୟ ସମ୍ବେଦନଶୀଳତାର ଏକ ମାର୍ମିକ ଉପଲବ୍ଧି ।

**ପ୍ରମୁଖ ଶବ୍ଦାବଳୀ :**

ନଷ୍ଟାଲଜିଆ, ଝକମକି ପଥର, ମୃତ୍ୟୁ, ସ୍ୱପ୍ନ, ମାନବିକତା, ସମ୍ବେଦନଶୀଳତା, ଅଲୌକିକତା, ଅତିତାଭିମୁଖୀ

## ବିଷୟବସ୍ତୁ:

ଉତ୍ତର ସତୁରୀ ଓଡ଼ିଆ କଥା ସାହିତ୍ୟ ଜଗତରେ ମାନବିକ ଚେତନାକୁ ବିଶେଷ ଭାବରେ ଉନ୍ମୋଚିତ କରିଥିବା ଏକ ଲବ୍ଧ ପ୍ରତିଷ୍ଠିତ କଥାଶିଳ୍ପୀ ହେଉଛନ୍ତି ତରୁଣ କାନ୍ତି ମିଶ୍ର । ଜୀବନ ଓ ଜଗତକୁ ପ୍ରାଣାଧିକ ଭଲପାଉଥିବାର ଏକ ସ୍ପନ୍ଦିତ ଉଚ୍ଚାରଣ ସେ । ଶ୍ରୀଯୁକ୍ତ ମିଶ୍ର ଏପରି ଏକ ମାନବୀୟ ମୂଲ୍ୟବୋଧ ସମ୍ପନ୍ନ ବ୍ୟକ୍ତିତ୍ୱ, ଯାହାଙ୍କୁ ଆଜିର ସମାଜର ଦୁର୍ଲଭ ମାନବିକ ଗୁଣରାଜିକୁ ଲୋକାର୍ପିତ କରିବାରେ ଆଗଧାଡ଼ିର ସଫଳ ସ୍ରଷ୍ଟା କହିବାରେ ଦ୍ୱିମତ ନାହିଁ ।

ଜୀବନୀ ଓ ସୃଜନ : ଗାଳ୍ପିକ ତରୁଣ କାନ୍ତି ମିଶ୍ରଙ୍କ ଆବିର୍ଭାବ ଘଟିଥିଲା ୧୯୫୦ ମସିହା ଅଗଷ୍ଟ ୨ ତାରିଖ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ତାଳପଡ଼ା ଗ୍ରାମରେ । ଯଦିଓ ତାଙ୍କର ଲକ୍ଷ୍ୟ ଜଣେ ଆଦର୍ଶ ଶିକ୍ଷକ ହେବାର ଥିଲା କିନ୍ତୁ ପିତାଙ୍କର ବଳିଷ୍ଠ ପ୍ରେରଣା ଓ ଉତ୍ସାହରେ ସେ ୧୯୭୫ ମସିହାକୁ ପ୍ରଶାସନିକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ଭାବରେ ନିଯୁକ୍ତି ପ୍ରାପ୍ତ ହେଲେ । ୨୦୦୯ ମସିହାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ତାଙ୍କୁ ଓଡ଼ିଶା ସରକାର ଭାର ପ୍ରଦାନ କରିଥିଲେ । ସେହି ସେବାରୁ ନିବୃତ୍ତ ହେବା ପରେ ସରକାର ତାଙ୍କୁ ୨୦୧୦ ମସିହାରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18185656

Article No - BPP00606

**ଯୋଗାଯୋଗ : ସୁଶ୍ରୀ ବେବୀ ନାଏକ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Email:** babynaik561@gmail.com
**ORCID ID:** https://orcid.org/0009-0009-5122-8631

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସୁଶ୍ରୀ ବେବି; ୨୦୨୫। ମାନବିକ ଚେତନାର ନୂତନ ଭାଷ୍ୟ 'ଭାସ୍ୱତୀ': ଏକ ବିହଙ୍ଗାବଲୋକନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା : ୩୨–୩୫ ।

ସୂଚନା କମିଶନର ଭାବେ ପୁନଃ ନିଯୁକ୍ତି କଲେ ଏବଂ ସ୍ୱେଚ୍ଛାକୃତ ଭାବରେ ୨୦୧୫ ମସିହା ବେଳକୁ ସେହି ପଦବୀରୁ ଅବସର ଗ୍ରହଣ କରିଛନ୍ତି । କେବଳ ସେତିକି ତ ନୁହେଁ ବୃତ୍ତିରେ ପ୍ରଶାସନିକ ସେବାରେ ଥିଲେ ହେଁ ଶ୍ରୀଯୁକ୍ତ ମିଶ୍ରଙ୍କୁ ଘାରିଥିଲା ସାହିତ୍ୟ ନିଶା । ବହୁ ଜଟିଳ କାହାଣୀର ସଫଳ ଉପସ୍ଥାପନା କରି ଆଜି ସେ ପାଠକବର୍ଗଙ୍କ ଅନ୍ୟତମ ପ୍ରିୟ ପାତ୍ର । ଆଧୁନିକ ମଣିଷର ଅସହାୟ ବୋଧ, ନିଃସଂଗତା ଓ ମାନବିକ ଚେତନାର ସେ ଜଣେ ସମର୍ଥ ସାରଥି ।

୧୪ ବର୍ଷରୁ ତରୁଣ ବାଳକ ତରୁଣ ମିଶ୍ରଙ୍କ ସୃଜନ ପ୍ରତିଭାର ସ୍ଫୁରଣ ଘଟିଥିଲା । ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ "ହେ ପୃଥିବୀର ନାଗରିକ" ପ୍ରକାଶ ଲାଭ କରିଥିଲା 'ଆସନ୍ତାକାଲି' ପତ୍ରିକାରେ । ପରବର୍ତ୍ତୀ କାଳରେ ଉଦ୍ୟମଶୀଳ ପ୍ରଚେଷ୍ଟା ବଳରେ "ବୀତଂସ" ଗଳ୍ପ ସଂକଳନ ପାଇଁ ତରୁଣ କାନ୍ତି ମିଶ୍ର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, "ଆକାଶ ସେତୁ" ପାଇଁ ୧୯୯୭ ମସିହାରେ ସମ୍ମାନଜନକ ଶାରଳା ପୁରସ୍କାର, "ଭାସ୍ୱତୀ" ଗଳ୍ପ ସଂକଳନ ପାଇଁ ୨୦୧୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇ ପାଠକ ପ୍ରେରଣାର ଉତ୍ସ ପାଲଟିଛନ୍ତି ।ଗାଳ୍ପିକ ମିଶ୍ରଙ୍କ ଗଳ୍ପଗୁଡ଼ିକରେ ଅନ୍ତରଙ୍ଗ ଅନୁଭବ,ନିବିଡ଼ ଆପଣାପଣ ଠାରୁ ଆରମ୍ଭକରି ଗଭୀର ମାନବବାଦୀ ଆଭିମୁଖ୍ୟ ଓ ସର୍ବହରା ପୀଡ଼ିତ ମାନବ ପ୍ରତି ସମ୍ବେଦନଶୀଳତାର ମୂଲାୟମ୍ ସ୍ପର୍ଶ ବେଶ ସ୍ପଷ୍ଟ । ପାରମ୍ପରିକ ଗତାନୁଗତିକଠାରୁ ଗଳ୍ପକୁ ମୁକ୍ତ ରଖି ତାର ଭାବ ପକ୍ଷ ଓ କଳା ପକ୍ଷରେ ପରିବର୍ତ୍ତନ ଆଣିପାରୁଥିବାର ସେ ଜଣେ ଭିନ୍ନ ସ୍ୱାଦର ଲେଖକ । ତାଙ୍କର ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ଜୀବନବାଦୀ । ଜୀବନର ଗଭୀରତାକୁ ଉନ୍ମୋଚନ କରିବାରେ ତାଙ୍କ ଗଳ୍ପ ସଦା ତତ୍ପର ।

ଗାଳ୍ପିକ କୁହନ୍ତି ମଣିଷ ଜୀବନ ଏକ ପରିକ୍ଷାମୟ । କେତେ ବିଜୟର ଉଲ୍ଲାସ ଓ ବିପର୍ଯ୍ୟୟ ଅନୁଭୂତିରେ ପ୍ରଥିତ । ସେ ଜୀବନ ଓ ଜଗତକୁ ବିଶ୍ୱାଭିମୁଖୀ କରି ଆପଣାର ସାହିତ୍ୟରେ କରିଛନ୍ତି ମାନବୀୟ ସତ୍ତାର ଯଥାର୍ଥ ବିଶ୍ଲେଷଣ । କୁହାଯାଇପାରେ, ସମାଜରେ ମୂଲ୍ୟବୋଧର ପରିବର୍ତ୍ତନ ହିଁ ସ୍ରଷ୍ଟାଙ୍କୁ ସାହିତ୍ୟ ଆଡ଼କୁ ଟାଣିଆଣିଛି । କାରଣ ଜୀବନ ତାଙ୍କ ପାଇଁ ଏକ ଅଛିଣ୍ଡା ଅଙ୍କ; ଯାହାର ନିର୍ଦ୍ଦିଷ୍ଟ ପରିଣତି ନାହିଁ ବୋଲି ସେ ଅନେକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି । ଦୀର୍ଘ ଜୀବନର ସାହିତ୍ୟ ସାଧନାର ପରିଣାମ ସ୍ୱରୂପ ଓଡ଼ିଆ ସାହିତ୍ୟକୁ ଭେଟି ଦେଇଛନ୍ତି ଅନେକ ସାରସ୍ୱତ କୃତି । ସେଗୁଡିକ ହେଲା – ଏକମାତ୍ର ଉପନ୍ୟାସ 'ଶରଦଃ ଶତମ୍', ଗଳ୍ପ ସଂକଳନରେ 'ଆବର୍ତ୍ତର ଦୁଇଟି ସ୍ୱର' (୧୯୬୯), 'ନିଃସଂଗତାର ସ୍ୱର' (୧୯୮୦), 'କୋମଳ ଗାନ୍ଧାର' (୧୯୮୪), 'ବହୁବ୍ରୀହି' (୧୯୮୮), 'ପାରାଡ଼ାଇଜ ପକ୍ଷୀ ଓ ଜଣେ ନିରସ୍ତ୍ର ଆତତାୟୀ' (୧୯୯୪), 'ବୀତଂସ' (୧୯୯୬),'ପ୍ରଜାପତିର ଡେଣା ନାହିଁ' (୧୯୯୭), 'ଆକାଶ ସେତୁ' (୧୯୯୯), 'ଜହ୍ନରାତିର ଗପ ସରିନାହିଁ' (୨୦୦୦), 'ଲୁବ୍ଧକର ରାତି' (୨୦୦୨), ନିର୍ବାଚିତ ଗଳ୍ପ –' ଇତନୀ ଦୂର୍ ( ଭାରତୀୟ ଜ୍ଞାନପୀଠ ଦ୍ୱାରା ପ୍ରକାଶିତ ହିନ୍ଦୀ ଗଳ୍ପ ସଂକଳନ ), ଆଜିରାତିର ଗଳ୍ପ (୨୦୦୫), ରଜନିଗନ୍ଧା, ସକାଳର ମାନଚିତ୍ର, ଭାସ୍ୱତୀ (୨୦୧୪) ।

କଥାଶିଳ୍ପୀ ତରୁଣ କାନ୍ତି ମିଶ୍ରଙ୍କ ଅନନ୍ୟ ଇସ୍ତାହାର ଭାସ୍ୱତୀର ଭାବବିନ୍ଦୁ : ଯେଉଁଟି ନିଃସଂଗତା, ଅସହାୟତା, ହତାଶାର ଓ ବୈରାଗ୍ୟର କୁହୁଡ଼ି ସମାଜର ଆକାଶକୁ ଢାଙ୍କି ଦେଉଛି ସେତେବେଳେ ଏକ ବିସ୍ତୀର୍ଣ୍ଣ ପଟ୍ଟଭୂମିରେ ଉଭା ହେଇ ଗାଳ୍ପିକ ତରୁଣ କାନ୍ତି ମିଶ୍ର ସାହିତ୍ୟରେ ପାଦ ଦେଲେ । ତାଙ୍କ ଅଧିକାଂଶ ଗଳ୍ପ ମାନବବାଦକୁ ଉପଜୀବ୍ୟ କରି ଲେଖା ଯାଇଛି । ତାଙ୍କ ଗଳ୍ପରେ ସଞ୍ଜର ଛାଇ ଓ ଦିନର ଆଲୁଅ ଯେତେ ସରଳ, ସାବଲୀଳ ଭାବରେ ବର୍ଣ୍ଣିତ ଅଲୌକିକତା ଓ କଳ୍ପନା ମଧ୍ୟରେ ସାମାଜିକ ବାସ୍ତବତା ସେତିକି ତୀକ୍ଷଣ ଭାବରେ ଚିତ୍ରିତ । ବିଶେଷତଃ ତାଙ୍କର ସାମଗ୍ରିକ ସାହିତ୍ୟରେ ବ୍ୟକ୍ତି ଜୀବନଚର୍ଯ୍ୟା, ମାନସିକତା, କ୍ଷୋଭ, ପ୍ରେମ ପ୍ରତାରଣା, ଆଧିପତ୍ୟ ଓ ସର୍ବୋପରି ନୈତିକତା ଅପେକ୍ଷା ବାସ୍ତବତା ହିଁ ଅଧିକ ବାସେ । ମାନବିକ ସୁଗୁଣ ଓ ଦୁର୍ଗୁଣର ସମାବେଶରେ ଚରିତ୍ର ବାସ୍ତବ ଓ ଜୀବନ୍ତ । ଗଳ୍ପଗୁଡିକର ଆବେଗ ସ୍ନିଗ୍ଧ, କଳା ସମ୍ପନ୍ନ ହେତୁ ଗ୍ରାମୀଣ ସଂସ୍କୃତିରେ ମହାଭାରତୀୟ ଜୀବନଧାରାକୁ ପାଠକ ବାରମ୍ବାର ଭେଟେ । ଗାଳ୍ପିକ ମିଶ୍ରଙ୍କ "ଭାସ୍ୱତୀ"ରେ ସ୍ଥାନିତ ପ୍ରତ୍ୟେକ ଗଳ୍ପ ହେଉଛି ସାମଜିକ ଜୀବନର ନିଷ୍ଠୁର ବାସ୍ତବତା ଦ୍ୱାରା ସମ୍ମୁଖୀନ ହୋଇ କ୍ଷତବିକ୍ଷତ ହୋଇଥିବା ତୀବ୍ର ଅନୁଭୂତିର ସମାହାର । ଏତଦବ୍ୟତୀତ ଯୁବ ସମ୍ପ୍ରଦାୟର ପ୍ରେମର ଏକ ଶୁଚିବନ୍ତ ରୂପ, ପ୍ରତାରଣାର ଆଶ୍ଚର୍ଯ୍ୟତା, ଜୀବନ ପ୍ରତି ମୋହଭଙ୍ଗ ଓ ସଂସ୍କୃତିକୁ ସମ୍ମାନବୋଧତାର ସାର୍ଥକ ପ୍ରମାଣ ମିଳେ ।

ଅଙ୍ଗକୁ ନେଇ ହିଁ ଆତ୍ମାର ପରିକଳ୍ପନା । ତେଣୁ ଅଙ୍ଗ ହିଁ ଆତ୍ମାର ପ୍ରତିଫଳନ । ସାହିତ୍ୟିକ କଳାକର୍ମରେ ଗଳ୍ପ ରଚନା ନିମନ୍ତେ କାହାଣୀ, ଚରିତ୍ର, ପରିବେଶ, ଆୟତନ ଓ ଭାଷା ଶୈଳୀକୁ ଗ୍ରହଣ କରାଯାଇଥାଏ । ଗାଳ୍ପିକଙ୍କ ଭାସ୍ୱତୀ ଏକ ଚର୍ଚ୍ଚିତ ଗଳ୍ପ ସଂକଳନ । ସର୍ବମୋଟ ୧୪ଟି ଗଳ୍ପ,ଯଥା –ଭାସ୍ୱତୀ, ଲଳିତ

ଆଖ୍ୟାନ, ଅତିଥି ସକାଳ, ମେଘ ରାତି, ଭାଇ, ଆରୋହ, ନ ଦେଖିଥିବା ବାଟ, ପ୍ରତିପକ୍ଷ କାଚଘର, ସଚିତ୍ର ଇତିହାସ, ଅରଣ୍ୟ, ନୀଡ, ଜହ୍ନରାତି, ମୋକ୍ଷ ଇତ୍ୟାଦି ଗଳ୍ପଗୁଡ଼ିକ ଆଲୋଚ୍ୟ ଭାସ୍ୱତୀ ଗଳ୍ପ ସଂକଳନରେ ସନ୍ନିବେଶିତ । ଅବୋଧ ଶିଶୁଠାରୁ ସୁବୋଧ ଯୁବକ, ଅକର୍ମା ବୃଦ୍ଧଠାରୁ ସକର୍ମା ତରୁଣ, ମୁଲିଆଠାରୁ ମାଲିକ, ଦିନ ଭିକାରୀଠାରୁ ଶିଳ୍ପପତି, ଗାଁ ଟାଉଟରଠାରୁ ମନ୍ତ୍ରୀ, ସମାଜ ସେବକଠାରୁ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ, ନିଷ୍ଠୁର ଅସାମାଜିକ ମଣିଷଠାରୁ ସମ୍ବେଦନଶୀଳ ମଣିଷ ପର୍ଯ୍ୟନ୍ତ ଏ ସମସ୍ତେ ତାଙ୍କ ଗଳ୍ପଜଗତର ଏକ ଏକ ଅଙ୍ଗ ଓ ଆତ୍ମା ।

ଭାସ୍ୱତୀ ଗଳ୍ପ ସଙ୍କଳନର ପ୍ରଥମ ଗଳ୍ପ ହେଉଛି 'ଭାସ୍ୱତୀ' । ପ୍ରଥମ କାହାଣୀ ଭାସ୍ୱତୀରେ ଗାଳ୍ପିକ ମିଶ୍ର ଜୀବନ ଓ ମୃତ୍ୟୁ ର ସମୀକରଣ ଘଟାଇ ଦେହ ସହିତ ଦେହାତୀତ ସତ୍ତା ସମ୍ପର୍କରେ ଏକ ସୁନ୍ଦର ସମନ୍ୱୟ ଆଣିଛନ୍ତି । ଏ ଦୁନିଆର ସବୁଠାରୁ କଠୋର ସତ୍ୟ ହେଉଛି ଜନ୍ମ ମାତ୍ରକେ ମୃତ୍ୟୁ ସୁନିଶ୍ଚିତ । ଏଠାରେ ଗାଳ୍ପିକ ନିଜେ ହିଁ ନାୟକ । ୧୪ ବର୍ଷ ବୟସରେ ଅବତୀର୍ଣ୍ଣ ଥିବାବେଳେ ଭାସ୍ୱତୀ ସହିତ କଟାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତ ସର୍ବସ୍ୱ ଜୀବନର ଅଂଶାବଶେଷ ହେଉଛି ସ୍ୱଚ୍ଛ ସ୍ଫଟିକର ଅଦ୍ଭୁତ ଝକମକି ପଥର ଖଣ୍ଡିଏ। ଯାହାକୁ ନେଇ ଲେଖକଙ୍କ ଅତୀତ ଜୀବନର ସବୁ ସ୍ମୃତି ବିଜଡିତ । ଭାସ୍ୱତୀ କହିଥିବା କଥା ଲେଖକଙ୍କୁ ଦୁର୍ବଳ ମନର ଆଚ୍ଛନ୍ନଭାବ, ଅପରିପକ୍ୱ ଅବବୋଧ ଓ ରୋଗପାଣ୍ଡୁର କ୍ଷତାକ୍ତ କରି ଅକ୍ଷମ କରିଦେଇଥିଲା । ତଥାପି ଯେଉଁ ସ୍ମୃତି ଟିକକ ଏବେ ତାଙ୍କ ସୁଷୁପ୍ତି ଓ ତୈଜସ୍ ସତ୍ତାର ଧୂମିଳ ସୀମାନ୍ତରେ ; ତାଙ୍କ ସରଳ ବକ୍ତବ୍ୟ ଏହିପରି –

"ମୃତ୍ୟୁର ପରିଣତ କେବଳ ଦୁଇ ପ୍ରକାରର । ମୃତ୍ୟୁ ହୁଏତ ମହାନିଦ୍ରା ଚିରକାଳ ପାଇଁ କିମ୍ବା ଗୋଟିଏ ପ୍ରବେଶ ଦ୍ୱାର ନୂଆ ଜୀବନଟେ ପାଇଁ । ଯାହା ହେଲେ ବୀ ସେଥିରେ ଦୁଃଖ କରିବାର କ'ଣ ଅଛି ? ମଣିଷ ଆଖିରେ ଗୋଟିଏ ରାତିର ନିଦ ନଥିଲେ ଯଦି ଏତେ କଷ୍ଟ ଲାଗେ, ତେବେ ବୁଝିବାକୁ ହେବା ନିଦ୍ରା ଏକ ତ ମହାସୁଖ, ଯଦି ତାହା ଅନନ୍ତକାଳ ପାଇଁ ତେବେ ତାହା ଅନନ୍ତକାଳ ବ୍ୟାପୀ ସୁଖ"।

ଗାଳ୍ପିକ ପୁଣି ମୃତ୍ୟୁ ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ସୂଚାଇଛନ୍ତି – "ମୃତ୍ୟୁ ପରେ ଯଦି ପୁନର୍ଜନ୍ମ ଅଛି, ତେବେ ଦୁଃଖ ବୋଲି କିଛି ନାହିଁ । ନୂଆ ହିଁ ତ ସବୁବେଳେ ସୁନ୍ଦର, ନୂଆଁ ତ ସବୁବେଳେ ସମ୍ଭାବନାର ସ୍ୱପ୍ନ" । ବାସ୍ତବରେ ଭାସ୍ୱତୀ କେବଳ ଏକ ଦେହ ନଥିଲା ସେ ଥିଲା ଏକ ଅଲୌକିକ ସତ୍ତା । ବିଦାୟ ନେବା ଆଗରୁ ଗାଳ୍ପିକଙ୍କୁ ଯେଉଁ ତେରବର୍ଷର ଅନୁଭବକୁ ସେ ନିଜସ୍ୱ ଶବ୍ଦରେ କହିଥିଲା ତାହା ସ୍ୱାଭାବିକ ସତ୍ୟ –ସବୁ ଦୁଃଖ ଆରପାରିରେ ସୁଖଟିଏ ଥାଏ, ଏମିତି କିଛି ଦୁଃଖ ନାହିଁ ଯାହା ସତ୍ୟ କରି ହେବ ନାହିଁ, ଏତିକି କହି ସେଦିନ ଭାସ୍ୱତୀ କୋଠରୀରୁ ଅନ୍ତର୍ଦ୍ଧାନ ହୋଇଥିଲା । ଆଉ ଏବେ ଭାସ୍ୱତୀ ସହିତ ଭେଟ ହେବାର ସମ୍ଭାବନା ନାହିଁ, ସେଥିପାଇଁ ଦୁଃଖ ବି ନାହିଁ । ଦୁଃଖ ବି ରହିବା ନାହିଁ, ଯେତେ ଦିନ ଧରି ସେ ଦେଇଥିବା ସ୍ୱଚ୍ଛ ସ୍ଫଟିକ ଅଦ୍ଭୁତ ପଥରର ସ୍ପର୍ଶାନୁଭୂତି ତାଙ୍କ ହୃଦୟରେ ଥିବ । ଏଠାରେ ଥିବା ଝକମକି ପଥର ଜ୍ୱଳନର ପ୍ରତୀକ । ବଡ଼ ଅଦ୍ଭୁତ ଏଇ ମସୃଣ ସ୍ଫଟିକ ଖଣ୍ଡଟି । ରାତି ଅନ୍ଧାରରେ ଅଲୌକିକ ଦେଖାଯାଏ ତା'ର କ୍ଷୀଣ ଆଲୋକର ଉତ୍ସ । ହୁଏତ କିଛି କଳ୍ପନା ଓ ବାସ୍ତବ, ଯାହାକୁ ନେଇ ଜୀବନ ପୁଣି ଯାହା ପାଇଁ ମୃତ୍ୟୁ । ଉଭୟର ସମନ୍ୱୟ ପ୍ରତୀକିତ ତରୁଣ କାନ୍ତି ମିଶ୍ରଙ୍କ "ଭାସ୍ୱତୀ" ଗଳ୍ପ ।

## ଆଲୋଚନା :

କଥାଶିଳ୍ପୀ ତରୁଣ କାନ୍ତି ମିଶ୍ର ତାଙ୍କ ଗଳ୍ପର ପରିବେଶ ଯେପରି ନବନିର୍ମାଣ କରିପାରନ୍ତି ସେହିପରି ଚରିତ୍ରମାନଙ୍କର ମାନସିକତାର ବୈଜ୍ଞାନିକ ବିଶ୍ଳେଷଣ ତଦୋପରି । ବସ୍ତୁବାଦୀ ସଭ୍ୟତାର ବିକୃତ ଅନୁକରଣ ମଧ୍ୟରେ ଅନେକତ୍ର ତାଙ୍କର ଚରିତ୍ରଗୁଡିକ ନିଜର ଆପଣାପଣ ଫେରିପାଇବାକୁ ସଚେଷ୍ଟ ।ଯୌନାବେଗର ରୂପାୟନ ସମୟରେ ତା'ର କଳାତ୍ମକ ରୂପ ଅତ୍ୟନ୍ତ ସଚେତନ । ନିଜସ୍ୱ ସୃଷ୍ଟିରେ ଅଙ୍ଗେ ନିଭାଇଥିବା ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତାର ସାର୍ଥକ ପ୍ରୟୋଗ ଦେଖିବାକୁ ମିଳେ । ପରିବାର, ରାଜନୀତି, ପ୍ରଶାସନ, ଜୀବନ ଦର୍ଶନ, ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ସ୍ନେହ, ପ୍ରେମ, ପ୍ରତାରଣା ଓ ମାନବିକତାର ଦିଗନ୍ତ ବିସ୍ତାରୀ ବଳୟ ମଧ୍ୟରେ ତରୁଣ କାନ୍ତି ମିଶ୍ରଙ୍କ ଗଳ୍ପ ସୁସମୃଦ୍ଧ।

ଗଳ୍ପଗୁଡିକରେ ନିର୍ବୋଧ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତ ଚରିତ୍ର ନିଜସ୍ୱ ମାନବୀୟ ଗୁଣରେ ଗୁଣୀଭୂତ । ଶିଶୁ ମନସ୍ତତ୍ତ୍ୱ ଯେତେ ଜୀବନ୍ତ, ମନୋଜ୍ଞ ଝଲକ ରହିଛି ସେତେ ଭାଇ ଭାଇ ମଧ୍ୟରେ ସ୍ନେହ ପ୍ରେମ ମୂଳକ ଅଭିମାନ କିପରି ପରବର୍ତ୍ତୀ ମୁହୂର୍ତ୍ତରେ କାରୁଣ୍ୟରେ ପରିଣତ ହୋଇଛି ତା'ର ଚିତ୍ର ସଫଳ ଚିତ୍ରିତ। ଏତଦ୍ ବ୍ୟତୀତ ନାରୀଚରିତ୍ର ପତ୍ନୀ, ପ୍ରେମିକ, ମାତା, ଭଗ୍ନୀ ଆଦି ରୂପରେ ଅବତୀର୍ଣ୍ଣ ହୋଇ ଚାରିତ୍ରୀକ ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ନଷ୍ଟାଲଜିଆ ତରୁଣ କାନ୍ତିଙ୍କ ଅନ୍ୟତମ ବିଭବ । ସେ ଅତୀତକୁ

ଗଭୀର ଭାବରେ ଭଲ ପାଆନ୍ତି । ତାଙ୍କର ପ୍ରତ୍ୟେକ ଚରିତ୍ର ବର୍ତ୍ତମାନରେ ଥାଇ କେତେବେଳେ ଅତିତାଭିମୁଖୀ ହୋଇଯାଏ ତାହା ପାଠକକୁ ଅଭିଭୂତ କରେ ।

ଦାର୍ଶନିକ ଅନୁଚିନ୍ତା, ଚେତନା ପ୍ରବାହ ଧାରା ଓ କାବ୍ୟର ଭାବ ସାନ୍ଦ୍ରତା ରହିଛି । ବ୍ୟକ୍ତି ଜୀବନର ବାସ୍ତବିକତାକୁ ଦର୍ଶାଇବାପାଇଁ ସେ ଯେଉଁ ଭାବାନୁସାରି ଭାଷାର ପ୍ରୟୋଗ କରନ୍ତି ସେଥିରେ ପ୍ରତୀକ, ଚିତ୍ରକଳ୍ପର ଗଭୀର ଭାବଗର୍ଭକ ନିହିତ ଥାଏ। ଗାଳ୍ପିକ ଅନେକ ସଚେତନତାର ସହ ଆଧୁନିକ ଜୀବନର ଜଟିଳତା ଓ ତିକ୍ତତାକୁ ଆଡମ୍ବରହୀନ ଶବ୍ଦରେ ସଜେଇଛନ୍ତି । ଭାଷାଶୈଳୀ ଦୃଷ୍ଟିରୁ ବୀପ୍ସାର୍ଥକ ବା ଦ୍ୱିରୁକ୍ତିମୂଳକ ଶବ୍ଦର ବାରମ୍ବାର ହୋଇଥିବାରୁ ତାହା ଆନନ୍ଦଦାୟକ ମାନେ ହୁଏ । ଚିକ୍ ମିକ୍ , ଫୁସ୍ ଫୁସ୍, ତର୍ ତର୍, ଖାଁ ଖାଁ , ଝଲମଲ୍, ପଟପାଟ୍ ,ଜୁଳୁଜୁଳୁ,ଫୁରୁଫୁରୁ ଇତ୍ୟାଦି ଅତ୍ୟନ୍ତ ଶ୍ରୁତିମଧୁର । ଗାଳ୍ପିକ ଆରବିକ,ପାରସୀକ ଶବ୍ଦକୁ ଚାରିତ୍ରୀକ ଓ ପାତ୍ରମୁଖୀ ପରିବେଶକୁ ଖାପଖୁଆଇଲା ପରି ଇଂରାଜୀ ଶବ୍ଦର ମଧ୍ୟ ପ୍ରୟୋଗ କରିଛନ୍ତି । ମନିଟର,ସ୍ଲିଙ୍ଗସ୍ , ବ୍ରିଜ୍, ଆଇସକ୍ରିମ୍, କେମିକାଲ, ସେମିନାର, ସେଟ୍ ଲାଇଟ, ଲାଇବ୍ରେରୀ, ବିଲ୍ଡିଂ ଆଦି ଶବ୍ଦର ଅବସ୍ଥିତି ଯୋଗୁଁ ଗଳ୍ପଗୁଡ଼ିକୁ ଆଭିଜାତ୍ୟସମ୍ପନ୍ନ କରିପାରିଛନ୍ତି । ଅବୟବ ହୁଏତ କ୍ଷୁଦ୍ର; ଶବ୍ଦଚାତୁରୀ, ଭାଷା ଶୈଳୀ, ଗଠନ ପରିପାଟୀ, ଉପଯୋଗୀ ଚରିତ୍ରର ଅବତାରଣା ଭାସ୍ୱତୀ ଗଳ୍ପଟିକୁ କରିପାରିଛି ସାର୍ଥକ, ଜୀବନ୍ତ ଓ ହୃଦୟସ୍ପର୍ଶୀ ।

## ଉପସଂହାର :

ସର୍ବୋପରି କହିବାକୁ ଗଲେ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଥାକାର ମନୋଜ ଦାସ, ପ୍ରଚଳିତ ସମାଜକୁ ନୂତନ ସୌଧରେ ଗଢ଼ିବା ପାଇଁ ପ୍ରେରିତ ଗାଳ୍ପିକ ରାମଚନ୍ଦ୍ର ବେହେରା, ସ୍ଥିତିବାଦୀ ଚେତନାକୁ ଓଡ଼ିଆ ଗଳ୍ପ ଜଗତରେ ସଫଳ ଓ ସ୍ୱତନ୍ତ୍ର ଭାବରେ ପ୍ରୟୋଗ କରିପାରିଥିବା ଗାଳ୍ପିକ ଜଗଦୀଶ ମହାନ୍ତିଙ୍କୁ ପଦାଙ୍କନୁସରଣ କରି ସେ ନୂତନ ସ୍ୱାଦ ଦେଇଛନ୍ତି ଗଳ୍ପ ମାଧ୍ୟମରେ । ମାନବ ଜୀବନର ଘଟୁଥିବା ସୂକ୍ଷ୍ମାତିସୂକ୍ଷ୍ମ ଭାବକୁ ବିଶ୍ଳେଷଣ ପୂର୍ବକ ଅନ୍ତଃଚେତନାର ଅବ୍ୟକ୍ତ ଭାବନା ଓ ବ୍ୟଥାକୁ ଅତ୍ୟନ୍ତ ମର୍ମସ୍ପର୍ଶୀ କରି ଉତ୍ତର ସତୁରୀ ଗଳ୍ପ ଜଗତରେ ଏକ ନୂତନ ଦିଗ ଉନ୍ମୋଚନ କରିପାରିଛନ୍ତି । ଯଥାର୍ଥରେ ଗାଳ୍ପିକ ତରୁଣ ମିଶ୍ର ଜଣେ ନବ୍ୟ ନକ୍ଷତ୍ର । ଯାହାଙ୍କର ଉଜ୍ଜ୍ୱଳ ଆଲୋକ ରଶ୍ମି କାଳ କାଳକୁ ବିଚ୍ଛୁରିତ ହୋଇ ଓଡ଼ିଆ ଗଳ୍ପ ଜଗତର ଧରା ଓ ଧାରାକୁ ସମୃଦ୍ଧ କରିବାରେ ସହାୟକ ହେବ; ଏହା ନିଃସନ୍ଦେହ ।

## ସହାୟକ ଗ୍ରନ୍ଥସୂଚୀ :


୧. ମିଶ୍ର, ତରୁଣକାନ୍ତି : - 'ଭାସ୍ୱତୀ' – ବିଦ୍ୟାପୁରୀ,ବାଲୁବଜାର, ପ୍ରଥମ ପ୍ରକାଶ, ଜାନୁଆରୀ ୨୦୧୪, ପରମା ପ୍ରିଣ୍ଟସ, କଟକ

୨. ସାହୁ, ଡକ୍ଟର ଆଦିକନ୍ଦ :- 'ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ' ଅପ୍ଟିମା(ଅଫସେଟ) ପ୍ରି[ସ, ଶ୍ରୀନିବାସ ସୂତାହାଟ,କଟକ, ପ୍ରଥମ ସଂସ୍କରଣ -୧୯୯୯

୩. ବାରିକ,ଡକ୍ଟର କବିତା : - 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ – ଏକ ତାତ୍ତ୍ୱିକ ବିଶ୍ଳେଷଣ' (୧୮୯୮-୧୯୯୯), ପ୍ରଥମ ପ୍ରକାଶ – ଡିସେମ୍ବର ୧୯୯୯

୪. ଗାଁଣ, ଡକ୍ଟର ଅନାଦିଚରଣ : - 'ସାହିତ୍ୟର ଗଠନରୀତି', ପଞ୍ଚସଖା ଅଫସେଟ, ଶାରଦା ଗ୍ରାଫିକ୍ସ,କଟକ ୨୦୦୭

୫. ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର :- 'ଓଡ଼ିଆ କଥା କଳ୍ପନାର ଦିଗଦିଗନ୍ତ', ସତ୍ୟନାରାୟଣ ବୁକ ଷ୍ଟୋର, ବିନୋଦ ବିହାରୀ,କଟକ

୬. ମହାରଣା, ଡକ୍ଟର ସୁରେନ୍ଦ୍ର କୁମାର :- 'ଓଡ଼ିଆ ସାହିତ୍ୟର ଇତିହାସ', ସପ୍ତମ ପରିବର୍ଦ୍ଧିତ ସଂସ୍କରଣ: ୨୦୨୧,ଏ. କେ ମିଶ୍ର ପବ୍ଲିଶର୍ସ, ପ୍ରାଇଭେଟ୍ ଲିମିଟେଡ୍ କଟକ, ୭୫୩୦୦୯

୭. ଖୁଣ୍ଟିଆ, ଡକ୍ଟର ବ୍ରହ୍ମାନନ୍ଦ :- 'ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା', ତୃତୀୟ ସଂସ୍କରଣ-୨୦୨୨, ନବଦିଗନ୍ତ ବିନୋଦ ବିହାରୀ କଟକ-୨

୮. ମହାନ୍ତି, ଗୁରୁପ୍ରସାଦ, ଅଳକା ସ୍ୟାନେଲ, ସମୁଦ୍ରସ୍ନାନ, ୩ୟ ସଂ-୧୯୭୮, ପୃ-୧୯।


❖ ❖ ❖

DOI : https://doi.org/10.5281/zenodo.18185706

ମୂଳ ପ୍ରବନ୍ଧ

# ଦେବୀ ଦୀପ୍ତି: ପୁରାଣରୁ ପ୍ରଜ୍ଞା ପର୍ଯ୍ୟନ୍ତ

ସୁଲଗ୍ନା ମହାନ୍ତି

**ସଂକ୍ଷିପ୍ତସାର :**

ସନାତନ ଧର୍ମର ବିଭିନ୍ନ ଧାରା ମଧ୍ୟରେ ଶାକ୍ତ ଧର୍ମ ଏକ ଅତୀବ ପ୍ରାଚୀନ ଏବଂ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ। ଏହା ଶକ୍ତି ଉପରେ ଆଧାରିତ ଧର୍ମ, ଯେଉଁଠାରେ ମାତୃରୂପା ମହାଶକ୍ତି ବା ଆଦିଶକ୍ତି କୁ ଉପାସନା କରାଯାଏ। ଏହି ଶକ୍ତି ହିଁ ସମଗ୍ର ସୃଷ୍ଟିର କାରଣ, ସ୍ଥିତି ଏବଂ ବିଲୟର ଆଧାର। ଶାକ୍ତ ଧର୍ମ କେବଳ ଏକ ଉପାସନା ପଦ୍ଧତି ନୁହେଁ, ଏହା ଏକ ଗଭୀର ଦାର୍ଶନିକ ତତ୍ତ୍ୱ ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାର ପ୍ରତୀକ।ଶକ୍ତି ହେଉଛି ପରମବ୍ରହ୍ମଙ୍କର କ୍ରିୟାଶୀଳ ସ୍ୱରୂପ, ଯାହାଙ୍କ ବିନା ଶିବ ବା ଅନ୍ୟ କୌଣସି ପୁରୁଷ ତତ୍ତ୍ୱ ନିଷ୍କ୍ରିୟ ଓ ନିରର୍ଥକ। ଶାସ୍ତ୍ର କହେ: 'ସାମର୍ଥ୍ୟ ସର୍ବଭାବନାଂ ଶକ୍ତିରିତ୍ୟଭିଧିୟତେ' ଅର୍ଥାତ୍ ଉତ୍ପତ୍ତି, ସ୍ଥିତି, ଓ ସଂହାରର ସାମର୍ଥ୍ୟ ହିଁ ଶକ୍ତି। ଶାକ୍ତ ପରମ୍ପରାରେ ମୁଖ୍ୟତଃ ତିନି ଶକ୍ତିଙ୍କୁ ଗୁରୁତ୍ୱ ଦିଆଯାଇଛି। ତମୋଗୁଣର ପ୍ରତୀକ, ସଂହାର ଏବଂ ସମୟର ଦେବୀ ରୂପେ ମହାକାଳୀ,ରଜୋଗୁଣର ପ୍ରତୀକ, ଐଶ୍ୱର୍ଯ୍ୟ, ଶ୍ରୀ ଓ ସ୍ଥିତିର ଦେବୀ ରୂପେ ମହାଲକ୍ଷ୍ମୀ,ସତ୍ତ୍ୱଗୁଣର ପ୍ରତୀକ, ବିଦ୍ୟା, ଜ୍ଞାନ ଓ ମୁକ୍ତି ପ୍ରଦାୟିନୀ ରୂପେ ମହାସରସ୍ୱତୀ। ମାର୍କଣ୍ଡେୟ ପୁରାଣର ଅଂଶବିଶେଷ 'ଦେବୀ ମାହାତ୍ମ୍ୟ'ରେ ଶକ୍ତିଙ୍କୁ ବିଶ୍ୱର ମୂଳ କାରଣ ରୂପେ ବର୍ଣ୍ଣନା କରାଯାଇଛି, ଯାହା ଦେବତାମାନଙ୍କୁ ସାମର୍ଥ୍ୟ ପ୍ରଦାନ କରି ଅସୁରଙ୍କୁ ବିନାଶ କରେ। ସେହି ଶକ୍ତିର ବିଭିନ୍ନ ରୂପ ସମୂହ ଦୁର୍ଗା, କାଳୀ, ଉମା ଭାବରେ ପୂଜିତ ହୋଇଥାନ୍ତି।ଶାକ୍ତ ଧର୍ମରେ ଉପାସନାର ଦୁଇଟି ମୁଖ୍ୟ ଧାରା ଦେଖାଯାଏ।

ଶ୍ରୀ-କୂଳ (ସୌମ୍ୟ ଉପାସନା): ଏଥିରେ ଦେବୀଙ୍କର ସୌମ୍ୟ ରୂପ ଯଥା ତ୍ରିପୁର ସୁନ୍ଦରୀ, ଲଳିତା, ଲକ୍ଷ୍ମୀ ଆଦିଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ପୂଜା କରାଯାଏ। ଏହା ମୁଖ୍ୟତଃ ଦକ୍ଷିଣାଚାର ପଦ୍ଧତି।

କାଳୀ-କୂଳ (ଉଗ୍ର ଉପାସନା): ଏଥିରେ କାଳୀ, ତାରା, ଛିନ୍ନମସ୍ତା ଆଦି ଉଗ୍ର ରୂପର ପୂଜା କରାଯାଏ, ଯାହା ମୁଖ୍ୟତଃ ବାମାଚାର (ତନ୍ତ୍ର) ପଦ୍ଧତିରେ ପରିଚାଳିତ।

ଶାକ୍ତ ସାଧନାରେ ମନ୍ତ୍ର, ଯନ୍ତ୍ର (ଯଥା ଶ୍ରୀ-ଯନ୍ତ୍ର), ଏବଂ ତନ୍ତ୍ରର ମହତ୍ତ୍ୱ ଅତୁଳନୀୟ। ତନ୍ତ୍ର କେବଳ ମନ୍ତ୍ରର ଗୁପ୍ତ ପ୍ରୟୋଗ ନୁହେଁ, ଏହା ମୁଖ୍ୟତଃ ଦେହ ମଧ୍ୟରେ ଥିବା କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ମୋକ୍ଷ ପ୍ରାପ୍ତିର ଏକ ଜଟିଳ ଯୋଗାଭ୍ୟାସ।ଓଡ଼ିଶା, ଯାହାର ପ୍ରାଚୀନ ନାମ ଉତ୍କଳ, ଶାକ୍ତ ପରମ୍ପରାର ଏକ ପ୍ରମୁଖ କେନ୍ଦ୍ରଭାବେ ପରିଗଣିତ। ଏହି ମାଟିକୁ ଉଡ୍ଡୀୟାନ ପୀଠ ବା ଶକ୍ତି ପୀଠ ଭାବରେ ଗ୍ରହଣ କରାଯାଇଛି, ଯାହା ବୌଦ୍ଧ ତନ୍ତ୍ରଯାନର ଆଦିଭୂମି ଭାବରେ ମଧ୍ୟ ପରିଚିତ।

**ଯୋଗାଯୋଗ : ସୁଲଗ୍ନା ମହାନ୍ତି,**
ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:** mohantysulagna140@gmail.com
**ORCID ID:** https://orcid.org/0009-0003-2843-6092

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ସୁଲଗ୍ନା; ୨୦୨୫। ଦେବୀ ଦୀପ୍ତି: ପୁରାଣରୁ ପ୍ରଜ୍ଞା ପର୍ଯ୍ୟନ୍ତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯; ପୃଷ୍ଠା : ୩୬-୪୧।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18185706
Article No - BPP00367

ବିରଜା କ୍ଷେତ୍ର, ଯାଜପୁର,ବିମଳା ପୀଠ, ପୁରୀ ,ମା' ମଙ୍ଗଳା, କାକଟପୁର, କଟକଚଣ୍ଡୀ, ସମଲେଶ୍ୱରୀ, ଚର୍ଚ୍ଚିକା, ତାରିଣୀ ଆଦି ଅନେକ ଶକ୍ତି ପୀଠ ଓଡ଼ିଶାରେ ଶାକ୍ତ ଧର୍ମର ଜୀବନ୍ତ ପରମ୍ପରାକୁ ବହନ କରିଛନ୍ତି ।ଓଡ଼ିଶାର ବିଶାଳ ଜଗନ୍ନାଥ ସଂସ୍କୃତିରେ ଶାକ୍ତ ଧର୍ମ ଅବିଚ୍ଛେଦ୍ୟ ଭାବରେ ସମ୍ମିଳିତ । ଶାକ୍ତମାନେ ଶ୍ରୀଜଗନ୍ନାଥଙ୍କୁ ଶକ୍ତି ବା ଭୈରବ ରୂପରେ ପରିକଳ୍ପନା କରିଥାନ୍ତି । ପୁରୁଷୋତ୍ତମ କ୍ଷେତ୍ରର ମଧ୍ୟସ୍ଥଳରେ ଥିବା ମା' ସୁଭଦ୍ରାଙ୍କୁ ଶ୍ରୀଜଗନ୍ନାଥଙ୍କ ଶକ୍ତି ସ୍ୱରୂପିଣୀ ଯୋଗମାୟା ବା ଏକାନଂଶା ରୂପେ ଆରାଧନା କରାଯାଏ । 'କାଳୀକୁଳ ସର୍ବସ୍ୱ' ନାମକ ତନ୍ତ୍ର ଗ୍ରନ୍ଥରେ ସୁଭଦ୍ରାଙ୍କୁ ମହାକାଳୀଙ୍କର ଏକ ଭିନ୍ନ ପ୍ରକାଶ ଭାବେ ଦର୍ଶାଯାଇଛି । ଶ୍ରୀମନ୍ଦିରରେ ବୈଷ୍ଣବ, ଶୈବ ଧର୍ମ ସହ ଶାକ୍ତ ଧର୍ମର ପୂଜା ବିଧି ମଧ୍ୟ ଅନୁସୃତ ହୋଇ ଏକ ଚିରନ୍ତନ ସମନ୍ୱୟର ବାର୍ତ୍ତା ବହନ କରେ ।

ଶାକ୍ତ ଧର୍ମ ଏକପକ୍ଷରେ ପୁରାଣରେ ବର୍ଣ୍ଣିତ ମହାଶକ୍ତି ତତ୍ତ୍ୱର ଆଧାର ହୋଇଥିବାବେଳେ, ଅନ୍ୟପକ୍ଷରେ ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ଜୀବନର ମୂଳଦୁଆ । ଓଡ଼ିଶାର ଶକ୍ତି ପୀଠଗୁଡ଼ିକ ଏବଂ ଜଗନ୍ନାଥ ଧର୍ମରେ ଶକ୍ତିର ସମନ୍ୱିତ ଉପାସନା ଭାରତୀୟ ସମନ୍ୱୟବାଦୀ ସଂସ୍କୃତିର ଏକ ଅନନ୍ୟ ଉଦାହରଣ ।

**ପ୍ରମୁଖ ଶବ୍ଦାବଳୀ:**

ମାତୃଶକ୍ତି, ଦେବୀସୂକ୍ତ, କୁଣ୍ଡଳିନୀ, ଅର୍ଦ୍ଧନାରୀଶ୍ୱର, ପୁରୁଷ-ପ୍ରକୃତି, କେନୋପନିଷଦ, ବାଜସନେୟୀ ସଂହିତା, ତ୍ରୈତ୍ତରୀୟ, ଦୁର୍ଗା, ଯକ୍ଷିନୀ, ଭୈରବ, ଯୋଗିନୀ, କୁବଜିକା ତନ୍ତ୍ର, ଓଡ୍ର, ପଞ୍ଚମ କାର, ଶ୍ରୀ ବିଦ୍ୟା ।

**ବିଷୟ :**

ଆଦ୍ୟଶକ୍ତି ମାତୃଶକ୍ତି । ବିଶ୍ୱ ସୃଷ୍ଟି, ସ୍ଥିତି, ପ୍ରଳୟର ଆଦି ଓଁକାର ମାତୃଶକ୍ତି । ଶକ୍ତିବିହୀନ ଶିବ ଶବତୁଲ୍ୟ, ଶକ୍ତିଯୁକ୍ତ ଶବ ଶିବରେ ପରିଣତ ହୁଏ । ବ୍ରହ୍ମର କାର୍ଯ୍ୟକାରିଣୀ ରୂପେ ଶକ୍ତି ଯତ୍ର ତତ୍ର ସର୍ବତ୍ର ପୂଜିତା । ଶକ୍ତି ଉପାସନାକୁ କେନ୍ଦ୍ରକରି ଶାକ୍ତଧର୍ମର ସୃଷ୍ଟି । ଶକ୍ତିଙ୍କ ଉପାସକଙ୍କୁ 'ଶାକ୍ତ' କୁହାଯାଏ । ପ୍ରକୃତି ପୂଜା ଶାକ୍ତ ସଂସ୍କୃତି ଓ ଧର୍ମର ମୂଳଭିତ୍ତି । ଆର୍ଯ୍ୟ-ଅନାର୍ଯ୍ୟ ବିଶ୍ୱାସ, ପରମ୍ପରା, ସଂସ୍କାରର ତ୍ରିବେଣୀ ସଙ୍ଗମ ଶାକ୍ତଧର୍ମ ।

ବୈଦିକ ପରମ୍ପରାରେ ଅଗ୍ନି, ବାୟୁ, ବରୁଣ, ଇନ୍ଦ୍ର ପ୍ରଭୃତି ଦେବତାଙ୍କ ସହିତ ଚାଳିଶ ଜଣ ଦେବୀଙ୍କ ନାମ ଉଲ୍ଲେଖ କରାଯାଇଛି । ଅଦିତି, ଦିତି, ସରସ୍ୱତୀ, ରେବତୀ, ରାତ୍ରୀ, ବାକ୍, ପୃଥ୍ୱୀ, ଉଷା, ରୁଦ୍ରାଣୀ, ଆଗ୍ନେୟୀ, ଇଡ଼ା, ଇନ୍ଦ୍ରାଣୀ, ବରୁଣାଣୀ, ପୁରନ୍ଧ୍ରୀ ପ୍ରଭୃତି ଦେବୀଙ୍କର ବିଷୟ ବୈଦିକ କର୍ମକାଣ୍ଡରୁ ପ୍ରାପ୍ତ ।

ଅଦିତି ପୃଥିବୀ ରୂପେ, ଉଷା କୈଶିକୀ, କାଳିକା ଓ ପାର୍ବତୀ ରୂପରେ, ଅଦିତି ବ୍ରହ୍ମାଣ୍ଡର ଜନନୀ ରୂପରେ ପ୍ରତିଷ୍ଠିତା । ସରସ୍ୱତୀ ନଦୀ, ବିଦ୍ୟାର ଦେବୀ ରୂପେ, ପୁରନ୍ଧ୍ରୀ ପ୍ରାଚୁର୍ଯ୍ୟର ଦେବୀ ରୂପେ ତଥା ଇଡ଼ା ପୁଷ୍ଟିର ଦେବୀ ରୂପେ ବର୍ଣ୍ଣିତ । ଋଗବେଦର ଦଶମ ମଣ୍ଡଳରେ ବାଗ୍‌ଦେବୀ ସୂକ୍ତ ନାମରେ ଆଠଟି ମନ୍ତ୍ର ରହିଛି । ଏହି ଅଷ୍ଟମନ୍ତ୍ର ବିଶିଷ୍ଟ ବାଗ୍‌ଦେବୀ ସୂକ୍ତ ପରେ 'ଦେବୀସୂକ୍ତ' ରୂପେ ନାମିତ । ଏହି ସୂକ୍ତଗୁଡ଼ିକରେ ବାଗ୍‌ଦେବୀଙ୍କ ରୁଦ୍ରଗଣ ଓ ବାସୁଗଣଙ୍କ ସହିତ ବିଚରଣ, ଦେବଗଣଙ୍କ ମଧ୍ୟରେ ବାସକରିବା ତଥା ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀ କୁମାରଙ୍କୁ ଧାରଣ କରିବା ପ୍ରସଙ୍ଗ ବର୍ଣ୍ଣିତ । ଏହି ଦେବୀସୂକ୍ତ ଶାକ୍ତଧର୍ମର ଏକ ପ୍ରମୁଖ ଭିତ୍ତି ।

ଶାକ୍ତଧର୍ମ ହେଉଛି ହିନ୍ଦୁଧର୍ମର ଏକ ପ୍ରମୁଖ ଶାଖା, ଯେଉଁଥିରେ 'ଶକ୍ତି' ବା ମହାଶକ୍ତି ଦେବୀଙ୍କୁ ପରମବ୍ରହ୍ମ ଭାବରେ ଉପାସନା କରାଯାଏ । ଏହି ଧର୍ମ 'ଶକ୍ତି'କୁ ସମସ୍ତ ସୃଷ୍ଟିର ମୂଳତତ୍ତ୍ୱ, ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା ଭାବେ ସ୍ୱୀକାର କରେ । ଏହା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ଏକ ଦାର୍ଶନିକ ଚିନ୍ତାଧାରା ଯାହା ମାତୃତ୍ୱ, ନାରୀଶକ୍ତି ତଥା ସମସ୍ତ ସୃଷ୍ଟିର ମୂଳରେ ଥିବା ସାର୍ବଭୌମ ଶକ୍ତିକୁ ଗୁରୁତ୍ୱ ଦିଏ । ଶାକ୍ତଧର୍ମରେ ଶକ୍ତି କେବଳ ଏକ ଅଦୃଶ୍ୟ ସତ୍ତା ନୁହେଁ, ବରଂ ଜଣେ ଜୀବନ୍ତ ଦେବୀ । 'ଶକ୍ତି'କୁ ପୁରୁଷତତ୍ତ୍ୱ ବା ଶିବଙ୍କର ସହଧର୍ମିଣୀ ଭାବରେ ଗ୍ରହଣ କରାଯାଇ ଯଥାକ୍ରମେ ପ୍ରକୃତି ଓ ପୁରୁଷ ରୂପେ ପୂଜା କରାଯାଏ ।

ତନ୍ତ୍ରଶାସ୍ତ୍ରରେ ମନ୍ତ୍ର, ଯନ୍ତ୍ର ତଥା ମୁଦ୍ରାର ବ୍ୟବହାର ଦ୍ୱାରା ଶକ୍ତିଙ୍କୁ ଆରାଧନା କରାଯାଏ । ଏହି ପ୍ରଣାଳୀଗୁଡ଼ିକ ଶାରୀରିକ ଏବଂ ଆଧ୍ୟାତ୍ମିକ ଶୁଦ୍ଧତା ଉପରେ ଗୁରୁତ୍ୱ ଦିଏ । ଶାକ୍ତମାନଙ୍କର ବିଶ୍ୱାସ ଯେ ମଣିଷ ନିଜ ଭିତରେ ଲୁଚି ରହିଥିବା ଶକ୍ତି ବା କୁଣ୍ଡଳିନୀକୁ ଜାଗ୍ରତ କରି ମୋକ୍ଷ ପ୍ରାପ୍ତି କରିପାରିବ ।

ଶାକ୍ତଧର୍ମ ହିନ୍ଦୁଧର୍ମର ଶାଖା ଯଥା- ଶୈବ ଓ ବୈଷ୍ଣବ ଧର୍ମ ସହିତ ନିବିଡ଼ ଭାବରେ ଜଡ଼ିତ । ଶାକ୍ତମାନେ ଶକ୍ତିଙ୍କୁ

ପରମତତ୍ତ୍ୱ ଭାବେ ଗ୍ରହଣ କରୁଥିଲେ ମଧ୍ୟ ଶିବ ଓ ବିଷ୍ଣୁଙ୍କୁ ଶକ୍ତିଙ୍କର ଅଭିନ୍ନ ଅଂଶ ଭାବେ ମାନନ୍ତି। ଶୈବଧର୍ମରେ ଶିବଙ୍କୁ ପୁରୁଷ ଏବଂ ଶକ୍ତିଙ୍କୁ ପ୍ରକୃତି ଭାବରେ ଦେଖାଯାଏ; ଯିଏ ପରସ୍ପର ବିନା ଅସମ୍ପୂର୍ଣ୍ଣ। ଏହି ସମ୍ପର୍କ ଅର୍ଦ୍ଧନାରୀଶ୍ୱର ରୂପରେ ପ୍ରତିଫଳିତ ହୁଏ। ଯଥାର୍ଥରେ ଏହି ଅର୍ଦ୍ଧନାରୀଶ୍ୱର ହିଁ 'ପୁରୁଷ ପ୍ରକୃତି' ବା 'ଶିବ-ପାର୍ବତୀ'ଙ୍କର ମିଳିତ ରୂପ।

ଶାକ୍ତଧର୍ମରେ ପ୍ରତିଷ୍ଠିତ ଦେବୀ ଅମ୍ବିକା ଦୁର୍ଗା, କାଳୀ, ଉମା ପ୍ରଭୃତିଙ୍କ ପ୍ରସଙ୍ଗ ବାଜସନେୟୀ ସଂହିତା, ତୈତ୍ତରୀୟ ବ୍ରାହ୍ମଣ, ତୈତ୍ତରୀୟ ଆରଣ୍ୟକ, ଶ୍ୱେତାଶ୍ୱତରୋପନିଷଦ, କେନୋପନିଷଦ ଆଦି ଗ୍ରନ୍ଥରେ ବର୍ଣ୍ଣିତ। 'ବାଜସନେୟୀ' ସଂହିତାରେ ପ୍ରଥମେ ଦୁର୍ଗାଙ୍କ ନାମ ଉଲ୍ଲେଖ ହୋଇଥିବାର ଦେଖାଯାଏ। ମତାନ୍ତରେ ଦୁର୍ଗାଙ୍କ ନାମ ପ୍ରଥମେ 'ତୈତ୍ତରୀୟ ଆରଣ୍ୟକ'ରେ ଉଲ୍ଲେଖ ବୋଲି ଆଲୋଚନା ହୁଏ। ବାଜ୍‌ସନେୟୀ ସଂହିତା ଓ ତୈତ୍ତରୀୟ ବ୍ରାହ୍ମଣରେ ଅମ୍ବିକାଙ୍କୁ ରୁଦ୍ରଙ୍କ ଭଗିନୀ ରୂପରେ ଗ୍ରହଣ କରାଯାଇଛି। ମାତ୍ର ତୈତ୍ତରୀୟ ଆରଣ୍ୟକରେ ରୁଦ୍ର ଓ ଅମ୍ବିକା ପତି-ପତ୍ନୀ ବା 'ଅମ୍ବିକାପତୟେ' ବୋଲି ଉଲ୍ଲେଖ ରହିଛି। 'କେନୋପନିଷଦ'ରେ 'ଉମା' ନାମ ପ୍ରଥମେ ଉଲ୍ଲେଖ ହୋଇଥିବାର ଦେଖିବାକୁ ମିଳେ। 'ତୈତ୍ତରୀୟ ଆରଣ୍ୟକ'ରେ କନ୍ୟାକୁମାରୀ, କାତ୍ୟାୟନୀ, ଦୁର୍ଗି ନାମର ବ୍ୟବହାର କରାଯାଇଛି। ଏହି ଦୁର୍ଗି ହିଁ ଦୁର୍ଗା; ଦୁର୍ଗର ରକ୍ଷାକାରିଣୀ ମାଆ ଦୁର୍ଗା। ଏଠାରେ ସେ ସୂର୍ଯ୍ୟ ବା ଅଗ୍ନିଙ୍କ କନ୍ୟା ରୂପେ ବର୍ଣ୍ଣିତା। 'ମଣ୍ଡୁକୋପନିଷଦ'ରେ ଅଗ୍ନିଙ୍କ ସପ୍ତଜିହ୍ୱା ମଧ୍ୟରୁ ଦୁଇଟି ଜିହ୍ୱାକୁ କାଳୀ ଓ କରାଳୀ ବୋଲି କୁହାଯାଇଛି। ଏହି ସପ୍ତଜିହ୍ୱା ପରବର୍ତ୍ତୀ କାଳନରେ ସପ୍ତମାତୃକା ରୂପେ ଚିତ୍ରିତ। 'ଋଗ୍‌ବେଦ'ର ପରିଶିଷ୍ଟରେ ଦେବୀଙ୍କର ଅନ୍ୟ ଏକ ନାମ 'ଲକ୍ଷ୍ମୀ' ରୂପେ ଗ୍ରହଣ କରାଯାଇଛି।

ପ୍ରାଚୀନ ସିନ୍ଧୁ ସଭ୍ୟତାରେ ଦେବୀପୂଜାର ପ୍ରମାଣ ଉପଲବ୍ଧ। ମହେଞ୍ଜୋଦାରୋ ଓ ହରପ୍‌ପାରୁ ମିଳିଥିବା ନାରୀମୂର୍ତ୍ତିକୁ ପୃଥ୍ୱୀମାତାର ମୂର୍ତ୍ତି ବୋଲି କୁହନ୍ତି ସାର୍ ଜନ୍ ମାର୍ଶାଲ। ଆବିଷ୍କୃତ ମାଟିପାତ୍ରରେ ନାରୀର ପ୍ରତିମା ଅଙ୍କନ କରାଯାଇଥିବାର ଦୃଷ୍ଟାନ୍ତ ମିଳେ। ଯୋନି ଆକୃତିର ପ୍ରସ୍ତର ଖଣ୍ଡମାନ ଶକ୍ତି ଉପାସନା ସମ୍ପର୍କିତ ସୂଚନା ପ୍ରଦାନ କରିଥାଏ। ପରବର୍ତ୍ତୀ କାଳନରେ ତକ୍ଷଶିଳା, ରାଜଘାଟ, କୌଶାମ୍ବୀ ପ୍ରଭୃତି ସ୍ଥାନମାନଙ୍କରୁ ଆବିଷ୍କୃତ ବିବିଧ ବସ୍ତୁ ପୂର୍ବକାଳରେ ଶକ୍ତି ଉପାସନାର ପ୍ରଚଳନ ଥିବାର ଯଥେଷ୍ଟ ପ୍ରମାଣ ପ୍ରଦାନ କରିଥାଏ।

ବୌଦ୍ଧ ଓ ଜୈନଧର୍ମ ଉପରେ ମଧ୍ୟ ଶାକ୍ତଧର୍ମର ଯଥେଷ୍ଟ ପ୍ରଭାବ ପଡ଼ିଛି। ଜୈନଧର୍ମରେ ଯକ୍ଷିଣୀ ଉପାସନା ରୀତି ପ୍ରଚଳିତ। ଯକ୍ଷିଣୀମାନେ ତୀର୍ଥଙ୍କରମାନଙ୍କର ଶାସନ ଦେବୀ ବା ପରିଚାରିକା ଭାବରେ ଗୃହୀତା। ଏହାଛଡ଼ା ହିନ୍ଦୁ ଚଉଷଠୀ ଯୋଗିନୀଙ୍କ ପରି ଜୈନଧର୍ମରେ ମଧ୍ୟ ଚଉଷଠୀ ଯୋଗିନୀଙ୍କର ଅବତାରଣା ରହିଛି। 'ଉତ୍ତରାଧ୍ୟୟନ ସୂତ୍ର' ଓ 'ଆଚାର ଦିନକର' ଗ୍ରନ୍ଥଦ୍ୱୟରେ ବିଭିନ୍ନ ଦେବଦେବୀଙ୍କର ନାମ ପ୍ରଦତ୍ତ। କଙ୍କାଳି, କାଳି, ମହାକାଳୀ, ଚାମୁଣ୍ଡା, ଜ୍ୱାଳାମୁଖୀ, କାମାଖ୍ୟା, କପାଳିନୀ, ଭଦ୍ରକାଳୀ, ଦୁର୍ଗା, ଲଳିତା, ଗୌରୀ, ସୁମଙ୍ଗଳା, ରୋହିଣୀ, ତ୍ରିପୁରା, କରୁକୁଲ୍ଲା, ଚନ୍ଦ୍ରାବତୀ, ଯମଘଣ୍ଟା, କ୍ରାନ୍ତିମୁଖା ପ୍ରଭୃତି ତାନ୍ତ୍ରିକ ଦେବୀଙ୍କ ନାମ ଜୈନଗ୍ରନ୍ଥମାନଙ୍କର ପ୍ରାପ୍ତ ହୁଏ।

ବୌଦ୍ଧଧର୍ମରେ ନିର୍ବାଣ ଲାଭ ନିମନ୍ତେ କଷ୍ଟକର ସାଧନାମାର୍ଗ ତ୍ୟାଗକରି ସହଜ ସାଧନା ମାର୍ଗରେ ଗତି କରିବା ପୂର୍ବକ ଶକ୍ତି ଓ ତନ୍ତ୍ରର ଆଶ୍ରୟ ନିଆଯାଇଥିଲା। ବୌଦ୍ଧଧର୍ମର ପଞ୍ଚଧ୍ୟାନୀ ବୁଦ୍ଧଙ୍କୁ ମଧ୍ୟ ପାଞ୍ଚଗୋଟି ଶକ୍ତି ସହ ଯୋଡ଼ା ଯାଇଅଛି, ଯଥା- ଅକ୍ଷୋଭ୍ୟଙ୍କ ସହିତ ଲୋଚନା, ବୈରୋଚନଙ୍କ ସହିତ ବଜ୍ରଧାତ୍ୱୀଶ୍ୱରୀ, ଅମିତାଭଙ୍କ ସହିତ ପାଣ୍ଡରା, ରତ୍ନସମ୍ଭବଙ୍କ ସହିତ ମାମକୀ ତଥା ଅମୋଘସିଦ୍ଧିଙ୍କ ସହିତ ଆର୍ଯ୍ୟତାରା। ଏତଦ୍‌ବ୍ୟତୀତ ତାରା, ଅପରାଜିତା, ମାରୀଚୀ, ବଜ୍ରଘଣ୍ଟା, ବତ୍ତାଳୀ, ବଜ୍ରବାରାହୀ, ଚୁଣ୍ଡା, ପ୍ରଜ୍ଞାପାରମିତା, କରୁକୁଲ୍ଲା ଆଦି ବୌଦ୍ଧଗ୍ରନ୍ଥରେ ସ୍ଥାନିତ ଶକ୍ତିମୟୀଗଣ।

ପଞ୍ଚଦେବତା ଉପାସନା ପଦ୍ଧତିରେ ଶକ୍ତି ଉପାସନା ଅନ୍ୟତମ ଭୂମିକା ଗ୍ରହଣ କରିଛି। ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷଯଜ୍ଞ କାଳରେ ସ୍ୱାମୀଙ୍କ ନିନ୍ଦା ସହ୍ୟ କରିନପାରି ଶିବପତ୍ନୀ ପାର୍ବତୀ ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଇଥିଲେ। ଶୋକସନ୍ତପ୍ତ ଶିବ ପତ୍ନୀଙ୍କୁ କାନ୍ଧରେ ଧରି ବହୁକାଳ ପୃଥିବୀ ଭ୍ରମଣ କଲେ। ନିଜ ଦାୟିତ୍ୱ କର୍ତ୍ତବ୍ୟ ଭୁଲିଲେ। ଫଳରେ ଦେବତାମାନେ ବିଷ୍ଣୁଙ୍କୁ ଏ ସମ୍ପର୍କରେ ଜଣାଇବାରୁ ସେ ସୁଦର୍ଶନଚକ୍ର ନିକ୍ଷେପ କରି ଦେବୀଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରିଦେଲେ। ଦେବୀ ସତୀ ବା ପାର୍ବତୀଙ୍କ ମୃତଦେହର ଖଣ୍ଡିତ ଅଂଶମାନ ଯେଉଁଠାରେ ପଡ଼ିଲା, ସେହି ସ୍ଥାନଟି ଶକ୍ତିପୀଠ ବୋଲାଇଲା। ଏହିପରି ଭାବରେ ସମଗ୍ର ଭାରତବର୍ଷରେ ୫୧ଟି ପ୍ରଧାନ ଶକ୍ତିପୀଠ ତଥା ୨୬ଟି ଉପପୀଠ ପ୍ରତିଷ୍ଠିତ ହେଲା। ପୀଠମାନଙ୍କର ରକ୍ଷାକର୍ତ୍ତା ଭାବରେ ସ୍ୱୟଂ ଶିବ ଭୈରବ ମୂର୍ତ୍ତି ଜଗି ରହିଲେ। ତେଣୁ ଶକ୍ତିପୀଠମାନଙ୍କରେ

ଶକ୍ତିଦେବୀଙ୍କ ସହିତ ଭୈରବରୂପୀ ଶିବଙ୍କର ଆସ୍ଥାନ ଦୃଶ୍ୟମାନ ହୁଏ। ପୁରୀ ଜଗନ୍ନାଥ ମନ୍ଦିର ମଧ୍ୟରେ ଥିବା ବିମଳା ମନ୍ଦିର, ଯାଜପୁରର ବିରଜା ମନ୍ଦିର, ହୀରାପୁରର ଚଉଷଠୀ ଯୋଗିନୀ ମନ୍ଦିର ପ୍ରଭୃତି ଏକ ଏକ ଶକ୍ତିପୀଠ। ମହାମାୟା କାଳୀଙ୍କର ସହଚାରିଣୀ ଭାବରେ ଖ୍ୟାତ ଯୋଗିନୀଗଣ ଚଉଷଠୀ କଳା, ମନ୍ତ୍ର, ତନ୍ତ୍ର, ଯନ୍ତ୍ର, ଯୋଗ ତଥା ଶକ୍ତିର ପ୍ରତୀକ ଭାବରେ ପୂଜିତ ହୁଅନ୍ତି। ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲଠାରେ ଏକ ଶକ୍ତି ଯୋଗିନୀ ପୀଠ ରହିଛି। ଏହାଛଡ଼ା ହୀରାପୁରର ଚଉଷଠୀ ଯୋଗିନୀ ପୀଠର ଆବିଷ୍କାରକ ଭାବରେ ଐତିହାସିକ ତଥା ପଣ୍ଡିତ କେଦାରନାଥ ମହାପାତ୍ରଙ୍କୁ ଗ୍ରହଣ କରାଯାଏ। ପୁରୀ ଶ୍ରୀମନ୍ଦିର ମୁଖ୍ୟତଃ ବୈଷ୍ଣବ ପୀଠ ଅନ୍ତର୍ଭୁକ୍ତ ହେଲେହେଁ ବିମଳାଦେବୀଙ୍କ ଉପାସନା ବିନା ମହାପ୍ରସାଦର ପୂର୍ଣ୍ଣତା ନଥାଏ। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତାରାତାରିଣୀ ଦଶ ମହାବିଦ୍ୟାର ତାରା ଓ ଭୁବନେଶ୍ୱରୀଙ୍କର ସମ୍ପୃକ୍ତ ରୂପ। ଏହାଛଡ଼ା ସମ୍ବଲପୁରର ମାଆ ସମଲେଶ୍ୱରୀ, ଝଙ୍କଡ଼ର ମାଆ ଶାରଳା, କଟକର ମାଆ ଚଣ୍ଡୀଙ୍କ ପୀଠ ଏକ ଏକ ପ୍ରସିଦ୍ଧ ଶାକ୍ତପୀଠ। ସମଗ୍ର ଓଡ଼ିଶାରେ ଦୁର୍ଗାପୂଜା, କାଳୀପୂଜା, ଚଣ୍ଡୀପୂଜା ଲୋକ ଜୀବନର ଅଂଶବିଶେଷ।

ଏହି ସମସ୍ତ ପର୍ବରେ ଶାକ୍ତଧର୍ମର ପ୍ରଭାବ ସୁସ୍ପଷ୍ଟ। ସପ୍ତମାତୃକା, ଦଶ ମହାବିଦ୍ୟାଦି ଭାବନାରେ ମାତୃତ୍ୱ, ପ୍ରକୃତି ଶକ୍ତି ତଥା ସୃଷ୍ଟିତତ୍ତ୍ୱ ପ୍ରତିଫଳିତ। ଶକ୍ତିମୟୀଙ୍କୁ ଆଦ୍ୟଶକ୍ତି, ଜଗନ୍ମାତା ଭାବରେ ଦେଖାଯାଏ। ଏହାଛଡ଼ା ଚଣ୍ଡୀ, କାଳୀ, ତାରା, ଭୁବନେଶ୍ୱରୀ, ମାତଙ୍ଗ, ଧୁମାବତୀ ପ୍ରଭୃତି ଶକ୍ତିମାତାଙ୍କ ସାଧନାରେ ତନ୍ତ୍ରବିଦ୍ୟାର ପ୍ରଭାବ ଦେଖିବାକୁ ମିଳେ। ପଞ୍ଚ-ମ-କାର ସାଧନା (ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ) ଶାକ୍ତତନ୍ତ୍ରର ଅନ୍ତର୍ଭୁକ୍ତ। ଦେବୀଙ୍କୁ ଜଗନ୍ମାତା ଭାବରେ ଗ୍ରହଣ କରୁଥିବାରୁ ଓଡ଼ିଆ ସମାଜରେ ପ୍ରଚଳିତ ଅଧିକାଂଶ ପର୍ବପର୍ବାଣିରେ ମାତୃଦେବୀଙ୍କ ପ୍ରାଧାନ୍ୟ ଥାଏ।

କାଳିକା ପୁରାଣ ଅନୁସାରେ ଓଡ୍ରପୀଠ ଭାରତର ତନ୍ତ୍ରପୀଠମାନଙ୍କ ମଧ୍ୟରେ ସର୍ବପ୍ରଥମ। ତନ୍ତ୍ର ଉପାସନାର ପ୍ରଥମ କେନ୍ଦ୍ରସ୍ଥଳୀ ରୂପେ ରାଣୀପୁର ଝରିଆଲ ତଥା ଭେଡ଼ାଘାଟକୁ ଗ୍ରହଣ କରାଯାଏ। ରୁଦ୍ରଯାମଳ, କୁଳାର୍ଣ୍ଣବ, ଜ୍ଞାନାର୍ଣ୍ଣବ ପ୍ରଭୃତି ତନ୍ତ୍ରଗ୍ରନ୍ଥମାନଙ୍କରେ ଓଡ୍ର ବା ପ୍ରାଚୀନ ଓଡ୍‌ଡୀଆନକୁ ମୁଖ୍ୟ ତନ୍ତ୍ରପୀଠ ବୋଲି କୁହାଯାଇଛି। 'କୁବ୍‌ଜିକାତନ୍ତ୍ର' ଗ୍ରନ୍ଥରେ ୫୦ଟି ତନ୍ତ୍ରପୀଠର ନାମ ମଧ୍ୟରୁ ଏକାମ୍ର, ବିରଜା, ଉଡିଶା, ଜଳେଶ୍ୱର, ଓଡିୟାନ ନାମ ଉଲ୍ଲେଖଯୋଗ୍ୟ। ପ୍ରତ୍ନତତ୍ତ୍ୱବିତ୍ ନବୀନ କୁମାର ସାହୁଙ୍କ ଉଦ୍ୟମରେ ଆବିଷ୍କୃତ ତତ୍କାଳୀନ କଳାହାଣ୍ଡି ଜିଲ୍ଲା ନୂଆପଡ଼ା ସବ୍‌ଡିଭିଜନର ମାରାଗୁଡ଼ାର ଶାକ୍ତବିହାରକୁ ଓଡ଼ିଶାର ସର୍ବପ୍ରଥମ ଶାକ୍ତବିହାରର ମାନ୍ୟତା ମିଳିଛି। ସେଠାରେ ଦେବୀମୂର୍ତ୍ତିଙ୍କର ନାମ 'ମାହେଶ୍ୱରୀ ଭବଦା' ବୋଲି ଉଲ୍ଲେଖ ରହିଛି। ଏହାଛଡ଼ା ଖ୍ରୀ.ଅ. ୪୫୦ର ଏକ ଶିଳାଲେଖ ଏଠାରୁ ଆବିଷ୍କୃତ ହୋଇଛି। ଏହି ଶାକ୍ତବିହାରଟି ନଳବଂଶୀ ରାଜା ଭବଦତ୍ତ ବର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ପ୍ରମାଣ ହସ୍ତଗତ ହୁଏ,। ତୁଷ୍ଟିକରଙ୍କର ତାମ୍ରପତ୍ରରୁ କଳାହାଣ୍ଡି ଜିଲ୍ଲାରେ ଦେବୀ ସ୍ତମ୍ଭେଶ୍ୱରୀଙ୍କ ପୂଜା କରାଯାଉଥିବାର ନିଦର୍ଶନ ମିଳେ। ତୁଙ୍ଗବଂଶୀୟ ରାଜାମାନଙ୍କର ତାମ୍ର ଶାସନରେ ମଧ୍ୟ ସ୍ତମ୍ଭେଶ୍ୱରୀଙ୍କର ଉପାସନା ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ସୋନପୁର, ଆସ୍କାଠାରେ ଏହି ଦେବୀଙ୍କର ମନ୍ଦିରମାନ ନିର୍ମାଣ କରାଯାଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜା। ତେଣୁ ଏହାର ଅନ୍ୟ ନାମ ବିରଜାକ୍ଷେତ୍ର। ସତୀଙ୍କର ନାଭି ଏଠାରେ ପତିତ ହୋଇଥିବାରୁ ଏହାର ଅନ୍ୟ ନାମ ନାଭିକ୍ଷେତ୍ର। ଶକ୍ତିମୟୀ ବିରଜାଙ୍କୁ ସମଗ୍ର ଭାରତବର୍ଷରେ ସର୍ବପ୍ରଥମେ ପୂଜିତ ଦ୍ୱିଭୁଜା ଦୁର୍ଗାମୂର୍ତ୍ତି ବୋଲି କୁହାଯାଏ। ଭୁବନେଶ୍ୱର ଓଡ଼ିଶାର ମନ୍ଦିରମାଳିନୀ ବୋଲି ଆଖ୍ୟାୟିତ। ଏହା ସର୍ବଧର୍ମର ସମନ୍ୱୟ କ୍ଷେତ୍ର। ବିନ୍ଦୁସାଗରର ପୂର୍ବଦିଗରେ ଅନନ୍ତ ବାସୁଦେବ ମନ୍ଦିରରେ ଦେବୀ ଏକନଂସା ପୂଜା ପାଉଛନ୍ତି। ବୈତାଳ ବା କାପାଳିନୀ ମନ୍ଦିରରେ ଚାମୁଣ୍ଡା ମୂର୍ତ୍ତି ରହିଛି। ବିନ୍ଦୁସାଗର ପାର୍ଶ୍ୱବର୍ତ୍ତୀ ଶିଶିରେଶ୍ୱର, ବୈତାଳ, ମାର୍କଣ୍ଡେଶ୍ୱର, ଦ୍ୱାରବାସିନୀ, ଉତ୍ତରେଶ୍ୱର ତଥା ମୋହିନୀ ମନ୍ଦିରର କାନ୍ଥରେ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ମୂର୍ତ୍ତି ଖୋଦିତ। ପୁରୀର ମାର୍କଣ୍ଡେଶ୍ୱର, ଯାଜପୁରର ସପ୍ତମାତୃକା ମନ୍ଦିର, କଳାହାଣ୍ଡି ଜିଲ୍ଲା ବେଲଖଣ୍ଡି, ବଲାଙ୍ଗୀରର ଟିଟିଲାଗଡ଼, କଟକର କୁଣ୍ଡେଶ୍ୱର, ଯାଜପୁରର ଧର୍ମଶାଳାଠାରେ ସପ୍ତମାତୃକା ପୂଜା ପରମ୍ପରାର ନିଦର୍ଶନ ପ୍ରାପ୍ତ ହୁଏ। ପୁରାଣପ୍ରସିଦ୍ଧ ପ୍ରାଚୀନଦୀ ତଟଦେଶରେ ବହୁ ଶାକ୍ତପୀଠ ଥିବାର ଜଣାଯାଏ। ୨, ୪, ୬, ୮, ୧୦, ୧୨, ୧୬ ହସ୍ତବିଶିଷ୍ଟ ମହିଷାମର୍ଦ୍ଦିନୀ ମୂର୍ତ୍ତି ଅସ୍ତରଙ୍ଗ ନିଆଳୀ ନିକଟସ୍ଥ ଅମରକୁଦ, କାକଟପୁର ନିକଟବର୍ତ୍ତୀ ରାମେଶ୍ୱରଗଡ଼ ଆଦି ସ୍ଥାନମାନଙ୍କରେ ପୂଜିତ ହେଉଥିଲା। ପିତାପଡ଼ା, ଅଙ୍କେଶ୍ୱର, ସୋମେଶ୍ୱର, ଚଉରାଣୀ, ନିଆଳୀ, ନୂଆଗାଁ ଇତ୍ୟାଦି ସ୍ଥାନମାନଙ୍କରେ ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା ଚାମୁଣ୍ଡା ମୂର୍ତ୍ତିମାନ ଦୃଷ୍ଟିଗୋଚର ହୁଏ।

କାକଟପୁରର ଦେବୀ ମଙ୍ଗଳାଙ୍କର ମୂର୍ତ୍ତି ସିଂହଳର ଜଣେ ବଣିକଙ୍କ ଦ୍ୱାରା ଆନୀତ ବୋଲି ଶୁଣାଗଲେ ମଧ୍ୟ ସଠିକ୍ ପ୍ରମାଣ ଏଯାବତ୍ ହସ୍ତଗତ ହୁଏନାହିଁ।

କାଳଜୟୀ ଗ୍ରନ୍ଥ ରାମାୟଣ, ମହାଭାରତ ଆଦିରେ ଶକ୍ତି ଉପାସନାର ଚିତ୍ର ଉପଲବ୍ଧ। ରାମାୟଣରେ ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, କାମରୂପିଣୀ, ନାଗମାତା, ସୁରସା, ସିଂହିକା, କାଳରାତ୍ରି ପ୍ରଭୃତି ଦେବୀଙ୍କର ନାମ ଥିବା ଜଣାଯାଏ। 'ମହାଭାରତ'ର ବିରାଟପର୍ବରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ, ଭୀଷ୍ମପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୁତି ଉପଲବ୍ଧ ହୁଏ। ଏହାଛଡ଼ା ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ, ଦେବୀ ପୁରାଣ, କାଳିକାପୁରାଣ, ବରାହ ପୁରାଣାଦିରେ ଶକ୍ତି ଉପାସନାର ଦୃଷ୍ଟାନ୍ତ ହସ୍ତଗତ ହୁଏ। ପର୍ଶୁରାମ ଶାକ୍ତତନ୍ତ୍ର ସାଧନା କରି ସିଦ୍ଧିଲାଭ କରିଥିଲେ। 'ପରଶୁରାମ କଳ୍ପସୂତ୍ର'ରେ ଶ୍ରୀବିଦ୍ୟାଙ୍କର ଉପାସନା ବିବରଣୀ ରହିଛି। ପର୍ଶୁରାମ ତ୍ରିପୁରାଙ୍କ ଉପାସକ ଥିଲେ ବୋଲି 'ତ୍ରିପୁରା ରହସ୍ୟ' ଗ୍ରନ୍ଥରୁ ଜାଣିବାକୁ ମିଳେ। 'ବ୍ରହ୍ମାଣ୍ଡ ପୁରାଣ' ଅନୁଯାୟୀ ଅଗସ୍ତ୍ୟ ମୁନି ଶ୍ରୀ ବିଦ୍ୟାଙ୍କର ଉପାସନା ପଦ୍ଧତି ବିଷ୍ଣୁ ବହୟଗ୍ରୀବଙ୍କଠାରୁ ଜାଣିବାକୁ ପାଇଥିଲେ। ମହର୍ଷି ବଶିଷ୍ଠ ଶକ୍ତିମୟୀ ତାରାଙ୍କର ଉପାସକ ଥିଲେ ବୋଲି ଉଲ୍ଲେଖ ରହିଛି। ବହ୍ୱୃଚୋପନିଷଦ, ଦେବୀ ଉପନିଷଦ, ତ୍ରିପୁରାତାପିନୀ ଉପନିଷଦ, ଭାବନୋପନିଷଦ, ସରସ୍ୱତୀ ରହସ୍ୟୋପନିଷଦ, ତ୍ରିପୁରା ଉପନିଷଦ, ସୀତୋପନିଷଦ ଆଦି ଶାକ୍ତ ଉପାସନା ପ୍ରଖ୍ୟାପକ ଗ୍ରନ୍ଥ ରୂପେ ପରିଚିତ। ସାରଳା ଦାସଙ୍କ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ, ବଳରାମ ଦାସଙ୍କ ବଟ ଅବକାଶ, ଲକ୍ଷ୍ମୀ ପୁରାଣ, ଶୀତଳ ଚରଣ ଦାସଙ୍କ ଦ୍ୱାରିକାପାଲା, ଅଜାମ୍ବା ସିଂହଙ୍କ ଚଣ୍ଡିଚରିତାମୃତ, ବ୍ରଜନାଥ ବଡ଼ଜେନାଙ୍କର ଅମ୍ବିକା ବିଳାସ, ଦ୍ୱାରକା ଦାସଙ୍କ ମନସା ମଙ୍ଗଳ, କବିଚନ୍ଦ୍ର ରାୟ ଦିବାକର ମିଶ୍ରଙ୍କ ଦେବୀ ଶତକ, ଗୋଦାବର ମିଶ୍ରଙ୍କ ଶାରଦାର୍ଜନ ପଦ୍ଧତି, ତନ୍ତ୍ର ଚିନ୍ତାମଣି, ଜଗନ୍ନାଥ ଆଚାର୍ଯ୍ୟଙ୍କ ଦୁର୍ଗାଯଜନ ଦୀପିକା, ରାମଚନ୍ଦ୍ର ଉଦ୍‌ଗାତାଙ୍କ ତାରିଣୀକୁଳ ସୁଧା ତରଙ୍ଗିଣୀ, ବର୍ଦ୍ଧନ ମହାପାତ୍ରଙ୍କର ଦୁର୍ଗୋତ୍ସବ ଚନ୍ଦ୍ରିକା, ବାସୁଦେବ ରଥଙ୍କ ଭୁବନେଶ୍ୱରୀ ପ୍ରକାଶ, କୃଷ୍ଣ ମିଶ୍ରଙ୍କ ବିଦ୍ୟା ପଦ୍ଧତି, ରଘୁନାଥ ଦାସଙ୍କର ବନଦୁର୍ଗା ପୂଜା, ଲକ୍ଷେଶ୍ୱର ରଥାଙ୍କ ଜ୍ଞାନବଲ୍ଲୀତନ୍ତ୍ର, ଶିବାର୍ଚ୍ଚନ ପଦ୍ଧତି, ପୀତାମ୍ବର ଦାସଙ୍କ ଦୁର୍ଗାସ୍ତୁତି, ବାପୀ ଦାସଙ୍କ ଦୁର୍ଗାକବଚ, ଦ୍ୱିଜ ନାରାୟଣଙ୍କ ଦଶବିଦ୍ୟା ମାଳଶ୍ରୀ, ବୀରବର ଜଗଦ୍ଦେବଙ୍କ ଦେବସ୍ତୁତି, ନାରାୟଣ ମର୍ଦ୍ଦରାଜ ଓ ହରିହର ମର୍ଦ୍ଦରାଜଙ୍କ ଦୁର୍ଗାମାଳଶ୍ରୀ, ସର୍ବବିଦ୍ୟା ମାଳଶ୍ରୀ, ଚାଲୀ ମାଳଶ୍ରୀ, ବୃନ୍ଦାବନ ଦାସଙ୍କ ମଙ୍ଗଳା ସ୍ତୁତି, ବିମଳା ମାଳଶ୍ରୀ, ବଜ୍ରଧର ନରେନ୍ଦ୍ରଙ୍କ ଛିନ୍ନମସ୍ତା ମାଳଶ୍ରୀ, ବାଣୀ ଦାସଙ୍କ ମହୀଷମର୍ଦ୍ଦିନୀ ମାଳଶ୍ରୀ, ଦୀନବନ୍ଧୁ ଦାସଙ୍କର କଳାମାଳଶ୍ରୀ, ବିପ୍ର ବନମାଳୀ ଦାସ ଓ ଦାଶରଥୀ ଦାସଙ୍କ ଦେବୀ ସ୍ତୁତି, ହାଡ଼ିବନ୍ଧୁ ଦାସଙ୍କ କାଳିକା ମାଳଶ୍ରୀ, ଗୋବିନ୍ଦ ଦାସଙ୍କ ଚୂଡ଼ାଙ୍ଗ ମାଳଶ୍ରୀ, ଦୁର୍ଗା ମାଳଶ୍ରୀ, ବଳଦେବ ରଥଙ୍କ ବିମଳା ମାଳଶ୍ରୀ, ଲୋକନାଥଙ୍କ ଆଦିଶକ୍ତି ଜଣାଣ ଆଦି ଅନେକ ଗ୍ରନ୍ଥ ଶକ୍ତି ଉପାସନା ତଥା ଶାକ୍ତଧର୍ମ ସହ ଜଡ଼ିତ ଗ୍ରନ୍ଥରାଜି।

ଶକ୍ତିମୟୀଙ୍କ ଆରାଧନା ନିମନ୍ତେ ବହୁବିଧ ପର୍ବପର୍ବାଣି ତଥା ଓଷାବ୍ରତ ଓଡ଼ିଆ ସମାଜରେ ପ୍ରଚଳିତ। ଶାକ୍ତ ବ୍ରତଗୁଡ଼ିକରେ ମହାଲକ୍ଷ୍ମୀ, ଦୁର୍ଗା, ମଙ୍ଗଳା, ଶ୍ରୀରାଧା, ଷଠୀଦେବୀ, ଶିଳପୁଆ ଦେବୀ ପ୍ରଭୃତିଙ୍କର ଉପାସନା କରାଯାଏ। ପ୍ରତ୍ୟେକ ଓଷାବ୍ରତ ବା ପର୍ବପର୍ବାଣିର ନିର୍ଦ୍ଦିଷ୍ଟ ବିଧି ରହିଥାଏ। ବିଧିସଙ୍ଗତ ଭାବରେ ସ୍ୱଚ୍ଛ ମନ ସହ ତାହାକୁ ପାଳିଲେ ଶୁଭଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ମହାଲକ୍ଷ୍ମୀ ସମ୍ପଦ ତଥା ଧନ ବିଭବର ଦେବୀ। ଧନମାଣିକ ଓଷା, ଗୁରୁବାର ବ୍ରତ, ମହାଲକ୍ଷ୍ମୀ ବ୍ରତ ଆଦିରେ ଲକ୍ଷ୍ମୀଙ୍କର ଆରାଧନା କରାଯାଏ। ସେହିପରି ଦଶହରା, ଦୁର୍ଗାବ୍ରତରେ ମହିଷାମର୍ଦ୍ଦିନୀ, ଶତ୍ରୁ ସଂହାରକାରିଣୀ ମାଆ ଦୁର୍ଗା, ଫୁଲେରୀ ଓଷାରେ ମହାକାଳୀ, ଖୁଦୁରୁକୁଣୀ, ନିଶା ମଙ୍ଗଳବାର ଓଷାରେ ମାଆ ମଙ୍ଗଳା, ରାଧାଷ୍ଟମୀ, ରାଇଦାମୋଦର ବ୍ରତରେ ଶ୍ରୀରାଧା, ଷଠୀଦେବୀ ବା ଶିଳପୁଆ ଠାକୁରାଣୀ ଷଠୀଓଷା, ସୁବୁଦ୍ଧି ବୁଧବାର ଓଷାରେ ପୂଜିତ ହୁଅନ୍ତି। ଏହାଛଡ଼ା ପ୍ରତ୍ୟେକ ଗ୍ରାମର ରକ୍ଷାକର୍ତ୍ତ୍ରୀ ଭାବରେ ଗ୍ରାମଦେବତୀ ଥାଆନ୍ତି। ପ୍ରତି ଘରେ ତୁଳସୀ ଚଉରା ବୃନ୍ଦାବତୀ ଠାକୁରାଣୀଙ୍କର ପ୍ରତୀକ ରୂପେ ପୂଜା ପାଆନ୍ତି। ବଡ଼ବଡୁଆ ଦେବୀଙ୍କର ପୂଜା ଆସ୍ଥାନ ପ୍ରତି ଓଡ଼ିଆଘରେ ଦେଖିବାକୁ ମିଳେ।

ଓଡ଼ିଶାର ଧର୍ମୀୟ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟରେ ଶାକ୍ତ ପରମ୍ପରା ଏକ ଅବିଭାଜ୍ୟ ଅଂଶ। ଦେବୀଙ୍କୁ 'ଶକ୍ତି' ରୂପେ ପ୍ରତିଷ୍ଠା କରିବା, ସୃଷ୍ଟି ପାଳନ ଓ ସଂହାରରେ ତାଙ୍କର ସର୍ବଶ୍ରେଷ୍ଠତାକୁ ସ୍ୱୀକୃତି ଦେବା ଓଡ଼ିଆ ମନୋଭାବରେ ଗଭୀର ଭାବେ ଉତ୍କୀର୍ଣ୍ଣ। ଶାକ୍ତଧର୍ମରେ ତନ୍ତ୍ର ସାଧନାର ଗୁପ୍ତ ନିୟମ ସମ୍ପର୍କିତ ରହସ୍ୟମୟ ପକ୍ଷ ରହିଛି। ଏହା ଓଡ଼ିଶାର ମାଟିରେ ଅନେକ ସାଧକଙ୍କ ତପସ୍ୟାରେ ପ୍ରକଟିତ ହୋଇଛି। ପଞ୍ଚମକାର ସାଧନା, ଦଶ ମହାବିଦ୍ୟା ଆରାଧନା, ସପ୍ତମାତୃକା ପୂଜା, ଯୋଗିନୀ ଉପାସନା

ଆଦି ଶାକ୍ତଧର୍ମର ରହସ୍ୟମୟ ପକ୍ଷ । ଶାକ୍ତ ପରମ୍ପରା କେବଳ ଧର୍ମୀୟ କ୍ଷେତ୍ରରେ ସୀମିତ ନୁହେଁ, ବରଂ ଏହା କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ତଥା ଲୋକାଚାର ଆଦି ସମସ୍ତ ବିଭବକୁ ପ୍ରଭାବିତ କରିଛି । ଓଡ଼ିଆ ସମାଜ ସଂସ୍କୃତିରେ ମାତୃତ୍ୱର ପ୍ରାଧାନ୍ୟ ଶାକ୍ତ ପରମ୍ପରାର ପ୍ରତିଭୂ । ନାରୀକୁ ଶକ୍ତିରୂପା ଭାବରେ ଦେଖିବା, ପରିବାର ଓ ସମାଜରେ ତାଙ୍କୁ ସ୍ୱତନ୍ତ୍ର ମହତ୍ତ୍ୱ ଦେବା ଓଡ଼ିଆ ଜୀବନ ଦୃଷ୍ଟିର ଅନ୍ୟତମ ଅଙ୍ଗ । ଓଡ଼ିଶାର ଧର୍ମୀୟ ଐତିହ୍ୟ ମୁଖ୍ୟତଃ ଶାକ୍ତ-ଶୈବ-ବୈଷ୍ଣବ ଧାରାର ସମନ୍ୱୟ । ମହାପ୍ରଭୁ ଜଗନ୍ନାଥଙ୍କର ମହାପ୍ରସାଦ ମଧ୍ୟ ବିମଳାଙ୍କ ନିକଟରେ ଲାଗିହେବା ନଯାଏ ମହାପ୍ରସାଦର ମାନ୍ୟତା ପାଏନାହିଁ । ଏହିପରି ଭାବରେ ଶାକ୍ତ ପରମ୍ପରା ଓଡ଼ିଶାର ସାମଗ୍ରିକ ଧର୍ମୀୟ ସାମାଜିକ-ସାହିତ୍ୟିକ ଜୀବନକୁ ସମୃଦ୍ଧ କରିଛି । ମାତୃରୂପା ଶକ୍ତିମୟୀ ଦେବୀଙ୍କ କେବଳ ଧାର୍ମିକ ପ୍ରତୀକ ଭାବରେ ନୁହେଁ, ବରଂ ଜୀବନଶକ୍ତି, ସୃଜନଶକ୍ତି ଓ ସଂସ୍କୃତିର ଆଧାର ଭାବେ ଗ୍ରହଣ କରିଥିବାରୁ ଶାକ୍ତ ଧର୍ମ ଓଡ଼ିଶା ଭୂମିରେ ଚିର ଅମର ଓ ଭାସ୍ୱର ।

## ସହାୟକ ଗ୍ରନ୍ଥସୂଚୀ :


୧. ଓଡ଼ିଶାର ଧର୍ମ - ଭଗବାନ ପଣ୍ଡା

୨. ଓଡ଼ିଶାର ଶାକ୍ତ ସଂସ୍କୃତି - ନୀଳମଣି ମିଶ୍ର

୩. ଓଡ଼ିଆ ସାହିତ୍ୟର ଇତିହାସ - ବଂଶୀଧର ମହାନ୍ତି

୪. ପଞ୍ଚସଖା ଧର୍ମ ଓ ସାହିତ୍ୟ - ସୁରେନ୍ଦ୍ର କୁମାର ମହାରଣା

୫. ଓଡ଼ିଆ ସାହିତ୍ୟରେ ଧର୍ମଧାରା - ସୁରେନ୍ଦ୍ର କୁମାର ମହାରଣା

୬. Indian Mother Goddess - N.N. Bhattacharya

୭. Cultural Heritage of India - C. Chakravarty

୮. ଓଡ଼ିଆ ସାହିତ୍ୟର ଇତିହାସ - ପ୍ରେମାନନ୍ଦ ମହାପାତ୍ର

୯. ଓଡ଼ିଶାର ଧର୍ମଧାରା - ପ୍ରଦୀପ୍ତ କୁମାର ପଣ୍ଡା

୧୦. ଓଡ଼ିଶା ଇତିହାସ - ହରେକୃଷ୍ଣ ମହତାବ


❖ ❖ ❖

DOI : https://doi.org/10.5281/zenodo.18185783 ମୂଳ ପ୍ରବନ୍ଧ

# କଳିଙ୍ଗରେ ପାଳିର ସ୍ୱରୂପ

**କଳ୍ପତରୁ ନାୟକ**

**ସଂକ୍ଷିପ୍ତସାର:**

ଭଗବାନ ବୁଦ୍ଧଦେବ (ଖ୍ରୀ.ପୂ ୫୬୭) ନିଜର ଧର୍ମମତକୁ ପାଳି ଭାଷାରେ ପ୍ରଚାର କରୁଥିଲେ। ସମ୍ରାଟ ଅଶୋକ (ଖ୍ରୀ.ପୂ ୨୬୭)ଙ୍କ ଧର୍ମଲେଖ ଓ ଶିଳାଲେଖର ଭାଷା ଥିଲା 'ପାଳି'। ଏଣୁ କୁହାଯାଇପାରେ ଯେ ପାଳି ଭାଷା ଦୀର୍ଘ ୬୦୦ ବର୍ଷ ବା ତାହାର ପୂର୍ବରୁ ଭାରତବର୍ଷର ଜନସାଧାରଣଙ୍କ ଦ୍ୱାରା କଥିତ ଥିଲା। ମଗଧ ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ ହେତୁ ଓଡ଼ିଶାରେ ପାଳି ଭାଷାର ଲିପିବଦ୍ଧ ରୂପ ଦେଖିବାକୁ ମିଳେ। ଭୁବନେଶ୍ୱର ନିକଟସ୍ଥ ଧଉଳୀ ଶିଳାଲେଖ ଏବଂ ଗଞ୍ଜାମ ଜିଲ୍ଲା ନିକଟସ୍ଥ ଜଉଗଡ଼ ଶିଳାଲେଖ ଏହାର ପ୍ରମାଣ। ଉଭୟ ଶିଳାଲେଖର ଲିପି 'ବ୍ରାହ୍ମୀ' ଏବଂ ଭାଷା 'ପାଳି'। କଳିଙ୍ଗର ଶିଳାଲେଖରେ ଲିପିବଦ୍ଧ ପାଳି ଭାଷାଠାରୁ କାଲସୀ, ଗିରିନାର, ମାନସେହରା ଏବଂ ଶାହବଜଗଡ଼ୀ ଶିଳାଲେଖରେ ବ୍ୟବହୃତ ପାଳି ଭିନ୍ନ। ଏଣୁ ଅଞ୍ଚଳ ଭେଦରେ ପାଳିଭାଷାର ରୂପରେ ଭିନ୍ନତା ଆସୁଥିବାରୁ କଳିଙ୍ଗରେ ଲିପିବଦ୍ଧ ପାଳିର ସ୍ୱତନ୍ତ୍ରତା ରହିଛି।

**ପ୍ରମୁଖ ଶବ୍ଦାବଳୀ :**

ପାଳି, ଅଶୋକ, କଳିଙ୍ଗ, କାଲସୀ, ଗିରିନାର, ମାନସେହରା, ଶାହବଜଗଡ଼ୀ, ଧଉଳୀ, ଜଉଗଡ଼, ବ୍ୟାକରଣ, ସୂତ୍ର, ଭାଷା।

## ଉପକ୍ରମ :

ଇଣ୍ଡୋୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ ଭାରତୀୟ ଆର୍ଯ୍ୟ ଶାଖାକୁ ତିନିଭାଗରେ ବିଭକ୍ତ କରାଯାଇଛି। ଯଥା- ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା, ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା ଏବଂ ନବୀନ ଭାରତୀୟ ଆର୍ଯ୍ୟ ଭାଷା। ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା 'ପାଳି', 'ପ୍ରାକୃତ' ଏବଂ 'ଅପଭ୍ରଂଶ' ଭେଦରେ ତ୍ରିଭେଦ। ମାନକ ଭାଷା ଭାବରେ ପାଳି ଖ୍ରୀ.ପୂ ୬୦୦ରୁ ଖ୍ରୀ.ପୂ ୧୦୦ ପର୍ଯ୍ୟନ୍ତ ବ୍ୟବହୃତ ହେଉଥିଲା। ଏହାର ପରମାୟୁ ୨୫୦୦ ବର୍ଷରୁ ଅଧିକ ବୋଲି ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରାପ୍ତ କରିଛି। ୨୦୨୪ ମସିହା ଅକ୍ଟୋବର ତିନି ତାରିଖ ଦିନ ପାଳି ଭାଷାକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହି ଦିନ ପ୍ରାକୃତ, ଅସମିୟା, ବଙ୍ଗଳା ଏବଂ ମରାଠୀ ଭାଷାକୁ ମଧ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ତାମିଲ୍, ସଂସ୍କୃତ, ତେଲୁଗୁ, କନ୍ନଡ, ମାଲାୟଲମ୍, ଓଡ଼ିଆ ସହ ଏହି ପାଞ୍ଚଟି ଭାଷାକୁ ମିଶାଇଲେ ଭାରତର ଶାସ୍ତ୍ରୀୟଭାଷା ସଂଖ୍ୟା ୧୧ ରେ ପହଞ୍ଚିଛି। ସମୟ ଖଣ୍ଡରେ ପାଳି ଓଡ଼ିଶାର ଜନ ସାଧାରଣଙ୍କ ଭାବ ବିନିମୟର ମାଧ୍ୟମ ହୋଇଥିଲା। ଅଧୁନା ପାଳି ଭାଷାର କଥିତ ରୂପ ନାହିଁ । ଅଶୋକଙ୍କ ଧଉଳୀ, ଜଉଗଡ଼,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.18185783
Article No - BPP00368

**ଯୋଗାଯୋଗ : ଲେଫ୍ଟନାଣ୍ଟ ଡକ୍ଟର କଳ୍ପତରୁ ନାୟକ ,**
ସରକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ
**Email:** nayakchintu1988@gmail.com
**ORCID ID:** https://orcid.org/0009-0003-8820-1957

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାଏକ, କଳ୍ପତରୁ; ୨୦୨୫। କଳିଙ୍ଗରେ ପାଳିର ସ୍ୱରୂପ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯, ପୃଷ୍ଠା : ୪୨-୪୭।

ଗିରନାର, କଲସୀ, ମାନସେରା, ସହବାଜଗଡ଼ୀ ଆଦି ସମସ୍ତ ଶିଳାଲେଖ ବ୍ୟତୀତ ତ୍ରିପିଟକ, ଧମ୍ମପଦ, ସୁତ୍ତନିପାତ, ସୁତ୍ତପିଟକ, ଅନତ୍ତ ବାଦୋ, ବୁଦ୍ଧସାସନସ୍ସସାରଂ, ବୋଧିସତ୍ତ ଜାତକାବଳୀ, ବୁଦ୍ଧଚରିତଂ ଗ୍ରନ୍ଥାଦିର ଭାଷା ପାଲି।

ପାଲି ଭାଷାର ବୈଶିଷ୍ଟ୍ୟକୁ ଦର୍ଶାଇବାକୁ ଯାଇ ଏହାର ବ୍ୟାକରଣମାନ ରଚନା କରାଯାଇଛି । ଯଥା–

(କ) ବୋଧିସତ୍ତ ବ୍ୟାକରଣ,
(ଖ) କଚ୍ଚାୟନ ବ୍ୟାକରଣ,
(ଗ) ସବ୍ବଗୁଣାକର ବ୍ୟାକରଣ,
(ଘ) ମୋଗ୍ଗଲାୟନ ବ୍ୟାକରଣ ଏବଂ
(ଙ) ସଦ୍ଦନୀତି ବ୍ୟାକରଣ।

ଏହି ବ୍ୟାକରଣ ପୁସ୍ତକଗୁଡ଼ିକ ମଧ୍ୟରୁ ବୋଧିସତ୍ତ ବ୍ୟାକରଣ ଏବଂ ସବ୍ବଗୁଣାକର ବ୍ୟାକରଣ ଅଧୁନା ଅନୁପଲବ୍ଧ।

ପାଲି ଶବ୍ଦର ବ୍ୟୁତ୍ପତ୍ତି ସଂପର୍କରେ ସମାଲୋଚକମାନେ ଭିନ୍ନଭିନ୍ନ ମତ ପୋଷଣ କରିଛନ୍ତି। ଯଥା :-

- ମହାମହୋପାଧ୍ୟାୟ ବିଧୁଶେଖର ଭଟ୍ଟାଚାର୍ଯ୍ୟଙ୍କ ମତରେ 'ପାଲି' ଶବ୍ଦଟି ସଂସ୍କୃତ 'ପଂକ୍ତି' ଶବ୍ଦର ପରିବର୍ତ୍ତିତ ରୂପ। ଯଥା:- ପଂକ୍ତି > ପନ୍ତି > ପତ୍ତି > ପଲ୍ଲି > ପାଲି।

- ଭିକ୍ଷୁ ସିଦ୍ଧାର୍ଥଙ୍କ ମତରେ ପାଲି/ପାଳି ଶବ୍ଦର ମୂଳ ସଂସ୍କୃତ 'ପାଠ' ଶବ୍ଦ। 'ପାଠ' ଶବ୍ଦଟି ପରିବର୍ତ୍ତିତ ହୋଇ ପାଲି/ପାଳି ହୋଇଛି। ଯଥା:- ପାଠ > ପାଳ > ପାଳି > ପାଲି।

ଚତୁର୍ଥ ଶତାବ୍ଦୀର ଆଚାର୍ଯ୍ୟ ବୁଦ୍ଧଘୋଷଙ୍କ 'ଅଟ୍ଠକଥାଓଁ' ଏବଂ 'ବିସୁଦ୍ଧିମଗ୍ଗ'; ଚତୁର୍ଥ ଶତାବ୍ଦୀର 'ଦୀପବଂଶ'; ପଞ୍ଚମ-ଷଷ୍ଠ ଶତାବ୍ଦୀର ଆଚାର୍ଯ୍ୟ ଧର୍ମପାଳଙ୍କ ରଚନା 'ପରମତ୍ଥ ଦୀପିନୀ', ତ୍ରୟୋଦଶ ଶତାବ୍ଦୀର ରଚିତ ଗ୍ରନ୍ଥ 'ଚୂଳବଂସ' ଆଦିରେ ପାଲି ଶବ୍ଦର ବ୍ୟବହାର ବହୁବଚନ ଏବଂ ମୂଳ ତ୍ରିପିଟକ ଅର୍ଥରେ ହୋଇଥିଲା।

ଭଣ୍ଡାର କର-ଙ୍କ ମତରେ ପାଲି ଶବ୍ଦର ମୂଳ ରୂପ 'ପ୍ରାକୃତ'। 'ପ୍ରାକୃତ' ଶବ୍ଦଟି ପରିବର୍ତ୍ତିତ ହୋଇ ପାଲିରେ ପରିଣତ ହୋଇଛି ।

ଭୋଳାନାଥ ତିୱରୀ ଏବଂ ଦେବେନ୍ଦ୍ରନାଥ ଆଚାର୍ଯ୍ୟଙ୍କ ମତରେ 'ପଲ୍ଲି' ଶବ୍ଦ ପରିବର୍ତ୍ତିତ ହୋଇ 'ପାଲି'ରେ ପରିଣତ ହୋଇଛି। ସେମାନେ 'ପାଲି'କୁ 'ପଲ୍ଲି' ଅର୍ଥରେ ଗ୍ରହଣ କରିଛନ୍ତି। ଅର୍ଥାତ୍ 'ପଲ୍ଲି'ର ଭାଷା 'ପାଲି'।

ଜର୍ମାନର ପ୍ରଖ୍ୟାତ ବିଦ୍ୱାନ ମାକ୍ସମୂଲରଙ୍କ ମତରେ 'ପାଟଲି'/ 'ପାଡ଼ଲି' (ପାଟଲିପୁତ୍ରର ଭାଷା) ଶବ୍ଦର ସଂକ୍ଷିପ୍ତ ରୂପ 'ପାଲି'।

ଭିକ୍ଷୁ ଜଗଦୀଶ କଶ୍ୟପ 'ପାଲି ମହାବ୍ୟାକରଣ' ଗ୍ରନ୍ଥରେ ମତ ଦିଅନ୍ତି ଯେ 'ପରିୟାୟ' ଶବ୍ଦଟି 'ପାଲି' ଅର୍ଥରେ ବ୍ୟବହୃତ ହେଉଥିଲା। ଏଣୁ 'ପାଲି' ଶବ୍ଦଟି 'ପରିୟାୟ' ଶବ୍ଦରୁ ଆସିଛି ଯାହାର ମୂଳ ଶବ୍ଦ 'ପର୍ଯ୍ୟାୟ'। ଅର୍ଥାତ୍ ପର୍ଯ୍ୟାୟ > ପରିୟାୟ > ପଲିୟାୟ > ପାଲିୟାୟ > ପାଲି (ୟ-ଲୋପ)।

ଏହାର ପ୍ରାଚୀନ ସ୍ୱରୂପ ଅଶୋକଙ୍କ ଭବ୍ରୁ /ଭାବ୍ରୁ ଶିଳାଲେଖରେ (ରାଜସ୍ଥାନର ଜୟପୁର ନିକଟସ୍ଥ ବିରାଟ ନଗର) 'ପଲିୟାୟ' ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଏ। ଯଥା:-

- ଇମାନି ଭଂତେ ଧଂମ ପଲିୟାୟାନି ବିନୟ ସମୁକସେ (୪)
- ଏତାନି ଭଂତେ ଧଂମପଲିୟାୟାନି ଇଚ୍ଛାମି (୬)

ଦୀଘନିକାୟ, ବ୍ରହ୍ମଜାଲସୂତ୍ର, ତ୍ରିପିଟିକରେ 'ପରିୟାୟ' ଶବ୍ଦର ପ୍ରୟୋଗ ହୋଇଛି। ଯଥା:- ପରିୟାୟ – ୟମଂ ଧମଂ ପରିୟାୟଂ ଅତ୍ଥ ଜାଲନ୍ତି ପି ନଂ।

ପର୍ଯାୟ ଶବ୍ଦର ବ୍ୟୁତ୍ପତ୍ତିକୁ ନିମ୍ନମତେ ଦର୍ଶାଯାଇପାରେ। ଯଥା:-

- ର-ଲ-ୟ-ବ ଏବଂ ଅନୁନାସିକ ବ୍ୟଞ୍ଜନ ଯୁକ୍ତ ସଂଯୁକ୍ତ ବ୍ୟଞ୍ଜନ ସ୍ଥାନରେ ପାଲି ଭାଷାରେ ପ୍ରାୟତଃ ସ୍ୱରଭକ୍ତି ହୋଇଥାଏ। ଯଥା- ପର୍ଯାୟ > ପରିୟାୟ।
- ସଂସ୍କୃତ ଭାଷାରେ ଯେଉଁଠି ସଂଯୁକ୍ତାକ୍ଷର ପୂର୍ବରୁ ହ୍ରସ୍ୱସ୍ୱରର ପ୍ରୟୋଗ ହୋଇଥାଏ, ପାଲି ଭାଷାରେ ସେଠାରେ ଅସଂଯୁକ୍ତ ଅକ୍ଷର ହୋଇ ପୂର୍ବ ବର୍ଣ୍ଣ ଦୀର୍ଘ ହୋଇଥାଏ। ଯଥା- ପରିୟାୟ > ପାଲିୟାୟ

ମୋଗ୍ଗଲାୟନ ବ୍ୟାକରଣ ନିୟମ 'ତ-ଥ-ନ-ରାନଂ ଟ-ଠ-ଣ-ଲା ୧/୫୨' (ପାଲି ଭାଷାରେ ପ୍ରାୟତଃ 'ତ', 'ଦ', 'ନ', 'ର' ସ୍ଥାନରେ ଯଥାକ୍ରମେ 'ଟ', 'ଠ', 'ଣ', 'ଲ' ବର୍ଣ୍ଣର ବ୍ୟବହାର ହୋଇଥାଏ) ଅନୁସାରେ 'ତ', 'ଥ', 'ନ' ଏବଂ 'ର' ସ୍ଥାନରେ ବିକଳ୍ପରେ କ୍ରମଶଃ 'ଟ', 'ଠ', 'ଣ' ଏବଂ 'ଲ' ହୋଇ ପରିୟାୟ ଶବ୍ଦ ସ୍ଥାନରେ 'ପାଲିୟାୟ' ହୋଇଛି। ଅନାଦି ଅସଂଯୁକ୍ତ 'ୟ' ଲୋପ ହୋଇ 'ପାଲି' ଶବ୍ଦ ସୃଷ୍ଟି ହୋଇଛି।

କେତେକ ସମାଲୋଚକ ମତ ଦିଅନ୍ତି 'ପାଲି' କଳିଙ୍ଗ ଜନପଦର ଭାଷା ଥିଲା। ଯଥା:-

- ହେରମନ ଓଲଡେନ୍ ବର୍ଗ 'The Vinaya Pitakam' ମୁଖବନ୍ଧରେ (ଭୂମିକା) ଉଲ୍ଲେଖ କରିଛନ୍ତି। ପାଲି ଭାଷାର ଆଧାର କଳିଙ୍ଗର ଭାଷା ଥିଲା। ପାଲି କଳିଙ୍ଗ ଦେଶର ଭାଷା ଥିଲା।
- ଏଡ୍‌ୱିଡ ମୂଳର "A Simplified Grammar of the Pali Language" (ପୃ-୩) ପୁସ୍ତକର ମୁଖବନ୍ଧ ଅନୁସାରେ "କଳିଂଗ ହିଁ ପାଲିର ଉତ୍ପତ୍ତି ସ୍ଥଳ। କାରଣ ସେହିଠାରୁ ପ୍ରଥମେ ଲୋକ ଲଙ୍କା ଯାଇ ରହିବା ଏବଂ ଧର୍ମ ପ୍ରଚାର କରିବା ଅଧିକ ସଂଗତ"।

Geiger ଙ୍କ ମତରେ ପାଲି ହେଉଛି ମାଗଧୀ ଭାଷାର ଲୋକ ଭାଷିତ ରୂପ।

"... Pali should be regarded as a form of Magadhi, the language in which Buddha himself had preached. This language of Buddha was however surely no purely popular dialect, but a language of the higher and cultured classes which had been brought into being already in pre-buddhistic times through the needs of inter-communication in India. Such a lingua France naturally contained elements of all dialects, but was surely free from the most obtrusive dialectal characteristics. It was surly not altogether homogeneous."

କେହି କେହି ବିଦ୍ୱାନ ମାଗଧୀ ପ୍ରାକୃତକୁ ଏକ ରୂପ ଭାବରେ ପାଲି ଭାଷାକୁ ଗ୍ରହଣ କରନ୍ତି। ଅନ୍ୟ କେହି ଏହାକୁ ପ୍ରାକୃତର ଆଦିମ ରୂପ ବୋଲି ଉଲ୍ଲେଖ କରନ୍ତି। ମାଗଧୀ ଭାଷା ପରି ପାଲି ଭାଷାରେ 'ର' ସ୍ଥାନରେ 'ଲ' ଏବଂ 'ଣ' ଓ 'ନ' ସ୍ଥାନରେ 'ନ' ହେଲେ ହେଁ ମାଗଧୀ ଭାଷା ପାଲିଠାରୁ ଭିନ୍ନ। ହେମଚନ୍ଦ୍ର 'ସିଦ୍ଧହେମଶବ୍ଦାନୁଶାସନମ୍' ପ୍ରାକୃତ ବ୍ୟାକରଣରେ ମାଗଧୀ ପ୍ରାକୃତ ସୂତ୍ର ଦେଇଛନ୍ତି – ରସୋର୍ଲଶୌ। ୮/୪/୨୮୮ ଅର୍ଥାତ୍ ଅନାଦି ଅସଂଯୁକ୍ତ ଅବସ୍ଥାରେ 'ର' ସ୍ଥାନରେ 'ଲ' ଏବଂ 'ସ' ସ୍ଥାନରେ 'ଶ' ହୋଇଥାଏ। ଯଥା:- ହସଃ > ହଂଶୋ, ଶୃଗାଳଃ > ସିଆଳୋ।

ପାଲି ଭାଷାରେ ଶ-ଷ-ସ ସ୍ଥାନରେ 'ସ' ହୋଇଥାଏ। (ପିୟଦସି > ପ୍ରିୟଦର୍ଶୀ, ସବେମୁନିସେ > ସର୍ବେମନୁଷ୍ୟେ)

ଏଥିରୁ ଜଣାଯାଏ ଯେ ମାଗଧୀ ଭାଷାରେ 'ଶ' ର ବ୍ୟବହାର ରହିଥିବା ବେଳେ ପାଲି ଭାଷାର 'ସ' ର ବ୍ୟବହାର ହେଉଥିଲା। ଏଣୁ ପାଲି ଏବଂ ମାଗଧୀ ପରସ୍ପରଠାରୁ ଭିନ୍ନ।

ହେମଚନ୍ଦ୍ରଙ୍କ 'ସିଦ୍ଧହେମଶବ୍ଦାନୁଶାସନମ୍' ବ୍ୟାକରଣ ଗ୍ରନ୍ଥର ୮/୧/୧୭୭ ସୂତ୍ର(କ-ଗ-ଚ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍)ରୁ ଜଣାଯାଏ ଯେ ପ୍ରାକୃତ ଭାଷାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା ଅଳ୍ପପ୍ରାଣ କ-ଗ-ଚ-ଜ-ତ-ଦ-ପ-ୟ-ବ ବର୍ଣ୍ଣର ପ୍ରାୟତଃ ଲୋପ ହୋଇଥାଏ କିନ୍ତୁ ପାଲି ଭାଷାରେ ପ୍ରାୟତଃ ଏପରି ହୋଇନଥାଏ। ଯଥା – 'ମୃଗ' ସ୍ଥାନରେ 'ମିଗ', 'ପ୍ରିୟଃ' ସ୍ଥାନରେ 'ପିଏ', 'ଲେଖିତା' ସ୍ଥାନରେ ଲିଖିତ ହୋଇଥାଏ। ଏଣୁ ପ୍ରାକୃତ ଭାଷାର ଏକ ସ୍ୱରୂପ ଭାବେ ପାଲି ଭାଷାକୁ ଗ୍ରହଣ କରିବା ଅଯୌକ୍ତିକ।

କେହି କେହି ବିଦ୍ୱାନ ପୈଶାଚୀକୁ ପାଲି ଭାଷା ବୋଲି ଉଲ୍ଲେଖ କରିଛନ୍ତି। ହେମଚନ୍ଦ୍ରଙ୍କ 'ସିଦ୍ଧହେମଶବ୍ଦାନୁଶାସନମ୍' ଗ୍ରନ୍ଥର ଚତୁର୍ଥ ଭାଗରେ ପୈଶାଚୀ ପ୍ରାକୃତର ବୈଶିଷ୍ଟ୍ୟ ଦର୍ଶାଇବା ପାଇଁ ଦେଇଥିବା ସୂତ୍ର 'ଷ୍ଟସ୍ୟସଟ ୮/୪' ଜଣାଯାଏ ଯେ ପୈଶାଚୀ ପ୍ରାକୃତରେ 'ଷ୍ଟ' ସ୍ଥାନରେ 'ସ୍ଟ' ହୋଇଥାଏ। କିନ୍ତୁ ପାଲିରେ ଏପରି ପ୍ରୟୋଗ ଅଲକ୍ଷଣୀୟ। ଯଥା:-'ଅନୁସିଷ୍ଟି' ସ୍ଥାନରେ ପାଲିରେ 'ଏନୁସଥି' ହୋଇଥାଏ।

**କଳିଙ୍ଗରେ ବ୍ୟବହୃତ ପାଲିର ସ୍ୱରୂପ:**

ପାଲି ଭାଷାରେ କଳିଙ୍ଗରେ 'ର' ସ୍ଥାନରେ 'ଅ', 'ଇ' ଏବଂ 'ଉ' ସ୍ୱରର ପ୍ରୟୋଗ ଲକ୍ଷ୍ୟ କରାଯାଏ।

ଅ – ମମ ଚ ଅନନିୟଂ (ମମ ଚ ଆନୁଣ୍ୟମ୍) - ଧଉଳୀ

ଇ – ମମ ଚ ଅନନିୟଂ (ମମ ଚ ଆନୃଣ୍ୟମ୍) – ଧଉଳୀ

ଉ – କୁଟେମନୋ ଅତିଲେକେ (କୁତଃମନୋ ଅତିରେକଃ) ଧଉଳୀ

ଏଥିରୁ ଜଣାଯାଏ ପାଲି ଭାଷାରେ ର ବର୍ଣ୍ଣର ବ୍ୟବହାର ନଥିଲା।

- କଳିଙ୍ଗୀୟ ପାଳି ଭାଷାରେ 'ତ୍ୟ' ସ୍ଥାନରେ 'ଚ' ବର୍ଣ୍ଣର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- କଛାୟନଗୋତ୍ତୋ > କାତ୍ୟାୟନ ଗୋତ୍ର
- ପ୍ରାୟତଃ ର, ଳ, ୟ, ବ ଏବଂ ଅନୁନାସିକ ବ୍ୟଞ୍ଜନରେ ଥିବା 'ର' ବ୍ୟଞ୍ଜନର ଲୋପ ହୋଇଥାଏ। ଯଥା:- ପିୟସ (ପ୍ରିୟସ୍ୟ), ପଜା (ପ୍ରଜା), ଅଖଖସେ (ଅକର୍କଶେ) ।
- ପାଳି ଭାଷାରେ 'ଧ୍ୟ' ସ୍ଥାନରେ 'ଝ' ବର୍ଣ୍ଣର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- କିଂତି ମଝଂ ପଟିପାଦୟେମା (କିମିତି ମଧ୍ୟଂ ପ୍ରତିପାଦୟେମହି)।
- ପାଳି ଭାଷାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା ଅଳ୍ପପ୍ରାଣ ବ୍ୟଞ୍ଜନର ପ୍ରାୟତଃ ଲୋପ ହୋଇ ନଥାଏ। ଉଦାହରଣ:- ବଚନେନ (ବଚ୍‌ନେନ) ନଗଲ ବିୟୋହାଲକା (ନଗର ବ୍ୟବହାରକାଃ)।
- ପ୍ରାୟତଃ ମହାପ୍ରାଣ ବର୍ଣ୍ଣ ସ୍ଥାନରେ 'ହ' ହୋଇନ ଥାଏ। ତଥା (ତଥା) ଆଲଭେ (ଆରଭେ), ଆଲାଧୟିସଥ (ଆରାଧୟିଷ୍ୟଥ), ଲିଖିତ (ଲେଖିତା)।
- ପାଳିଭାଷାରେ 'କ୍ଷ' ସ୍ଥାନରେ 'ଖ' ବର୍ଣ୍ଣର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- ନଖତେନ (ନକ୍ଷତ୍ରେ), ଖନସିଖନସି (କ୍ଷଣେକ୍ଷଣେ)
- ପାଳିଭାଷାରେ 'ତ' ସ୍ଥାନରେ 'ଟ' ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- ପଟିପାଦୟେହଂ (ପ୍ରତି ପାଦୟେ ଅହମ୍) ସଂପଟିପଜତି (ସମ୍ପ୍ରତି ପଦ୍ୟତେ)
- ପାଳି ଭାଷାରେ ଶ, ଷ, ସ ସ୍ଥାନରେ 'ସ' ବର୍ଣ୍ଣ ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- ଶ, ଷ, ସ > ସ - ଅନାସୁଲୋପେ (ଅନାଶୁଲୋପଃ), ବସାନି (ବର୍ଷାଣି)
- ପାଳି ଭାଷାରେ ଅବର୍ଗ୍ୟ 'ଯ' ବର୍ଣ୍ଣର ପରିବର୍ତ୍ତନ ସାଧାରଣତଃ ଲକ୍ଷ୍ୟ କରାଯାଇ ନଥାଏ। ଯଥା:- ଯଥା (ଯଥା)
- ସଂଯୁକ୍ତ ବ୍ୟଞ୍ଜନରୁ ଏକ ଲୋପ ହେଲେ ଅନ୍ୟଟି ଦ୍ୱିତ୍ୱହୁଏ। ସାଧାରଣତଃ ଯଦି ମହାପ୍ରାଣ ବର୍ଣ୍ଣଟି ରହିଯାଏ ତେବେ ସେ ବର୍ଣ୍ଣଟି ତାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ସହ ଦ୍ୱିତ୍ୱ ହୋଇଥିବାର ରୂପ ଉପଲବ୍ଧ। ଯଥା:- ଷ୍ଟ > ଠ > ଟ୍ଠ। ଏକୋ ପିଟ୍ଠିପାସାଣୋ – ଏକଃ ପୃଷ୍ଠି ପାଷାଣଃ (ବାନରିନ୍ଦ ଜାତକମ୍)

  କ୍ଷ > ଖ > କ୍ଖ :- ଉଦୁମ୍ବରରୁକ୍ଖେ – ଉଦୁମ୍ବରବୃକ୍ଷେ
- ପାଳି ଭାଷାରେ 'ବୃକ୍ଷ' ସ୍ଥାନରେ 'ରୁକ୍ଖ' ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରାଯାଏ। ପ୍ରାକୃତ, ଓଡ଼ିଆରେ ମଧ୍ୟ ଏହାର ବ୍ୟବହାର ହୋଇଥାଏ।
- ପାଳି ଭାଷାରେ 'ସ୍ତ' ସ୍ଥାନରେ 'ଥ' ବର୍ଣ୍ଣର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- ସ୍ଥ > ଥ – ଅଥି ୟେବଂଧନଂ (ଅସ୍ତି ୟଃ ବନ୍ଧନମ୍) (ଧଉଳୀ) ଅନୁସଥି – ଅନୁଶାସ୍ତିଃ
- ପାଳି ଭାଷାରେ 'ର୍ଥ' ସ୍ଥାନରେ 'ଠ' ବର୍ଣ୍ଣର ବ୍ୟବହାର ଲକ୍ଷ୍ୟ କରାଯାଏ। ଯଥା:- ର୍ଥ > ଠ – ଅର୍ଥ > ଅଠ
- ପାଳି ଭାଷାରେ ସଂଯୁକ୍ତ ବ୍ୟଞ୍ଜନରୁ 'ୟ' ଲୋପ ହେବାର ଲକ୍ଷ୍ୟ କରାଯାଏ। ଯଥା:- କଲ୍ୟାଣ > କଲାଣ /କଲଣ , ପଶ୍ୟତି > ପସତି, ଶକ୍ୟ > ସକଂ।
- କଳିଙ୍ଗୀୟ ପାଳିରେ ସଂଯୁକ୍ତ ବ୍ୟଞ୍ଜନରୁ 'ର' ଲୋପ ହେବାର ଲକ୍ଷ୍ୟ କରାଯାଏ। ଯଥା:- ର – ଲୋପ – ପିୟସ (ପ୍ରିୟସ୍ୟ), ମହାମାତ (ମହାମାତ୍ରାଃ) ଧଂମ(ଧର୍ମ), ବର୍ଗ – ବଗଂ। ଅସଂଯୁକ୍ତ ବର୍ଣ୍ଣଭାବେ 'ର' ବର୍ଣ୍ଣ ରହିଲେ ପାଳି ଭାଷାରେ ସେ ସ୍ଥାନରେ 'ଲ' ହୋଇଥାଏ।ଯଥା:- ପୂର୍ବ – ପୁଲୁବ, ରାଜା – ଲାଜା, ପୁରୁଷଃ – ପୁଲିସେ
- 'ଔ' ସ୍ଥାନରେ 'ଓ' ବର୍ଣ୍ଣର ପ୍ରୟୋଗ ପାଳି ଭାଷାରେ ଲକ୍ଷ୍ୟ କରାଯାଏ। ଯଥା:- ପୌତ୍ର > ପୋତ। ଏଥିରୁ ଜଣାଯାଏ କଳିଙ୍ଗ ପ୍ରଦେଶର ପାଳି ଭାଷାର 'ଔ' ବର୍ଣ୍ଣର ବ୍ୟବହାର ନଥିଲା।
- କଳିଙ୍ଗରେ ପ୍ରଚଳିତ ପାଳି ଭାଷାରେ ବିସର୍ଗ ସ୍ଥାନରେ 'ଏ' ର ପ୍ରୟୋଗ ହେଉଥିଲା। ଯଥା:- ପୁରୁଷଃ > ପୁଲିସେ, ପ୍ରିୟଃ – ପିୟେ
- ସଂଯୁକ୍ତ ବ୍ୟଞ୍ଜନର ଉପରସ୍ଥ 'କ' ବର୍ଣ୍ଣର କ୍ୱଚିତ୍ ଲୋପ ହୋଇଥାଏ। ଯଥା:- କ ଲୋପ – ବକ୍ତବ୍ୟ > ବତବିୟ

- କଳିଙ୍ଗରେ ପ୍ରଚଳିତ ପାଲି ଭାଷାରେ 'ଉ' ସ୍ଥାନରେ 'ଇ' ର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଯଥା:- ଉ > ଇ – ମନୁଷ୍ୟ > ମନିସ।
- କଳିଙ୍ଗରେ ପ୍ରଚଳିତ ପାଲି ଭାଷାରେ 'ଣ/ନ' ସ୍ଥାନରେ 'ନ' ର ପ୍ରୟୋଗ ହେଉଥିଲା। ଯଥା:- ଣ/ନ > ନ - କ୍ଷଣ > ଖନ, ତ୍ରିଣି > ତିନି
- ପାଲି ଭାଷାରେ 'ନ୍ୟ' ସ୍ଥାନରେ 'ଞ' ବର୍ଣ୍ଣର ବ୍ୟବହାର ହୁଏ କିନ୍ତୁ କଳିଙ୍ଗର ହୁଏ ନାହିଁ। ଯଥା:- ଆନଂନେ (ଅନ୍ୟୋନ୍ୟଂ) – ୧୪
- ପ୍ରାୟତଃ ସଂଯୁକ୍ତ ବ୍ୟଞ୍ଜନରୁ ଏକ ଲୋପ ହେଲେ ଅଳ୍ପପ୍ରାଣ ବର୍ଣ୍ଣ ଦ୍ୱିତ୍ୱ ହୋଇଥାଏ। କିନ୍ତୁ ଶିଳାଲେଖରେ ପ୍ରାୟତଃ ଏପରି ହୁଏ ନାହିଁ କିନ୍ତୁ ତ୍ରିପିଟିକରେ ଲକ୍ଷ୍ୟ କରାଯାଏ। ଶିଳାଲେଖରେ ଖୋଦିତ କାର୍ଯ୍ୟ ଅଧିକ ଶ୍ରମଯୁକ୍ତ ତଥା ସୂକ୍ଷ୍ମ କାର୍ଯ୍ୟ ହୋଇଥିବାରୁ ଦ୍ୱିତ୍ୱ ବର୍ଣ୍ଣ ଦୃଷ୍ଟିଗୋଚ଼ର ହୁଏ ନାହିଁ। ଉଦାହରଣ- ମଝଂ ହଟିପାଦୟେମାତି > ମଧ୍ୟଂ ପ୍ରତିପାଦୟେମହି ଇତି। ଇୟଂ ଚ ଲିପିତିସ ନଖତେନ – ଇୟଂ ଚ ଲିପିଃତିଷ୍ୟ ନକ୍ଷତ୍ରେ

କଳିଙ୍ଗର ଧଉଳୀ ଓ ଜଉଗଡ଼ ଶିଳାଲେଖରେ ବ୍ୟବହୃତ ପାଲି ଭାଷାଠାରୁ ଶାହବାଜଗଡ଼ୀ ଓ ମାନସେହରା ଶିଳାଲେଖର ପାଲି ଭିନ୍ନ ଏବଂ ଶାହବାଜଗଡ଼ୀ ଓ ମାନସେହରା ଶିଳାଲେଖଠାରୁ ଗିରନାର ଓ କାଲସୀ ଶିଳାଲେଖରେ ବ୍ୟବହୃତ ପାଲି ଭାଷା ମଧ୍ୟରେ ଭିନ୍ନତା ରହିଛି।

ଧଉଳୀ ଏବଂ ଜଉଗଡ଼ ଶିଳାଲେଖ ଓଡ଼ିଶାରେ ଅବସ୍ଥିତ। ଶାହବାଜଗଡ଼ୀ ଓ ମାନସେହରା ଶିଳାଲେଖ ଯଥାକ୍ରମେ ପାକିସ୍ଥାନର ପେଶାବର ଏବଂ ମାନସେହରା ଜିଲ୍ଲାରେ ଅବସ୍ଥିତ। ଗିରନାର ଶିଳାଲେଖ ଗୁଜୁରାଟର ଜୁନାଗଡ଼ ଏବଂ କାଲସୀ ଶିଳାଲେଖ ଉତ୍ତରାଖଣ୍ଡର ଡେରାଡୁନରେ ଅବସ୍ଥିତ। ଭୌଗୋଳିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ଜଣାଯାଏ ଯେହେତୁ ଏହି ଶିଳାଲେଖଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ରହିଛି ତେଣୁ ସମସ୍ତ ଶିଳାଲେଖ ସମ୍ରାଟ ଅଶୋକଙ୍କ ଦ୍ୱାରା ଖୋଦିତ ହେଲେ ହେଁ ବ୍ୟବହୃତ ଭାଷା ମଧ୍ୟରେ ଭିନ୍ନତା ରହିଛି। ଯଥା-

'ମୃଗ' ଶବ୍ଦର ରୂପ ଧଉଳୀ ଓ ଜଉଗଡ଼ ଶିଳାଲେଖରେ 'ମିଗ', କାଲସୀରେ 'ମିଗ', ଗିରିନାରରେ 'ମଗ', ମାନସେହରାରେ 'ମ୍ରିଗ' ଏବଂ ଶାହବଜଗଡ଼ୀ ଶିଳାଲେଖରେ 'ମ୍ରୁଗ'। ପାଲି ଭାଷାରେ ର-ଫଳାର ପ୍ରାୟତଃ ପ୍ରୟୋଗ ନାହିଁ। ଶାହବାଜଗଡ଼ୀ ଓ ମାନସେହରା ଶିଳାଲେଖରେ ଏହାର ବ୍ୟତିକ୍ରମ ଦେଖାଯାଏ।

'ପୂର୍ବ' ଶବ୍ଦର ରୂପ ଧଉଳୀ, ଜଉଗଡ଼ ଓ କାଲସୀରେ 'ପୁଲୁବ', ଗିରିନାରରେ 'ପୁବ', ମାନସେହରା ଏବଂ ଶାହବଜଗଡ଼ୀ ଶିଳାଲେଖରେ 'ପ୍ରୁବ'। ଧଉଳୀ, ଜଉଗଡ଼ ଓ କାଲସୀ ଶିଳାଲେଖରେ 'ପୂର୍ବ' ଶବ୍ଦର ସ୍ୱରଭକ୍ତି ହୋଇ 'ର' ସ୍ଥାନରେ 'ଲ' ହୋଇଛି।

ପ୍ରିୟଃ ଶବ୍ଦର ରୂପ ଧଉଳୀ, ଜଉଗଡ଼ ଓ କାଲସୀରେ 'ପିୟେ' ତଥା ଗିରିନାର, ମାନସେହରା ଏବଂ ଶାହବଜଗଡ଼ୀ ଶିଳାଲେଖରେ ପ୍ରିୟୋ/ପିୟୋ ରୂପ ଉପଲବ୍ଧ।

ପୌତ୍ର ଶବ୍ଦର ରୂପ ଧଉଳୀ, ଜଉଗଡ଼, ଶାହବଜଗଡ଼ୀ ଓ କାଲସୀରେ ପୋତ, ଗିରିନାରରେ ପୋତ୍ର/ପୋତ, ମାନସେହରା ଶିଳାଲେଖରେ ପୋତ୍ର ରୂପ ଉପଲବ୍ଧ।

'କ୍ଷଣ' ଶବ୍ଦର ରୂପ ଧଉଳୀ ଓ ଜଉଗଡ଼ ଶିଳାଲେଖରେ 'ଖନ', ଗିରିନାରରେ 'ଛଣ', ମାନସେହରାରେ 'ଛଣ' ଏବଂ ଶାହବଜଗଡ଼ୀ ଶିଳାଲେଖରେ 'କ୍ଷଣ' ରୂପ ଉପଲବ୍ଧ। କଳିଙ୍ଗରେ 'କ୍ଷ' ସ୍ଥାନରେ 'ଖ' ବ୍ୟବହୃତ ହେବାବେଳେ ଅନ୍ୟ ସ୍ଥାନରେ 'ଛ' ବର୍ଣ୍ଣର ବ୍ୟବହାର ହେଉଥିଲା।

'ଦ୍ୱାଦଶ' ଶବ୍ଦର ରୂପ ଧଉଳୀ ଓ ଜଉଗଡ଼ ଶିଳାଲେଖରେ 'ଦୁବାଦସ', କାଲସୀରେ 'ଦୁବଦସ', ଗିରିନାରରେ 'ଦ୍ୱାଦସ', ମାନସେହରାରେ 'ଦୁବଦଶ' ଏବଂ ଶାହବଜଗଡ଼ୀ ଶିଳାଲେଖରେ 'ବଦସ' ରୂପ ଉପଲବ୍ଧ। କଳିଙ୍ଗରେ ଦ୍ୱାଦଶ ଶବ୍ଦର ସ୍ୱରଭକ୍ତି ହେବା ସହ 'ଶ' ସ୍ଥାନରେ 'ସ' ହୋଇଛି।

ଆଲୋଚନାରୁ ଜଣାଯାଏ ଯେ ସ୍ଥାନ ଭେଦରେ ପାଲିଭାଷାର ସ୍ୱରୂପରେ ପରିବର୍ତ୍ତନ ଆସୁଥିଲା। ଆଞ୍ଚଳିକ ଭାଷାର ପ୍ରଭାବ ଏହାର ମୁଖ୍ୟ କାରଣ ହୋଇପାରେ। ଅର୍ଥାତ୍ ଅଞ୍ଚଳ ଭେଦରେ ପାଲିଭାଷାର ବିବିଧ ରୂପ ଲକ୍ଷ୍ୟ କରାଯାଏ। ଏଣୁ କଳିଙ୍ଗର ପାଲି କଳିଙ୍ଗର ଆଞ୍ଚଳିକ ଭାଷା ପ୍ରଭାବରେ ପ୍ରଭାବିତ ହୋଇଥାଇପାରେ। ଧଉଳୀ ଶିଳାଲେଖରେ ବ୍ୟବହୃତ କିଛି, ତିନିଂ, ଲାଜା, ଜାନିସଂତି ଆଦି ଶବ୍ଦ ଏହାର ପ୍ରକୃଷ୍ଟ ଉଦାହରଣ।

**ସହାୟକ ଗ୍ରନ୍ଥସୂଚୀ :**


୧. ଆପ୍ଟେ, କେ.ବା, ୧୯୯୬, ଶ୍ରୀହେମଚନ୍ଦ୍ରକୃତ ପ୍ରାକୃତ ବ୍ୟାକରଣ, ଚୌଖମ୍ବା ସଂସ୍କୃତ ଭବନ, ବନାରସ।

୨. ଉପାଧ୍ୟା, ଭରତ ସିଂହ, ୨୦୦୮, ପାଲି ସାହିତ୍ୟ କା ଇତିହାସ, ହିନ୍ଦୀ ସାହିତ୍ୟ ସମ୍ମେଳନ, ପ୍ରୟାଗ।

୩. ଉପାଧ୍ୟେ, ଜୟ କୁମାର, ୨୦୧୪, ପ୍ରାକୃତ ଭାଷା ଅଭିଲେଖ, ଶ୍ରୀ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠ, ନୂଆଦିଲ୍ଲୀ।

୪. ତିଓ୍ୱାରୀ, ଲକ୍ଷ୍ମୀନାରାୟଣ ଏବଂ ଶର୍ମା, ବୀରବଲ୍, ୧୯୬୨, କଚ୍ଚାୟାନ ପାଲି ବ୍ୟାକରଣ, ତାରା ପବ୍ଲିକେଶନ, ବନାରସ।

୫. ନାୟକ, କଳ୍ପତରୁ, ୨୦୨୦, ବରରୁଚିଙ୍କ ପ୍ରାକୃତ ପ୍ରାକାଶକ, ଭଦ୍ରକ, ରଙ୍ଗ ପ୍ରକାଶନୀ।

୬. ନାୟକ, କଳ୍ପତରୁ, ୨୦୨୩, ଓଡ଼ିଆ ଭାଷାର ମୂଳ ପ୍ରାକୃତ ଭାଷା, ଚନ୍ଦ୍ରଶେଖର ସାହିତ୍ୟ ସଂସଦ, ଭୁବନେଶ୍ୱର।

୭. ପ୍ରାକୃତ ପାଠ ଚୟନିକା, ୨୦୧୨, ଭୋଗିଲାଲ ଲହେରଚାନ୍ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡୋଲୋଜି, ନୂଆଦିଲ୍ଲୀ।

୮. ପାଣ୍ଡେୟ, ରାମଅବଧ ଏବଂ ମିଶ୍ର ରବିନାଥ, ୨୦୧୭, ପାଲି-ପ୍ରାକୃତ-ଅପଭ୍ରଂଶ ସଂଗ୍ରହ, ବିଶ୍ୱବିଦ୍ୟାଳୟ ପ୍ରକାଶନ, ଦିଲ୍ଲୀ ।

୯. ପାଲି ମୋଗ୍ଗଲାୟନ ବ୍ୟାକରଣ, ବୌଦ୍ଧ ଦର୍ଶନ ସଂସ୍କୃତ ସଂସ୍ଥାନ ବିଭାଗ, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌ।

୧୦. ଶାସ୍ତ୍ରୀ ଇନ୍ଦ୍ରଚନ୍ଦ୍ର, ୧୯୮୭, ପାଲି ଭାଷା ଔର ସାହିତ୍ୟ, ହିନ୍ଦୀ ମାଧ୍ୟମ କାର୍ଯ୍ୟାନ୍ୱୟ ନିର୍ଦ୍ଦେଶାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ।


❖ ❖ ❖

DOI : https://doi.org/10.5281/zenodo.18186143 ମୂଳ ପ୍ରବନ୍ଧ

# ପ୍ରାଚୀନ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ରାମ

**ଶକୁନ୍ତଳା ମିର୍ଦ୍ଧା**

**ସଂକ୍ଷିପ୍ତସାର :**

ରାମ ନାମଟି ହେଉଛି ଏକ ପବିତ୍ର ନାମ ଯାହା ଶ୍ରବଣ /ସ୍ପର୍ଶ ମାତ୍ରେ ପାତକ ବି ସନ୍ନ୍ୟାସ ଅବଳା ବି ମନୁଷ୍ୟ ରୂପ ଧାରଣ କରିପାରେ। ଶାସନ ବ୍ୟବସ୍ଥା ମଧ୍ୟ ଚାହେଁ ସେହି ଆଦର୍ଶ ଘେନି ବଞ୍ଚୁ । ପ୍ରାଚୀନ ମଧ୍ୟଯୁଗୀୟରେ ଯେଉଁଭଳି ରାମଙ୍କ ମହିମାଗାନ କରାଯାଇଛି ତାହା ଯୁଗ ଯୁଗକୁ ପ୍ରଭାବିତ କରେ। ରାମଚନ୍ଦ୍ରଙ୍କ ଆଦର୍ଶ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସାହିତ୍ୟରେ ଖ୍ୟାତିଲାଭ କରିଆସିଛି। ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ଠାରୁ । ଆରମ୍ଭ କରି ବଳରାମ ଦାସ,ଅର୍ଜୁନ ଦାସ,କାର୍ତ୍ତିକ ଦାସଙ୍କ ମଧ୍ୟଦେଇ ରୀତିଯୁଗର ଧନଞ୍ଜୟ ଭଞ୍ଜ,ଉପେନ୍ଦ୍ର ଭଞ୍ଜ,ବିଶ୍ୱନାଥ ଖୁଣ୍ଟିଆ ଆଦି ରାମଙ୍କ ଚରିତ୍ରର ଅବତାରଣା କରିଛନ୍ତି। ସମସ୍ତଙ୍କ ଦୃଷ୍ଟିରେ ସେ ହୋଇଛନ୍ତି ମହାନ ତାଙ୍କ ଚରିତକୁ ଅନୁଧ୍ୟାନ କଲେ ଜଣାପଡ଼େ ସେ ଥିଲେ ସର୍ବଗୁଣ ସମ୍ପନ୍ନ। ଧର୍ମର ଜୟ ପାପର କ୍ଷୟ ଆଧାରରେ ତାଙ୍କୁ ଗ୍ରହଣ କରାଯାଏ। ଯେତେସବୁ ବିଷୟ ରଚନା କରାଯାଇଛି ସବୁଥିରେ ସେ ଅନ୍ୟାୟ ଅନୀତିକୁ ପଛରେ ପକାଇ ସତ୍ୟକୁ ସ୍ଥାପନା କରିଛନ୍ତି।

**ପ୍ରମୁଖ ଶବ୍ଦାବଳୀ:**

ରାମ, ଈଶ୍ୱର, ମାନବ, ଯୁଗ, ବନ, ସମାଜ, ପିତା, ମାତା ଇତ୍ୟାଦି।

---

ବାଲ୍ମୀକିଙ୍କ ରଚିତ 'ରାମାୟଣ'ଓ ବ୍ୟାସଦେବଙ୍କ ରଚିତ 'ମହାଭାରତ'ଦୁଇଟି ଗ୍ରନ୍ଥ ହେଉଛି ଭାରତବର୍ଷର ଦୁଇଟି ମହାକାବ୍ୟ। ଏହି ମହାକାବ୍ୟରେ ଗୋଟିଏ ଗୋଟିଏ ଦେଶ,ଗୋଟିଏ ଗୋଟିଏ ସଭ୍ୟତାର ଇତିହାସ,ଉତ୍ଥାନପତନର କାହାଣୀ ଯେପରି ଉତ୍ତରଳ ଭାବରେ ପ୍ରବାହିତ ହେଉଥାଏ ଗୋଟିଏ ଗୋଟିଏ ଜାତିର ନରନାରୀମାନଙ୍କ ଆଶା ଆକାଂକ୍ଷା,ସ୍ୱପ୍ନ କଳ୍ପନା ମଧ୍ୟ ସେହିପରି ତା ସହିତ ମିଶି ଏକାକାର ହୋଇଯାଏ। ବାଲ୍ମୀକି ଋଷି ସେଦିନ ଦୁଇଟି ଶରାଘାତ ପକ୍ଷୀଙ୍କୁ ଦେଖି ମନରେ ଯେଉଁ କରୁଣ ରସାପ୍ଲୁତ ବାଣୀ ପ୍ରକାଶ କରିଥିଲେ ତାହାହିଁ ଥିଲା ବିଶ୍ୱର ଆଦିକାବ୍ୟ। ସେହି ଅମରବାଣୀ ହିଁ ହୋଇଥିଲା ରାମାୟଣ। ବାଣୀଟି ଥିଲା-

"ମା ନିଷାଦ ପ୍ରତିଷ୍ଠା ତ୍ୱମାଗମଃ ଶାଶ୍ୱତୀ ସମଃ
ଯତ୍ କ୍ରୌଞ୍ଚ ମିଥୁନାଦେକାମବଧି କାମ ମୋହିତମ୍।"

ଯାହାର ମୁଖ୍ୟ ନାୟକ ହେଉଛନ୍ତି ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର। ପୃଥିବୀରେ ପାପର ଭାର ବୃଦ୍ଧି ଘଟିଲେ ସ୍ୱୟଂ ଭଗବାନ ମଣିଷ ରୂପରେ ଅବତାର ନେଇ ଆସିଥାନ୍ତି । ତ୍ରେତୟା

**ଯୋଗାଯୋଗ : ଶକୁନ୍ତଳା ମିର୍ଦ୍ଧା,** ଗବେଷିକା
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବ୍ୟାସ ବିହାର, ବାଲେଶ୍ୱର
**Email :** mirdhasakuntala02@gmail.com
**ORCID ID:** https://orcid.org/0009-0009-8847-8829

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମିର୍ଦ୍ଧା, ଶକୁନ୍ତଳା;୨୦୨୫। ପ୍ରାଚୀନ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ରାମ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୯, ପୃଷ୍ଠା :୪୮-୫୩।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :** https://pracheenews.com/

**DOI:** https://doi.org/10.5281/zenodo.18186143
Article No - BPP00369

ଯୁଗରେ ଅସୁରମାନଙ୍କ ଉତ୍ପାତକୁ ଖଣ୍ଡନ କରିବାକୁ ଯାଇ ବିଭିନ୍ନ ସମୟରେ ଲେଖକଗଣ ଭିନ୍ନ ଭିନ୍ନ ଭାବରେ ଚରିତ୍ର ଚିତ୍ରଣ କରିଛନ୍ତି। ପ୍ରାଚୀନ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ରାମଙ୍କୁ ନେଇ ଅନେକ କାବ୍ୟ କବିତା, ଲୀଳା, ପ୍ରହସନ, ଚମ୍ପୂ, ଚଉପଦୀ, ଚଉତିଶା ଆଦି ରଚିତ ହୋଇଛି। ପ୍ରାଚୀନ ମଧ୍ୟଯୁଗୀୟ ରାମକୁ ନେଇ ରଚିତ ଗ୍ରନ୍ଥ ଗୁଡ଼ିକ ହେଉଛି ସାରଳା ଦାସଙ୍କ 'ବିଲଙ୍କା ରାମାୟଣ', 'ସପ୍ତକାଣ୍ଡ ରାମାୟଣ',ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', 'କାନ୍ତକୋଇଲି,' 'ଶ୍ରୀରାମ କୋଇଲି', ଅର୍ଜୁନ ଦାସଙ୍କ 'ରାମବିଭା',ନରସିଂହ ସେଣଙ୍କ 'ଅଜବିଳାପ ଚଉତିଶା',ବିଷ୍ଣୁ ଦାସଙ୍କ 'ରଘୁବୀର ଚଉତିଶା',ବନମାଳୀ ଦାସଙ୍କ 'ସୁଚିତ୍ର ରାମାୟଣ',କାର୍ତ୍ତିକ ଦାସଙ୍କ 'ରାମରାବଣ ଯୁଦ୍ଧ',ଶଙ୍କର ଦାସଙ୍କ 'ବାରମାସୀ କୋଇଲି',ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମ ବିଳାସ/ରଘୁନାଥ ବିଳାସ',ଉପେନ୍ଦ୍ର ଭଞ୍ଜଙ୍କ ' ବୈଦେହୀଶ ବିଳାସ', 'ଶ୍ରୀରାମ ଲୀଳାମୃତ', 'ଷୋଳପୋଇ', 'ଅବନାରସ ତରଂଗ',ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ', 'ରାମକ୍ରୋଧ ଚଉତିଶା', ନୀଳାମ୍ବର ଦାସଙ୍କ 'ରାମ ଲୀଳା',ହଳଧର ପଟ୍ଟନାୟକଙ୍କ 'ଆଧ୍ୟାତ୍ମିକ ରାମାୟଣ',(ଅନୁବାଦ) ,ମହାଦେବ ଦାସଙ୍କ 'ଶ୍ରୀରାମ ତୀର୍ଥ', କାହ୍ନୁ ଦାସଙ୍କ 'ରାମରସାମୃତ ସିନ୍ଧୁ', ଶ୍ରୀଧରଙ୍କ 'ଧନୁଭଙ୍ଗ ଚଉତିଶା', କୃପାସିନ୍ଧୁଙ୍କ 'କୃପାସିନ୍ଧୁ ରାମାୟଣ', ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ', କଣ୍ଠ ଦାସଙ୍କ 'ରାମାର୍ଚ୍ଚନ ଚନ୍ଦ୍ରିକା', ଦ୍ୱାରକା ଦାସଙ୍କ 'ରାମାୟଣ',କୃଷ୍ଣକରଙ୍କ 'ରଘୁନାଥ ବିଳାସ' ଆଦି ପ୍ରମୁଖ।

ସାରଳା ଦାସ 'ରାମଙ୍କ ଚରିତ୍ରକୁ ନେଇ ରଚନା କରିଛନ୍ତି ବିଲଙ୍କା ରାମାୟଣ। ସେହିପରି ତାଙ୍କର 'ସପ୍ତକାଣ୍ଡ ରାମାୟଣ' ଓ 'ବିଚିତ୍ର ରାମାୟଣ' ବୋଲି ଆଉ କେତେକ ଆଲୋଚକ ମତ ଦିଅନ୍ତି। 'ସପ୍ତକାଣ୍ଡ ରାମାୟଣ'ରେ କୁହାଯାଇଛି ଯେ,ରାମ ଲଙ୍କାର ଦଶଶିରା ରାବଣକୁ ବଧକରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାମ ଅଭିଷେକ ଉତ୍ସବରେ ଯୋଗ ଦେବା ପୂର୍ବରୁ ଇନ୍ଦ୍ର ଆସି ତାଙ୍କ ନିକଟରେ ବିଲଙ୍କା ଦେଶର ସହସ୍ରଶିରା ରାବଣ କଥା କହିଥିବାରୁ ତାଙ୍କୁ ମାରିବାକୁ ଅଗ୍ରସର ହୋଇଛନ୍ତି। ଏପରିକି ତାଙ୍କୁ କୁହାଯାଇଛି ସହସ୍ରଶିରା ରାବଣକୁ ବଧ କରିପାରିଲେ ଯାଇ ତାଙ୍କୁ ପ୍ରକୃତ ବୀରର ଆଖ୍ୟା ଦିଆଯାଇ ପାରେ। ବିଶ୍ୱାମିତ୍ରଙ୍କ ସହ ଗଂଗାନଦୀ କୂଳରେ ଅନେକ ଅସୁର ବଦ୍ଧକରି ଲଙ୍କାର ରାବଣକୁ ବଦ୍ଧ କରିବା ଠାରୁ ଅଧିକ କଷ୍ଟକର ଥିଲା ସହସ୍ର ଶିରା ରାବଣର ନିହତ। ଶେଷରେ ବିଲଙ୍କା ଦେଶର ରାବଣକୁ ମାରି ପାରିଛନ୍ତି ସବୁ ଦିଗରୁ ଦେଖିବାକୁ ଗଲେ ସେ ଅସୁର ମାନଙ୍କୁ ମାରି ଦେବକୂଳକୁ ଶାନ୍ତି ପ୍ରଦାନ କରିଛନ୍ତି। ଏଣୁ ବିଚାରକରି ଦେଖିଲେ ଜଣାଯାଏ ଯେ,ସାରଳା ଦାସ ରାମ ଚରିତଟିକୁ ଅତି ଦକ୍ଷତାର ସହିତ ପାଠକମାନଙ୍କ ଆଗରେ ଉପସ୍ଥାପିତ କରିଛନ୍ତି।

ରାମ ଚରିତର ଅବତାରଣା କ୍ଷେତ୍ରରେ ସାରଳା ଦାସଙ୍କ ପରେ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ରେ ଦେଖାଇଛନ୍ତି ଯେ ମିଥିଳାରେ ରାଜା ଜନକଙ୍କ କନ୍ୟା ସୀତାଙ୍କ ସ୍ୱୟଂବର ସଭାରେ ରାମଚନ୍ଦ୍ର ଶିବଧନୁ ଭଙ୍ଗ କରି ସୀତାଙ୍କୁ ବିବାହ କରିଥିବାବେଳେ ଭାଇ ଲକ୍ଷ୍ମଣ,ଭରତ ଓ ଶତ୍ରୁଘ୍ନଙ୍କ ପାଇଁ ମଧ୍ୟ ଉର୍ମିଳା,ତାରା ଓ ଅଳକାଙ୍କୁ ବିବାହ କରାଇଥିଲେ। ଯାହା ଜଣେ ଜ୍ୟେଷ୍ଠ ଭ୍ରାତାର କର୍ତ୍ତବ୍ୟ ବୋଲି ଗ୍ରହଣ କରାଯାଇଥାଏ। ଅଯୋଧ୍ୟା ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ରାମ କୁବୁଜା ଅସୁରକୁ ମାରି ଅଯୋଧ୍ୟାରେ ଶାନ୍ତି ସ୍ଥାପନ କରିଥିଲେ।

"ଅଯୋଧ୍ୟା ନଗ୍ରେ ବୁଲି ସିଂହଦ୍ୱାରେ ଯାଇ
କୁବୁଜା ନାମେ ଦଇତ ମାୟାରୂପ ହୋଇ।"
(ଜଗମୋହନ ରାମାୟଣ)

ମାତା କୈକେୟୀ ଚକ୍ରାନ୍ତ କରି ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ବନବାସ ପଠାଇ ଦେଇଥିଲେ ମଧ୍ୟ ସେ କାହାକୁ ଦୋଷାରୋପ କରିନାହାନ୍ତି ବରଂ ନିଜ ଭାଗ୍ୟଦୋଷ ବୋଲି ସ୍ୱୀକାର କରିଛନ୍ତି। ରାଜ୍ୟ ଶାସନ ତୁଲାଇବା ସମୟରେ ଦେଖାଦେଇଛି ଯେ ନଗର ପରିଭ୍ରମଣରେ ଯାଇଥିବାବେଳେ ଜଣେ ଧୋବଣୀ ସ୍ତ୍ରୀ ଦିନକ ପାଇଁ ବାପଘରକୁ ଯାଇଥିବାରୁ ତା ସ୍ୱାମୀ ତାକୁ ଗ୍ରହଣ କରିବାକୁ ନାରାଜ। ସେଠାରେ ସ୍ତ୍ରୀ ଜଣକ ଆପତ୍ତି କରି କହିଛି ଯେ ମାତା ସୀତାଙ୍କୁ ରାବଣ ଲଙ୍କାକୁ ନେଇ ବାରବର୍ଷ ରଖି ଥିଲେ ମଧ୍ୟ ସେ ସତୀ, ମୁଁ କାହିଁକି ଅସତୀ? କୈଣସି ବ୍ୟକ୍ତି ତାଙ୍କ ଚରିତ୍ରକୁ ନେଇ କଥା କହୁ ସେ ଏଇଟା କେବେ ଚାହୁଁ ନ ଥିଲେ। ତେଣୁ ଏହି କଥା ଶୁଣି ପ୍ରଜାଙ୍କ ହିତ ନିମନ୍ତେ ରାମଚନ୍ଦ୍ର ସୀତାଙ୍କୁ ବନରେ ଛାଡ଼ି ଆସିବା ପାଇଁ ଲକ୍ଷ୍ମଣଙ୍କୁ ପଠାଇ ଦେଇଛନ୍ତି।

ଗୁହକ ଶବରର ଆତିଥ୍ୟ ଗ୍ରହଣ କରି ଆଦିବାସୀ ସମାଜର ରୀତିନୀତି ସହ ମିଶି ଚଳିଛନ୍ତି।ଶବରୁଣୀର ଅଇଁଠା ଫଳ ଖାଇଛନ୍ତି। ରାମଙ୍କ ବକପକ୍ଷୀ ସହିତ

ବାର୍ତ୍ତାଳାପ,ଗୁଣ୍ଡୁଚି ମୂଷା ପିଠିରେ ହାତ ବୁଲାଇବା ଆଦି ପ୍ରସଙ୍ଗରୁ ରାମଙ୍କର ଦୃଷ୍ଟିଭଙ୍ଗୀ ସମସ୍ତଙ୍କ ଉପରେ ସମାନ ରହିଥିବା ଜଣାଯାଏ। ସେହିପରି ସ୍ତ୍ରୀ ପ୍ରତି ରହିଥିବା ଅହେତୁକ ଭଲପାଇବାର ଚିତ୍ର ମଧ୍ୟ ଦେଖାଯାଇଛି ଯେ,ପ୍ରଜାମାନଙ୍କ ହିତପାଇଁ ନିଜ ସ୍ତ୍ରୀକୁ ବଣରେ ଛାଡ଼ିଥିଲେ ଏବଂ ଅଶ୍ୱମେଧ ଯଜ୍ଞରେ ପତ୍ନୀର ଆବଶ୍ୟକ ଥିଲେହେଁ ଦ୍ୱିତୀୟ ପତ୍ନୀ ଗ୍ରହଣ ନ କରି ସୀତାଙ୍କ ସ୍ୱର୍ଣ୍ଣ ମୂର୍ତ୍ତି ସ୍ଥାପନ କରି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ।

ବଳରାମ ଦାସ 'କାନ୍ତକୋଇଲି'ରେ ଦେଖାଇଛନ୍ତି ଯେ ରାମ ସୀତାଙ୍କୁ ଅହେତୁକ ଭଲ ପାଉଥିଲେ। କାରଣ ସେ ସ୍ତ୍ରୀର ଖୁସିପାଇଁ ମାୟାମୃଗ ପଛରେ ଧାଇଛନ୍ତି। ବଳରାମ ଦାସ ରାମଙ୍କ କଥାକୁ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି। ସୀତାଙ୍କ ମୁଖରେ ରାମଙ୍କ ଗୁଣଗାନ କରାଇଛନ୍ତି। ରାମ ମାୟାମୃଗ ଧରିବା ପାଇଁ ଯାଇଥିବା ସମୟରେ ରାବଣ ସୀତାଙ୍କୁ ଚୋରାଇ ନେଉଥିବା ବେଳେ ସେ ରାମଙ୍କୁ ମନେପକାଇ କହିଛନ୍ତି–

"କୋଇଲି,କାନ୍ତ ମୋର ଗଲେ ମୃଗ ମାରି
କପଟେ ରାବଣ ନେଉଅଛି ଧରି ଲୋ,କୋଇଲି"

(କାନ୍ତ କୋଇଲି)

ଏଠାରେ କାନ୍ତର ଅର୍ଥ ସ୍ୱାମୀ ଅର୍ଥାତ ସୀତା ତାଙ୍କ ସ୍ୱାମୀ ରାମଚନ୍ଦ୍ରଙ୍କୁ ସମ୍ବୋଧନ କରି କହିଛନ୍ତି। ମୃଗକୁ ଧରି ଆସି ରାମ ସୀତାଙ୍କୁ ଯେଭଳି ଖୋଜି ହୋଇଥିବେ ଏବଂ ପିଇବା ପାଇଁ ପାଣି ମାଗିବା ସହ ସୀତାଙ୍କୁ ନପାଇ ଡହଳବିକଳ ହୋଇଥିବା କଥା ମଧ୍ୟ କହିଛନ୍ତି। ସେହିପରି ସେ ସୀତାଙ୍କ ବିନା ଜୀବହୀନ ଭଳି ମନେକରି ମାସକୁ ଲକ୍ଷେ ଯୁଗ ଭଳି ମନେ କରୁଥିବା ହିଁ ସୀତାଙ୍କ ପ୍ରତି ଭଲପାଇବା ପ୍ରମାଣିତ କରିଥାଏ।ଭଗବାନ ପୃଥିବୀର ପାପକୁ ଲାଘବ କରିବା ପାଇଁ ଅବତାର ନେଇ ଦାନବଗଣଙ୍କୁ ଧ୍ୱଂସ କରିବାକୁ ଆସିଛନ୍ତି। ସେ ସମ୍ପର୍କରେ ମଧ୍ୟ କବି କହିଛନ୍ତି–

"କୋଇଲି,ଶ୍ରୀରାମ ଲକ୍ଷ୍ମଣ ବେନିଭାଇ
ଶିଷ୍ଟ ପାଳି ଦୁଷ୍ଟନାଶି ଉଶ୍ୱାସନ୍ତି ମହିଲୋ,କୋଇଲି
–(କାନ୍ତ କୋଇଲି) "

ଶଙ୍କର ଦାସଙ୍କ 'ବାରମାସୀ କୋଇଲି' ରେ ଦେଖାଇଛନ୍ତି ଯେ ରାମଚନ୍ଦ୍ର ଜଣେ ପିତୃବତ୍ସଳ ପୁତ୍ର। ଯେ କି ପିତାଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ରାଜସୁଖକୁ ତ୍ୟାଗ କରି ବନବାସକୁ ଆଦରି ନେଇଛନ୍ତି। ଚଳନ୍ତି ଦେବତା ରୂପେ ଆମେ ବାପାମାଙ୍କୁ ଗ୍ରହଣ କରିଥାଉ ତେଣୁ ତାଙ୍କ ଆଦେଶ ଉପଦେଶ ସବୁ ଆମ ପାଇଁ ଆର୍ଶୀବାଦ ସଦୃଶ ହୋଇଥାଏ। ଠିକ ସେହିପରି ଭାବରେ ରାମଚନ୍ଦ୍ର ପିତା ଦଶରଥଙ୍କ ଆଦେଶକୁ ମାନି ବନରେ ଥିବା ସମୟରେ ମାତା କୈଶଲ୍ୟା ରାମଙ୍କୁ ମନେପକାଇ ବାରମାସର କଷ୍ଟ ପାଉଥିବା କଥା କହିଛନ୍ତି। କାରଣ ରାମ ପିଲାଟି ଦିନରୁ ରାଜପ୍ରସାଦରେ ବଢିଥିବା ବେଳେ ରାଜ୍ୟଭାର ଗ୍ରହଣ କରିବା ସମୟରେ ବନବାସ। ତେଣୁ ସେ ନିଜର ଦୁଃଖକୁ କୋଇଲି ଆଗରେ ପ୍ରକାଶ କରିଛନ୍ତି। ବୋଧହୁଏ କୋଇଲି ମାତାର ଦୁଃଖରେ ବିଚଳିତ ହୋଇ ଉଡ଼ି ଉଡ଼ି ଯାଇ ରାମଙ୍କ ଆଗରେ ପ୍ରକାଶ କରିପାରେ ଏ ବିଶ୍ୱାସ ରହିଛି। ମାର୍ଗଶିର ମାସରେ ରାମଙ୍କ ଅବସ୍ଥା କିପରି ଥିବ ତାହା ଲକ୍ଷ୍ୟକରି କାବ୍ୟ ଆରମ୍ଭ ହୋଇଛି –

"ଏହି ମଗୁଶିର ମାସ କାକର ପଡ଼େ ବିଶକ୍ଷେ
ଶୀତଳ ପବନ ବହେ ଘନଘନ ମୋ ପୁତ୍ର କରିବ କିସଲୋ ?
କୋଇଲି। ଶୁଣଲୋ"

(ବାରମାସୀ କୋଇଲି)

ପୌଷ ମାଘର ଶୀତ ବିନା ବସନରେ କାଟିବା,'ଗୁଣ ମାସରେ ହୋଲି ଖେଳ ଘରେ ଘରେ ମାତିଥିବା ବେଳେ ରାମ ବନରେ ପାଉଥିବା କଷ୍ଟକୁ ମନେ ପକାଇ ମାତୃ ହୃଦୟ ପୁତ୍ର ପାଇଁ ବିଳପି ଉଠିଛି। ସେହିପରି ଆଷାଢ଼ ମାସର ମେଘ ବାଘ ପରି ଗର୍ଜନ,ଶ୍ରାବଣର ବାରିପାତ ସହିବା ରାମଙ୍କ ପକ୍ଷେ କେତେ କଷ୍ଟ ତାହା ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ। ଜଣେ ରାଜପୁତ୍ର ବନକୁ ଯାଇ କିପରି କଷ୍ଟ ସହିଛନ୍ତି କବି ତାହା ଦେଖାଇଛନ୍ତି। ଶଙ୍କର ଦାସ ରାମଙ୍କୁ ଏଠାରେ ଏଭଳି ଭାବରେ ଦେଖାଇଛନ୍ତି ଯେ,ସତେଅବା ତାଙ୍କ ଜୀବନ ଏକ ଅଭିଶପ୍ତ ଭଳି ମନେହୁଏ। ରାଜପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ସାଧାରଣ ଲୋକଙ୍କ ଭଳି ଜୀବନ ନିର୍ବାହ କରିବାକୁ ପଡ଼ିଛି।

ଅର୍ଜୁନ ଦାସଙ୍କର 'ରାମବିଭା'କାବ୍ୟ ଓଡ଼ିଆ ସାହିତ୍ୟର ପ୍ରଥମ ଛନ୍ଦୋବଦ୍ଧ କାବ୍ୟ ଭାବରେ ଗୃହୀତ। ଯାହାର ବିଷୟବସ୍ତୁ ହୋଇଛି 'ସାରଳା ମହାଭାରତ' ଓ 'ରାମାୟଣ'ରୁ। ବକ୍ତା ମାର୍କଣ୍ଡେୟ ଋଷି ଓ ଶ୍ରୋତା ଯୁଧିଷ୍ଠିର। ଏଥିରେ ରହିଛି ଯେତେବେଳେ ରାମ ବିଶ୍ୱାମିତ୍ରଙ୍କ ସହିତ ବନଗମନ କରୁଛନ୍ତି

ମାତାଙ୍କ ଆଗରେ ଯାଇ ଅନୁମତି ମାଗିଛନ୍ତି। କାରଣ ବିଶ୍ଵାମିତ୍ରଙ୍କ ଯଜ୍ଞକୁ ଅନେକ ସମୟରେ ଦାନବଗଣ ସ୍ଥାପନ କରାଇବାକୁ ଦେଇନାହାନ୍ତି। ଏହି ଦାନବଗଣଙ୍କୁ ମାରିବା ପାଇଁ ତପୋବନକୁ ଯାଇଛନ୍ତି। ମାତାଙ୍କ ଆଗରେ କହୁଛନ୍ତି-

"କଉତୁକ କଥା ଶୁଣ ଜନନୀ,ଆସି ଅଛନ୍ତି ବିଶ୍ଵାମିତ୍ର ମୁନି,
ଯାଗ ସିଦ୍ଧବନେ ରହିକରନ୍ତି,ତାହା ଅସୁର ଆସିଣ ହରନ୍ତି।
ସେ ଗୋ ମୋତେ ମାଗିଲେ ପିତା ଆଗେ,
ଆଜ୍ଞା ଦେଲେ ମୁଁ ଯିବି ତାଙ୍କ ସଙ୍ଗେ"। (ରାମବିଭା)

ବିଶ୍ଵାମିତ୍ରଙ୍କୁ ସୁରକ୍ଷା ଦେବାପାଇଁ ରାମ ଅନେକ ଅସୁରକୁ ବଧ କରିଛନ୍ତି। କିନ୍ତୁ ତାଙ୍କ ଶରଦ୍ଵାରା ତାଡ଼କୀର ଜୀବନ ଯିବା ସମୟରେ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଛି ତାହା ଅତ୍ୟନ୍ତ ହୃଦଗ୍ରାହ୍ୟ।

"କୁଟିଳ କୋଠର ହୃଦୟ ତାର ରାମବାଣ ପଡ଼ି
ମତ୍ସ୍ୟଲୋଭେ ଯେହ୍ନେ ଗଙ୍ଗାଇ ତେସନ ଜଳରେ ବୁଡ଼ି।
ସେହୁ ଯେମନ୍ତ ମୀନ ଘେନି ଯାଇ ଡାଳରେ ବସେ
ତାଡ଼କୀ ଜୀବନ ଘେନିଣ ବାଣ ରାମ ତୂଣୀରେ ପଶେ"।

ଅର୍ଜୁନ ଦାସ ମଧ୍ୟ ଏହି ରାମବିଭା କାବ୍ୟରେ ରାମଙ୍କ ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି। ରାମଲକ୍ଷ୍ମଣ ମୃଗୟା ଯାଇ ସେଠାରୁ ମତ୍ତଗଜ ଓ ମତ୍ତନାଗ ଶିକାର କରି ଆଣିବା ବୀରତ୍ଵର ପ୍ରମାଣ ମିଳେ। ଅସୁରମାନଙ୍କୁ ବଧ କରିବାପରେ ପ୍ରତ୍ୟାବର୍ତ୍ତନ ମାର୍ଗରେ ଗୌତମ ଋଷିଙ୍କ ଦ୍ଵାରା ପାଷାଣୀ ହୋଇଥିବା ଅହଲ୍ୟାଙ୍କୁ ମୁକ୍ତି ପ୍ରଦାନ କରିଛନ୍ତି। ସେହିପରି ସୀତାଙ୍କ ସ୍ଵୟଂବର ସଭାରେ ଯୋଗଦେଇ ଶିବଧନୁକୁ ଅତି ସହଜରେ ଭଙ୍ଗକରି ସୀତାଙ୍କୁ ଗ୍ରହଣ କରିଛନ୍ତି ପିତା ଦଶରଥଙ୍କ ଅନୁମତି ନେଇ।

କାର୍ତ୍ତିକ ଦାସଙ୍କ 'ରାମରାବଣ ଯୁଦ୍ଧ' କାବ୍ୟଟିରେ ଲକ୍ଷ୍ମଣ ଶକ୍ତିଭେଦ ଓ ଲକ୍ଷ୍ମଣଙ୍କ ଆରୋଗ୍ୟ ଲାଭ ପରେ ରାମରାବଣ ଯୁଦ୍ଧ ବର୍ଣ୍ଣନା। ରାବଣ ଶୁକ୍ରମନ୍ତ୍ର ବଳରେ ହୋମ କରି ଯଜ୍ଞକୁଣ୍ଡରୁ ରଥ ପାଇ ଯୁଦ୍ଧ କରିବାକୁ ଯିବେ ବୋଲି ଯୋଜନା କରିଥିବା ବେଳେ ମନ୍ଦୋଦରୀ ସୀତାଙ୍କୁ ରାମଙ୍କ ହସ୍ତରେ ଫେରାଇ ଦେବାକୁ କହିଛନ୍ତି,କିନ୍ତୁ ରାବଣ ସୀତାର ପୁନଃଜନ୍ମ କହି ରାମଙ୍କ ହସ୍ତରେ ମରିବାର ଇଚ୍ଛା ରଖିଥିଲେ। ରାମରାବଣ ଯୁଦ୍ଧ ହୋଇ ରାବଣର ମୃତ୍ୟୁରେ ରାମ ଆତ୍ମ ଗର୍ବ ନ କରି ସମସ୍ତଙ୍କୁ ବୋଧ କରିଛନ୍ତି। ଯୁଦ୍ଧ ଜୟ ପରେ ରାଜାମାନେ ରାଜ୍ୟ ଅକ୍ତିଆର, ରାଜାଙ୍କ ଧନ ସମ୍ପତ୍ତି ସ୍ତ୍ରୀକୁ ମଧ୍ୟ ନେଇଥାନ୍ତି। କିନ୍ତୁ ରାମଚନ୍ଦ୍ର କୈଣସି ଥିରେ ମନବଳାଇ ନାହାନ୍ତି। ସେ ଧର୍ମ ସ୍ଥାପନ କରିଥିବା କଥା ହିଁ ଏଥିରେ ବର୍ଣ୍ଣିତ। ଲକ୍ଷ୍ମଣ ଶକ୍ତି ଭେଦରେ ସ୍ଵୟଂ ରାମ ବିଳାପ କରିଛନ୍ତି। ସେ ଲକ୍ଷ୍ମଣଙ୍କ ସାହାଯ୍ୟରେ ଯେଉଁସବୁ କୀର୍ତ୍ତିମାନ କରିଥିଲେ ସବୁ ମନେପକାଇ କାନ୍ଦି ଉଠି ଜୀବନ ଅସାର ବୋଲି ମନେ କରିଛନ୍ତି। ସେ ଲକ୍ଷ୍ମଣଙ୍କୁ ହରାଇ ସୀତାଙ୍କୁ ପାଇବାକୁ ମନବଳାଇ ନାହାନ୍ତି। ସେ ଲକ୍ଷ୍ମଣଙ୍କୁ ଯଥେଷ୍ଟ ଭଲ ପାଉଥିବାର ପ୍ରମାଣ ମିଳିଛି। ଯାହାକୁ ଆମେ ଭାତୃପ୍ରେମ ବୋଲି କହିଥାଉ।

"ଚେତନା ପାଇଣ କୌଶଲ୍ୟା ନନ୍ଦନ ଲକ୍ଷ୍ମଣଙ୍କୁ କୋଳେ ଧରି
ଛାଡ଼ି ତୁ କେମନ୍ତେ ରହିଲୁ ନିଶ୍ଚିନ୍ତେ ଏକା ମୋତେ ଛାଡ଼ିକରି।
ଆଉ ଯିବି କିପାଇଁ
ସୀତା ନେବାରେ ମୋ କାର୍ଯ୍ୟ ନାହିଁ"।(ରାମରାବଣ ଯୁଦ୍ଧ)

ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମ ବିଳାସ' ରେ ବିଶ୍ଵାମିତ୍ରଙ୍କ ସହ ବନକୁ ଯାଇ ତାଡ଼କୀ ଅସୁର ସମେତ ମାରିଚ,ସୁବାହୁକୁ ମାରି ଋଷିଗଣଙ୍କ ହୃଦୟ ଜୟ କରି ପାରିଛନ୍ତି। ଯେଉଁ ରାକ୍ଷସ ମାନେ ଦେବତା ମାନଙ୍କୁ ଅନେକ ପ୍ରକାର ହଇରାଣ କରିଛନ୍ତି। କିନ୍ନର ମାନେ ଆନନ୍ଦରେ ଦୁନ୍ଦୁଭି ବଜାଇଛନ୍ତି,ଅପସରା ଗଣ ଆନନ୍ଦରେ ନୃତ୍ୟ କରିଛନ୍ତି। ମହା ମହା ମୁନିଋଷିମାନେ ଦୁଇଭ୍ରାତାଙ୍କୁ ଆଶିଷ ପ୍ରଦାନ କଲେ।

"ରାମଙ୍କୁ ସନ୍ତୋଷେ ଆଶିଷ ଦେଲେ ସକଳ ଋଷି
କିନ୍ନର ମାନେ ଆନନ୍ଦେ ଦେବ ଦୁନ୍ଦୁଭି ଘୋଷି।"

(ଶ୍ରୀରାମ ବିଳାସ)

ରାମଙ୍କୁ ଜଣେ ଧନୁର୍ଦ୍ଧର ଭାବରେ ବୀର,ଯୋଦ୍ଧା ଭାବରେ ଧନଞ୍ଜୟ ଭଞ୍ଜ ଏହି କାବ୍ୟରେ ଚିତ୍ରଣ କରିଛନ୍ତି। କାମ୍ୟକ ବନରେ ଗୌତମ ଋଷିଙ୍କ ଆଶ୍ରମରେ ଅହଲ୍ୟାକୁ ଉଦ୍ଧାର କରିବା ବିଶ୍ଵାମିତ୍ରକୁ ଚକିତ କରିଥିଲା। ରାଜପୁତ୍ରମାନେ ସାଧାରଣତଃ ଅନେକ ରାଣୀ ରଖୁଥିଲେ କିନ୍ତୁ ରାମଚନ୍ଦ୍ର ଥିଲେ ଏକ ପତ୍ନୀବ୍ରତା ସେ ସୀତାଙ୍କୁ ମଧୁଶଯ୍ୟା ଗୃହରେ ଏହି ନିୟମ କରିଥିଲେ। ଅନୁରୂପ ଭାବେ ସୀତା ମଧ୍ୟ ସ୍ଵୟଂ କେଶ ବଶରୁ କେତକୀ ପାଖୁଡ଼ାଟିଏ କାଢି ରାମଙ୍କ ହସ୍ତରେ କୁଳଦୀପକୁ ସ୍ପର୍ଶ କରି ନିୟମ କରିଥିଲେ ଜନ୍ମେ ଜନ୍ମେ ରାମ ତାଙ୍କ ପତି ହୋଇ ରହିବେ। ରାମଚନ୍ଦ୍ର ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବାଟରେ ପର୍ଶୁରାମ ପହଁଚି ବାଟ ଓଗାଳି ଥିଲେ ମାତ୍ର ତାଙ୍କ ଗର୍ବ ଖଣ୍ଡନ କରି ପାପଭାର ନାଶ କରିବା ପାଇଁ ପର୍ଶୁରାମଙ୍କ ଧନୁରେ ଶର ବିନ୍ଧିଥିଲେ।

ପିତୃସତ୍ୟ ପାଳି ଚଉଦବର୍ଷ ବନକୁ ଯିବା ପରେ ବନ ଭିତରେ ବନବାସୀ ମାନେ ଦଣ୍ଡକାରଣ୍ୟରେ ରାଜା ହିସାବରେ ପାଳନ କରିବାକୁ ପ୍ରତ୍ୟାଖାନ କରିବା ତାଙ୍କ ଚରିତ୍ରର ଶ୍ରେଷ୍ଠତା ପ୍ରତିପାଦନ କରେ। ସୀତାଙ୍କୁ ରାବଣ ନେବା ପରେ ତାଙ୍କ ଅନ୍ୱେଷଣରେ ଥିବାବେଳେ ଚକ୍ରବାକ ପକ୍ଷୀକୁ ପଚାରିବାରୁ ପକ୍ଷୀ ପରିହାସ କରିଥିଲେ ମଧ୍ୟ ରାମ ଅଭିଶାପ ନ ଦେଇ ବର ଦେଇଥିଲେ ଯେ,ତୁମ୍ଭେ ମାନେ ଦିନବେଳେ ଯୁଗଳ ଭାବରେ ମିଳିତ ହେବ, କିନ୍ତୁ ରାତ୍ରିରେ ବିଚ୍ଛେଦ ଯନ୍ତ୍ରଣା ଭୋଗ କରିବ। ସର୍ବୋପରି ରାମଚନ୍ଦ୍ରଙ୍କୁ ଏକ ଧୈର୍ଯ୍ୟଶୀଳ ବ୍ୟକ୍ତି ହିସାବରେ ଦେଖାଇଛନ୍ତି। ଦୁଃଖରେ ଧୈର୍ଯ୍ୟହରା କି ସୁଖରେ ଉତ୍‌ଫୁଲିତ ହୋଇ ନାହାନ୍ତି। ଦାମ୍ପତ୍ୟ ଜୀବନର ସୁଖ ଓ ବିଧି ବିଧାନ ମଙ୍ଗଳଦାୟକ ବୋଲି ରାମଚନ୍ଦ୍ର ସୀତାଙ୍କୁ ବୁଝାଇଛନ୍ତି। ରାମଚନ୍ଦ୍ର ସୀତାଙ୍କୁ ଏତେ ସ୍ନେହ କରୁଥିଲେ ଯେ ବନବାସ ବେଳେ ସେ ନିଜେ ସୀତାଙ୍କ କେଶ ବିନ୍ୟାସ କରିଦେଉ ଥିଲେ। କବିଙ୍କ ଭାଷାରେ-

" ବୋଲୁଥିଲୁ ଆଣ ଏକ ମୃଗଚର୍ମ ପୁଛ<br>
ବାଛି ବାଛି ତୋଳି ଆଣିଅଛି ପୁଷ୍ପଗୁଚ୍ଛ।<br>
ବସ ସେ ଅଦିନେ ବେଗେ,<br>
ବାନ୍ଧଇ ମୁଁ କୁନ୍ତଳ ଚାମର ଫୁଲ ଯୋଗେ।

(ବୈଦେହୀଶ ବିଳାସ-୨୫ ଛାନ୍ଦ)

ରୀତି ଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣୀ ଉପେନ୍ଦ୍ର ଭଞ୍ଜ ଶୃଙ୍ଗାରିକତାକୁ ପ୍ରାଧାନ୍ୟ ଦେଇ ଯଦିଓ ଅନେକ କାବ୍ୟ ରଚନା କରିଥିଲେ ତଥାପି ସେ ରାମଙ୍କୁ ନେଇ କେତୋଟି କାବ୍ୟ ରଚନା କରିଛନ୍ତି। ସେ ରାମାୟଣକୁ ନେଇ ନିଜେ ସ୍ୱୀକାର କରିଛନ୍ତି ଯେ-

"ବିଚିତ୍ର କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି<br>
ବିରଚିଲି ରାମାୟଣ ଏ ମୋର ବଡ଼ସିଦ୍ଧି।"

(ବୈଦେହୀଶ ବିଳାସ-୫୨ ଛାନ୍ଦ)

'ଅବନାରସତରଙ୍ଗ' କାବ୍ୟଟି ବାରଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ କବି ରାମାୟଣ ଚରିତକୁ ଅବନା ଅକ୍ଷରରେ ରଚନା କରିଛନ୍ତି। ଏହା ରାମଚନ୍ଦ୍ରଙ୍କ ଆବିର୍ଭାବ ଠାରୁ ଆରମ୍ଭ କରି ସୀତା ଉଦ୍ଧାର ପରେ ରାମଙ୍କର ଅଯୋଧ୍ୟାକୁ ପ୍ରତ୍ୟାଗମନ ପର୍ଯ୍ୟନ୍ତ ମୁଖ୍ୟ ଚରିତ ଗୁଡ଼ିକ ସଂକ୍ଷେପରେ ବର୍ଣ୍ଣିତ ହୋଇଛି। ସ୍ୱାମୀ ସ୍ତ୍ରୀଙ୍କ ବିଚ୍ଛେଦ ପରେ ରାମଙ୍କର ବିଭିନ୍ନ ଋତୁରେ ବିରହାନୁଚିନ୍ତା କାବ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଛି। ସେ ଦିନରାତି ସୀତାଙ୍କ ସ୍ୱପ୍ନ ଦେଖିଛନ୍ତି। ଚାରିଆଡ଼ ତାଙ୍କୁ ସୀତାମୟ ଦେଖାଯାଉଛି। ଶୟନେ, ସପନେ, ଜାଗରଣେ ସୀତା। ତେଣୁ କବି କହିଛନ୍ତି-

"ହରଷର ହର, ଶରଶତ,ଦର ମମତବ ପଦନତ<br>
ଅଧମଜନ ଅଧମ ଜନ କଷ୍ଟକର ଅର୍ଣ୍ଣବର ସତ।"

(ଅବନାରସତରଙ୍ଗ-୫ମ ଛାନ୍ଦ)

ରାମଲୀଳାମୃତ କାବ୍ୟଟି ଚଉଦଟି କ୍ଷୁଦ୍ର କ୍ଷୁଦ୍ର ଛାନ୍ଦରେ ରଚିତ। ଏଠାରେ ରାମ ଜନ୍ମଠାରୁ ପର୍ଶୁରାମ ଦର୍ପଭଙ୍ଗ ପର୍ଯ୍ୟନ୍ତ ରାମାୟଣାନ୍ତର୍ଗତ ଚରିତ ବର୍ଣ୍ଣିତ ହୋଇଛି । ରାମସୀତା ବିବାହ ହିଁ ଏଥିର ମୁଖ୍ୟ ବିଷୟବସ୍ତୁ। ସ୍ୱୟଂବର ସଭାରେ ରାମଙ୍କୁ ବରଣ କରିସାରିବା ପରେ ସୀତାଙ୍କ କାମପୀଡ଼ା ଓ ବିରହର ବର୍ଣ୍ଣନା ସଂକ୍ଷିପ୍ତ ହୋଇଛି। ଠିକ ସେହିପରି ରାମଙ୍କ ବୀରତ୍ୱ ପ୍ରଦର୍ଶନ କରାଯାଇଛି। ପିତା ଦଶରଥଙ୍କୁ ପର୍ଶୁରାମ ପରାସ୍ତ କରିଥିଲେ କିନ୍ତୁ ରାମଚନ୍ଦ୍ର ତାଙ୍କ ଧନୁ ସାହାଯ୍ୟରେ

ସର୍ବଶକ୍ତି ହରଣ କରି ତାଙ୍କୁ ପରାସ୍ତ କରିଛନ୍ତି। ନିଜ ବୀରତ୍ୱର ପ୍ରଦର୍ଶନ କରିପାରିଛନ୍ତି ପର୍ଶୁରାମଙ୍କ ଆଗରେ।

ରୀତିଯୁଗର ଅନ୍ୟଜଣେ ଲେଖକ ବିଶ୍ୱନାଥ ଖୁଣ୍ଟିଆ ରାମାୟଣକୁ ନେଇ 'ବିଚିତ୍ର ରାମାୟଣ' ରେ ମଧ୍ୟ ରାମଙ୍କ ପରାକାଷ୍ଠାତା ଦେଖାଇଛନ୍ତି। ରାମ ଚରିତ୍ରର ମୁଖ୍ୟ ମୁଖ୍ୟ ଜନପ୍ରିୟ ପ୍ରସଙ୍ଗ ଗୁଡ଼ିକ ଏଥିରେ ବର୍ଣ୍ଣିତ ହୋଇଛି। କୈକେୟୀଙ୍କୁ ବରଦେଇ ଦଶରଥ ପୁତ୍ରକୁ ବନବାସ ପଠାଇଥିବା ସମୟରେ ସେ ଆଦର ସହକାରେ ଗ୍ରହଣ କରିଛନ୍ତି। ବନବାସ ଯିବା ଖବର ଶୁଣି ମାତା କୈଶଲ୍ୟାଙ୍କ ହୃଦୟ ବିଷାଦରେ ପୂର୍ଣ୍ଣ ହୋଇଯାଇଛି।

"ନ ଯା ରାମ ନ ଯାଇ ଧନ ତୁ ବନବାସ କରିରେ<br>
ଆରେ କୋଦଣ୍ଡ ଧନୁ ଧାରୀରେ<br>
ତୁ ଯେବେ ବନକୁ ଯିବୁ ମୋ ଗଳେ ଦିଅ ଛୁରୀରେ"।

(ବିଚିତ୍ର ରାମାୟଣ-ଅଯୋଧ୍ୟା କାଣ୍ଡ)

ଲେଖକ ରାମଙ୍କ ଧୈର୍ଯ୍ୟଶୀଳତାକୁ ଦେଖାଇଛନ୍ତି ଏହି କାବ୍ୟରେ। ରାବଣ ରାମହାତରେ ମୃତ୍ୟୁକଲେ ସ୍ୱର୍ଗପ୍ରାପ୍ତି ହେବ ଜାଣି ସୀତାଙ୍କୁ ଚୋରେଇ ନେଇଛନ୍ତି। ଯୁଦ୍ଧ କରି ତ୍ରିପୁର ବିଜୟୀ ହୋଇଥିଲେ ମଧ୍ୟ ରାମଙ୍କ ଆଗରେ ଧରାପଡ଼ି ଯାଇଛି। ମାୟା ସୀତାଙ୍କୁ ରାମ ଆଗରେ ହତ୍ୟାକରି ଧୈର୍ଯ୍ୟଚ୍ୟୁତ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ରାମଚନ୍ଦ୍ର ବିଚଳିତ ହୋଇନାହାନ୍ତି ବରଂ

ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରି ଅସୁରମାନଙ୍କୁ ବଧ କରି ଶିଷ୍ଟମାନଙ୍କୁ ପାଳନ କରିଛନ୍ତି।

## ଉପସଂହାର :

ପ୍ରାଚୀନ ମଧ୍ୟଯୁଗୀୟ ସାହିତ୍ୟ ଥିଲା ପୁରାଣ କୈନ୍ଦ୍ରିକ ସେ ସମୟରେ କବିମାନଙ୍କ ମଧ୍ୟରେ ରହିଥିଲା ଆଧ୍ୟାତ୍ମିକ ଭାବନା। ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରି ଦେଇଥିଲେ। ଆମ ସଂସ୍କୃତିରେ ରାମାୟଣର ପ୍ରଭାବ ଯଥେଷ୍ଟ ଦେଖିବାକୁ ମିଳିଛି। ତେଣୁ ରାମାୟଣର ବିଷୟବସ୍ତୁକୁ ନେଇ ଅନେକ କବି ରାମାୟଣକୁ ନିଜସ୍ୱ ଢଙ୍ଗରେ ବର୍ଣ୍ଣନା କରିଛନ୍ତି। ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ମହିମା ଗାନ କରି ଏ ସଂସାରରୁ ତରିଯିବାର ପ୍ରମାଣ ରହିଛି। ଦସ୍ୟୁ ରତ୍ନାକର ରାମଙ୍କୁ ରାମ କହି ନ ପାରି ମରା ମରା କହି କହି ବାଲ୍ମିକୀରେ ପରିଣତ ହୋଇଯାଇଥିଲେ। ଏହି ପ୍ରାଚୀନ ମଧ୍ୟଯୁଗୀୟ କବିମାନେ ମଧ୍ୟ ସେହିଭଳି ତରିଯିବାକୁ ମନସ୍ଥ କରି ରାମଚନ୍ଦ୍ରଙ୍କ ମହିମା ଗାନ କରିଛନ୍ତି। ସମସ୍ତଙ୍କ ରଚନାରେ ରାମଚରିତ ଚିର ବନ୍ଦନୀୟ ହୋଇଛି। ସେ ଯେପରି ନିଜକୁ କଷ୍ଟ ସ୍ୱୀକାର କରି ଜଗତର ହିତ ପାଇଁ ଚିନ୍ତା କରୁଥିଲେ ସେହିଭଳି ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ। ଏମାନଙ୍କ ରଚନାରେ ରାମ ଚରିତର ଶ୍ରେଷ୍ଠତା ପ୍ରତିପାଦନ ହୋଇଛି। ଯାହା ଯୁଗେ ଯୁଗେ ବନ୍ଦନୀୟ ହୋଇ ରହିଛି ଭବିଷ୍ୟତରେ ମଧ୍ୟ ରହିବ।

## ସହାୟକ ଗ୍ରନ୍ଥସୂଚୀ :


୧. ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥାବଳୀ,ତୃତୀୟ ଖଣ୍ଡ,ଧର୍ମ ଗ୍ରନ୍ଥ ଷ୍ଟୋର ଅଲିଶା ବଜାର,କଟକ-୨।

୨. ଦାସ ଶ୍ୟାମ ଚରଣ,ଆଧ୍ୟାତ୍ମ୍ୟ ରାମାୟଣ,ଚନ୍ଦ୍ରୋଦୟ ପ୍ରେସ, କଟକ-୧୯୬୨।

୩. ଦାସ ଈଶ୍ୱର,ନଳ ଚରିତ ଓ ସଂକ୍ଷିପ୍ତ ରାମାୟଣ, ବାଣୀଭଣ୍ଡାର, ବ୍ରହ୍ମପୁର।

୪. ଦାସ ଅର୍ଜୁନ, ରାମବିଭା, ଉତ୍କଳ ବିଶ୍ୱବିଦ୍ୟାଳୟ। ଧନଞ୍ଜୟ ଗ୍ରନ୍ଥାବଳୀ ପ୍ରଥମ ଭାଗ, ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର-୧୪।

୫. ଦାସ ସୂର୍ଯ୍ୟ ନାରାୟଣ,ଓଡ଼ିଆ ସାହିତ୍ୟର ଇତିହାସ୨ୟ,୩ୟ ବିଭାଗ।

୬. ଧନଞ୍ଜୟ ଗ୍ରନ୍ଥାବଳୀ ପ୍ରଥମ ଭାଗ,ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର-୧୪।

୭. ଭଞ୍ଜ ଉପେନ୍ଦ୍ର,ଅବନା ରସ ତରଙ୍ଗ, ଧର୍ମ ଗ୍ରନ୍ଥ ଷ୍ଟୋର, ଅଳିଆ ବଜାର, କଟକ।

୮. ମହାପାତ୍ର ଯଦୁମଣି,ରାଘବ ବିଳାସ,ପଣ୍ଡିତ ଶ୍ରୀ ସୋମନାଥ ମିଶ୍ର ଶର୍ମା, ରଣପୁର ଗଡ଼।

୯. ମହାରଣା ସୁରେନ୍ଦ୍ର,ସାରଳା ସାହିତ୍ୟର ପରିକ୍ରମା, ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ, କଟକ।

୧୦.ମିଶ୍ର ନୀଳମଣି, ରାମଲୀଳା ୧ମ ଭାଗ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର-୧୪।


❖ ❖ ❖

DOI : https://doi.org/10.5281/zenodo.18186201

ମୂଳ ପ୍ରବନ୍ଧ

# ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ରାମାୟଣ ସଂସ୍କୃତିର ଚିତ୍ର

**କିଶୋର ଚନ୍ଦ୍ର ମହାନ୍ତ**

**ସଂକ୍ଷିପ୍ତସାର :**

ରାମଚନ୍ଦ୍ର ହେଉଛନ୍ତି  ଯୁଗ ପୁରୁଷ । ଧର୍ମକୁ ସ୍ଥାପନା କରିବା ପାଇଁ ସେ ମାନବ ଅବତାର ନେଇ ଜନ୍ମଗ୍ରହଣ କରିଥିଲେ । ରାଜ ପରିବାରରେ ଜନ୍ମ ହୋଇ ମଧ୍ୟ ସେ ରାଜସୁଖ ଭୋଗ କରି ନାହାନ୍ତି ବରଂ ଜୀବନ ତମାମ କଷ୍ଟକୁ ବରଣ କରିଛନ୍ତି । ବନବାସ ସମୟରେ ଅନେକ ସ୍ଥାନ ପରିଭ୍ରମଣ ସହ ଓଡ଼ିଶାର କେନ୍ଦୁଝର ଅଞ୍ଚଳକୁ ମଧ୍ୟ ଆସିଥିବାର ମନେହୁଏ । କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ରାମଙ୍କ ଗାଥା ରହିଛି । ବନବାସ ସମୟରେ ଆସି ପହଞ୍ଚିବା ଠାରୁ ରହିବା ଏବଂ ପ୍ରଜାଙ୍କ ହିତପାଇଁ ମାତା ସୀତାଙ୍କୁ ନେଇ ବନରେ ଛାଡ଼ିବା,ବାଲ୍ମୀକି ଆଶ୍ରମରେ ରହି ଲବ,କୁଶ ଜନ୍ମ,ଦସ୍ୟୁ ରତ୍ନାକରରୁ ବାଲ୍ମୀକି ଋଷିରେ ପରିବର୍ତ୍ତନ ହେବା ପର୍ଯ୍ୟନ୍ତ ସମସ୍ତ ଚିତ୍ର ରହିଛି । କେନ୍ଦୁଝରର ଲୋକମାନଙ୍କ ଉପରେ ମଧ୍ୟ ରାମଙ୍କ ଆଦର୍ଶ ଯଥେଷ୍ଟ ରୂପେ ପ୍ରଭାବ ପକାଇଛି । କୃଷିଗୀତ,ଶଗଡ଼ିଆ ଗୀତ,ଜନ୍ମଉତ୍ସବ,ବିବାହ,ମୃତାହ,ପର୍ବପର୍ବାଣୀରେ ବୋଲାଯାଉଥିବା ଗୀତଗୁଡ଼ିକରେ ମଧ୍ୟ ରାମଙ୍କ ଗୁଣ ଗାନ କରାଯାଇଥାଏ ।

**ପ୍ରମୁଖ ଶବ୍ଦାବଳୀ:**

ରାମଚନ୍ଦ୍ର, ଶାଳ, ଶର, ଭଣ୍ଡାର,ଗୁମ୍ଫା, ଭୋଜନ, ବାସନ ।

ଓଡ଼ିଶା ହେଉଛି ଏକ ପୂଣ୍ୟପୀଠ । ଏଠାରେ ବିଭିନ୍ନ ଦେବ ଦେବୀଙ୍କ ଆଦର ରହିଛି । ଜଗତର ନାଥ ଜଗନ୍ନାଥଙ୍କ ଦେଶ ଓଡ଼ିଶା । ଦେଶ ବିଦେଶରେ ଏହାର ନାମ ହୁଏ ଜଗନ୍ନାଥ ଧାମ । ଓଡ଼ିଶାର ଭୁବନେଶ୍ୱରକୁ ମନ୍ଦିରମାଳିନୀ ସହର ବୋଲି ନାମିତ କରାଯାଏ । ସେହିଭଳି କେନ୍ଦୁଝର ଜିଲ୍ଲା ଏକ ପ୍ରାକୃତିକ ପରିବେଶ ଘେରା ଅଞ୍ଚଳ 'କେନ୍ଦୁଝର' ଶବ୍ଦକୁ ବ୍ୟାଖ୍ୟା କଲେ ଜଣାଯାଏ ଯେ, 'କ+ ଇନ୍ଦୁ+ ଝର' । 'କ' ଅର୍ଥ ମସ୍ତକ 'ଇନ୍ଦୁ' - ଚନ୍ଦ୍ର 'ଝର' - ଝରଣା । ଅର୍ଥାତ ମସ୍ତକରେ ଯାହାର ଚନ୍ଦ୍ର ଓ ଗଙ୍ଗା ଶୋଭାପାନ୍ତି ସେ ହେଉଛନ୍ତି ଶିବ । ସେଥିପାଇଁ କେନ୍ଦୁଝର ଜିଲ୍ଲାକୁ ଶିବଙ୍କ ଆସ୍ଥାନ କୁହାଯାଏ । କେନ୍ଦୁଝରରେ ଶିବଙ୍କ ପରେ ଯଦି ଆଉ କାହାକୁ ଦେଖାଯାଏ ତାହା ରାମଙ୍କ କଥା । କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ରାମାୟଣର ପ୍ରସଙ୍ଗ ଏବଂ ରାମଙ୍କ କଥା ଦେଖିବାକୁ ମିଳେ । ଏଠାକାର ପ୍ରାକୃତିକ ପରିବେଶ ଯେତିକି ସୌନ୍ଦର୍ଯ୍ୟ ଆଣିଦିଏ ତା'ଠାରୁ ବେଶୀ ମାଧୁର୍ଯ୍ୟ ଆଣିଦିଏ ତାର ଅନୁପମ ସଂସ୍କୃତି । ଯେଉଁଠାରେ ମହାଭାରତୀୟ ସଂସ୍କୃତି ଧରାପ୍ଲାବନର ସମ୍ଭବ ଘଟିଛି । ଏହି ମହାଭାରତୀୟ ସଂସ୍କୃତିରେ ଅନେକ ସ୍ଥାନରେ ରାମାୟଣର କଥା ଦେଖିବାକୁ ମିଳିଥାଏ । କେନ୍ଦୁଝରର ପୂର୍ବର ସାହାରପଡ଼ା ଠାରୁ ଆରମ୍ଭ କରି ପଶ୍ଚିମର ତେଲକୋଇ ଉତ୍ତରର ଚମ୍ପୁଆ ଠାରୁ ଆରମ୍ଭ କରି ଦକ୍ଷିଣରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18186201

Article No - BPP00370

**ଯୋଗାଯୋଗ : କିଶୋର ଚନ୍ଦ୍ର ମହାନ୍ତ,** ଗବେଷକ,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email**: mohantakishorechandra9@gmail.com
**ORCID ID:** https://orcid.org/0009-0004-7696-8664

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, କିଶୋର ଚନ୍ଦ୍ର, ୨୦୨୫ । ଓଡିଶାର କେନ୍ଦୁଝର ଅଞ୍ଚଳରେ ରାମାୟଣ ସଂସ୍କୃତିର ଚିତ୍ର । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା: ୫, ପୃଷ୍ଠା : ୫୪-୬୦ ।

ହାଟଡିହି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାମକଥା ଦେଖିବାକୁ ମିଳେ।

**ରାମଚନ୍ଦ୍ରପୁର :**

ରାମ ବନବାସ ସମୟରେ ଭାରତର ଅନେକ ସ୍ଥାନ ବୁଲିଥିଲେ । ଜଙ୍ଗଲରେ ରହି ଫଳମୂଳ ସଂଗ୍ରହ କରି ଚଳୁଥିଲେ । ଓଡ଼ିଶାର କେନ୍ଦୁଝର ହେଉଛି ଏକ ପାହାଡ଼ ପର୍ବତ ଘେରା ଅଞ୍ଚଳ । ରାମ ଏହି ବନବାସ ସମୟରେ କେନ୍ଦୁଝରର ଏହି ଜଙ୍ଗଲରେ ରହୁଥିଲେ ବୋଲି ବହୁ କିମ୍ବଦନ୍ତୀ ଓ ଜନଶୃତି ରହିଛି। ତାଙ୍କ ନାମାନୁସାରେ ଗାଁର ନାମ ହୋଇଛି ରାମଚନ୍ଦ୍ରପୁର । ଲୋକ ବିଶ୍ୱାସ ଅନୁସାରେ ରାମଚନ୍ଦ୍ର ବନବାସ ସମୟରେ ଏହି ସ୍ଥାନରେ ରହି ସେମାନେ ପାଖଆଖ ଅଞ୍ଚଳରୁ ଫଳମୂଳ ସଂଗ୍ରହ କରି ଦିନ ଅତିବାହିତ କରୁଥିଲେ । ଏହି ଗ୍ରାମର ଚତୁଃପାର୍ଶ୍ୱରେ ଏବେ ମଧ୍ୟ ବଣପାହାଡ଼ ଘେରି ରହିଛି। ରାମ ରହୁଥିବା ସ୍ଥାନ ଆଜି ପଥର ପାଲଟି ଯାଇଛି। ସେଠାରେ ଏହି ରାମ ଥିବା କଥା ୧୯୫୬ ମସିହାରେ ଆବିଷ୍କାର କରାଯାଇଛି। ବନବାସ ସମୟରେ ମାତା ସୀତାଙ୍କୁ ରାମଲକ୍ଷ୍ମଣ ଯେପରି ଆଦର କରୁଥିଲେ,ପାଦରେ କଣ୍ଟାଟିଏ ଫୁଟିଗଲେ ଟେକି ନେଉଥିଲେ। ଠିକ ସେହିପରି ଏହି ପାଷାଣ ମୂର୍ତ୍ତି ଦଣ୍ଡାୟମାନ ହୋଇରହିଛି। ସବୁଠାରୁ ବଡ଼କଥା ହେଉଛି ସେମାନେ ବନବାସ ସମୟରେ ଅଯୋଧ୍ୟାରୁ ବାହାରି ଦକ୍ଷିଣମୁହାଁ ଆସିଥିଲେ ଏହି କେନ୍ଦୁଝର ମଧ୍ୟ ଅଯୋଧ୍ୟା ଠାରୁ ଦକ୍ଷିଣ ପୂର୍ବରେ ରହିଛି।ଏହି ପାଷାଣ ମୂର୍ତ୍ତି ଗୁଡ଼ିକ ଦକ୍ଷିଣ ମୁହାଁ ହୋଇରହିଛନ୍ତି। କେନ୍ଦୁଝର ଠାରୁ ଦକ୍ଷିଣରେ ରହିଛି ଦଣ୍ଡକାରଣ୍ୟ ଯେଉଁ ପଞ୍ଚବଟୀରୁ ରାବଣ ସୀତାଙ୍କୁ ଚୋରେଇ ନେଇଥିଲେ। ଏଣୁ ରାମ ଏହି ରାମଚନ୍ଦ୍ରପୁର ଜଙ୍ଗଲରୁ କ୍ରମେ ସେହି ପଞ୍ଚବଟୀକୁ ଯାଇଥିବାର ଅନୁମାନ କରାଯାଇ ପାରେ।

**ରାମତୀର୍ଥ ଓ କେଶରୀକୁଣ୍ଡ :**

କେନ୍ଦୁଝରର ସୀମାରେଖା ରୂପେ ରହିଛି ବୈତରଣୀ ନଦୀ। ରାମବନବାସ ସମୟରେ ଚମ୍ପୁଆ ନିକଟବର୍ତ୍ତୀ ବୈତରଣୀ ନଦୀରେ ସ୍ନାନ କରି ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ କରିଥିଲେ। ସେହି ଅନୁସାରେ ସେଠାକାର ନାମ ରହିଛି ରାମତୀର୍ଥ। ଶିଳାରେ ରହିଛି ରାମଙ୍କର ଚିତ୍ର। କୁହାଯାଏ ରାମ ସେଠାରେ ଶୟନ କରିଥିବାରୁ ସେପରି ଚିହ୍ନ ରହିଛି। ପାଦର ଚିହ୍ନ ମଧ୍ୟ ଅଛି। ସେହି ପାଦ ଚିହ୍ନକୁ ରାମଙ୍କର କୁହାଯାଏ। କାରଣ ଭରତ ଯେତେବେଳେ ରାଜ୍ୟ ଶାସନ ନିମନ୍ତେ ରାଜ ସିଂହାସନରେ ରାମଙ୍କ କଠୋଉ ମୁଣ୍ଡେଇ ନେଲେ ଖାଲିପାଦର ଚିହ୍ନ ସେହି ପଥରରେ ରହିଛି। ସେହିପରି ବୈତରଣୀ ନଦୀର ଆଉଟିକେ ତଳକୁ କେଶରୀକୁଣ୍ଡ । ସେଠାରେ ରହିଛି ତିନୋଟି କୁଣ୍ଡ। ଯେଉଁଠାରେକି ରାମ,ଲକ୍ଷ୍ମଣ ଓ ସୀତା ବୁଡ଼ ପକାଇ ଶିବଙ୍କ ଦର୍ଶନ କରିଥିଲେ। ପବିତ୍ର ବୈତରଣୀ ନଦୀର କୂଳରେ ଏହି ଦୁଇଟି ପୀଠ ହେଉଛି ରାମଙ୍କ ନାମରେ ନାମିତ।(୧)

**ଗନ୍ଧମାର୍ଦ୍ଦନ ପର୍ବତ :**

ରାମ ବନବାସ ଜୀବନ ଅତିବାହିତ କରୁଥିବା ସମୟରେ ରାବଣ ସୀତାଙ୍କୁ ଲଙ୍କା ନେଇଯାଇଥିଲେ। ରାମଚନ୍ଦ୍ର ବାନରସେନା ସାହାଯ୍ୟରେ ଠାବ କରିବା ପରେ ସେଠାରେ ଯୁଦ୍ଧ ଚାଲିଥିବା ସମୟରେ ଇନ୍ଦ୍ରଜିତ ଲକ୍ଷ୍ମଣଙ୍କୁ ଶକ୍ତିଭେଦ ବାଣ ମାରିବା ପରେ ହନୁମାନ ବିଶଲ୍ୟକରଣୀ ପାଇଁ ଯାଇ ଗନ୍ଧମାର୍ଦ୍ଦନ ପର୍ବତକୁ ଟେକି ନେଉଥିବା ସମୟରେ ଭରତଙ୍କ ରାଜ୍ୟରେ ଅନ୍ଧକାର ଘୋଟି ଆସିଲା। ଭରତ ତାହାକୁ ଲକ୍ଷ୍ୟକରି ବାଟୁଳି ମାରିବା ଫଳରେ ହନୁମାନ ନିଜକୁ ଆୟତ୍ତ କରିନପାରି ଖସିପଡ଼ିଲେ। ହନୁମାନଙ୍କ ମୁଖରୁ ରାମନାମ ଶୁଣି ପରିଚୟ ମାଗିବାରୁ ସେ ରାମଙ୍କ ପରମ ଭକ୍ତ ଏବଂ ଲକ୍ଷ୍ମଣଙ୍କ ଶକ୍ତିଭେଦ କଥା କହିବା ଯୋଗୁଁ ତାଙ୍କୁ ଶୀଘ୍ର ପଠାଇଥିଲେ ଭରତ। କିନ୍ତୁ ଏହି ବାଟୁଳି ମାରିବା ସମୟରେ ପର୍ବତରୁ ଏକଖଣ୍ଡ ପଡ଼ିଯାଇଛି କେନ୍ଦୁଝରର ଶୁଆକାଟୀରେ। ଯାହାର ନାମ ଗନ୍ଧମାର୍ଦ୍ଦନ। ପର୍ବତରେ ରହିଥିବା ଅନେକ ଧନରତ୍ନ ବର୍ତ୍ତମାନ ସମୟର ଖଣିଜ ପଦାର୍ଥ ରୂପେ ଖନନ କରାଯାଇ ବାହାର କରାଯାଉଛି। କେନ୍ଦୁଝରର ଗନ୍ଧମାର୍ଦ୍ଦନ ପର୍ବତ ସମେତ ଯୋଡ଼ା, ବଡ଼ବିଲ,ବଲାଣୀ, ବିଲେଇପଦା ପାହାଡ଼ର ସଂଯୋଗ ରହିଛି। ଏହିସବୁ ଅଞ୍ଚଳମାନଙ୍କରେ ମଧ୍ୟ ବହୁମୂଲ୍ୟ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଉଛି। ଲୁହାର ପଥର, ମାଙ୍ଗାନିଜ ପଥର, କ୍ରୋମିୟମ ପଥର, ବକ୍ସାଇଟ, ପାଇରୋଫିଲାଇଟ, କ୍ୱାର୍ଜ, ଖଡ଼ି ପଥର, ସୁନା, ଚୂନପଥର, ନିକେଲ, ପ୍ଲାଟିନମ, ଗ୍ରାନାଇଟ, କୋବାଲଟ, ଚିନାମାଟି, ମାଗ୍ନେସାଇଟ, ଇତ୍ୟାଦି ମିଳିଥାଏ। ରାମଙ୍କ ରାଜ୍ୟରେ ଯେଉଁ ଧନସମ୍ପତ୍ତିର ଅଭାବ ନଥିଲା ତାହା ଏହିସବୁ ଅଞ୍ଚଳ ମାଧ୍ୟମରେ ପରିଚିତ ହୋଇପାରୁଛି।

ରାମଙ୍କ ସ୍ପର୍ଶ ପାଇ ଅହଲ୍ୟା ଯେପରି ପାଷାଣୀରୁ ମାନବ ରୂପ ଧାରଣ କରିଥିଲେ ଠିକ ସେହିପରି ଏଠାକାର ବନପାହାଡ଼ରେ ସେ ବୁଲିଥିବାରୁ ତାଙ୍କ ପାଦର ସ୍ପର୍ଶ ପାଇ ଅନେକ ଅମୂଲ୍ୟ ସମ୍ପତ୍ତି ଭାବରେ ଭରି ରହିଛି।

## ସୀତାବିଞ୍ଜ :

ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ସୀତାବିଞ୍ଜ ସମଗ୍ର ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ହିନ୍ଦୁପୁରାଣ ଅନୁସାରେ,ସୀତାବିଞ୍ଜ ହେଉଛି ତ୍ରେତୟା ଯୁଗର ଦେବୀ ସୀତାଙ୍କ ଏନ୍ତୁଡ଼ିଶାଳ ଏଠାରେ ସୀତା ଲବ,କୁଶଙ୍କୁ ଜନ୍ମ ଦେଇଥିଲେ ଏହି ଏନ୍ତୁଡ଼ିଶାଳଟି ରହିଛି ଏକ ବିଶାଳ ପର୍ବତ ଉପରେ । ଦୁଇଟି ଗୁମ୍ଫା ଯଥାକ୍ରମେ ୮୦ଫୁଟ ଓ ୮୫ଫୁଟ ଉଚ୍ଚତାର ଅଛି । କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ମାତା ସୀତାଙ୍କୁ ରାମଚନ୍ଦ୍ର ଲକ୍ଷ୍ମଣ ସାହାଯ୍ୟରେ ବନକୁ ନେଇ ଛାଡ଼ି ଆସିବାର ଉପଦେଶ ଦେବାପରେ ସୀତା ଏଠାକାର ବାଲ୍ମୀକି ଆଶ୍ରମରେ ରହି ଲବ, କୁଶଙ୍କୁ ଜନ୍ମ ଦେଇଥିଲେ । ଏଠାରେ ଲବ, କୁଶ ଓ ମାତା ସୀତାଙ୍କୁ ପୂଜା କରାଯିବା ସହ ବିଶାଳ ପ୍ରସ୍ତର ଗୁମ୍ଫାରେ ସୀତାଙ୍କ ଏନ୍ତୁଡ଼ିଶାଳ ଥିବା ସ୍ଥାନୀୟ ଅଧିବାସୀ ମାନେ ଦାବି କରନ୍ତି । ସୀତାଙ୍କ ଏନ୍ତିଡ଼ିଶାଳରେ ଦେବୀ ସୀତାଙ୍କ ସହିତ ଲବକୁଶ ପୂଜିତ ହୋଇଥାନ୍ତି ସେହି ସ୍ଥାନରେ ତିନୋଟି କଳା ମୁଗୁନି ପଥର ରହିଛି । ବଡ଼ ପଥରଟି ଦେବୀ ସୀତା ଏବଂ ସାନ ସାନ ଶିଳା ଦୁଇଟି ଲବକୁଶ ଭାବେ ପୂଜା ପାଇଥାନ୍ତି । ସୀତାବିଞ୍ଜ ପର୍ବତର ପାଦଦେଶରେ ପୂଣ୍ୟତୋୟା ସୀତାନଦୀ ବହିଯାଇ ଶେଷରେ ବୈତରଣୀ ନଦୀରେ ମିଳିତ ହୋଇଛି ଏହି ସୀତାନଦୀକୁ ତମସା ନଦୀ ବୋଲି ମଧ୍ୟ ଗ୍ରହଣ କରନ୍ତି । ଆହୁରି ମଧ୍ୟ କିମ୍ବଦନ୍ତୀ ଓ ଲୋକକଥା ଅନୁସାରେ ସୀତାବିଞ୍ଜ ଦସ୍ୟୁରତ୍ନାକରର ଆଖଡ଼ାସ୍ଥଳୀ ଥିଲା । ଦସ୍ୟୁ ରତ୍ନାକର ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ହିଁ ମହର୍ଷି ବାଲ୍ମୀକି ଭାବେ ପ୍ରସିଦ୍ଧି ଅର୍ଜନ କରିବା ସାଙ୍ଗକୁ ଆଶ୍ରମ ପ୍ରତିଷ୍ଠା କରିଥିଲେ ।

ସୀତାବିଞ୍ଜ ଦସ୍ୟୁ ରତ୍ନାକରର ଆଖଡ଼ାସ୍ଥଳୀ ଥିବାର ପ୍ରମାଣ ସ୍ୱରୂପ ସୀତାବିଞ୍ଜ ପର୍ବତର ଅଳ୍ପ ଦୂରରେ 'ଖଣ୍ଟଘର' ନାମରେ ଏକ ଗାଁ ଏବେବି ରହିଛି । ଖଣ୍ଟଘର ଗ୍ରାମ ନିକଟରେ ପ୍ରାୟ ଏକ କିଲୋମିଟର ପରିଧି ବିଶିଷ୍ଟ ଗୋଟିଏ ଗୋଲାକାର ପଥର ଉପର ଦେଇ ଚାଲି ଚାଲି ଯିବାବେଳେ ପଥର ଭିତରେ ଏକ ସୁଡ଼ଙ୍ଗ ଥିବା ପରି ମନେ ହୋଇଥାଏ । ସେହି ପଥର ସୁଡ଼ଙ୍ଗ ଭିତରକୁ ଯିବାପାଇଁ ଗୋଟିଏ ସୁଡ଼ଙ୍ଗ ଦ୍ୱାର ଦେଶରେ ଖିଲାଣଲଗା ପଥର କବାଟ ଲାଗିଛି । ଏହି ସୁଡ଼ଙ୍ଗଟି ଦସ୍ୟୁ ରତ୍ନାକରର ଘର ଥିଲା ଏବଂ ରତ୍ନାକର ଏଠାରେ ଚୋରି ଜିନିଷ ଓ ଅଳଙ୍କାର ସାଇତି ରଖିଥିବା କଥା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳେ । ସେହିପରି ସୀତାବିଞ୍ଜ ପାହାଡ଼ର କିଛି ଦୂରରେ ଏକ ଛୋଟ ମୁଣ୍ଡିଆ ପାହାଡ଼ ରହିଛି ଯାହାକୁ 'ଡକେଇତ ହୁଡ଼ି' କୁହନ୍ତି । ଏହି ହୁଡ଼ିରେ ଥିବା ଗୁମ୍ଫା ମଧ୍ୟରେ ଏକ ଦେବୀଙ୍କ ମୂର୍ତ୍ତି ରହିଛି । ଯେଉଁ ସ୍ଥାନ ଦସ୍ୟୁ ରତ୍ନାକରର ଆଖଡ଼ା ଘର ଥିଲା ଏବଂ ସେହିଠାରେ ଦସ୍ୟୁ ରତ୍ନାକର ଦେବୀଙ୍କୁ ପୂଜା କରୁଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଲୋକ ବିଶ୍ୱାସ ରହିଛି । ସୀତାବିଞ୍ଜ ନିକଟରେ ଚନ୍ଦନଗିରି ନାମରେ ଏକ ପର୍ବତ ରହିଛି । ଯାହା 'ପାଟହରା' ନାମରେ ଏକ ଗୁମ୍ଫା ରହିଛି ଗୁମ୍ଫା ମଧ୍ୟରେ ପ୍ରବେଶ ପାଇଁ ଗୋଟିଏ ସୁଡ଼ଙ୍ଗ ଦ୍ୱାର ରହିଛି । ଏହି ଗୁମ୍ଫା ମଧ୍ୟରେ ବିଭିନ୍ନ ପ୍ରକାର ମୂଲ୍ୟବାନ ରତ୍ନପଥର ଓ ଧନ ସମ୍ପଦ ରହିଥିବାର ଲୋକବିଶ୍ୱାସ ରହିଛି । ଦସ୍ୟୁ ରତ୍ନାକର ବହୁ ମୁଲ୍ୟବାନ ରତ୍ନପଥର ଚୋରିକରି ଆଣି ଏହି ପାଟହରା ଗୁମ୍ଫାରେ ଗଚ୍ଛିତ ରଖିଥିବା କଥା ଲୋକେ କହନ୍ତି । ଏହି ଚନ୍ଦନଗିରି ପର୍ବତରୁ କେନ୍ଦୁଝରର ଅନ୍ୟତମ ଚିରସ୍ରୋତା ନଦୀ ମୂଷଳ ପ୍ରବାହିତ ହୋଇ ବୈତରଣୀରେ ମିଶିଛି ।(୨)

ସୀତାବିଞ୍ଜ ପର୍ବତର ଉତ୍ତର ଦିଗରେ ପିପିଳିଆ ଗ୍ରାମଠାରେ ଠାକୁରାଣୀ ନାମରେ ଏକ ପର୍ବତ ରହିଛି । ଏହି ପର୍ବତର ଶୀର୍ଷ ଦେଶରେ ଏକ ବିରାଟ ଗୋଲାକାର ଏବଂ ଚନ୍ଦନପେଡ଼ି ସଦୃଶ ପଥର ଖଣ୍ଡ ରହିଛି । ସ୍ଥାନୀୟ ଲୋକେ ଏହାକୁ ଚନ୍ଦନପେଡ଼ି କହିଥାନ୍ତି । ଏଠାରୁ ବିଭିନ୍ନ ରଙ୍ଗର ବର୍ତ୍ତୁଳାକାର ପଥରଖଣ୍ଡ ସଂଗ୍ରହ କରି ସ୍ଥାନୀୟ ଅଞ୍ଚଳର ଲୋକେ ମୂଲ୍ୟବାନ ମାଳି ପ୍ରସ୍ତୁତ କରିଥାନ୍ତି । ଏହି ପର୍ବତରୁ ସ୍ୱର୍ଣ୍ଣରେଣୁ ଝରୁଥିବାର ପ୍ରବାଦ ରହିଛି । ଏହି ପଥର ମାଳି ଗୁଡ଼ିକ ସ୍ୱର୍ଣ୍ଣରେଣୁ ଆକୃତିର ହୋଇଥିବାରୁ ଏହି ପର୍ବତକୁ ସ୍ୱର୍ଣ୍ଣ ଝରା ପର୍ବତ ବୋଲି କୁହାଯାଏ । ସୀତାବିଞ୍ଜରେ ବ୍ୟବହୃତ ହୋଇଥିବା ପଥର ମାଳି ଗୁଡ଼ିକ ଏଠାରୁ ସଂଗୃହୀତ ହୋଇଥିବା ବିଶ୍ୱାସ କରାଯାଏ । ସେହିଭଳି ବୁଢ଼ୀପାଟ ପର୍ବତର ଗୁମ୍ଫାରୁ ନିକଟସ୍ଥ ଡାଙ୍ଗୁଆ ପଶି ଗ୍ରାମର ଧନେଶ୍ୱର ନାମକ ଜଣେ ଗଣ୍ଡ ଲୋକ ଏକ ବିଶାଳ ଲୌହଖଣ୍ଡା ପ୍ରାପ୍ତ ହୋଇଥିଲା । ସବୁଠାରୁ ବଡ଼କଥା ହେଉଛି ଏହି ଖଣ୍ଡାରେ ଆଜି ପର୍ଯ୍ୟନ୍ତ କଳଙ୍କି ଲାଗି ନାହିଁ । ଦସ୍ୟୁ ରତ୍ନାକର ଏହି ତରବାରୀ ବ୍ୟବହାର କରୁଥିଲେ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି ।

ସୀତାବିଞ୍ଜ ପୋଡ଼ାଗଡ଼ଠାରେ ଫୁଲବାଡ଼ି ନାମରେ ଏକ ସ୍ଥାନ ରହିଛି । ପୂର୍ବେ ଏହା ମହର୍ଷି ବାଲ୍ମୀକିଙ୍କ ତପୋବନରେ ଏକ ସୁନ୍ଦର ପୁଷ୍ପ ଉଦ୍ୟାନ ଥିବା କଥା ଲୋକବିଶ୍ୱାସ ରହିଛି ।

ଯେଉଁଠାରେ ଷଣ୍ଢବଳଦ ନାମରେ ଏକ ପାହାଡ଼ ରହିଛି,ସେହିଠାରୁ କାଳିଞ୍ଜର ନଦୀ ପ୍ରବାହିତ ହୋଇଛି । ଲୋକ କଥାନୁଯାୟୀ ମହର୍ଷିଙ୍କ ଫୁଲବାଡ଼ରେ ଗୋଟିଏ ଷଣ୍ଢ ପଶି ସମସ୍ତ ଫୁଲ ନଷ୍ଟ କରିଦେବାରୁ ମହର୍ଷି କ୍ରୋଧିତ ହୋଇପଡ଼ିଥିଲେ । ସେ କ୍ରୋଧାନ୍ୱିତ ହୋଇ ଷଣ୍ଢର ମୁଣ୍ଡକୁ ଛିଣ୍ଡାଇ ଫୋପାଡ଼ିବାରୁ ଗୋନାସିକାରେ ପଡ଼ିଲା ତହିଁରୁ ଏକ ନଦୀ ଉତ୍ପନ୍ନ ହେଲା ଯାହାର ନାମ ଗୋନାସିକା ହୋଇଛି ବୋଲି ଲୋକବିଶ୍ୱାସ ରହିଛି । ଷଣ୍ଢର ଶରୀର ଫୁଲବାଡ଼ିଠାରେ ପଡ଼ି ରହି ତହିଁରୁ କାଳିଞ୍ଜର ନଦୀର ଉତ୍ପତ୍ତି ହୋଇଛି । ସୀତାଠାକୁରାଣୀଙ୍କ ଏନ୍ତୁଡ଼ିଶାଳର ଦକ୍ଷିଣ ପୂର୍ବରେ ଭଣ୍ଡାର ଘର ପର୍ଯ୍ୟନ୍ତ ପ୍ରାୟ ତିନି କିଲୋମିଟର ପର୍ଯ୍ୟନ୍ତ ଏକ ଭଗ୍ନ ପ୍ରାଚୀର ରହିଛି । ଯାହା ପୋଡ଼ା ପ୍ରାଚୀର ନାମରେ ନାମିତ କରାଯାଏ । ଏଠାରେ ଏକ ପ୍ରାଚୀନ ଗଡ଼ ଥିବାର ବିଶ୍ୱାସ କରାଯାଏ । ଯାହା ପୋଡ଼ାଗଡ଼ ନାମରେ ପରିଚିତ । ସବୁଠାରୁ ବଡ଼କଥା ହେଉଛି ସୀତାବିଞ୍ଜି ନିକଟରୁ ପ୍ରାଚୀନ କାଳର ବହୁ ବୃହତ ଆକାରର ଭଗ୍ନ ଇଟାମାନ ମିଳିଛି । ଇଟାର ଭଗ୍ନସ୍ତୁପକୁ ଲକ୍ଷ୍ୟ କଲେ ଏଠାରେ ଏକ ପ୍ରାଚୀନ ଗଡ଼ କିମ୍ବା ଦୁର୍ଗ ଥିବାର ଅନୁମାନ କରିହୁଏ । ଏଥି ସହିତ ଏଠାରୁ ପ୍ରାଚୀନ ପ୍ରସ୍ତର ଯୁଗର ଦୁର୍ଗ ଥିବାର ଅନୁମାନ କରିହୁଏ । ଏଥି ସହିତ ଏଠାରୁ ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର,ଲୌହ,ତାମ୍ର ନିର୍ମିତ ଅନେକ ଧ୍ୱଂସାବଶେଷ ମିଳିଛି ।

ସୀତାବିଞ୍ଜି ପାହାଡ଼ର ଅନତି ଦୂରରେ ଏକ ବିରାଟ ପ୍ରସ୍ତର ଖଣ୍ଡ ରହିଛି ଯାହାକୁ ଦେବୀ ସୀତାଙ୍କ ଭଣ୍ଡାର ଘର ବୋଲି କୁହାଯାଇଛି । ଆହୁରି ମଧ୍ୟ ଶୁଣିବାକୁ ମିଳେଯେ, ବାଲ୍ମୀକି ଆଶ୍ରମର ସମସ୍ତ ଧନରତ୍ନ ଏହି ଭଣ୍ଡାର ଘରେ ଗଚ୍ଛିତ ରହିଛି । ଭଣ୍ଡାର ଘରର ଦୁଇଟି କବାଟ ସଦୃଶ ଏହାକୁ ଢାଙ୍କି ରହିଛି । ଦେବୀ ସୀତାଙ୍କ ଏହି ଭଣ୍ଡାର ଘରର ଏହି ଦୁଇଟି ପ୍ରସ୍ତର କବାଟକୁ ଯାଉଁଳି କବାଟ ବୋଲି କୁହାଯାଏ । କବାଟ ଦୁଇଟିର ଉଚ୍ଚତା ୬୫ଫୁଟ । ଭଣ୍ଡାର ଘର ନିକଟରେ ଥିବା ଭଗ୍ନସ୍ତୁପକୁ ବାଲ୍ମୀକି ଆଶ୍ରମର 'ରନ୍ଧାଘର' ବୋଲି କୁହାଯାଏ । ସେହି ରନ୍ଧାଘରୁ ପ୍ରାଚୀନ ଯୁଗର ବହୁ ମୃତ୍ତିକା ପାତ୍ର ଓ ବାସନକୁସନ ମିଳିଛି । ସୀତାବିଞ୍ଜି ନିକଟରେ 'ଋଷିଗୁମ୍ଫା' ନାମରେ ଏକ ବୃହତ ପଥର ସ୍ତୁପ ରହିଛି । ପାଖାପାଖି ଚାରିପାଞ୍ଚ ଖଣ୍ଡ ବିଶାଳ ଗୋଲାକୃତି ପଥରର ସମାହାରରେ ଏହି ଗୁମ୍ଫା ସୃଷ୍ଟି ହୋଇଛି । ସେଠାରେ ବିଶ୍ରାମ ନେଲେ ସମସ୍ତ ପ୍ରକାର ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ନିକଟରେ ଇଟାରେ ନିର୍ମିତ ପ୍ରାଚୀନ ଗଡ଼ର ଏକ ଭଗ୍ନସ୍ତୁପ ମଧ୍ୟ ଅଛି । ସେହି ଇଟାର ବିଶେଷତ୍ୱ ହେଉଛି, ମାଟି ସହିତ ଧାନଚଷୁରେ ମିଶ୍ରଣରେ ପ୍ରସ୍ତୁତ ହେବାପରେ ପୋଡ଼ାଯାଇଛି । ସେଠାରେ ଅନେକ ଶିଳାଲିପି ଏଣେତେଣେ ପଡ଼ିରହିଛି ।

ସିତାବିଞ୍ଜି ଅଳ୍ପ ଦୂରରେ ଅବସ୍ଥିତ ଏକ ସ୍ଥାନକୁ ଘୋଡ଼ାବନ୍ଧା କୁହାଯାଏ । ଏଠାରେ ଲବ,କୁଶ ପ୍ରଭୁ ରାମଙ୍କ  ଯଜ୍ଞାଶ୍ୱ ବାନ୍ଧି ରଖିଥିବାର ଲୋକବିଶ୍ୱାସ ରହିଛି । ଲବ,କୁଶ ଯେଉଁଠାରେ ଘୋଡ଼ାର ମୁହଁରୁ ତୁଣ୍ଡି ଖୋଲି ଦେଇଥିଲେ ସେହି ସ୍ଥାନର ନାମ 'ତୁଣ୍ଡିବେଢ଼ା' ବା 'ଚଣ୍ଡିବେଢ଼ା' ହୋଇଛି । ଏହି ତୁଣ୍ଡିବେଢ଼ା ଗ୍ରାମରେ ସୀତାନଦୀ କୂଳରେ 'ଦିଗଧରା' ନାମରେ ଏକ ସ୍ଥାନ ରହିଛି । ପ୍ରବାଦ ଅଛି, ରାମଙ୍କ ଯଜ୍ଞ ଅଶ୍ୱକୁ ମୁକୁଳେଇବା ପାଇଁ ଶତ୍ରୁଘ୍ନ ଓ ଲବ,କୁଶଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ଏବଂ ଶତ୍ରୁଘ୍ନ ପରାସ୍ତ ହୋଇଥିଲେ । ସୀତାବିଞ୍ଜି ବାଲ୍ମୀକି ଆଶ୍ରମ ନିକଟରେ ଏକ ପାହାଡ଼ର ଶୀର୍ଷରେ ଏକ ବର୍ତ୍ତୁଳାକାର ପଥର ଆଶ୍ଚର୍ଯ୍ୟ ଜନକ ଭାବେ ସଂଯୋଗ ହୋଇ ରହିଛି । ଏହି ବର୍ତ୍ତୁଳାକାର ପଥରକୁ 'ଭରତ ବାଟୁଳି' କୁହାଯାଏ । ହନୁମାନ ଅଯୋଧ୍ୟାର ଆକାଶରେ ଉଡ଼ିଉଡ଼ି  ଯାଉଥିବା ବେଳେ ଏହି ପଥର ଗୁଳିକୁ ଭରତ ତାଙ୍କ ବାଟୁଳି ଖଡ଼ାରୁ ନିକ୍ଷେପ କରିଥିଲେ ବୋଲି ଶୁଣିବାକୁ ମିଳେ ।(୩)

ସୀତାବିଞ୍ଜି ନିକଟରେ ରହିଛି ପ୍ରସିଦ୍ଧ ରାବଣ ଛାୟା ପ୍ରାକୃତିକ ଆଶ୍ରୟ ସ୍ଥଳୀ । ଏହି ଆଶ୍ରୟସ୍ଥଳୀର ଛାତର ନିମ୍ନ ଭାଗରେ ଏକ ବିଶେଷ ଧରଣର ଚିତ୍ରାଙ୍କନ ରହିଛି,ଏହି ଚିତ୍ରାଙ୍କନ ହିଁ ସୀତାବିଞ୍ଜିର ଅନ୍ୟତମ ଆକର୍ଷଣ । ଗୋଟିଏ ବିଶାଳକାୟ ପ୍ରସ୍ତର ଖଣ୍ଡର ୨୨ଫୁଟ ଉପରେ ଅନ୍ୟ ଏକ ପଥର ରହି ଏକ ଆଶ୍ରୟସ୍ଥଳୀ ସଦୃଶ କୋଠରୀଟିଏ ସୃଷ୍ଟି ହୋଇଛି । ଯାହା ପ୍ରାକୃତିକ ଉପାୟରେ ହୋଇଛି । ଆଶ୍ରୟସ୍ଥଳୀର ଛାତର ନିମ୍ନ ଭାଗରେ ଏକ ରାଜକୀୟ ଯୁଦ୍ଧ ବିଜୟ ଯାତ୍ରାର ଚିତ୍ରାଙ୍କନ ମଧ୍ୟ ରହିଛି । ଚିତ୍ରଟିରେ ଜଣେ ରାଜା ହସ୍ତୀ ଉପରେ ବସି ହାତରେ ଅସ୍ତ୍ରଶସ୍ତ୍ର ଧରି ଯାତ୍ରା କରୁଥିବା ଦର୍ଶାଯାଇଛି । ହୁଏତ ଏହା ରାଜାଙ୍କର ଯୁଦ୍ଧରେ ବିଜୟୀ ହେବା ପରର ଦୃଶ୍ୟ କିମ୍ବା ଯୁଦ୍ଧ କ୍ଷେତ୍ରକୁ ଯାତ୍ରା କରିବା ବେଳର ମୁହୂର୍ତ୍ତ । ଏହା ସହିତ ରାଜାଙ୍କର ପଛପଟକୁ ଜଣେ ଅନୁଚର ହାତରେ ଚାମର ଓ ଛତ୍ର ଧରିଥିବାର ଚିତ୍ର ରହିଛି ।

## ମିରିଗ ଶିଙ୍ଗା :

ରାମ,ଲକ୍ଷ୍ମଣ ଓ ସୀତା ବନବାସ ଜୀବନ ଅତିବାହିତ କରୁଥିବା ବେଳେ ସୀତାଙ୍କ ସ୍ୱର୍ଣ୍ଣ ମୃଗ ଦେଖି ଲୋଭାସକ୍ତ ହୋଇ ରାମଚନ୍ଦ୍ରଙ୍କୁ ଧରି ଆଣି ଦେବା ପାଇଁ କହିଥିଲେ । ରାମ ଅନୁଧାବନ କରି ମୃଗ

ମାରିଥିଲେ । ଏହି ମୃଗ ମାରିଥିବାର ଚିତ୍ର ମିରିଗ ସିଙ୍ଗା ଠାରେ ରହିଛି । ଯେତେବେଳେ ରାମ ମାରିଚ ଅସୁରକୁ /ସ୍ୱର୍ଣ୍ଣ ମୃଗକୁ ଶର ନିକ୍ଷେପ କରୁଛନ୍ତି ସେ ଆଣ୍ଠୁମାଡ଼ି ତୀର ମାରୁଥିବା ସମୟରେ ତାଙ୍କ ପାଦ ଓ ଆଣ୍ଠୁ ଯେପରି ଥିଲା ସେହି ଚିହ୍ନ ମିରିଗ ସିଙ୍ଗାରେ ରହିଛି । କେନ୍ଦୁଝରର ଜଙ୍ଗଲମାନଙ୍କରେ ଏବେ ମଧ୍ୟ ହରିଣ ରହିଥିବାର ଦେଖିବାକୁ ମିଳୁଛି । ସେ ସମୟରେ ନିଘଞ୍ଚ ଜଙ୍ଗଲ ରହିଥିବାରୁ ଅନେକ ମୃଗ ରହିଥିବାର ମନେହୁଏ । ରାମ ଯେଉଁ ଶର ମାଧ୍ୟମରେ ମୃଗକୁ ମାରିଥିଲେ ସେହି ଶରକୁ ଧୋଇଥିବା ସ୍ଥାନରେ ଏବେ ମଧ୍ୟ ପାଣି ଲାଲ ଦେଖାଯାଏ । ସେ ପାଣି କେବେ ନୀଳବର୍ଣ୍ଣ ଧାରଣ କରେନାହିଁ ସବୁବେଳେ ଲୋହିତ ବର୍ଣ୍ଣ ରହିଛି । ଏପରିକି ଯୋଡ଼ା, ବଡ଼ବିଲ ଅଞ୍ଚଳର ପର୍ବତମାନଙ୍କରେ ମୃଗ ରକ୍ତ ପଡ଼ିଥିବାରୁ ଏବେ ମଧ୍ୟ ସେହି ପାହାଡ଼ର ମାଟିର ରଙ୍ଗ ଲାଲ ହୋଇ ରହିଛି । ଏହି ମିରିଗସିଙ୍ଗା ଠାରେ ରାମ ମାରିଚକୁ ବଧ କରିବା ସମୟରେ ରାବଣ ସୀତାଙ୍କୁ ଯେଉଁଠାରୁ ଚୋରେଇ ନେଇଥିଲା ସେହି ସ୍ଥାନରେ ରାବଣର ଛାଇ ପଡ଼ିଥିବାରୁ ତା ନାମକରଣ ହୋଇଛି ରାବଣ ଛାୟା । କେନ୍ଦୁଝରର ରାମଚନ୍ଦ୍ରପୁର ଗାଁ ନିକଟ ପାହାଡ଼ରେ ଥିବା ସମୟରେ ହିଁ ରାବଣ ସୀତାଙ୍କୁ ଚୋରେଇ ନେଇଥିଲେ ।

## ରଘୁନାଥ ପୁର :

ଏହି ଗାଁଟିର ନାମ ପ୍ରଭୁ ରାମଚନ୍ଦ୍ରଙ୍କ ନାମାନୁସାରେ ନାମିତ । ଏଠାରେ ରାମଲକ୍ଷ୍ମଣ ଦୁଇଜଣଙ୍କ ମୂର୍ତ୍ତି ପୂଜା ହୋଇ ଆସୁଛି । କାରଣ ଏଠାକାର କିମ୍ବଦନ୍ତୀ କହେ ଯେ, ବିଶ୍ୱାମିତ୍ରଙ୍କ ତପସ୍ୟାକୁ ରାକ୍ଷସଗଣ ବାରମ୍ବାର ଭାଙ୍ଗିବା ପରେ ସେ ଦଶରଥଙ୍କୁ କହି ରାମ ଲକ୍ଷ୍ମଣଙ୍କୁ ଆଣିଥିଲେ । ସେମାନେ ରାକ୍ଷସମାନଙ୍କୁ ନିହତ କରିବା ପରେ ଦୁଇଜଣ ହୋଇ ଫେରିଥିବାରୁ ତାଙ୍କ ନାମକୁ ନେଇ ସେହି ସ୍ଥାନର ନାମ ହୋଇଛି ରଘୁନାଥ ପୁର । ଆହୁରି ମଧ୍ୟ ଜଣାପଡ଼େ ଯେ କେନ୍ଦୁଝରର ଜଙ୍ଗଲ ମାନଙ୍କରେ ବନବାସ ଜୀବନ ଅତିବାହିତ କରୁଥିବା ବେଳେ ରାବଣ ସୀତାଙ୍କୁ ଚୋରାଇ ନେବା ପରେ ସେମାନେ ଅନେକ ସ୍ଥାନରେ ସୀତାଙ୍କୁ ଖୋଜି ବୁଲିଛନ୍ତି । ଏଣୁ ହୁଏତ ଏହି ସମୟରେ ବୁଲୁଥିବାର ଚିତ୍ର ବୋଲି ମଧ୍ୟ ବିଶ୍ୱାସ କରାଯାଏ । (୪)

## କେନ୍ଦୁଝରର ଲୋକ ସଂସ୍କୃତିରେ ରାମ :

ଭୂୟାଁ ଆଦିବାସୀ ଅତି ପୁରାତନ ଆଦିବାସୀମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ଆଦିବାସୀମାନେ କେନ୍ଦୁଝରର ମୂଳ ଅଧିବାସୀ ଭାବରେ ଗ୍ରହଣ କରାଯାଏ,ଯେହେତୁ ରାମ ବନବାସ ସମୟରେ ଏଠାରେ ଥିବାର ଅନୁମାନ କରାଯାଏ । ତେଣୁ ଏହି ଆଦିବାସୀମାନଙ୍କ ସଂସ୍କୃତି ଉପରେ ମଧ୍ୟ ପ୍ରଭାବ ପକାଇଛି । ତାଙ୍କର ନାଚ ଥିଲା ଚାଙ୍ଗୁ । ଏହି ନାଚରେ ଭେଣ୍ଡିଆମାନେ ଗୀତ ଗାଉଥିଲେ ଓ ବେଳେବେଳେ ନିଜର ଅଙ୍ଗଭଙ୍ଗୀ କରି ନାଚୁଥିଲେ । ଧାଙ୍ଗଡ଼ିମାନେ କେବଳ ନାଚ କରୁଥିଲେ । ଗୀତଗୁଡ଼ିକ ବିଭିନ୍ନ ସ୍ୱରରେ ଗାନ କରୁଥିଲେ । ଚାଙ୍ଗୁଗୀତ ଆରମ୍ଭରେ ମଙ୍ଗଳାଚରଣରେ ବିଭିନ୍ନ ଦେବ ଦେବୀଙ୍କର ପ୍ରାର୍ଥନା କରାଯାଉଥିଲା । ରାମଙ୍କୁ ନେଇ ତାଙ୍କ ଗୀତରେ ଦେଖାଯାଏ ଯେ–

"ହରି ନାମ୍ ବଲ୍ ଶିରୀ ରାମ୍ ରାମ୍
ଶୀତଳ ବଉଲ୍ ମୂଳେ ଦଣ୍ଡେ ବିଶିରାମ ।
ମୁଇଁ ତୋକେ କିସ୍ ବଇଲିରେ
ଉଠ୍ କଥା ମଲ୍ଲି ଫୁଲ୍ ପିନ୍ଧ୍ ବଇଲିରେ ।"(୫)

ଚାଙ୍ଗୁ ଗୀତର ଆରମ୍ଭରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କୁ ସ୍ମରଣ କରାଯାଇ ସେ ଶ୍ରୀ ରାମଚନ୍ଦ୍ର ବକୁଳ ଗଛର ଶୀତଳ ଛାୟାରେ କିଛି ସମୟ ବିଶ୍ରାମ ନେଇଥିବାର କୁହାଯାଏ । ଭୂୟାଁ ଯୁବକ ଯୁବତୀମାନେ ଗାଁର ଆଖଡ଼ାଘରେ ରହନ୍ତି । ଯୁବକମାନଙ୍କ ପାଇଁ ଗୋଟିଏ ମଣ୍ଡଘର ହୋଇଥିବା ବେଳେ ଟିକିଏ ଦୂରରେ ଯୁବତୀମାନଙ୍କ ଲାଗି ଆଉ ଗୋଟିଏ ମଣ୍ଡଘର ହୋଇଥାଏ । ପାଖରେ ଜଣେ ଜଣେ ବୟସ୍କ / ବୟସ୍କା ବ୍ୟକ୍ତି ରହନ୍ତି । ସେମାନଙ୍କ ମଧ୍ୟରେ ଅନେକ ସମୟରେ ପ୍ରଶ୍ନଉତ୍ତରର ଗୀତ ଚାଲେ । ଏପରିକି ସେଥିରେ ଜଣେ ହାରିଗଲେ ଅନ୍ୟଜଣକର ବଶ୍ୟତା ସ୍ୱୀକାର କରେ । ଯୁବକଟି ଯେତେବେଳେ ହାରିଯାଏ ଯୁବତୀଟି ତାକୁ କହେ–

"ରାମ୍ ଲକ୍ଷ୍ମଣ୍ ଦୁଇଗୋଟି ଭାଇ
ଭିକ୍ ମାଗ୍‌କେ ଗଲେ ସିଂହଦ୍ୱାର ଯାଇ
ଭିକ୍ ମୁଠେ ନାଇଁ ପାଇଲେ ରାମ୍ ଲକ୍ଷ୍ମଣ
ଉଠ୍‌ଲେ ଲଜ୍ଜା ପାଇରେ "(୬)

ପ୍ରଭୁ ଶ୍ରୀରାମଚନ୍ଦ୍ର ଥିଲେ ଜଣେ ସରଳ ନିଷ୍କାପଟ ବ୍ୟକ୍ତି । କେନ୍ଦୁଝରର ଲୋକମାନେ ମଧ୍ୟ ଠିକ ସେହିପରି ସରଳ ବିଶ୍ୱାସୀ । ଏଠାରେ ରାମଙ୍କୁ ନେଇ ଅନେକ ପ୍ରକାର ନାମକରଣ ଦେଖାଯାଏ । ରାମଙ୍କ ନାମାନୁସାରେ କେଉଁଠି ଗ୍ରାମର ନାମ ରାମଚନ୍ଦ୍ରପୁର ତ ପୁଣି କେଉଁଠି ବ୍ୟକ୍ତିଙ୍କ ନାମ ରାମ, ରାମୁ, ରାମଚନ୍ଦ୍ର, ରାମନାଥ ଆଦି ରଖିଥାନ୍ତି । ଏଠାକାର ଲୋକମାନେ

ରାମଙ୍କ ଗୁଣକୁ ଅନୁସରଣ କରି ବଞ୍ଚିବାକୁ ଚେଷ୍ଟା କରିଥାନ୍ତି। ସେମାନଙ୍କ ସଂସ୍କୃତିରେ ରାମଙ୍କ ନାମ ରହିଥିବାର ଦେଖାଯାଏ। ପ୍ରାଚୀନ ଯୁଗରୁ ବର୍ତ୍ତମାନ ଯାଏ ଅନେକ କବି ଲେଖକ ମଧ୍ୟ ରାମାୟଣ ପ୍ରସଙ୍ଗ ନେଇ ରଚନା କରିଛନ୍ତି ସାହିତ୍ୟ। ଗୋବିନ୍ଦ ଭଞ୍ଜଙ୍କ 'ରାମକଥା',ଜଗତେଶ୍ୱର ଭଞ୍ଜଙ୍କ 'ମନ୍ଦୋଦରୀ କୋଇଲି' , ଦାମୋଦର ମିଶ୍ରଙ୍କ 'ଗନ୍ଧମାର୍ଦ୍ଦନ ଶତକ' ,ବାବାଜୀ ପାଢୀଙ୍କର 'ରାମଚରିତ ମାନସ' ଆଦି ପ୍ରମୁଖ।

କେନ୍ଦୁଝରର ଲୋକମାନଙ୍କର ଜୀବନ ଧାରଣର ମାଧ୍ୟମ ହେଉଛି ଚାଷ ସହିତ ବନ ଜଙ୍ଗଲରୁ କାଠ ପତ୍ର,ଲାଖ,ମହୁ,ଧୂଣା ସଂଗ୍ରହ କରି ହାଟରେ ବିକ୍ରି କରି ଚଳିଥାନ୍ତି। ନିଜର ଜମି ନଥିବା ହେତୁ ସେମାନେ ଚାଷ ସମୟରେ ବାହାରକୁ ଯାଇ ମୂଲିଆ / ମୂଲିଆଣୀ କାମକରି କିଛି କିଛି ରୋଜଗାର କରି ଫେରନ୍ତି। ଗ୍ରାମର ମୁଖ୍ୟାମାନଙ୍କ ଅଧିକ ଜମିଥିବା ହେତୁ ସେମାନଙ୍କୁ ସାହୁକାର କହନ୍ତି। ଯେତେବେଳେ ଡାକୁଥିବା ମୂଲିଆଣୀ ଠାରୁ ଅଧିକ ଆସନ୍ତି ଏହି ସମୟରେ ମାଲିକଟିର ବୁଦ୍ଧିବଣା ହୋଇଯାଏ। ତେଣୁ ମାଲିକଟି କହେ-

" ଆଇଲେ ରୁଆଳି କି କରିବା ଭାଇ
ରାମବାନ୍ଧେ ହଳ ଲକ୍ଷ୍ମଣ ବାନ୍ଧୋଇ ମହି
ତଳି ଖେଳା ଭାଇ ଭରତ
ଲକ୍ଷ୍ମଣ ନେବେ ରୁଇ।"(୭)

କେନ୍ଦୁଝର ଜିଲ୍ଲାର କୁଡୁମି ମାନଙ୍କ ଏକ ନିଜସ୍ୱ ସଂସ୍କୃତି ରହିଛି। ତାଙ୍କ ସଂସ୍କୃତିରେ ମଧ୍ୟ ଅନେକ କ୍ଷେତ୍ରରେ ରାମଙ୍କ ପ୍ରସଙ୍ଗ ଅବତାରଣା ହୋଇଥାଏ। ତାଙ୍କର ଏକ ପର୍ବ ଟୁସୁ,ସେଥିରେ ସେମାନେ ଯେଉଁ ସଙ୍ଗୀତ ଗାନ କରିଥାନ୍ତି ତାହା ହେଉଛି-

"ଅଯୋଧ୍ୟାର୍ ରାମ୍ ନାଭିଲ୍
ଅଯୋଧ୍ୟା ଶୂନ୍ୟ ହୋଇଲ।
କି କହିଲ କୈକେୟୀ ରାନୀ
ରାମକେ ବନବାସ ଦିଲି।
ତୁଇଁ କିରେ ରାମ୍ ବନେ ଯାଛି
ହାତେଲେରେ ଧନୁର୍ ବାନ୍।"(୮)

ପ୍ରଭୁ ରାମଚନ୍ଦ୍ରଙ୍କୁ ଯେତେବେଳେ କୈକେୟୀ ବନବାସ ପଠାଉଛନ୍ତି ତାଙ୍କ ଦୁଃଖକୁ ମନେ ପକାଇ ମାତା କୈଶଲ୍ୟା କାନ୍ଦି ପକାଇଥିଲେ। ରାମଙ୍କ ବିନା ଅଯୋଧ୍ୟା ଶୂନ୍ୟ ମନେ ହୋଇଛି। ତାହାହିଁ ଏଠାରେ ବର୍ଣ୍ଣନା ରହିଛି। ଝୁମର ନାଚ ଗୀତରେ ଯେତେବେଳେ ମସଗୁଲ ହୋଇଯାନ୍ତି ସେତେବେଳେ ମଧ୍ୟ ରାମ,ଲକ୍ଷ୍ମଣ ଓ ସୀତା ଯାଉଥିବା ଦୃଶ୍ୟକୁ ସୁନ୍ଦର ଭାବରେ ଗାନ କରିଥାନ୍ତି।

"ରାମ୍ ଯାଛେନ୍ ବନବାସ୍ ସଂସାର୍ ଛାଡ଼ି
ଆଗୁଇ ଆଗୁଇ ରାମ୍ ଯାଛନେ୍
ତାଙ୍କର୍ ପେଛୁ ଲଛମନ୍
ମଧ୍ୟେ ସୀତା ସୁନ୍ଦରୀ।
ଚଲେନ୍ ଧୀରେ ଧୀରେ
ଉପରେ ସୁରୁଜର ଆଲ
ତଲେ ତତଲା ବାଲି।"(୯)

ରାମ ଅଯୋଧ୍ୟା ଛାଡ଼ି ବଣକୁ ଯାଉଥିବା ବେଳେ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଛି ତାକୁ ଏମାନେ ସେହି ଅନୁସାରେ ସଜାଇ ରଖିଛନ୍ତି। ରାମ ସଂସାର ଛାଡ଼ି ଦେଇ ଏବେ ବଣକୁ ଯାଉଛନ୍ତି ଆଗରେ ରାମ,ପଛରେ ଲକ୍ଷ୍ମଣ ଓ ମଝିରେ ସୀତା ସୁନ୍ଦରୀ ଖୁବ୍ ଧୀରେ ଧୀରେ ଚାଲୁଛନ୍ତି। ଉପରର ସୂର୍ଯ୍ୟ କିରଣ ପଡ଼ି କଷ୍ଟ ହେଉଥିବା ବେଳେ ତଳେ ତତଲା ବାଲି ଆହୁରି ଅଧିକ କଷ୍ଟ ଦେଇଛି। ରାଜକୀୟ ପରିବାରରେ ଜନ୍ମଗ୍ରହଣ କରି ସାଧାରଣ ମଣିଷ ପରି କଷ୍ଟ ସହୁଥିବା କଥାକୁ ସେମାନେ ବର୍ଣ୍ଣନା କରିଛନ୍ତି। ଭାଇଟିଏ ଭାଇ ପାଖରୁ ଯେଉଁ ଭଲ ପାଇବା ପାଇଥାଏ ତାହା ଅନ୍ୟ କୈଣସି ବ୍ୟକ୍ତି ପାଖରୁ ପାଇପାରେନା। ତେଣୁ ସେ ସ୍ତ୍ରୀ ଅପେକ୍ଷା ଭାଇ ଅଧିକ ଭଲ ପାଇବା ଚିତ୍ର ଦେଖାଇଛନ୍ତି। ସେ ଗାଇ ଉଠିଛି-

"ସୀତା ମଲେ ସୀତା ପାବ
ଭାଇ ମଲେ କୁଥା ପାବ।
ଯାଅ ହନୁ ଯାଅ ହନୁ ଗନ୍ଧମାର୍ଦ୍ଦନ
ଔଷଧ୍ ନାଁ ଆନ୍‌ଲେ ନାଁ ବଞ୍ଚେ ଲଛମନ୍ ।
ସୁରୁଜ ଉଦୟ ହେଲେ ନାଁ ବଞ୍ଚେ ଲଛମନ୍
ସେହୁ ଯେ ଔଷଧ ଆଛେ ଗନ୍ଧମାର୍ଦ୍ଦନ୍।"(୧୦)

ଝିଅଟିଏ ବାପ ଘର ଛାଡ଼ି ଶ୍ୱଶୁର ଘର ଗଲାବେଳେ ଯେଉଁ ଚିତ୍ର ରହିଛି ତାହା କୁଡୁମି ମାନଙ୍କ ନାଚ ଗୀତରେ କିଭଳି ପ୍ରତିଫଳିତ ହୋଇଥାଏ ତାର ମଧ୍ୟ ସୁନ୍ଦର ଗୀତ ରହିଛି।

"କାକର ବେଟା ହେକେ ରାମ ଲଛମନ
କାକର ଶାଇଁପେ ବନବାସ,

ଦଶରଥ ବେଟା ହେକେ ରାମ ଲଛମନ
କୈକେୟୀ ଶାଇଁପେ ବନବାସ।"(୧୧)

## ଉପସଂହାର :

ବନପର୍ବତ ଘେରା କେନ୍ଦୁଝରରେ ରାମଚନ୍ଦ୍ର ବନବାସ ଜୀବନ ଅତିବାହିତ ଠାରୁ ମାରିଚ ଅସୁର ବଧ,ବୈତରଣୀ ନଦୀରେ ସ୍ନାନ କରି ମହାଦେବ ଦର୍ଶନ ପର୍ଯ୍ୟନ୍ତ ସବୁ ସୂଚେଇ ଦିଏ ଯେ,ଏହି ପର୍ବତମାନଙ୍କରେ ରାମଚନ୍ଦ୍ର ରହିଥିଲେ। ଲଙ୍କାରୁ ରାବଣକୁ ମାରି ସୀତାଙ୍କୁ ଆଣି ରାଜ୍ୟ ଶାସନ ସମୟରେ ସୀତାଙ୍କୁ ବନକୁ ପଠାଇ ଲବକୁଶ ଜନ୍ମ,ଅଶ୍ୱମେଧ ଯଜ୍ଞ ନିମନ୍ତେ ଘୋଡ଼ା ଛାଡ଼ିଥିବା ଚିତ୍ର ପ୍ରମାଣିତ କରିଦିଏ ଯେ ଏହା ରାମଙ୍କ ଅତ୍ୟନ୍ତ ପ୍ରିୟ ସ୍ଥାନ ଥିଲା। ରାମରାଜ୍ୟରେ ରହିଥିବା ଧନସମ୍ପତ୍ତି ଏଠାରେ ଆଜି ପର୍ବତମାନଙ୍କରେ ଗଚ୍ଛିତ ହୋଇ ରହିଛି। ଏଠାକାର ଲୋକମାନଙ୍କୁ ମଧ୍ୟ ରାମଙ୍କ ଆଦର୍ଶ ପ୍ରଭାବ ପକାଇ ପାରିଛି। ଏଣୁ କେନ୍ଦୁଝରରେ ରାମଙ୍କ ଅନେକ ଗାଥା ରହିଥିବାର ପ୍ରମାଣ ମିଳେ।

## ସହାୟକ ଗ୍ରନ୍ଥସୂଚୀ :


୧. ପ୍ରଧାନ ରଞ୍ଜନ,ଐତିହ୍ୟ,ସଂସ୍କୃତ ଓ ପର୍ଯ୍ୟଟନ: କେନ୍ଦୁଝର, ପୃଷ୍ଠା-୧୪୯
୨. ତତ୍ରୈବ,ପୃଷ୍ଠା-୫୯
୩. ତତ୍ରୈବ,ପୃଷ୍ଠା-୬୫
୪. ତତ୍ରୈବ,ପୃଷ୍ଠା-୧୭୮
୫. ଚକ୍ରବର୍ତ୍ତୀ ରମେଶ ଚନ୍ଦ୍ର, କେନ୍ଦୁଝରର ମାଟି ମଣିଷ, ଶ୍ରଦ୍ଧା ପବ୍ଲିକେଶନ, ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
୬. ଦାଶ କୁଞ୍ଜ ବିହାରୀ,ପଲ୍ଲୀପୁଷ୍ପ ପୃଷ୍ଠା-୭୧
୭. ତତ୍ରୈବ,ପୃଷ୍ଠା-୭୮
୮. ମହାନ୍ତ ବୈରାଗୀ ଚରଣ, ତେଲକୋଇ,କେନ୍ଦୁଝର, ଓଡିଶା-୭୫୮୦୭୬।
୯. ତତ୍ରୈବ
୧୦.ତତ୍ରୈବ
୧୧.ତତ୍ରୈବ


❖ ❖ ❖

DOI : https://doi.org/10.5281/zenodo.18186245

ମୂଳ ପ୍ରବନ୍ଧ

# "ଜେଜେମା' ଚାଲିଗଲା : ଏକ ସମୀକ୍ଷାତ୍ମକ ଦୃଷ୍ଟି'

**ସ୍ନେହପ୍ରଭା ଲେଙ୍କା**

**ସଂକ୍ଷିପ୍ତସାର :**

ଦୁଃଖ-କଷ୍ଟ କ'ଣ ଜାଣିନଥିବା ଗୋଟେ ସରଳ ଝିଅ ଶିଉଳି, ବିବାହ ପରେ ତା ଜୀବନରେ ଛୋଟ ଛୋଟ ବ୍ୟଥାଗୁଡ଼ିକ ସ୍ଥାନପାଇଛି ଉପନ୍ୟାସିକାରେ । ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଶିଉଳି ସହିତ ତା ଜେଜେମା' ଛାଇପରି ରହିଛି । ଉପନ୍ୟାସିକା ପଢ଼ିଲା ବେଳେ ମନେହେବ ଶିଉଳି ଏବଂ ତାର ଜେଜେମା' ଚରିତ୍ର ଯେପରି କାହାଣୀର ଶରୀର ଓ ଆତ୍ମା ସଦୃଶ ତୁଳନୀୟ । ପିଲାଟି ବେଳୁ ଯେଉଁ ଜେଜେମା'ର ଆକଟ, ଆଦର ଓ ସ୍ନେହ ପାଇ ଶିଉଳି ବଢ଼ିଆସିଥିଲା, ବିବାହ ପରେ ମଧ୍ୟ ଜେଜେମା'ର ସହଯୋଗ - ସହାୟତା ଏବଂ ସାହସ ଜୀବନ ଯୁଦ୍ଧରେ ବିଜୟୀ ହେବାରେ ଆତ୍ମବିଶ୍ୱାସ ଭରି ଦେଇଛି । ଶିଉଳି ପାଠପଢ଼ି ବଡ଼ ଡାକ୍ତର ହୋଇଛି ସତ, ଜେଜେମା'ଙ୍କ ସ୍ୱପ୍ନକୁ ସାକାର କରିଛି ସତ କିନ୍ତୁ ଏ ସୁଖର ମୁହୂର୍ତ୍ତ ଦେଖିବାକୁ ଜେଜେମା ଆଉ ତା' ପାଖରେ ନାହିଁ । ତାଙ୍କ ମୃତ୍ୟୁ ଶିଉଳିକୁ ଯେଉଁ ଗଭୀର କଷ୍ଟ ଦେଇଛି, ତାହାର ଏକ ସୁନ୍ଦର କାହାଣୀ ହେଉଛି 'ଜେଜେମା ଚାଲିଗଲା ।'

**ପ୍ରମୁଖ ଶବ୍ଦାବଳୀ:**

କସ୍ତୁରୀ : ମୃଗନାଭି, ମୃଗଠାରୁ ସୃଷ୍ଟ ସୁଗନ୍ଧ, କଚାଘର : ମାଟିଘର, ବିଭୂତି : ଭସ୍ମ, ପାଉଁଶ, ହୁଲି ଡଙ୍ଗା : ଛୋଟ ନଉକା, ଆପ୍ଲୁତ : ଜଳପ୍ଲାବିତ, ଜଳସିକ୍ତ, ଅହର୍ନିଶି : ଦିନରାତି ।

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଉପନ୍ୟାସ ହେଉଛି ଏକ ସମୃଦ୍ଧ ଓ ଅନ୍ୟତମ ଶ୍ରେଷ୍ଠ ଗଦ୍ୟକଳା ବିଭାଗ । ଯେଉଁଥିରେ ସାଂପ୍ରତିକ ସମୟର ବହୁବିଧ ଘଟଣା - ଦୁଃର୍ଘଟଣାର ଚିତ୍ର ପ୍ରତିଫଳିତ ହୋଇଥାଏ । ଆଜି ଉପନ୍ୟାସର ମର୍ଯ୍ୟାଦା ଏତେ ସାହିତ୍ୟ କ୍ଷେତ୍ରରେ ବଢ଼ିଯାଇଛି ଯେ, ଏକ ଗଣଧର୍ମୀ ସାହିତ୍ୟିକ କଳା ଭାବରେ ପାଠକ ସମାଜରେ ଗୁରୁତ୍ୱ ଲାଭ କରୁଛି । ଉପନ୍ୟାସର ସୀମା ଜୀବନର ସୁବିସ୍ତୃତ ଇଲାକାକୁ ନେଇ ପରିବ୍ୟାପ୍ତ ସେଥିମଧ୍ୟରୁ ଉପନ୍ୟାସକୁ ଆଧୁନିକ ଯୁଗର ଜୀବନବୋଧ ବୋଲି ଆଖ୍ୟାୟିତ କରାଗଲାଣି ।

ଓଡ଼ିଆ ଉପନ୍ୟାସ ଶୈଳୀ ସୃଷ୍ଟି ହୁଏ ଉନବିଂଶ ଶତାବ୍ଦୀର ଶେଷ ଭାଗରେ । ଫକୀରମୋହନ ସେନାପତି ଓଡ଼ିଆ ଉପନ୍ୟାସର ଜନ୍ମଦାତାର ଯଥାର୍ଥ ସମ୍ମାନ ଲାଭ କରନ୍ତି । ତାଙ୍କ ଔପନ୍ୟାସିକ ଶୈଳୀ ପରବର୍ତ୍ତୀ ଓଡ଼ିଆ ଔପନ୍ୟାସିକମାନଙ୍କୁ ପ୍ରଭାବିତ କରିଛି । ବିଶ୍ୱ ଉପନ୍ୟାସ ଧାରା ସହିତ ଓଡ଼ିଆ ଉପନ୍ୟାସ ସମତାଳରେ ଗତି କରି ଆସିଛି, କେବଳ ଫକୀରମୋହନ, ଗୋପୀନାଥ, ସୁରେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥଙ୍କ ପରି ଔପନ୍ୟାସିକଙ୍କ ପାଇଁ ସ୍ଥୁଳତଃ ଲକ୍ଷ୍ୟକଲେ ଜଣାଯିବ ଯେ ଉନବିଂଶ ଶତାବ୍ଦୀର

**ଯୋଗାଯୋଗ : ସ୍ନେହପ୍ରଭା ଲେଙ୍କା**, ଗବେଷିକା,
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
**E mail :** snehaprava2020@gmail.com
**Orcid Id :** https://orcid.org/0009-0000-8090-711X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୦୯.୨୦୨୫ | ୧୩.୧୦.୨୦୨୫ | ୨୬.୧୧.୨୦୨୫ | ୧.୧୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଲେଙ୍କା, ସ୍ନେହପ୍ରଭା; ୨୦୨୫ । "ଜେଜେମା' ଚାଲିଗଲା : ଏକ ସମୀକ୍ଷାତ୍ମକ ଦୃଷ୍ଟି' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ୯, ପୃଷ୍ଠା :୬୧-୬୫ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18186245

Article No - BPPP00371

ଉପନ୍ୟାସ କଳା ତୁଳନାରେ ବିଂଶ ଶତାବ୍ଦୀର ଉପନ୍ୟାସ କଳାରେ ଅନେକ ପରିବର୍ତ୍ତନ ଘଟିଛି । ପୁନଶ୍ଚ ଏକବିଂଶ ଶତାବ୍ଦୀର ଉପନ୍ୟାସ କାବ୍ୟ, ପୁରାଣ, ନାଟକରେ ଯାହା ହଜାର ହଜାର ବର୍ଷଧରି ପ୍ରକାଶ ପାଇପାରିନଥିଲା, ତାହା ପ୍ରକାଶିତ ହୋଇ ପାଠକମାନଙ୍କୁ ଆକୃଷ୍ଟ କରି ରଖିପାରିଛି । ଏଇ କାଳ ଖଣ୍ଡର ଜଣେ ନାରୀବାଦୀ ଲେଖିକା ସୁଲୋଚନା ଦାସଙ୍କ ଉପନ୍ୟାସର ବିଶେଷତ୍ୱ ଓ ପ୍ରସିଦ୍ଧି ଢ଼େଇ ଅଧିକ ରହିଛି । ଲେଖିକାଙ୍କ ଦ୍ୱାରା ପ୍ରକାଶିତ 'ଭଙ୍ଗ କଣ୍ଢେଇର କାହାଣୀ' ପୁସ୍ତକରେ ସ୍ଥାନିତ ଛୋଟ ଉପନ୍ୟାସଟିର ନାଁ ହେଉଛି, 'ଜେଜେମା ଚାଲିଗଲା' । ଉପନ୍ୟାସର ଆକାର ଦୃଷ୍ଟିରୁ ଏହାକୁ ଉପନ୍ୟାସିକା କୁହାଯାଇପାରେ । ଯାହାର ଭାବସାର ବେଶ୍ ସମୃଦ୍ଧ ଓ ମନୋଜ୍ଞ । ଲେଖିକା ନିଜେ ଏହାକୁ ଉପନ୍ୟାସିକା ସ୍ୱୀକାର କରିଥିବାରୁ ମୁଁ ମୋର ଆଲୋଚନାରେ 'ଜେଜେମା' ଚାଲିଗଲା' ସୃଷ୍ଟିଟିକୁ ଉପନ୍ୟାସିକା ହିଁ କହିବି । ଆଉ ଏଥିରେ ସ୍ଥାନିତ ସୁନ୍ଦର କାହାଣୀଟିକୁ ଅନୁଭବ ଓ ଅନୁଭୂତିଏକ ସାର୍ଥକ ଅଭିଲିପି କହିବି । ଯାହା ପ୍ରତ୍ୟେକଟି ପାଠକ ପ୍ରାଣକୁ ଚଲ୍ଲିନ ଓ ଆବେଗ ସିକ୍ତ କରି ଦେଇଛି । କାହାଣୀ ଆରମ୍ଭରେ ଲେଖିକା 'ନିଜକଥା' ମାଧ୍ୟମରେ ଠିକ୍ ସେଇକଥା ହିଁ କୁହନ୍ତି । ଯାହା ତାଙ୍କ ସୃଷ୍ଟି ସର୍ଜନାର ମୂଳ କେନ୍ଦ୍ରବିନ୍ଦୁ ସାଜିଅଛି ।

"ମୁହଁଟିଏ ଅଛି ତ ତା' ପଛରେ ରହିଛି କାହାଣୀଟିଏ । ସେ କାହାଣୀର ଥାଏ ନିଜସ୍ୱ ରକ୍ତସ୍ୱେଦ, ଅଶ୍ରୁ, ଆନନ୍ଦର ଅନନ୍ୟ ଅନୁଭବ । ଜଗତ ଦେଖୁ ବା ନ ଦେଖୁ ଛାୟା ପରି ଗତିଶୀଳ ହେଉଥାଏ ଜୀବନ ସହିତ ତାର ନିଜସ୍ୱ ପ୍ରୋଗୋଚ୍ଛ୍ୱାସକୁ ବହନ କରି । ଏ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡରେ ଛପି ରହିଛନ୍ତି ଏମିତି ଅଜସ୍ର କାହାଣୀ । ଜଣେ ସର୍ଜନଶୀଳ ସ୍ରଷ୍ଟାପୁରୁଷ ଖୋଜୁଥାନ୍ତି ସେଇ ବିଦେହୀ କାହାଣୀମାନଙ୍କୁ । ଭାଷାମୂର୍ତ୍ତି ରୂପରେ ସେମାନଙ୍କୁ ମୂର୍ତ୍ତିମାନ କରନ୍ତି । କାହାଣୀମାନେ ଜୀବନ୍ୟାସ ପାଆନ୍ତି । କହନ୍ତି ସେମାନଙ୍କ ନିଜ ନିଜ କଥା । ସଞ୍ଚରି ଯାଆନ୍ତି ଅଗଣିତ ପାଠକ ହୃଦୟକୁ । ଅନ୍ଧାରରୁ ଆଲୋକକୁ ପାଦ ଥାପିବାର ଏ ପ୍ରକ୍ରିୟାଟିର ବିନ୍ଧାଣୀ ଜଣକ ରହିଯାଆନ୍ତି ଅନ୍ତରାଳରେ । ଅଥଚ ତାହାହିଁ ତାଙ୍କ ସର୍ଜନାକର୍ମର ବିଭୂତି । ବିମଳ ଆନନ୍ଦର ଅମୃତ ଉପଲବ୍ଧି । ସେଇଥିପାଇଁ ଜଣେ ସ୍ରଷ୍ଟା ଜୀବନସାରା ଖୋଜୁଥାଏ ଜୀବନକୁ, କାହାଣୀକୁ, ଚରିତ୍ରକୁ, ଦୁଃଖକୁ, ସୁଖକୁ, ଲହୁକୁ । ଏ ଜୀବନ ଅନ୍ୱେଷାର ଶେଷ ନାହିଁ । ନିରବଧି କାଳର ହୁଲି ଡ଼ଙ୍ଗାରେ ବସି ଜୀବନ ମୃତ୍ୟୁର ଏପାରି ସେପାରି ହୋଇଥାନ୍ତି ସ୍ରଷ୍ଟା ।"[୧]

ଅନୁଭୂତି ହେଉଛି ଏପରି ଗୋଟିଏ ଶକ୍ତିଶାଳୀ ଚିନ୍ତନ ଯାହା ପାଠକ କ'ଣ, ଲେଖକ କ'ଣ ସମସ୍ତଙ୍କୁ ଆପ୍ଲୁତ କରିରଖିଥାଏ । ଲେଖିକା ସୁଲୋଚନା ଦାସଙ୍କ ଅନେକ ସୃଷ୍ଟିରେ ଏହାର ସଫଳ ମୂଲ୍ୟାୟନ ଦେଖିବାକୁ ମିଳିଥାଏ । 'ଜେଜେମା' ଚାଲିଗଲା' ଉପନ୍ୟାସର କାହାଣୀ ଯେପରି ମୁଖ୍ୟ ଚରିତ୍ର ଶିଉଳି ଜୀବନର ଆତ୍ମଲିପି ପରି । ପରିସ୍ଥିତି ଆଉ ପରିବେଶ ମଣିଷକୁ କେଉଁ ସ୍ଥାନରୁ ଆଣି କେଉଁଠି ଛାଡ଼େ ତାର ଆଖି ଦେଖା ଦୃଶ୍ୟପରି ଉପନ୍ୟାସିକାର କାହାଣୀ ଗତିଶୀଳ ହୋଇଛି ।

ଉପନ୍ୟାସିକାର ପ୍ରଥମରୁ ଗୋଟେ ସାଧାରଣ ଝିଅ ଶିଉଳିକୁ ଅସାଧାରଣ କରି ଚିତ୍ରଣ କରିଅଛନ୍ତି ଲେଖିକା । ଯାହାର ଜୀବନରେ କେବେ ସେ ଦୁଃଖ କଷ୍ଟ ଦେଖିନାହିଁ । ଯିଏ ଯେପରି ମାଗିଛି ଶିଉଳି ତା ସାନ ବୟସରେ ହେଲେବି ସେହିପରି ସହଯୋଗ କରିଛି । ବଡ଼ ଘରେ ତାର ଜନ୍ମ । ପିତାମାତାଙ୍କ ଅପେକ୍ଷା ଜେଜେମା'ର ଆଦର ଅଭ୍ୟର୍ଥନା ଶିଉଳିକୁ ଅଧିକ ସ୍ୱାଧୀନ କରି ଦେଇଛି । ହେବକି କେମିତି ଜମିଦାର ଘରର ଦୁଲଣୀ ସେ । ଯାହା ଲାଗି ଚାକର ବାକର ଖୋଜା ଲୋଡ଼ା ହୁଅନ୍ତି ଅହର୍ନିଶି ସେ କିପରି ସାଧାରଣ ଝିଅଟେ ହୋଇପାରିବ । ଗ୍ରାମର ଅନେକଙ୍କୁ ଶିଉଳି ସାହାଯ୍ୟ ସହଯୋଗ କରେ । ସେ ଶଙ୍କରା ବୋଉ ଠାରୁ ଆରମ୍ଭକରି ବହୁ ଲୋକଙ୍କୁ ଘରୁ ଲୁଚାଇ କରି ଆଣି ସହଯୋଗ କରିବାରେ, ସମସ୍ତଙ୍କ ସୁଖ ଦୁଃଖରେ ସାମିଲ୍ ହେବାରେ ଶିଉଳିର ଥାଏ ଅପୂର୍ବ ଆନନ୍ଦ ।

ଗାଁ ଲୋକଗୁଡ଼ା ବି ଜାଣି ଗଲେଣି । ଶିଉଳିକୁ କେମିତି ସାକୁଲାଇ କହିଲେ କିଛି ପ୍ରାପ୍ତ ହୋଇପାରିବେ । ଠିକ୍ ସେହିପରି ଆଦର ଆଉ କଅଁଳିଆ କଥାମାନ କୁହନ୍ତି । ଥରେ ଶଙ୍କରା ବୋଉର ଦୁଃଖକୁ ସହି ନ ପାରି ଶିଉଳି ତାକୁ ନିଜ ଘରୁ ଲୁଚାଇ ଏକ ପାଟଶାଢ଼ୀ ଦେଇଥିଲା । ଏ କଥାଟି ପାଇଁ ଜେଜେମା' ଠାରୁ ଓ ଚମ୍ପା ଧାଇମା ଠାରୁ ଗାଳି ଶୁଣି ଶିଉଳିର ଦେହ ଖୁବ୍ ଖରାପ ହୋଇଗଲା । ସେବେଠୁଁ କେହି କିଛି କୁହନ୍ତି ନାଇଁ ଶିଉଳି ନାଁରେ ଘରେ । ଏମିତି ଏମିତିରେ ପାଞ୍ଚଖଣ୍ଡ ଗାଁ ମଧ୍ୟରେ ଶିଉଳି ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସମଗ୍ର ଅଞ୍ଚଳରେ ଏକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା । ଝିଅଟିଏ ହୋଇ କି ବି ଏତେ ଗୁଣର ଆଉ ଶିକ୍ଷିତ । ଏକଥା ସମସ୍ତଙ୍କୁ ବିଚିତ୍ର ବୋଧ ହେଉଥାଏ । ବୟସ ବଢ଼ିବା ସହିତ ଜେଜେମା' ବି ବ୍ୟସ୍ତ ହେଉଥାଏ, ଝିଅକୁ କେମିତି ହାତକୁ ଦିହାତ କରିବ ବୋଲି । ଅନ୍ୟମାନଙ୍କୁ ଡକା

ଯାଇ ଖବର ନିଆହେଲା ଭଲ ପାତ୍ରଟିଏ ଲାଗି । କିଛି ଦିନ ଅନ୍ତରରେ ନଟ ଅବଧାନ ଭଲ ପାତ୍ରଟିଏର ସନ୍ଧାନ ନେଇ ଆସିଲେ । ପିଲା ଉଚ୍ଚଶିକ୍ଷିତ, ଗାଁରେ ଜମିଜୁମା ଅଛି । ଚାକିରି କରିଛି, ଏମିତି ଅନେକ କଥା ମାନପାତ୍ର ପ୍ରସଙ୍ଗରେ ଅବଧାନ କହିଗଲେ । ଜେଜେମା'ର ବି ମନକୁ ପାଇଲା । ସେଇଠି ଶିଉଳିର ବାହାଘର ସ୍ଥିର ହେଲା । ବାହାଘର ସିନା ଭଲ ପାତ୍ର, ଭଲ ଘର, ଦେଖି ହେଲା" କିନ୍ତୁ ଶିଉଳି ଭାଗ୍ୟରେ ଯେଉଁ ଦୁଃଯୋଗ ଓ କଷ୍ଟ ଲେଖା ଅଛି ତାର ଆରମ୍ଭ ଏଇଠାରୁ ହିଁ ହେଲା । ପ୍ରଥମେ ପାଠୁଆ ବୋହୂ ବୋଲି, ଶାଶୁ ଘର ଲୋକେ ଶିଉଳିକୁ ହଠାତ୍ ସ୍ୱୀକାର କରିପାରିଲେ ନାହିଁ । ପରେ ଶିଉଳି ବାହାଘର ପରେ ରେଭେନ୍ସାରେ ଆଇ.ଏ.ସି. ପଢ଼ିଲା । ଜେଜେମା'ର ସ୍ୱପ୍ନ ଡାକ୍ତରାଣୀ ହେବ । ଏମିତି କିଛି ଦିନ ଅନ୍ତରରେ ସ୍ୱାମୀ ଦେଶସେବା ଲାଗି ଚାକିରୀ ନିଜ ଇଚ୍ଛାରେ ଛାଡ଼ିଦେଲେ । ତା ସାଙ୍ଗକୁ ପେଟରେ ପିଲାଟିଏ ବଢ଼ିଲାଣି । ଏତେସବୁ ଅସୁବିଧାରେ ସେଇ ଜେଜେମା ଆସି ପାଖରେ ଛିଡ଼ା ହୁଏ । ସାହାଯ୍ୟ ସହଯୋଗ କରେ । ନିଜ ଗାଁରୁ ଥାଇ ପୋଇଲିମାନଙ୍କୁ କହି ଶିଉଳିର ସମସ୍ତ କାମ କରିନିଏ । ବିପଦ ଆପଦ ସବୁଥିରେ ଜେଜେମା' ଶିଉଳିକୁ ସହଯୋଗ କରନ୍ତି ।

ଶିଉଳି ଭଲ ପାଠପଢ଼ି ଏମ୍.ବି.ବି.ଏସ୍. ପାସକରି ଡାକ୍ତରାଣୀ ହୁଏ । ଜେଜେମା'ର ଖୁସି କହିଲେ ନସରେ । ନିଜ ପାଖରେ ରଖିଥିବା ସମସ୍ତ ଅଳଙ୍କାର ଆଣି ଅଣନାତୁଣୀ ବୋହୂକୁ ତାର ସନ୍ତକ କହି ଦେବାବେଳେ ଆଖିରୁ ଲୁହ ଗଡ଼ାଏ । ଯେତୋ ପୁଅ ବାହଘର ମୁଁ ଦେଖିପାରିବି କି ନାଇଁ । ବୟସ ତ ଆଉ ମୋତେ ଅନାଇ ବସିନାହିଁ । କେତେବେଳେ ଝଡ଼ି ପଡ଼ିବି । ଏକଥା ଶିଉଳିକୁ କଷ୍ଟ ଦିଏ । ଚାହୁଁ ଚାହୁଁ କେତେ ସବୁ ଦିନ ଗଡ଼ିଗଲାଣି । ସେ ଚାକିରି କରିଛି ସତ । କିନ୍ତୁ ତା ସୁଖ ଦୁଃଖର ଜେଜେମା' ପାଇଁ କିଛି କରିପାରିନି । ଏମିତି କେତେ କଥା ଶିଉଳି ମନକୁ ଆସୁଥାଏ । ଜେଜେମା' ଦୁଇ ଦିନ ଶିଉଳି ପାଖରେ ରହି ଗାଁକୁ ଯିବାର ମାସିଟିଏ ଯାଇଛି କି ନାଇଁ ଫୋନ୍ ଆସିଲା । ଜେଜେମା ହାର୍ଟ ଆଟାକ୍‌ରେ ଚାଲିଗଲା ।" ଶିଉଳି ସେଦିନ କାନ୍ଦିପାରିଲା ନାହିଁ, ଅଧର୍ଯ୍ୟରେ । ସତେକି ତା ଉପରେ ଆକାଶଟା ଖସି ପଡୁଥିଲା, ଯେଉଁ ଆଶ୍ରା ଆଉ ବିଶ୍ୱାସର ମଣିଷଟା । ତାକୁ ଏଡ଼ିକିଟିରୁ ଏଡୁଟିଏ ଯାଏଁ ସହଯୋଗ କରିଥିଲା ସେ ଆଜି ନାହିଁ । ଶିଉଳି ଲଥକିନା ବସିପଡ଼ିଲା କାଉଚ ଉପରେ । କିନ୍ତୁ ମହମହ କସ୍ତୁରୀ ପରି ସର୍ବତ୍ର ଖେଳି ବୁଲୁଥିଲା । ଜେଜେମା'ର ଭଲ ପାଇବାର ବାସ୍ନା । ଆକାଶ ପାଣି ପବନ ଚତୁର୍ଦ୍ଦିଗରେ ସ୍ୱରାୟିତ ହେଉଥିଲା । ଜେଜେମା'ର ସ୍ୱର ମାଲୋ । ମା' ଶିଉଳି ... । ଆଲୋ ଶୁଣୁଛୁ ... । ମୁଁ କ'ଣ କହୁଚି ପରା ... ।"(୨)

ଏମିତି ଏକ ଅକୁହା, ଅଦେଖା ଦୁଃଖଭରା କାହାଣୀ 'ଜେଜେମା' ଚାଲିଗଲା ଉପନ୍ୟାସିକାର ବିଷୟସାର । ଯାହାକୁ ପାଠକଲେ ମନେହେଲେ ଏକ ଅଲେଖା ଅକୁହା ଜୀବନର କୋହ । ଯାହା ଲେଖିସାରିବା ପରେ ଲେଖିକା ନିଶ୍ଚୟ ଆଶ୍ୱସ୍ତ ହୋଇଥିବେ । ଖୁବ୍ ଚମତ୍କାର କାହାଣୀ । ଚରିତ୍ରମାନେ ବି ମନେହେବା ଆପଣା ଆପଣା ପରି । ଆଉ ଉପନ୍ୟାସିକାରେ ସ୍ଥାନିତ ଦୁଃଖଗୁଡ଼ିକ ଜୀବନର ଏକ ଏକ ଅନ୍ତଃଲିପି ପରି ।

## ନାରୀବାଦର ସ୍ୱର ଓ ସ୍ୱାକ୍ଷର :

ଅନ୍ୟସବୁ ସାହିତ୍ୟ ସୃଷ୍ଟିପରି ଲେଖିକା ସୁଲୋଚନା ଦାସଙ୍କ 'ଜେଜେମା' ଚାଲିଗଲା' ଉପନ୍ୟାସିକାରେ ନାରୀବାଦର ସ୍ୱର ଏତେ ଅଧିକ ନଥିଲେ ବି ଖୁବ୍ ପତଳା ନୁହେଁ । ପ୍ରାୟତଃ ଲେଖାରେ ତାଙ୍କର ଉଦାରପନ୍ଥୀ ନାରୀବାଦର ଆଭିମୁଖ୍ୟକୁ ଦେଖିବାକୁ ମିଳିଥାଏ । 'ଜେଜେମା' ଚାଲିଗଲା' ଉପନ୍ୟାସିକାର ଜେଜେମା' ଓ ଶିଉଳି ଚରିତ୍ର ଦୁହେଁ ନାରୀବାଦର ଆଭିମୁଖ୍ୟରେ ଗଢ଼ା । ସମାଜ ଓ ସମାଜର ନାନାବିଧ ବିଧି ବ୍ୟବସ୍ଥାରେ ଏ ଦୁଇ ଚରିତ୍ର ଅସନ୍ତୁଷ୍ଟ ନହୋଇ ବରଂ ସଂଗ୍ରାମଶୀଳ ଜୀବନ ବଞ୍ଚିବାକୁ ଚେଷ୍ଟା କରିଛନ୍ତି । ସାମାଜିକ ବ୍ୟବସ୍ଥାକୁ ବଦଳାଇବାକୁ ହେଲେ ପ୍ରଥମେ ନିଜକୁ ଆଗ ବଦଳାଇବାକୁ ହେବ, ପରେ ସମାଜ ଆପେ ଆପେ ବଦଳିବାକୁ ବାଧ୍ୟ ହେବ । ଯେପରି ଆଲୋଚିତ ଉପନ୍ୟାସିକାରେ ନାରୀଶିକ୍ଷା, ନାରୀର ସ୍ୱାଧୀନଚିନ୍ତା ଓ ବୃତ୍ତିଜୀବୀ ନାରୀର ଅତି ସୁନ୍ଦର ଉଦାହରଣ ଭାବେ ଶିଉଳି ଚରିତ୍ରକୁ ନେଇପାରିବା । ସମୟ ଆଉ ପରିସ୍ଥିତି ନିଜ ସାଥିରେ ଯେପରି ରଙ୍ଗ ବଦଳାଇଛି, ସେଇ ପରିସ୍ଥିତିକୁ ସାମ୍ନାକରି ଶିଉଳି ଆଗକୁ ବଢ଼ିଛି । ଶିଉଳିର ପ୍ରେରଣା ସାଜିଅଛି ତାର ଜେଜେମା' । ଛାଇ ପରି ସେ ତା ନିକଟରେ ରହିଛି । ନାତୁଣୀ ତା' ଜୀବନ ଯୁଦ୍ଧରେ କିପରି ସଫଳ ହେବ, ସବୁବେଳେ ସବୁ କ୍ଷେତ୍ରରେ ସେ ସହଯୋଗ କରୁଥାନ୍ତି ।

ଲେଖିକା ସୁଲୋଚନା ଦାସ ଶିଉଳି ଚରିତ୍ର ମଧ୍ୟ ଦେଇ ନାରୀ ପ୍ରତି ରହିଥିବା ସମାଜର ନ୍ୟୂନତାବୋଧର ଧାରଣ ଏବଂ ଗତାନୁଗତିକ ବ୍ୟବସ୍ଥାର ବିରୁଦ୍ଧରେ ଯାଇଛନ୍ତି । ପୁରୁଷ ପରି ନାରୀ ମଧ୍ୟ ଚାକିରୀ କରି ନିଜର ସନ୍ତାନଙ୍କ ଭଲମନ୍ଦ ବୁଝି ଘର

ଚଳାଇପାରେ, ତାର ଜ୍ୱଳନ୍ତ ଉଦାହରଣ ଶିଉଳି ଚରିତ୍ର । ପାଠପଢ଼ାକୁ ନେଇ ଶିଉଳି ଜୀବନରେ ଯେଉଁ ଝଡ଼ ଶାଶୂ ଶ୍ୱଶୁରଙ୍କ ପ୍ରତିବାଦରୁ ଉଠିଥିଲା ତାର ନମୁନା ଏଇପରି ।

"ଗୋଟେ ବିବାହିତା ନୂଆବୋହୂ ଏପରି ସ୍ୱପ୍ନ ଦେଖିବା କେତେଦୂର ସମୀଚୀନ ? ଏହା କ'ଣ କେବେ ସମ୍ଭବ ? ଝଡ଼ ଉଠିଲା ଶାଶୂ ଘରେ । ଯଦି ପଢ଼ିବାକୁ ତାର ଏତେ ଇଛା ଥିଲା, ବାହା ହେଉଥିଲା କାହିଁକି ? ବାପଘରେ ରହି ପଢ଼ିଥାନ୍ତା, ଚାକିରି କରିଥାନ୍ତା । ଆମ ପୁଅ ତ ପ୍ରଫେସର ହେଇଛି କଲେଜରେ । ସେ କ'ଣ ପାଳିପୋଷି ପାରିବନି ଯେ, ଇଏ ପାଠ ପଢ଼ିଲା । ପାଠପଢ଼ି କ'ଣ ସାତପୁରୁଷ ଉଦ୍ଧାର କରିବ । ତା' ପେଟକୁ ମୁଠାଏ ଦାନା, ଦେହକୁ ଖଣ୍ଡେ କନା ଯୋଗାଇବାର ସାମର୍ଥ୍ୟ ଯଦି ଆମର ନାହିଁ, ତେବେ ତାକୁ ଏଠି ବାହା ଦେଉଥିଲେ କାହିକି ?"[୩]

## ପାର୍ଥିବ ବସ୍ତୁ ପ୍ରତି ଅନାଶକ୍ତ ଭାବ :

'ଜେଜେମା' ଚାଲିଗଲା' ଉପନ୍ୟାସିକାର ମୁଖ୍ୟ ଚରିତ୍ର ଶିଉଳି ଜୀବନରେ ଯେଉଁ ବହୁବିଦ୍ଧ ଦୁଃଖ-ଯନ୍ତ୍ରଣା ଆସିଛି, ସେଥିରେ ସେ ବିଚଳିତ ହୋଇନାହିଁ । ସବୁ କିଛିକୁ ଧର୍ଯ୍ୟର ସହିତ ମୁକାବିଲା କରିବାକୁ ଚେଷ୍ଟା କରିଛି । ନାରୀର ସ୍ୱଭାବ ସାଧାରଣତଃ ଅଳଙ୍କାର ପ୍ରିୟ ହୋଇଥାଏ । ଅଳଙ୍କାର ନାରୀର ସୌନ୍ଦର୍ଯ୍ୟ ଆଉ ସ୍ୱାଭିମାନକୁ ଅଧିକ ମର୍ଯ୍ୟାଦା ସଂପର୍ଣ୍ଣ କରେ । କିନ୍ତୁ ଆଲୋଚିତ ଉପନ୍ୟାସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ । ଘରର ଅସୁବିଧା ସମୟରେ ଶିଉଳି ନିଜର ଅଳଙ୍କାରକୁ ବିଭିନ୍ନ ସମୟରେ ତୁଛ ମନେକରିଛି । ତା'ଲାଗି ଘର ଲକ୍ଷ୍ମୀର ଅଳଙ୍କାର ଠାରୁ ଘରର ସମ୍ମାନ ଓ ମର୍ଯ୍ୟାଦା ଅଧିକ ଗୁରୁତ୍ୱ ରକ୍ଷାକରେ । ସ୍ୱାମୀର ଅସମୟରେ ଘର ଲକ୍ଷ୍ମୀ ଯଦି ଅଳଙ୍କାରକୁ ତୁଛ କରି ଘରର ମାନ-ସମ୍ମାନ ରକ୍ଷା କରିପାରୁଛି । ତେବେ ତାଠୁଁ ଅଧିକ ବଡ଼ କଥା ଏ ସଂସାରରେ କିଛିନାହିଁ । ଉପନ୍ୟାସିକାର ଅନ୍ତିମ ଭାଗ ଆଡ଼କୁ ଏହାର ଅନେକ ଉଦାହରଣ ରହିଛି ।

## ଉପନ୍ୟାସିକାର ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା :

'ଜେଜେମା' ଚାଲିଗଲା' ଉପନ୍ୟାସରେ ଅନ୍ତଃଦ୍ୱନ୍ଦ୍ୱ ଅପେକ୍ଷା ବହିଃଦ୍ୱନ୍ଦ୍ୱର ମାତ୍ର ଅଧିକ । ଶିଉଳି ଓ ଜେଜେମା' ଜୀବନରେ ଯେଉଁ ସବୁ ଘଟଣାବଳୀ ଘଟୁଛି ଏବଂ ସହଯୋଗୀ ଚରିତ୍ରମାନଙ୍କ ଦ୍ୱାରା ଯେଉଁ ନୂତନ ଘଟଣାର ଆରମ୍ଭ ହେଉଛି ଏ ସମସ୍ତ ଦ୍ୱନ୍ଦ୍ୱର ଏକ ଏକ ପରିସର । ଯେପରି ଶିଉଳି ପିଲାଥିଲାବେଳେ ଶଙ୍କରାବୋଉକୁ ଯେଉଁ ସାହାଯ୍ୟ ଲୁଚାଇ ଚୋରାଇ କରେ ତା ପାଠକ ମନରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ସୃଷ୍ଟି କରେ । ଘରଲୋକ ଏସବୁ ଜାଣିଲେ ଶିଉଳିକୁ କ'ଣ କହିବେ । ଗାଳିଦେବେ କି ମାଡ଼ ମାରିବେ । ପରେ ପରେ ଶିଉଳିର ବିବାହ ପ୍ରସ୍ତାବ ଖୋଜାଯିବା । ବୈବାହିକ ଜୀବନରେ ନାନା ଝଡ଼ଝଞ୍ଜା, ଅଭାବ ଅସୁବିଧା ଏବଂ ଶିଉଳିର ସଫଳତା, ଏସବୁ ଉପନ୍ୟାସିକାର କାହାଣୀ କଳାକୁ ଅଧିକ ରସସିକ୍ତ କରାଇଛି । ଯାହାର ସମସ୍ତ ଶ୍ରେୟଃ ଅଉପନ୍ୟାସିକାରେ ଗ୍ରହଣ କରାଯାଇଥିବା ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାକୁ ଦିଆଯାଇପାରେ । ଏତେ ସଂକ୍ଷିପ୍ତରେ ଓ ସହଜ ସରଳ ଭାବରେ ଉପନ୍ୟାସିକାର ବିଷୟସାରକୁ ବିଶ୍ଳେଷଣ କରାଯାଇଛି, ତାହା ସୃଷ୍ଟିଟିକୁ ମୂଳରୁ ଚୁଳ ପର୍ଯ୍ୟନ୍ତ ପାଠକଲେ ଭଲ ଭାବରେ ବୁଝି ହୋଇଥାଏ ।ପାଠକ ଲାଗି ଏଇ ଆଗ୍ରହ ଟିକକ ଯୋଗାଇଛି ଉପନ୍ୟାସିକାରେ ସ୍ଥାନିତ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାର ଉତ୍ତମ ସମାବେଶ ।

## ବର୍ଣ୍ଣନା ବିଳାସରେ ଶାବ୍ଦିକ ବ୍ୟଞ୍ଜନା, ଉପମା ଓ ଗ୍ରାମୀଣ ଢଗଢମାଳି

ସାହିତ୍ୟ କଳାରେ ବର୍ଣ୍ଣନା ବିଳାସର ଆବଶ୍ୟକତା ବହୁଭାବରେ ରହିଛି । ସାହିତ୍ୟ ଯେତେ ବର୍ଣ୍ଣନା ସର୍ବସ୍ୱ ହୁଏ ପାଠକ ଆଦୃତି ସେତେ ଲାଭ କରିଥାଏ । ଆଲୋଚିତ ଉପନ୍ୟାସିକା 'ଜେଜେମା' ଚାଲିଗଲା'ରେ ଯେଉଁସବୁ ବର୍ଣ୍ଣନା ବିଳାସ ଓ ଶାବ୍ଦିକ ବ୍ୟଞ୍ଜନା ପ୍ରକାଶ ପାଇଛି ତା ନିମ୍ନମତେ ଆଲୋଚନା କରାଯାଇପାରେ ।

ବୟସ କିପରି ଚିରସ୍ଥାୟୀ ନୁହେଁ । ସେ ପ୍ରସଙ୍ଗରେ ଲେଖିକା ଗୋଟେ ସୁନ୍ଦର ବର୍ଣ୍ଣନା ଦେଇଛନ୍ତି ଉପନ୍ୟାସିକାରେ ...

୧) "ଏକଦା ସୁନ୍ଦରୀ ଭାବରେ ସେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ମଣି ବଡ଼ବୋଉ ଧୀରେ ଧୀରେ ଭୁଷୁଡ଼ି ପଡୁଥିଲେ ମେଞ୍ଚାଏ ଓଦା କାନ୍ଥପରି ।[୪] ସୁନ୍ଦରତା ସବୁ କାଳକୁ ରୁହେନାହିଁ । ବର୍ଷା ଦିନକୁ କଚାଘର ଅସୁବିଧା ପରି ସୁନ୍ଦରତାକୁ ବୟସ ବୃଦ୍ଧି ଅସୁବିଧାରେ ପକାଇଥାଏ ।

୨) "ମଣି ବଡ଼ବୋଉ ପାଦ ବଢ଼େଇ ପାରନ୍ତି ନାହିଁ ପୋଖରୀ କୂଳକୁ କି ଗଛମୂଳକୁ । ଦୁଃଖ, ଯନ୍ତ୍ରଣା, ଅଭାବ, ଅନଟନ, ଲଜ୍ଜା ଅପମାନ ଯେପରି ତାଙ୍କ ମଥାର ତିଳକ । ବିଧାତା ଶିଳାଲିପି ପରି ଖୋଦେଇ କରି ଦେଇଛି, ଯାହା କେବଳ ଶ୍ମଶାନର ଚିତା ଭସ୍ମରେ ହିଁ ବିଲୀନ ହେବ ।"[୫]

ଅନୁରୂପ ଭାବରେ ଦୁଃଖ-ଯନ୍ତ୍ରଣା ଓ ଲଜ୍ଜା ଅପମାନକୁ ଲେଖିକା ମଥାର ତିଳକ ସହିତ ତୁଳନା କରିଛନ୍ତି । ଆଜିର ବସ୍ତୁବାଦୀ ମଣିଷ ପାଖେ ଧନ ଦୌଲତର ମାନ ସମ୍ମାନ ବେଶୀ ପରିଲକ୍ଷିତ ହୁଏ । ଦୁଃଖ-ଅସୁବିଧାରେ ଜୀବନ ଜୀଉଁଥିବା ମଣିଷର କିଛି ମୂଲ୍ୟ ନାହିଁ । ଉପନ୍ୟାସିକାରେ ସ୍ଥାନିତ କିଛି ଆପ୍ତବାକ୍ୟ ବା ଗ୍ରାମୀଣ ଢ଼ଗଢ଼ମାଳିର ଉଦାହରଣ -

* ଏ ଅନ୍ଧ ଭଲ ପାଇବାକୁ, ନିନ୍ଦା କରିବାକୁ ବି ପଛଉ ନଥିଲେ ।
* କଥାରେ ଅଛି ପରା ଜନମ, ମରଣ, ବରଷା; କହି ନ ପାରଇ ପୁରୁଷା ।
* କଥାରେ ଅଛି, ବଡ଼ଲୋକକୁ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ ।
* ସେ ପୂର୍ଣ୍ଣଗର୍ଭା ଶାମୁକାଟିଏ, ତା' ଗର୍ଭରେ ସେ ସାଇତି ରଖିଛି ସ୍ୱାତୀ ନକ୍ଷତ୍ରରେ ସଂଚାରିତ ହୋଇଥିବା ମହାର୍ଘ୍ୟ ମୁକ୍ତାଟିଏକୁ । ନାରୀ ଜୀବନର ଏହା ହିଁ ସାର୍ଥକତା । ପୂର୍ଣ୍ଣତା ।

ଏପରି କେତେକ ବର୍ଣ୍ଣନା ଏବଂ ଅଭିବ୍ୟକ୍ତିର ବ୍ୟଞ୍ଜନା ସୁଲୋଚନା ଦାସଙ୍କ 'ଜେଜେମା' ଚାଲିଗଲା' ଉପନ୍ୟାସିକାକୁ ଅଧିକ ପ୍ରାଣବନ୍ତ କରିଗଢ଼ିଛି । ଯେଉଁଠି ନାହିଁ ତତ୍ତ୍ୱ ବା ଦର୍ଶନ । ନାହିଁ ଆଡ଼ମ୍ବର ପୂର୍ଣ୍ଣ ଭାଷା ବା ବାକ୍ୟ । କେବଳ ସରଳ ତରଳ ଦୁଃଖ କେତୋଟି ଆଉ ଦୁଃଖକୁ ଆପଣାର କରି ବାଟ ଚାଲିଥିବା ଶିଉଳି ଜୀବନର ଜୀବନାଲେଖ୍ୟ ଏ କାହାଣୀକୁ ଅଧିକ ଭାବ ଗମ୍ଭୀର କରି ଗଢ଼ିତୋଳିଛି ।

ଜୀବନରେ କିଏ କେତେ ପାଇଲା ତାହା ଯେତିକି ଗୁରୁତ୍ୱ ରକ୍ଷା କରେ ନାହିଁ । ସବୁ କିଛି ହରାଇ ସରିବା ପରେ ଆଉ କ'ଣ ହରାଇବାକୁ ବାକି ରହିଲା ତାହା ଗୁରୁତ୍ୱ ରଖେ । ଲେଖିକା ସୁଲୋଚନା ଦାସ ଉପନ୍ୟାସିକାର ଚରିତ୍ର ଶିଉଳି ମଧ୍ୟଦେଇ ଏହାର ଏକ ଚମତ୍କାର ବିଶ୍ଲେଷଣ କରିଛନ୍ତି । ଯେଉଁ ଜେଜେମା'ଙ୍କୁ ସେ ପ୍ରାଣଠୁଁ ଅଧିକ ଭଲ ପାଉଥିଲା । ଯାହାର ପ୍ରେରଣା ଆଉ ଶ୍ରଦ୍ଧା-ଆର୍ଶିବାଦରେ ଶିଉଳି ଜୀବନର ବହୁବିଦ୍ଧ ଦୁଃଖ-କଷ୍ଟ ଭୁଲି ଯିବା ଲାଗି ସାହସ ଜୁଟାଇ ଥିଲା । ଜେଜେମାର ମୃତ୍ୟୁ ଶିଉଳିକୁ ଅନାଥ କରିଦେଲା । ଜୀବନସାରା ଦୁଃଖ ବାଣ୍ଟି ନେବାକୁ ସେ ତା ସହିତ ଛାଇପରି ରହିଲା କିନ୍ତୁ ସୁଖ ସମୟ ଆସିଲା ବେଳକୁ ଏକାକରି ଚାଲିଗଲା ।

## ସହାୟକ ଗ୍ରନ୍ଥସୂଚୀ :


୧. ଦାସ, ସୁଲୋଚନା, ଭଙ୍ଗା କଣ୍ଢେଇର କାହାଣୀ' ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ-୧୨, ପ୍ରଥମ ପ୍ରକାଶ : ୨୦୧୭, ପୃଷ୍ଠା - ନିଜକଥା ।

୨. ତତ୍ରୈବ - ପୃଷ୍ଠା - ୧୫୨

୩. ତତ୍ରୈବ - ପୃଷ୍ଠା - ୧୪୨

୪. ତତ୍ରୈବ - ପୃଷ୍ଠା - ୧୩୬

୫. ତତ୍ରୈବ - ପୃଷ୍ଠା - ୧୩୭


❖ ❖ ❖

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ





**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

VOICE FOR VOICELESS SOCIETY, INDIA
Regd. No.: 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣ ଟିକିଏ ହାତ ବଢ଼ାନ୍ତୁ
# ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

Voice for Voiceless

SARVODAYA SOCIETY

# GOALS

1 Stop Contaminating Water

2 Stop Polluting Air

3 Stop Plastic Use

4 Save Earth

5 Stop Drug Abuse and Alcoholism

6 Stop Untouchability

7 Help Dibyanga

8 Help Mentally Disable Person

9 Help Senior Citizens

10 Help Sick Person

11 Help Poor Children

12 Help Poor Women

13 Planting Tree

14 Protecting Animals and Birds

15 Spreading Basic Education

16 Women Empowerment

17 Cleanliness Campaign

18 Satya and Ahmisha

19 Health and Hygienic

20 Communal Harmony

21 Vocational Education

22 Cottage Industries

23 Village Economy

24 Self Help Groups

25 Feed the Need

26 Farming and Agriculture

Voice for Voiceless

SARVODAYA SOCIETY

GOALS

For Positive Constrictive Programme

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.................................................................................................................

Address..................................................................................Pin code ...........................

Mobile No.........................................E-Mail.........................................................................

I am sending, Rs......................,(Bank Draft) Postal extra

Check Number.......................................................................Date..........................................

Bank.........................................................Place..........................................................................

Date...............................................Signature..........................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

नूतन सूर्य्यालोकर आह्वान

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ